# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୧୦/୨୦୧୮ (୧୬ ପୃଷ୍ଠା) | Bhubaneswar, Monday, September 10 / 2018 | ★★★★

୪୪ଶ ଭାଗ ୨୮୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ସୁଇଜରଲାଣ୍ଡରେ ସ୍ଥାପିତ ହେବ ଶ୍ରୀଦେବୀଙ୍କ ପ୍ରତିମୂର୍ତ୍ତି**
ଶ୍ରୀଦେବୀଙ୍କ ସୁପରହିଟ୍ ଫିଲ୍ମ 'ଚାନ୍ଦ୍‌ନୀ' ସୁଇଜରଲାଣ୍ଡର ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପରିବେଶରେ ଶୁଟିଂ ହୋଇଥିବାରୁ ସେଠାରେ ତାଙ୍କର ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଯୋଜନା ହେଉଛି। **୦୨**

**୧୪** **ରଘୁନାଥ ଶ୍ରେଷ୍ଠ ଯୁବ କ୍ରିକେଟର**
ପ୍ରତିଭା ସମ୍ପନ୍ନ ବ୍ୟାଟ୍ସମ୍ୟାନ ରଘୁନାଥ ମଲ୍ଲ ଯୁବ କ୍ରିକେଟର ଅଫ ଦି ଇୟର ଭାବେ ସରୋଜ ମହାସୁଆର ସ୍ମୃତି ସମ୍ମାନରେ ପୁରସ୍କୃତ ହୋଇଛନ୍ତି।








# ମୁକ୍ତ ହୋଇପାରନ୍ତି ରାଜୀବଙ୍କ ହତ୍ୟାକାରୀ

■ ରାଜ୍ୟପାଳଙ୍କୁ ସୁପାରିସ କରିବେ ତାମିଲନାଡୁ ସରକାର



**ଚେନ୍ନାଇ,୯।୯(ପି.ଟି.)**

ମୁକ୍ତ ହୋଇପାରନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ହତ୍ୟାକାରୀ। ଏହି ହାଇ ପ୍ରୋଫାଇଲ ମାମଲାରେ ଆଜୀବନ ଜେଲ ଦଣ୍ଡ ଭୋଗୁଥିବା ସମସ୍ତ ଦୋଷୀଙ୍କୁ ମୁକ୍ତ କରିବାକୁ ପଦକ୍ଷେପ ନେବା ଲାଗି ତାମିଲନାଡୁର ଏଆଇଏଡିଏମ୍‌କେ ସରକାର ରବିବାର ନିଷ୍ପତ୍ତି ନେଇଛନ୍ତି। ଏ ନେଇ ରାଜ୍ୟପାଳ ବନ୍‌ୱାରି ଲାଲ ପୁରୋହିତଙ୍କୁ ସୁପାରିସ କରିବା ଲାଗି ରାଜ୍ୟ କ୍ୟାବିନେଟ୍‌ରେ ନିଷ୍ପତ୍ତି ହୋଇଛି। ମୁଖ୍ୟମନ୍ତ୍ରୀ କେ. ପାଲାନିସାମୀଙ୍କ ଅଧ୍ୟକ୍ଷତାରେ ରବିବାର ବସିଥିବା କ୍ୟାବିନେଟ୍ ବୈଠକରେ ଏ ସଂକ୍ରାନ୍ତୀୟ ପ୍ରସ୍ତାବ ପାସ୍ ହୋଇଛି ବୋଲି ମତ୍ସ୍ୟବିଭାଗ ମନ୍ତ୍ରୀ ଡି. ଜୟକୁମାର ସୂଚନା ଦେଇଛନ୍ତି। ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଦୋଷୀଙ୍କ ରାଜକ୍ଷମା ଆବେଦନର ବିଚାର କରିବା ଲାଗି ସୁପ୍ରିମକୋର୍ଟ ତାମିଲନାଡୁ ରାଜ୍ୟପାଳଙ୍କୁ ପରାମର୍ଶ ଦେବା ପରେ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ରାଜୀବ ଗାନ୍ଧୀ ହତ୍ୟା ମାମଲାରେ ମୁରୁଗନ, ସନ୍ଥନ୍, ପେରାରିଭାଲାନ୍, ଜୟକୁମାର, ରବିଚନ୍ଦ୍ରନ୍, ରୋବର୍ଟ ପାୟସ୍ ଏବଂ ନଳିନୀ ଏବେ ଆଜୀବନ କାରାଦଣ୍ଡାଦେଶ ଭୋଗୁଛନ୍ତି। ୧୯୯୧ ମେ ୨୧ରେ ତାମିଲନାଡୁର ଶ୍ରୀପେରୁମ୍ବୁଦୁର ନିକଟବର୍ତ୍ତୀ ଅଞ୍ଚଳରେ ଏକ ନିର୍ବାଚନୀ ରାଲିରେ ରାଜୀବ ଉଦ୍‌ବୋଧନ ଦେଉଥିବାବେଳେ ଏଲ୍‌ଟିଟିଇର ଜଣେ ମହିଳା ଆତ୍ମଘାତୀ ବିସ୍ଫୋରଣରେ ନିଜକୁ ଉଡ଼ାଇ ଦେଇଥିଲେ। ଏଥିରେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ବ୍ୟତୀତ ୧୪ ଜଣ ପ୍ରାଣ ହରାଇଥିଲେ।

■ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଭାବନୀୟ ଘଟଣା

# ଡାକ୍ତର କଳିରୁ ଗଲା ରୋଗୀ ଜୀବନ

**ଢେଙ୍କାନାଳ ଅଫିସ, ୯।୯**

ଡାକ୍ତରଙ୍କୁ ଦ୍ୱିତୀୟ ଈଶ୍ୱର ମନେକରାଯାଉଛି। ଅନେକ ଆଶା ନେଇ ରୋଗୀ ଆସିଥାଏ ଡାକ୍ତରଙ୍କ ପାଖକୁ। ରୋଗ କେମିତି ଭଲ ହେବ, ସେହି ଚିନ୍ତାରେ ଥାଆନ୍ତି ପରିବାର। ହେଲେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ଏପରି ଭାବନା କେତେଜଣ ଡାକ୍ତରଙ୍କ ପାଖରେ ମୂଲ୍ୟହୀନ, ଯାହାର ପରିଣାମ ସାଂଘାତିକ ସାବ୍ୟସ୍ତ ହୋଇଥାଏ। ରବିବାର ଏଭଳି ଏକ ଘଟଣା ଘଟିଛି ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ। କାରଣ ଦୁଇଜଣ ଡାକ୍ତରଙ୍କ କଳି, ବାକ୍ ବିତଣ୍ଡାରୁ ଜଣେ ହୃଦ୍‌ରୋଗୀଙ୍କ ଜୀବନ ଯାଇଛି। ଏଭଳି ସ୍ପର୍ଶକାତର ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏହାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ସମ୍ପର୍କୀୟ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଜିଲାପାଳ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ମୃତକଙ୍କ ସମ୍ପର୍କୀୟ ଭାଇ ରବିନାରାୟଣ ସାହୁ ଚିକିତ୍ସାରେ ଅବହେଳା କରିଥିବା ଡାକ୍ତର ସଞ୍ଜୟ ଦାସ ଏବଂ ବନୋଜ ଦାସଙ୍କ ବିରୋଧରେ ଟାଉନ ଥାନାରେ ଅଭିଯୋଗ କରିଛନ୍ତି।

ଗଁଦିଆ ଥାନା ଗୁଣ୍ଡୁରାପଶି ଗ୍ରାମର ତ୍ରୈଲୋକ୍ୟ ସାହୁ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ପ୍ରଥମେ ତାଙ୍କୁ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଅବସ୍ଥା ଗୁରୁତର ଥିବାରୁ ସେଠାରୁ



ହସ୍ପିଟାଲରେ ମୃତକଙ୍କ ସମ୍ପର୍କୀୟ।

■ ଚିକିତ୍ସା ଅବହେଳା ଅଭିଯୋଗ
■ ରାସ୍ତାରୋକୋ, ଉତ୍ତେଜନା
■ ଜିଲାପାଳଙ୍କ ନିର୍ଦ୍ଦେଶରେ ତଦନ୍ତ

ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ଆଉଟ୍‌ଡୋରରେ ଥିବା ଡାକ୍ତର ବନୋଜ ଠିକ୍ ଭାବେ ସ୍ୱାସ୍ଥ୍ୟ ପରୀକ୍ଷା ନ କରି ଉପର ମହଲାରେ ଥିବା ଭେଷଜ ବିଭାଗକୁ ପଠାଇ ଦେଇଥିଲେ। ଭେଷଜ ବିଭାଗ ଡାକ୍ତର ସଞ୍ଜୟ ଅକ୍ସିଜେନ୍ ଲଗାଇ ତୁରନ୍ତ ଚିକିତ୍ସା ଆରମ୍ଭ କରିଦେଇଥିଲେ। କିନ୍ତୁ ଆଉଟ୍‌ଡୋର୍‌ରୁ ରେଫେର କରିଥିବା ଡାକ୍ତର ରୋଗ ସମ୍ପର୍କରେ କୌଣସି ତଥ୍ୟ ଲେଖି ନ ଥିବାରୁ ସେ ବନୋଜଙ୍କୁ ପଚରାଉଚୁରା କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ତ୍ରୈଲୋକ୍ୟଙ୍କୁ ଜରୁରିକାଳୀନ ଚିକିତ୍ସାର ଆବଶ୍ୟକତା ଥିବାବେଳେ ଦୁଇଜଣ ଡାକ୍ତର ପରସ୍ପର ମଧ୍ୟରେ ଯୁକ୍ତିତର୍କ ଓ ବିବାଦରେ ମାତିଥିଲେ। ଏସବୁ ଭିତରେ ରୋଗୀଙ୍କ ମୃତ୍ୟୁ ହୋଇଯାଇଥିଲା। ଚିକିତ୍ସାରେ ଅବହେଳାରୁ ତ୍ରୈଲୋକ୍ୟ ପ୍ରାଣ ହରାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

☞ ପୃଷ୍ଠା–୪

■ ତୈଳଦର ବୃଦ୍ଧିର ପ୍ରତିବାଦ

# କଂଗ୍ରେସର ଭାରତ ବନ୍ଦ ଆଜି

**ନୂଆଦିଲ୍ଲୀ,୯।୯(ଆଇଏଏନ୍ଏସ୍)**

ଅନିୟନ୍ତ୍ରିତ ତୈଳଦରକୁ ନେଇ ସୋମବାର ରାଜରାସ୍ତାକୁ ଓହ୍ଲାଇବାକୁ ଯାଉଛି କଂଗ୍ରେସ। ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ସହ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ପାଇବା ପ୍ରତିବାଦରେ କଂଗ୍ରେସ 'ଭାରତ ବନ୍ଦ' ଡାକରା ଦେଇଛି। କେନ୍ଦ୍ର ବିରୋଧୀ ଏହି ଆନ୍ଦୋଳନରେ କଂଗ୍ରେସ ସହ ହାତ ମିଳାଇଛନ୍ତି ଅନେକ ବିରୋଧୀ ଦଳ।

ମିଳିଥିବା ସୂଚନାନୁସାରେ, କଂଗ୍ରେସ ପକ୍ଷରୁ ଦିଆଯାଇଥିବା 'ଭାରତ ବନ୍ଦ' ଡାକରାକୁ ଡିଏମ୍‌କେ, ଏନ୍‌ସିପି, ଆର୍‌ଜେଡି, ଜେଡିଏସ୍ ଏବଂ ଜେଏମ୍‌ଏମ୍ ଭଳି ଦଳଗୁଡ଼ିକ ସମର୍ଥନ ଘୋଷଣା କରିସାରିଛନ୍ତି। ବାମପନ୍ଥୀ ଦଳଗୁଡ଼ିକ ଏହି ଦିନ ସ୍ୱତନ୍ତ୍ର ଭାବେ ବନ୍ଦ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେହିପରି ବନ୍ଦ ପାଳନକୁ ଏମ୍‌ଏନ୍‌ଏସ୍ ଅଧ୍ୟକ୍ଷ ରାଜ୍ ଠାକ୍‌ରେ ମଧ୍ୟ ସମର୍ଥନ ଜଣାଇ କେନ୍ଦ୍ରର ମୋଦି ସରକାରଙ୍କୁ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମ୍‌ସି ଏହି ପ୍ରସଙ୍ଗକୁ ସମର୍ଥନ କରିଥିଲେ ହେଁ ବନ୍ଦ ପାଳନରେ ସାମିଲ ହେବାକୁ ମନା କରିଦେଇଛି।

କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା କହିଛନ୍ତି, ଦେଶବ୍ୟାପୀ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯିବ। ସାଧାରଣ ଜନତା ଯେପରି ହଇରାଣ ନ ହେବେ ସେଥିପ୍ରତି ଧ୍ୟାନ ଦିଆଯିବ। କଂଗ୍ରେସ ନେତା ଅଜୟ ମାକେନ୍ ରବିବାର ନୂଆଦିଲ୍ଲୀରେ ଖବରଦାତାଙ୍କୁ ସମ୍ବୋଧିତ କରି କହିଛନ୍ତି, ପେଟ୍ରୋଲ ଓ ଡିଜେଲକୁ ସାମଗ୍ରୀ ଓ ସେବା କର (ଜିଏସ୍‌ଟି) ଅଧୀନକୁ ଅଣାଯାଉ ବୋଲି ତାଙ୍କ ଦଳ ଦାବି କରିଆସୁଛି। ଏପରି କରାଗଲେ ତୈଳଦର ଲିଟର ପିଛା ୧୫ରୁ ୧୮ ଟଙ୍କା ଯାଏ ହ୍ରାସ ପାଇବ। ଏହାସହ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଓ ରାଜ୍ୟଗୁଡ଼ିକ ପକ୍ଷରୁ ବସାଯାଉଥିବା ମୂଲ୍ୟଯୁକ୍ତ କର (ଭିଏଟି)ରେ ହ୍ରାସ କରାଯିବା ଉଚିତ। କେନ୍ଦ୍ର ସରକାର ଗତ ୪ ବର୍ଷ ମଧ୍ୟରେ ତୈଳ ଉପରେ କେବଳ ଉତ୍ପାଦ ଶୁଳ୍କ ବାବଦକୁ ୧୧ ଲକ୍ଷ କୋଟି ଟଙ୍କା ସାଧାରଣ ଲୋକଙ୍କଠାରୁ ଆଦାୟ କରିସାରିଲେଣି । ତେଣୁ ସୋମବାରର 'ଭାରତ ବନ୍ଦ'ରେ ୨୦ ବିରୋଧୀ ଦଳ ସାମିଲ ହେବାକୁ ଘୋଷଣା କରିଥିବା ମାକେନ୍ ସୂଚନା ଦେଇଛନ୍ତି। ରାଜଧାନୀ ଦିଲ୍ଲୀ ସମେତ ଓଡ଼ିଶା, କର୍ଣ୍ଣାଟକ, ପଶ୍ଚିମବଙ୍ଗ, ଗୋଆ, ମଧ୍ୟପ୍ରଦେଶ, ବିହାର, ମହାରାଷ୍ଟ୍ର, ତାମିଲନାଡୁ, ହରିୟାଣା, କେରଳ ଓ ତେଲେଙ୍ଗାନାରେ ବନ୍ଦର ପ୍ରଭାବ ସର୍ବାଧିକ ଅନୁଭୂତ ହେବ ବୋଲି କୁହାଯାଉଛି। ଏଥିପାଇଁ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଲାଗି ସମ୍ପୃକ୍ତ ରାଜ୍ୟ ସରକାରଗୁଡ଼ିକ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି।

### କିଛି ତଥ୍ୟ

ଚଳିତ ଆର୍ଥିକ ବର୍ଷ ମେ'ରେ ସରକାର ୯୪,୦୧୬ କୋଟି ଟଙ୍କା ଜିଏସ୍‌ଟି ଆଦାୟ କରିଥିବା ବେଳେ ଜୁନ୍‌ରେ ୯୫,୬୧୦ କୋଟି, ଜୁଲାଇରେ ୯୬,୪୮୩ କୋଟି ଏବଂ ଅଗଷ୍ଟରେ ୯୩,୯୬୦ କୋଟି ଟଙ୍କା ଜିଏସ୍‌ଟି ଆଦାୟ କରିଛନ୍ତି।

– କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ

### ଆଜିର ମନ୍ତବ୍ୟ

" ଭିଡହିଂସାରେ ସମ୍ପୃକ୍ତ ବ୍ୟକ୍ତି ନିଜକୁ ଜାତୀୟତାବାଦୀ କହିପାରିବେ ନାହିଁ।

–ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

### ଆଜିର ସମ୍ପାଦକୀୟ

ନଈ ନ ଦେଖୁଣୁ

# ଟିଟୋ ସହଯୋଗୀ ଦୀପ୍ତି ଗିରଫ

**ଭୁବନେଶ୍ୱର(ବ୍ୟୁରୋ)/ଜଗତ୍‌ସିଂହପୁର ଅଫିସ, ୯।୯**

ଗ୍ୟାଙ୍ଗଷ୍ଟର ସୟଦ ଉସ୍‌ମାନ ଅଲୀ ଓରଫ ଟିଟୋଙ୍କ ପ୍ରମୁଖ ସହଯୋଗୀ ତଥା କୋଟିପତି ବ୍ୟବସାୟୀ ଦୀପ୍ତି ଦାସ କ୍ରାଇମବ୍ରାଞ୍ଚ ହାତରେ ଧରାପଡ଼ିଛନ୍ତି। ଏସ୍‌ଟିଏଫ୍ ରବିବାର ସକାଳେ ଜଗତ୍‌ସିଂହପୁର ଟାଉନ ଥାନା ପୋଲିସ ସହାୟତାରେ ସ୍ଥାନୀୟ ସିପିଛକ ନିକଟରେ ଥିବା ଦୀପ୍ତିଙ୍କ ଘରେ ଚଢ଼ାଉ କରି ତାଙ୍କୁ ଗିରଫ କରିଛି।

ନିକଟରେ ନିଲମ୍ବିତ ଜଟଣୀର ପୂର୍ବ ଥାନା ଅଧିକାରୀ ସଞ୍ଜୀବ ମହାନ୍ତି ପୂର୍ବରୁ କେନ୍ଦ୍ରାପଡ଼ା ଏବଂ ଜଗତ୍‌ସିଂହପୁର ଟାଉନ ଥାନା ଅଧିକାରୀ ଥିବାବେଳେ ତାଙ୍କ ସହ ଟିଟୋଙ୍କ ସମ୍ପର୍କ ଥିବା ନେଇ ଟିଟୋଙ୍କ ଭାଇ ସପୋ ଅଭିଯୋଗ କରିଥିଲେ। ଦୀପ୍ତି ଟିଟୋ ଏବଂ ସଞ୍ଜୀବଙ୍କ ମଧ୍ୟସ୍ଥ ଥିଲେ ବୋଲି ସପୋ କହିଥିଲେ। ଟିଟୋଙ୍କ ସହାୟତାରେ ଦୀପ୍ତି ପ୍ଲାଏ ବ୍ୟବସାୟରୁ କୋଟିପତି ହୋଇପାରିଥିଲେ। ଟିଟୋଙ୍କ ବେଆଇନ କାର୍ଯ୍ୟରେ ସେ ସହଯୋଗ କରୁଥିଲେ। କ୍ରାଇମବ୍ରାଞ୍ଚ ଏସବୁ ଜାଣିଥିଲେ ମଧ୍ୟ ଚୁପ୍ ରହିଥିଲା। କିନ୍ତୁ ସଞ୍ଜୀବ ଲାଞ୍ଚନେବା ବେଳେ ଧରାପଡ଼ିବା ପରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ପୁଣି ଟିଟୋ ମାମଲାର ଖୋଳତାଡ଼ ଆରମ୍ଭ କରିଛି।



■ ପ୍ଲାଏ ଦୋକାନୀରୁ କୋଟିପତି ବନିଥିଲେ
■ ଜଟଣୀର ପୂର୍ବ ଆଇଆଇସିଙ୍କୁ ଆଜି ଜେଲରେ ଭେଟିଥାନ୍ତେ
■ ବନ୍ଧୁକ, ୧୨ ରାଉଣ୍ଡ ଗୁଳି, ୬୪ ହଜାର ଟଙ୍କା ଜବତ

ପୂର୍ବରୁ ଦୀପ୍ତି ଏସ୍‌ଟିଏଫ୍ ସ୍କାନରରେ ଥିବା ସତ୍ତ୍ୱେ ଫେରାର ଥିଲେ। କିନ୍ତୁ ସୋମବାର ସେ ଏବଂ ତାଙ୍କର ୨ ସହଯୋଗୀ ସଞ୍ଜୀବ ସାହୁ ଓ ଅନ୍ୟ ଜଣେ ଜେଲ୍‌ରେ ଥିବା ଜଟଣୀର ପୂର୍ବ ଥାନା ଅଧିକାରୀ ସଞ୍ଜୀବଙ୍କୁ ଭେଟିବାକୁ ଭୁବନେଶ୍ୱର ଆସିବାର ଯୋଜନା ଥିଲା।

☞ ପୃଷ୍ଠା–୪

# ୟେମେନ୍‌ରେ ସଂଘର୍ଷ: ୮୪ ନିହତ

**ଖୋଖା,୯।୯(ଏ.ଏଫ୍.ପି.)**

ଯୁଦ୍ଧ ପ୍ରଭାବିତ ୟେମେନ୍‌ରେ ବିଦ୍ରୋହୀ ଓ ସୌଦୀ ନେତୃତ୍ୱାଧୀନ ମିଳିତ ସେନା ମଧ୍ୟରେ ସଂଘର୍ଷ ଘଟି ୮୪ ଜଣଙ୍କ ଜୀବନ ଯାଇଛି। ଜାତିସଂଘ ମଧ୍ୟସ୍ଥତାରେ ଚାଲିଥିବା ଶାନ୍ତି ଆଲୋଚନା ଶନିବାର ବିଫଳ ହେବା ପରେ ଲୋହିତ ସାଗର ବନ୍ଦର ସହର ହୋଡେଇଡାରେ ସଂଘର୍ଷ ଓ ରକେଟ ମାଡ଼ରେ ଏତେସଂଖ୍ୟକ ପ୍ରାଣହାନି ଘଟିଥିବା ସେଠାର ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ପ୍ରକାଶ।

ମିଳିଥିବା ସୂଚନାନୁସାରେ, ୟେମେନ୍‌ର ସୌଦୀ ସମର୍ଥିତ ସରକାର ଓ ସୌଦୀ ଆରବର ଶତ୍ରୁରାଷ୍ଟ୍ର ଇରାନ ସମର୍ଥିତ ହୁଥି ମଧ୍ୟରେ ଶନିବାର ଶାନ୍ତି ଆଲୋଚନା ବିଫଳ ହୋଇଥିଲା। ଜାତିସଂଘ ସେମାନଙ୍କ ଦାବି ପୂରଣ କରି ନ ଥିବାରୁ ବିଦ୍ରୋହୀମାନେ ୟେମେନ୍ ଛାଡ଼ି ଜେନେଭା ଯିବାକୁ ମନା କରିଦେଇଥିଲେ। ଏଥିସହ ଆଲୋଚନାରୁ ସେମାନେ ଓହରିଯାଇଥିଲେ। ଏହାକୁ ନେଇ ସେନା ରକ୍ତମୁଖା ହୋଇଉଠିଛି। ଉଭୟ ପଟୁ ଆକ୍ରମଣ ଓ ପ୍ରତିଆକ୍ରମଣ ଚାଲିଛି। ବିଦ୍ରୋହୀ ହୁଥିଙ୍କ ଦଖଲରେ ଥିବା ହୋଡେଇଡା ପ୍ରଦେଶରେ ସେନା ପକ୍ଷରୁ ତୁହାକୁ ତୁହା ରକେଟ ମାଡ଼ କରାଯାଇଛି। ଏଥିରେ ୭୩ ବିଦ୍ରୋହୀ ନିହତ ହୋଇଛନ୍ତି। ବିଦ୍ରୋହୀଙ୍କ ଜବାବରେ ୧୧ ସୈନ୍ୟଙ୍କ ଜୀବନ ଯାଇଛି।


**BISHANDAYAL JEWELLERS**
BIS: 916
Sriya Square, Bhubaneswar
Deals in : Gold, Diamond & Silver
Gold 24 CT - ₹ 31,200/- 10gm.
Gold 22 CT - ₹ 30,200/- 10gm.
Silver Rate - ₹ 370/- /10gm.
Making Charge - ₹100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE | 09.09.2018 | Vencobb Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 57 | 102 | 112 |
| DKL | 58 | 103 | 113 |
| BDK | 57 | 102 | 112 |
| BLS | 57 | 102 | 112 |
| ANG | 58 | 103 | 113 |

*Conditions Apply
Eggs Retail Price- 44/-Dozen
Issued in the Interest of Consumers

10th A grand Exhibition of Cotton & Silk
**Cottonfab-2018**™
Traditional, Gorgeous & Fabulous Handlooms,
Saree : Dressmaterial : Kurties : Salwar-Kameez : Home Furnishing
**Gate No. 3, Exhibition Ground,**
Unit-III, Kharvela Nagar, Bhubaneswar
31st Aug. - 02nd Oct. 2018, Time: 10.30 AM To 9.00 PM
Every Sunday LUCKY DRAW @ 6PM
Special Attraction Dari(Satranji)



BROUGHT TO YOU
UTTAR PRADESH FABRICS Chikan work, Banarasi Silk, Aplic Work, Block Print, RAJASTHAN FABRICS Block Print, Dhabu, Sanganeri, Bandhej, Kota Doria. GUJRAT FABRICS Traditional Bandhani, Kutch Embroidery MADHYA PRADESH FABRICS Light weight Chanderi, Traditional Maheshwari, Batik Print. BIHAR FABRICS Kosa, Kora, Tussar. JAMMU & KASHMIR FABRICS Embroidered Silk, Pashmina Shawls. WEST BENGAL FABRICS Kantha, Baluchari, Dhakai Jamdani, Tangail. ODISHA Sambhalpuri Ikkat, Bomkai. ANDHRA PRADESH Kalamkari Vegetable Dye, Zari Border. Mangalgiri, Pochampalli, Gadwal, Venkatgiri, Udappa. TAMILNADU FABRICS Madurai & Kanjeewaram, Coimbatore, Erode Cotton. HARYANA FABRICS Handlooms & Embroidery ALSO AVAILABLE :- Hyderabadi Real Pearl, Rajasthan Stone Polki, Mumbai & Delhi Artificial Jewellers. & Bedcovers, Bedsheets, Curtains, Export Handloom Darri, Rughs, Runner Etc.
All Debit/Credit Cards Accepted
REGD BY:- Ministry of Textiles, Govt. of India, ORGANISED BY :- Awadh Hathkargha Hastshilp Evam Gramodyog Samiti, Lucknow
Contact No.09235602388, Email: cottonfabexpo@gmail.com,cottonfabexpo.com



“ବିରୋଧୀ ଦଳଗୁଡ଼ିକ ହତାଶ ହୋଇପଡ଼ିଛନ୍ତି। ସେମାନଙ୍କର କେହି ନେତା ନାହାନ୍ତି କି କିଛି ନୀତି ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରୋକିବା ହିଁ ବିରୋଧୀଙ୍କ ଏଜେଣ୍ଡା।

-ପ୍ରକାଶ ଜାଭଡେକର, କେନ୍ଦ୍ରମନ୍ତ୍ରୀ

# ଯୌନ ଅନୁଗ୍ରହ ଦାବିକଲେ ୭ ବର୍ଷ ଜେଲ

**ନୂଆଦିଲ୍ଲୀ,୯।୯(ପି.ଟି.)**

ନୂଆ ଦୁର୍ନୀତି ନିରୋଧୀ ଆଇନାନୁସାରେ ଯୌନ ଅନୁଗ୍ରହ ମାଗିବା ଓ ଗ୍ରହଣ କରିବା ଲାଞ୍ଚ ଭାବେ ପରିଗଣିତ ହେବ। ଏଭଳି ଅନୁଗ୍ରହ ଦାବି କରୁଥିବା ଅଭିଯୁକ୍ତଙ୍କ ଦୋଷ ପ୍ରମାଣିତ ହେଲେ ତାଙ୍କୁ ୭ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରବିବାର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ, ୨୦୧୮ ଅଧୀନରେ ‘ଅତ୍ୟଧିକ ଫାଇଦା’ ପଦ ଆସୁଛି। ଏହାର ତାତ୍ପର୍ଯ୍ୟ ହେଉଛି ଆଇନଗତ ପାରିଶ୍ରମିକ ବ୍ୟତୀତ କୌଣସି ପ୍ରକାର ତୃପ୍ତି ଏବଂ ବ୍ୟୟବହୁଳ କ୍ଲବ୍ ସଦସ୍ୟତା ଓ ଆତିଥ୍ୟ। ‘ତୃପ୍ତି’ କେବଳ ଆର୍ଥିକ ଲାଞ୍ଚରେ ସୀମିତ ନୁହେଁ ବା ଟଙ୍କାରେ ହିସାବ ହେଉଥିବା ଅନୁଗ୍ରହ ନୁହେଁ ବୋଲି ସଂଶୋଧିତ ଦୁର୍ନୀତି ନିରୋଧୀ ଆଇନରେ ଉଲ୍ଲେଖ

**ନୂଆ ଦୁର୍ନୀତି ନିରୋଧୀ ଆଇନ**



କରାଯାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅନୁମୋଦନ ପରେ କେନ୍ଦ୍ର ସରକାର ଜୁଲାଇ ଶେଷ ଆଡ଼କୁ ଏହି ଆଇନ ନେଇ ବିଜ୍ଞପ୍ତି ଜାରି କରିଥିଲେ। ୩୦ ବର୍ଷ ପୁରୁଣା ଦୁର୍ନୀତି ନିରୋଧୀ ଆଇନ, ୧୯୮୮ରେ ସଂଶୋଧନ ପରେ ଏଥିରେ ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ କେତେକ ନୂଆ ନିୟମ ଲାଗୁ କରାଯାଇଛି। ଯେଉଁ ଅଧିକାରୀମାନେ ଘନିଷ୍ଠ ବନ୍ଧୁ ବା ସମ୍ପର୍କୀୟ ଓ ଅନ୍ୟମାନଙ୍କୁ ନିଯୁକ୍ତି ଦେବା ଲାଗି ଯୌନ ଅନୁଗ୍ରହ, ବ୍ୟୟବହୁଳ କ୍ଲବ୍‌ର ସଦସ୍ୟତା ଓ ଆତିଥ୍ୟ ଦାବି ବା ଗ୍ରହଣ କରିବେ, ସେମାନଙ୍କ ବିରୋଧରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଭଳି ତଦନ୍ତକାରୀ ସଂସ୍ଥା ମାମଲା ରୁଜୁ କରିପାରିବେ। ସେମାନେ ଦୋଷୀ ପ୍ରମାଣିତ ହେଲେ ୭ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଭୋଗିବାର ବ୍ୟବସ୍ଥା ଏଥିରେ କରାଯାଇଛି।

## ସଂକ୍ଷେପରେ

### ‘ଆତଙ୍କବାଦୀଙ୍କ ଆୟୁଷ କମୁଛି’

**ନୂଆଦିଲ୍ଲୀ,୯।୯(ପି.ଟି.):** ସୁରକ୍ଷା ବାହିନୀର ଲଗାତର ଅପରେଶନ ଯୋଗୁ କଶ୍ମୀରରେ ଆତଙ୍କବାଦୀଙ୍କ ଆୟୁଷ କମିବାରେ ଲାଗିଛି।



୨ବର୍ଷରୁ କମ୍ ସମୟ ମଧ୍ୟରେ ଉପତ୍ୟକାରେ ୩୭୦ରୁ ଅଧିକ ଆତଙ୍କବାଦୀ ନିପାତ ହୋଇଛନ୍ତି ବୋଲି ରବିବାର ସିଆର୍‌ପିଏଫ୍ ମହାନିର୍ଦ୍ଦେଶକ ରାଜୀବ ରାଏ ଭଟ୍ଟନାଗର ପ୍ରକାଶ କରିଛନ୍ତି। ଆତଙ୍କବାଦୀ ସଙ୍ଗଠନରେ କଶ୍ମୀରୀ ଯୁବକଙ୍କ ଯୋଗଦାନ ପ୍ରସଙ୍ଗରେ ଭଟ୍ଟନାଗର ଚିନ୍ତାବ୍ୟକ୍ତ କରିଛନ୍ତି। ଅସ୍ତ୍ରଧାରଣ କରୁଥିବା କଶ୍ମୀରୀ ଯୁବକଙ୍କ ଆତଙ୍କବାଦ ମାର୍ଗରୁ ଫେରାଇ ଆଣିବା ଲାଗି ସବୁ ସମ୍ଭବ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସିଆର୍‌ପିଏଫ୍ ଡିଜି କହିଛନ୍ତି। ତେବେ ଯେତେ ଅଧିକ ସଂଖ୍ୟାରେ ଯୁବକ ଆତଙ୍କବାଦୀ ସଙ୍ଗଠନରେ ସାମିଲ ହେଲେ ମଧ ସେମାନଙ୍କ ପରିଣତି ସୀମିତ। ଆତଙ୍କବାଦୀଙ୍କ ଜୀବନକାଳ ଅତି ସୂକ୍ଷ୍ମ ବୋଲି ଭଟ୍ଟନାଗର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିପରି ସୁରକ୍ଷା ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ଜମ୍ମୁ-ଶ୍ରୀନଗରରେ ମୁତୟନ ଯବାନଙ୍କ ସୁରକ୍ଷା ମଧ ବଢ଼ାଇ ଦିଆଯାଇଛି। ବୁଲେଟ୍ ପ୍ରୁଫ୍ ଗାଡ଼ି ସାଙ୍ଗକୁ ସ୍ୱତନ୍ତ୍ର ଅସ୍ତ୍ରଶସ୍ତ୍ର ଠାବକାରୀ ଯାନ ଯୋଗାଇ ଦିଆଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।

### କୂଅରୁ ନନ୍‌ଙ୍କ ମୃତଦେହ ଉଦ୍ଧାର



**କୋଲ୍ଲମ୍,୯।୯(ପି.ଟି.):** କୂଅ ଭିତରୁ ଉଦ୍ଧାର ହେଲା ନନ୍‌ଙ୍କ ମୃତଦେହ। କେରଳର ପାଥନପୁରମ୍ ଅନ୍ତର୍ଗତ ଏକ ଖ୍ରୀଷ୍ଟୀୟ ମଠରେ ଥିବା କୂଅ ମଧ୍ୟରୁ ରବିବାର ସିଷ୍ଟର ସୁସାନ୍ ନାମ୍ନୀ ଜଣେ ନନ୍‌ଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ମଠରେ ଥିବା ସ୍କୁଲରେ ସୁସାନ୍ ଶିକ୍ଷୟିତ୍ରୀ ଥିଲେ। ତାଙ୍କ ଶୟନକକ୍ଷ ଏବଂ କୂଅ ନିକଟରୁ ରକ୍ତ ଛିଟା ଠାବ କରାଯାଇଛି। ତାଙ୍କୁ କେହି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ନନ୍‌ଙ୍କ କେଶ କାଟି ଦିଆଯାଇଥିବା ମଧ ଜଣାପଡ଼ିଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଛି। ଏକ ଅପମୃତ୍ୟୁ ମାମଲା ଦାଏର କରି ତଦନ୍ତ ଆରମ୍ଭ କରିଛି।

### ଅକ୍ଟୋବର ୩୧ରେ ସର୍ଦ୍ଦାର ପଟେଲଙ୍କ ପ୍ରତିମୂର୍ତ୍ତି ଅନାବରଣ

**ନୂଆଦିଲ୍ଲୀ,୯।୯(ପି.ଟି.):** ଅକ୍ଟୋବର ୩୧ରେ ଉନ୍ମୋଚନ ହେବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସର୍ବବୃହତ୍ ପ୍ରତିମୂର୍ତ୍ତି। ପଟେଲଙ୍କ ଜୟନ୍ତୀ ଅବସରରେ ଏହାର ଅନାବରଣ ହେବ। ଗୁଜରାଟରେ ନିର୍ମାଣ ଚାଲିଥିବା ଏହି ‘ଷ୍ଟାଚ୍ୟୁ ଅଫ୍ ୟୁନିଟି’କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିବେ। ଭାଜପା କାର୍ଯ୍ୟକାରିଣୀ ବୈଠକ ଉପରାନ୍ତେ ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ୍ ରୁପାନୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଦେଶର ପ୍ରଥମ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ୧୮୨ ମିଟର ଉଚ୍ଚତାର ଏହି ପ୍ରତିମୂର୍ତ୍ତିକୁ ଦେଶ ଏକତା ଏବଂ ଅଖଣ୍ଡତାର ପ୍ରତୀକ ବୋଲି ରୁପାନୀ ପ୍ରକାଶ କରିଛନ୍ତି।

■ ଭାଜପା ଜାତୀୟ କାର୍ଯ୍ୟକାରିଣୀରେ ମୋଦି

# ଉଣେଇଶ ପାଇଁ ରଣହୁଙ୍କାର

**ନୂଆଦିଲ୍ଲୀ,୯।୯(ପି.ଟି.)**

୨୦୧୯ ସାଧାରଣ ନିର୍ବାଚନରେ ୨୦୧୪ର ବିଜୟ ଦୋହରାଇ ପୁନଃ କ୍ଷମତାସୀନ ହେବା ପାଇଁ ରବିବାର ରଣହୁଙ୍କାର ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଭାଜପାର ଦୁଇଦିନିଆ ଜାତୀୟ କାର୍ଯ୍ୟକାରିଣୀର ଉଦ୍‌ଯାପନୀ ସମାରୋହରେ ମୋଦି କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକୁ ସମାଲୋଚନା କରିବା ସହ ଏନ୍‌ଡିଏ ସରକାରର ସଫଳତା ବଖାଣିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଭାଜପା ଜାତୀୟ କାର୍ଯ୍ୟକାରିଣୀକୁ ସମ୍ବୋଧିତ କରି ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଏହି ଅବସରରେ ସେ ଦଳ ପାଇଁ ‘ଅଜୟ ଭାରତ, ଅଟଳ ଭାଜପା’ ନାମରେ ନୂଆ ସ୍ଲୋଗାନ ଆରମ୍ଭ କରିଛନ୍ତି। ଏହି ସ୍ଲୋଗାନର ତାତ୍ପର୍ଯ୍ୟ ବିଜେତା ଭାରତ ଉପରେ କେହି ଆଧିପତ୍ୟ ବିସ୍ତାର କରିପାରିବେ ନାହିଁ। ସେହିପରି ଭାଜପା ହେଉଛି ସିଦ୍ଧାନ୍ତ ପାଇଁ ପ୍ରତିଶ୍ରୁତିବଦ୍ଧ ଦଳ। ଭାଜପା ବିରୋଧରେ ମହାମେଣ୍ଟ



**ମହାମେଣ୍ଟରେ କଂଗ୍ରେସର ନେତୃତ୍ୱ ମାନିବାକୁ କେହି ପ୍ରସ୍ତୁତ ନୁହନ୍ତି**

ଉଦ୍ୟମ କରୁଥିବା ବିରୋଧୀ ଦଳଗୁଡ଼ିକୁ ଟାର୍ଗେଟ କରି ସେ କହିଛନ୍ତି, ଆଖି ସହ ଆଖି ମିଳାଇ ପରସ୍ପରକୁ ଦେଖିବାକୁ ଚାହୁଁ ନ ଥିବା ଲୋକେ ଏବେ ମହାମେଣ୍ଟର ପରିକଳ୍ପନା କରୁଛନ୍ତି। ଆମ ସଫଳତାର ଏହା ପ୍ରମାଣ। ଏଭଳି ମେଣ୍ଟରେ କଂଗ୍ରେସର ନେତୃତ୍ୱକୁ କେହି ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି। ଏପରି କି ଛୋଟ ଛୋଟ ଦଳଗୁଡ଼ିକ ମଧ ଏଥିପାଇଁ ନାରାଜ। ଦେଶର ଭବିଷ୍ୟତକୁ ନେଇ ନିଜ ଦୃଷ୍ଟିଭଙ୍ଗୀ ସମ୍ପର୍କରେ ମୋଦି କହିଛନ୍ତି, ଭାରତ ସମୃଦ୍ଧ ହେଉ। କିନ୍ତୁ ସରଳତା ଏହାର ଆଧାରଶିଳା ହେଉ। କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ଗଣମାଧ୍ୟମକୁ ମୋଦିଙ୍କ ଉଦ୍‌ବୋଧନ ସମ୍ପର୍କରେ ସୂଚନା ଦେଇ ଏହା ପ୍ରକାଶ କରିଛନ୍ତି।

## ‘ରାହୁଲଙ୍କୁ ସ୍ୱତଃ ଗ୍ରହଣ କରିବେ ବିରୋଧୀ’

**ନୂଆଦିଲ୍ଲୀ,୯।୯(ପି.ଟି.)**

ଆଗାମୀ ଲୋକ ସଭା ନିର୍ବାଚନରେ ଅଣଭାଜପା ଦଳଗୁଡ଼ିକୁ ଏକାଠି କରିବା ପାଇଁ ଚାଲିଥିବା ଉଦ୍ୟମ ପରିପ୍ରେକ୍ଷୀରେ ନିଜ ମତ ରଖିଛନ୍ତି ବରିଷ୍ଠ କଂଗ୍ରେସ ନେତା ମଲ୍ଲିକାର୍ଜ୍ଜୁନ ଖାର୍ଗେ। ଲୋକ ସଭାରେ ଦଳର ନେତା ଖାର୍ଗେ ରବିବାର ଏକ ସାକ୍ଷାତ୍‌କାରରେ କହିଛନ୍ତି,



କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଗ୍ରହଣୀୟତା ବିରୋଧୀ ଦଳଗୁଡ଼ିକରେ ସ୍ୱତଃ ବୃଦ୍ଧି ପାଇବ। କାରଣ ଭାଜପାକୁ କ୍ଷମତାଚ୍ୟୁତ କରିବା ପାଇଁ ଦେଶବାସୀ ତାଙ୍କଠାରୁ ଅନେକ ଆଶା କରୁଛନ୍ତି। ରାହୁଲଙ୍କ କାମକୁ ସମସ୍ତେ ପ୍ରଶଂସା କରୁଛନ୍ତି। ଆଜି ନ ହେଲେ କାଲି ତାଙ୍କୁ ସବୁ ବିରୋଧୀ ଦଳ ଗ୍ରହଣ କରିବେ ବୋଲି ଖାର୍ଗେ ମତବ୍ୟକ୍ତ କରିଛନ୍ତି।

## ଖସିପଡ଼ିଲା ବିମାନ: ୧୯ ମୃତ

**ଜୁବା,୯।୯(ଏ.ପି.)**

ଆଫ୍ରିକୀୟ ରାଷ୍ଟ୍ର ଦକ୍ଷିଣ ସୁଦାନରୁ ସଂଖ୍ୟାଧିକ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଘରୋଇ ବିମାନ ରବିବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୧୯ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ସୌଭାଗ୍ୟକ୍ରମେ ୩ ଜଣ ବର୍ତ୍ତିଯାଇଛନ୍ତି। ବେବି ଏୟାରର ୧୯ ସିଟ୍ ବିଶିଷ୍ଟ ବିମାନ ଦକ୍ଷିଣ ସୁଦାନର ରାଜଧାନୀ ଜୁବାରୁ ୨୨ ଯାତ୍ରୀଙ୍କୁ ନେଇ ୩୦୦ କି.ମି. ଦୂର ୟିରୋଲ୍ ଅଭିମୁଖେ ଯାତ୍ରା କରୁଥିଲା। ଖରାପ ପାଗ ଯୋଗୁ କିଛି ଦେଖାଯାଉ ନ ଥିବାରୁ ୟିରୋଲ ବିମାନବନ୍ଦରରେ ଅବତରଣ ବେଳେ ନିକଟସ୍ଥ ଏକ ହ୍ରଦରେ ଏହା ଖସିପଡ଼ିଥିଲା। ଫଳରେ ୧୯ ଜଣ ପ୍ରାଣ ହରାଇଛନ୍ତି। ଜଣେ ୬ ବର୍ଷୀୟ ଶିଶୁ ଓ ଅନ୍ୟ ୨ ଜଣ ଏଥିରୁ ବର୍ତ୍ତିଯାଇଛନ୍ତି ବୋଲି ଦକ୍ଷିଣ ସୁଦାନର ସୂଚନାମନ୍ତ୍ରୀ ତବାନ ଆବେଲ୍ ଅଗୁଏକ୍ କହିଛନ୍ତି।



## ବିଷ ପିଇଥିବା ଏସ୍‌ପିଙ୍କ ମୃତ୍ୟୁ

**ଲକ୍ଷ୍ନୌ,୯।୯(ପି.ଟି.)**

ଜୀବନ ସହ ୫ ଦିନ ସଂଗ୍ରାମ କରି ଶେଷରେ ହାରି ଯାଇଛନ୍ତି ଉତ୍ତରପ୍ରଦେଶର ଆଇପିଏସ୍ ଅଧିକାରୀ ସୁରେନ୍ଦ୍ର କୁମାର ଦାସ୍। କାନପୁର ଏସ୍‌ପି ସୁରେନ୍ଦ୍ର ରବିବାର ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ଆଖିବୁଜି ଦେଇଛନ୍ତି। ବୁଧବାର ସେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ବେଳେ ତାଙ୍କ ଶରୀରର ବହୁ ଅଙ୍ଗ କାମ କରିବା ବନ୍ଦ କରିଦେଇଥିଲା।

**ଫୁର୍‌ସତ**

## ଆଇସିୟୁରେ ଦିଲୀପ କୁମାର

**ମୁମ୍ବାଇ**

ଅଭିନେତା ଦିଲୀପ କୁମାରଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବା ପରେ ରବିବାର ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। କିନ୍ତୁ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ଡାକ୍ତରୀ ଚିକିତ୍ସା ପରେ ଅବସ୍ଥା ସୁଧୁରୁଥିବା ଲକ୍ଷ୍ୟ କରାଯାଉଛି ବୋଲି ସ୍ଥାନୀୟ ଲୀଳାବତୀ ଡାକ୍ତରଖାନା ଉପସଭାପତି ଅଜୟ କୁମାର ପାଣ୍ଡେ ସୂଚନା ଦେଇଛନ୍ତି। ୯୫ ବର୍ଷୀୟ ଅଭିନେତାଙ୍କ ମେଡିକାଲ ବୁଲେଟିନ୍ ଜାରି କରି ଡାକ୍ତର ପାଣ୍ଡେ ଏ ନେଇ ସୂଚନା ଦେଇଛନ୍ତି।



ଦିଲୀପ ସାହେବ ଛାତି ସଂକ୍ରମଣର ଶିକାର ହେବା ପରେ ଗୁରୁବାର ତାଙ୍କୁ ଲୀଳାବତୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

## ରାଜସ୍ୱ ବଢ଼ାଇବ ଏସ୍‌ଏସ୍‌ଏଲ୍‌ଭି

**ବେଙ୍ଗାଲୁରୁ:** ଇସ୍ରୋ ଦ୍ୱାରା ନିର୍ମିତ ସ୍ମଲ୍ ସାଟେଲାଇଟ୍ ଲଞ୍ଚ୍ ଭେହିକିଲ୍ (ଏସ୍‌ଏସ୍‌ଏଲ୍‌ଭି) କ୍ଷୁଦ୍ର ସାଟେଲାଇଟ୍ ଲଞ୍ଚ୍ ପାଇଁ ଖୁବ୍ ଗ୍ରହଣୀୟ ହୋଇପାରିବ ଏବଂ ଏହା ରାଜସ୍ୱ ବୃଦ୍ଧିରେ ସହାୟକ ହେବ ବୋଲି ସ୍ପେସ୍ ଏଜେନ୍ସିର ବ୍ୟବସାୟିକ ଶାଖା ଆଣ୍ଟ୍ରିକ୍ସ ପକ୍ଷରୁ କୁହାଯାଇଛି। ଆସନ୍ତା ବର୍ଷ ସାଟେଲାଇଟ୍ ଲଞ୍ଚ୍ ପାଇଁ ଏସ୍‌ଏସ୍‌ଏଲ୍‌ଭିକୁ କାର୍ଯ୍ୟରେ ଲଗାଯିବ। ଏହା ନାନୋସାଟ୍ସ ଏବଂ କ୍ୟୁବ୍‌ସାଟ୍ସ ଭଳି ଛୋଟ ସାଟେଲାଇଟ୍ ଲଞ୍ଚ୍ କରିବାକୁ ସମର୍ଥ ହେବ ବୋଲି ଆଣ୍ଟ୍ରିକ୍ସ ମୁଖ୍ୟ ଏସ୍. ରାକେଶ କହିଛନ୍ତି।



ବର୍ତ୍ତମାନ ସାଟେଲାଇଟ୍‌ଗୁଡ଼ିକୁ କ୍ଷୁଦ୍ର ଆକୃତିର ନିର୍ମାଣ କରାଯାଉଛି ଏବଂ ଏଗୁଡ଼ିକୁ ଲଞ୍ଚ୍ କରିବା ପାଇଁ ବିକଳ୍ପ ମଧ ସୀମିତ। ତେଣୁ ଛୋଟ ସାଟେଲାଇଟ୍‌ଗୁଡ଼ିକୁ ଏସ୍‌ଏସ୍‌ଏଲ୍‌ଭି ଦ୍ୱାରା ମହାକାଶକୁ ଲଞ୍ଚ୍ କରାଯିବ। ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋ ଏସ୍‌ଏସ୍‌ଏଲ୍‌ଭି ବିକାଶ କରୁଛି। ଆସନ୍ତା ବର୍ଷ ଏ ନେଇ ପରୀକ୍ଷା କରାଯିବ। କ୍ଷୁଦ୍ର ସାଟେଲାଇଟ୍ ଲଞ୍ଚ୍ ବ୍ୟୟ ପିଏସ୍‌ଏଲ୍‌ଭି ଅପେକ୍ଷା ଖୁବ୍ କମ୍। ଏସ୍‌ଏସ୍‌ଏଲ୍‌ଭି କାର୍ଯ୍ୟକାରୀ ହେଲେ ଦେଶର ରାଜସ୍ୱ ବଢ଼ିବ। ଏସ୍‌ଏସ୍‌ଏଲ୍‌ଭିର ପେଲୋଡ୍ କ୍ଷମତା ୫୦୦ରୁ ୭୦୦ କିଲୋଗ୍ରାମ୍ ମଧ୍ୟରେ ରହିବ। ପୃଥିବୀ କକ୍ଷ ନିମ୍ନରେ ରହି ଏହା ରହିବ ବୋଲି ଇସ୍ରୋ ଅଧ୍ୟକ୍ଷ କେ. ଶିବନ୍ କହିଛନ୍ତି।

### ଇତିହାସର ଆଇନାରେ

### ସେପ୍ଟେମ୍ବର ୧୦ର ପ୍ରମୁଖ ଘଟଣା

୨୦୦୨ ସେପ୍ଟେମ୍ବର ୧୦ରେ ସ୍ୱିଜରଲାଣ୍ଡ ମିଳିତ ଜାତିସଂଘର ପୂର୍ଣ୍ଣ ସଦସ୍ୟତା ହାସଲ କରିଥିଲା। ଏଥିପାଇଁ ୬ ମାସ ପୂର୍ବରୁ ଜନମତ ସଂଗ୍ରହ କରାଯାଇଥିଲା। ସଦସ୍ୟତା ପରେ ସ୍ୱିଜରଲାଣ୍ଡ ଜାତିସଂଘର ଆର୍ଥିକ ଓ ସାମାଜିକ ପରିଷଦର ପର୍ଯ୍ୟବେକ୍ଷକ ହୋଇଥିଲା।

୧୯୮୧ ସେପ୍ଟେମ୍ବର ୧୦ରେ ରୁଷିଆ ଗୃହଯୁଦ୍ଧରେ ରେଡ୍ ଆର୍ମି କାଜାନ୍ ଦଖଲ କରିଥିଲା। ରୁଷିଆ କ୍ରାନ୍ତି ପରେ ସେଠାରେ ରାଜନୈତିକ ଭବିଷ୍ୟତକୁ ନିର୍ଦ୍ଧାରିତ କରିବା ପାଇଁ ରୁଷିଆ ସମ୍ରାଜ୍ୟ ବିରୋଧରେ ବହୁଦଳୀୟ ଯୁଦ୍ଧ ହୋଇଥିଲା।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ ହୋଇପାରେ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୨ | ୨୪.୪ |
| ଚାନ୍ଦବାଲି | ୩୪.୭ | ୨୫.୨ |
| କଟକ | ୩୪.୦ | ୨୩.୫ |
| ପାରାଦ୍ୱୀପ | ୩୧.୭ | ୨୬.୬ |
| ଭୁବନେଶ୍ୱର | ୩୩.୭ | ୨୫.୦ |
| ଗୋପାଳପୁର | ୩୪.୦ | ୨୬.୮ |
| ପୁରୀ | ୩୩.୦ | ୨୫.୦ |
| ଅନୁଗୋଳ | ୩୪.୭ | ୨୨.୬ |
| ବାରିପଦା | ୩୨.୬ | ୨୬.୫ |
| ଝାରସୁଗୁଡ଼ା | ୩୨.୩ | ୨୪.୪ |
| କେନ୍ଦୁଝର | ୩୨.୮ | ୨୩.୪ |
| ସମ୍ବଲପୁର | ୩୩.୬ | ୨୨.୧ |
| ସୁନ୍ଦରଗଡ଼ | --- | ୨୦.୦ |
| ହୀରାକୁଦ | ୩୩.୭ | ୨୦.୩ |
| ତାଳଚେର | --- | ୨୪.୮ |
| ଭବାନୀପାଟଣା | ୩୩.୦ | ୨୩.୮ |
| ବଲାଙ୍ଗୀର | ୩୩.୦ | ୨୪.୫ |
| କୋରାପୁଟ | ୨୭.୨ | ୧୯.୦ |
| ଫୁଲବାଣୀ | --- | ୧୯.୦ |
| ଟିଟିଲାଗଡ଼ | ୩୩.୫ | ୨୧.୦ |
| ମାଲକାନଗିରି | ୩୩.୦ | ୨୭.୮ |
| ସୋନପୁର | ୩୨.୪ | ୨୨.୫ |
| ଦାରିଙ୍ଗିବାଡ଼ି | ୨୯.୦ | ୧୭.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

**ସୁଇଜରଲାଣ୍ଡରେ ଶ୍ରୀଦେବୀଙ୍କୁ ସମ୍ମାନ**

## ପ୍ରତିଷ୍ଠା ହେବ ପ୍ରତିମୂର୍ତ୍ତି



**ବର୍ନ:** ଦିବଙ୍ଗତ ଅଭିନେତ୍ରୀ ଶ୍ରୀଦେବୀଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ଯୋଜନା କରୁଛନ୍ତି ସୁଇଜରଲାଣ୍ଡ ସରକାର। ଶ୍ରୀଦେବୀଙ୍କ ସୁପରହିଟ୍ ଫିଲ୍ମ ‘ଚାନ୍ଦନୀ’ ସୁଇଜରଲାଣ୍ଡର ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପରିବେଶରେ ଶୁଟିଂ ହୋଇଥିବାରୁ ତାଙ୍କର ପ୍ରତିମୂର୍ତ୍ତି ଦେଶର ପର୍ଯ୍ୟଟନ ଶିଳ୍ପ ପାଇଁ ବେଶ୍ ମହତ୍ତ୍ୱ ରଖିବ ବୋଲି ଚିନ୍ତା କରାଯାଉଛି। ପ୍ରସିଦ୍ଧ ଭାରତୀୟ ଚଳଚ୍ଚିତ୍ର ନିର୍ମାତା ୟଶ୍ ଚୋପ୍ରାଙ୍କର ପ୍ରତିମୂର୍ତ୍ତି ମଧ ୨୦୧୬ରେ ଇଣ୍ଟରଲାକେନ୍‌ଠାରେ ପ୍ରତିଷ୍ଠା କରାଯାଇଥିଲା। ଦେଶର ପର୍ଯ୍ୟଟନ ଶିଳ୍ପ ପ୍ରତି ଲୋକପ୍ରିୟତା ବୃଦ୍ଧି ଲାଗି ଶ୍ରୀଦେବୀଙ୍କ ଭୂମିକାକୁ ମଧ ଗୁରୁତ୍ୱ ଦିଆଯାଉଛି। ସେଥିପାଇଁ ଏଠାରେ ତାଙ୍କର ଏକ ପ୍ରତିମୂର୍ତ୍ତି ନିର୍ମାଣ ଲାଗି ବିଚାର କରାଯାଉଛି। ୧୯୮୯ରେ ବ୍ଲକ୍‌ବଷ୍ଟର ‘ଚାନ୍ଦନୀ’ ସୁଇଜରଲାଣ୍ଡକୁ ମଧ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ କରିଥିଲା। ୧୯୬୪ରେ ରାଜ କପୁରଙ୍କ ନିର୍ଦ୍ଦେଶିତ ‘ସଙ୍ଗମ’ ହେଉଛି ପ୍ରଥମ ଫିଲ୍ମ ଯାହାର ଶୁଟିଂ ସୁଇଜରଲାଣ୍ଡରେ ହୋଇଥିଲା। ପରେ ୧୯୬୭ରେ ‘ଆନ୍ ଇଭନିଙ୍ଗ୍ ଇନ୍ ପ୍ୟାରିସ୍’ର ଶୁଟିଂ ହୋଇଥିଲା। ଏହା ପରଠାରୁ ବଲିଉଡ୍ ସୁଇଜରଲାଣ୍ଡକୁ ଏକ ପ୍ରିୟତମ ଶୁଟିଂସ୍ଥଳରେ ପରିଣତ କରିବା ପରେ ଏହି ଦେଶର ପ୍ରାକୃତିକ ଦୃଶ୍ୟପଟ ଭାରତୀୟ ଫିଲ୍ମ ନିର୍ମାତାଙ୍କ ପାଇଁ ସ୍ୱର୍ଗପୁର ପାଲଟିଯାଇଥିଲା।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର–(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ–(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି–09999032822, କଟକ ଅଫିସ–(0671)2321004, 2322004, ସମ୍ବଲପୁର–(0663) 2405816, ଢେଙ୍କାନାଳ ଅଫିସ–(06762)224254, ଫୁଲବାଣୀ ଅଫିସ–(06842)253116, 9438367053, ବଲାଙ୍ଗୀର ଅଫିସ–(06652)234333, ବରଗଡ ଅଫିସ–(06646)234789, ଅନୁଗୋଳ–(06764)237556, (ତାଳଚେର–(06760)241177, ରାଉରକେଲା ଅଫିସ–(0661)2643242, ସୁନ୍ଦରଗଡ଼–9437346088, ଯାଜପୁର ଅଫିସ–8895242449, ପାରାଦୀପ–(06722)221081, ବାଲେଶ୍ୱର ଅଫିସ–(06782)240604, ବାରିପଦା ଅଫିସ–9437018073, ଭବାନୀପାଟଣା–9437153870, ରାୟଗଡା ଅଫିସ–(06856)225625, 9437090496, କୋରାପୁଟ ଅଫିସ–06852252599, ଜୟପୁର–9437182105, ନବରଙ୍ଗପୁର–9437119068, ସୋନପୁର–9438739383, ଯାଜପୁର ରୋଡ୍–(06726)265030, ଖୋର୍ଦ୍ଧା ଅଫିସ–(06755)223444, ପୁରୀ ଅଫିସ–(06752)221922, ଆସ୍କା–(06822)273440, 272144, କେନ୍ଦୁଝର–9437197395, ଜଗତ୍‌ସିଂହପୁର ଅଫିସ–(06724)224030, 8763968203, ନୟାଗଡ ଅଫିସ–(06753)252710, ଭଦ୍ରକ ଅଫିସ–(06784)242101, ନୂଆପଡ଼ା ଅଫିସ–(06678)223068, ଝାରସୁଗୁଡ଼ା ଅଫିସ–(06645)272799, ଦେବଗଡ–9437121562, କେନ୍ଦ୍ରାପଡ଼ା ଅଫିସ–06727233825, ପାରଳାଖେମୁଣ୍ଡି–9437140002.



ମହାରାଷ୍ଟ୍ର ଔରଙ୍ଗାବାଦରେ ଶନିବାର ଏକ ଟ୍ରକ୍ ଯୋଗେ ଚାଲାଣ ହେଉଥିବା ୧୪ଟି ଓଟକୁ ଉଦ୍ଧାର କରାଯାଇଛି। ରାଜସ୍ଥାନରୁ ହାଇଦ୍ରାବାଦ ଯାଉଥିବା ବେଳେ ମହାରାଷ୍ଟ୍ର ପୋଲିସ ଟ୍ରକ୍‌କୁ ଜବତ କରି ଓଟ ଗୁଡ଼ିକୁ ଉଦ୍ଧାର କରିଥିଲା। ଏଥିରେ ଗୋଟିଏ ଓଟର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଅନ୍ୟ ଓଟ ଗୁଡ଼ିକୁ ଔରଙ୍ଗାବାଦ ସହରରେ ଥିବା ଏକ ଗୋଶାଳାକୁ ପଠାଇ ଦିଆଯାଇଛି।



PLEDGE 'PLASTIC-FREE' ODISHA

#PlasticFreeOdisha
ଧରିତ୍ରୀ DHARITRI
TEAM
02 OCTOBER

# ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ

ଦାମନଯୋଡ଼ି,୯।୯(ଡି.ଏନ୍.ଏ.)

କୋରାପୁଟ ଜିଲା ଦାମନଯୋଡ଼ି ରେଳଷ୍ଟେସନ ନିକଟରେ ନାଲକୋର ଆଲୁମିନା ବୋଝେଇ ଟ୍ରେନ୍ ଲାଇନଚ୍ୟୁତ ହୋଇଛି। ଫଳରେ କୋରାପୁଟ-ଦାମନଯୋଡ଼ି-ରାୟଗଡ଼ା ଲାଇନରେ ସମସ୍ତ ଟ୍ରେନ୍ ଚଳାଚଳ ବାତିଲ ହୋଇଛି। ନାଲକୋ ଆଲୁମିନା ବୋଝେଇ ଟ୍ରେନ୍ ରବିବାର ଅପରାହ୍ନ ୪ଟା ୩୦ରେ ଦାମନଯୋଡ଼ିରୁ ଡୁମୁରିପୁଟ ଅଭିମୁଖେ ବାହାରିଥିଲା। ଦାମନଯୋଡ଼ି

■ କୋରାପୁଟ-ରାଉରକେଲା ଟ୍ରେନ୍ ବାତିଲ

■ ହୀରାଖଣ୍ଡ ଏକ୍ସପ୍ରେସର ରୁଟ୍ ପରିବର୍ତ୍ତନ

ଷ୍ଟେସନ ଛାଡ଼ିବାର କିଛି ସମୟ ପରେ ଦାମନଯୋଡ଼ି-କୋରାପୁଟ ମେନ ଲାଇନ୍‌ରେ ଏହି ଟ୍ରେନ୍‌ର ୧୪ଟି ବଗି ଲାଇନଚ୍ୟୁତ ହୋଇଥିଲା। ଏହାର କାରଣ ସମ୍ପର୍କରେ ଜଣାପଡ଼ିନାହିଁ। କିନ୍ତୁ ମେନ୍ ଲାଇନ୍ ବ୍ଲକ ହୋଇଯାଇ ଥିବାରୁ କୋରାପୁଟ-ରାଉରକେଲା ଟ୍ରେନ୍‌କୁ ବାତିଲ କରାଯାଇଥିବା ବେଳେ ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ ଏବେ କୋରାପୁଟ ଭାୟା ଆର୍‌କୁ ବିଜୟାନଗରମ ଦେଇ ଭୁବନେଶ୍ୱର ଯିବ ବୋଲି ଜଣାପଡ଼ିଛି। ସୋମବାର ସକାଳେ ଯିବାକୁ ଥିବା ଜଗଦଲପୁର-ହାୱଡ଼ା ଟ୍ରେନ୍, କୋରାପୁଟ-ବିଶାଖାପାଟଣା ଡିଏମ୍‌ୟୁ ଟ୍ରେନ୍ ମଧ୍ୟ ବାତିଲ ରହିବ ବୋଲି ସୂଚନା ମିଳିଛି। ରେଳ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଲାଇନ କ୍ଲିୟର କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚଳାଇଛନ୍ତି।



ରେଳ ଧାରଣାରୁ ଖସିଯାଇଥିବା ମାଲବାହୀ ଟ୍ରେନ।

# ଡାହାଣୀ ସନ୍ଦେହରେ ଦମ୍ପତିଙ୍କୁ ହତ୍ୟା

## ମାରଣାସ୍ତ୍ର ଜବତ, ସାନ ଭାଇ ଗିରଫ

ବାରିପଦା ଅଫିସ,୯।୯

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅନ୍ତର୍ଗତ କୁକୁଡାଯୋଡି ଗ୍ରାମରେ ଡାହାଣୀ ସନ୍ଦେହକୁ କେନ୍ଦ୍ର କରି ଶନିବାର ବିଳମ୍ବିତ ରାତିରେ ଏକ ଦମ୍ପତିଙ୍କୁ ହତ୍ୟା କରାଯାଇଛି। ରବିବାର ସକାଳେ ଘଟଣା ପଦାକୁ ଆସିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଏବଂ ଫରେନ୍‌ସିକ ଟିମ୍ ପହଞ୍ଚି ତଦନ୍ତ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ହତ୍ୟା ଘଟଣା ନେଇ ମୃତକ ପୂର୍ଣ୍ଣ ହେମ୍ବ୍ରମ (୬୦)ଙ୍କ ସାନ ଭାଇ ରଥ ହେମ୍ବ୍ରମ(୪୦)ଙ୍କୁ ପୋଲିସ ଗିରଫ କରି ଏଥିରେ ବ୍ୟବହୃତ ମାରଣାସ୍ତ୍ରକୁ ଜବତ କରିଛି।

ମୃତକଙ୍କ ପୁଅ କହ୍ନେଇ ହେମ୍ବ୍ରମ ଘଟଣା ସମ୍ପର୍କରେ ଥାନାରେ ଏତଲା ଦେଇଛନ୍ତି। ତଦନୁଯାୟୀ, ପୋଲିସ ହତ୍ୟା ମାମଲା (ନଂ . ୮୬/୧୮) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ରଜାବସା ପଞ୍ଚାୟତ ଅଧୀନ କୁକୁଡାଯୋଡି ଗ୍ରାମର ପୂର୍ଣ୍ଣ ହେମ୍ବ୍ରମ ଏବଂ ତାଙ୍କ ପତ୍ନୀ ସିଙ୍ଗ ହେମ୍ବ୍ରମ (୫୫) ଖାଇପିଇ ଶୋଇବାକୁ ଯାଇଥିଲେ। ପୂର୍ଣ୍ଣ ଘରେ ଶୋଇଥିବା ବେଳେ ତାଙ୍କ ସ୍ତ୍ରୀ ଘର ପିଣ୍ଡାରେ ପଡିଥିବା ଏକ ଖଟିଆରେ ମଶାରି ଟାଙ୍ଗି ଶୋଇଥିଲେ। ବିଳମ୍ବିତ ରାତିରେ ଅଭିଯୁକ୍ତ ରଥ ହେମ୍ବ୍ରମ ଏକ ଧାରୁଆ ଫାର୍ସା ସାହାଯ୍ୟରେ ବଡ ଭାଇ ପୂର୍ଣ୍ଣ ଏବଂ ଭାଉଜଙ୍କୁ ହାଣି ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ରବିବାର ସକାଳେ ଗାଁ ଲୋକେ ଏହି ଦମ୍ପତିଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ବାରିପଦା ସଦର ଥାନା ଅଧିକାରୀ ସ୍ୱର୍ଣ୍ଣଲତା ମିଞ୍ଜ ଏହି ସୂଚନା ଦେଇ କହିଛନ୍ତି ଯେ, ଅଭିଯୁକ୍ତ ରଥ ହେମ୍ବ୍ରମଙ୍କୁ ପଚରାଉଚରା କରିବା ପରେ ସେ ଡାହାଣୀ ସନ୍ଦେହ ନେଇ ଭାଉଜଭାଇଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। ପୂର୍ବରୁ ଡାହାଣୀ ସନ୍ଦେହକୁ ନେଇ ସେମାନଙ୍କ ପରିବାରରେ ଗଣ୍ଡଗୋଳ ଘଟିଥିଲା। ଘରେ ଅନ୍ୟ କେହି ନ ଥିବାରୁ ସେ ଶନିବାର ବିଳମ୍ବିତ ରାତିରେ ହତ୍ୟା ଘଟାଇଥିଲେ। ମା'ବାପାଙ୍କ ମୃତ୍ୟୁ ଖବର ପାଇ ବାହାରେ ରହୁଥିବା ତାଙ୍କ ପୁଅ କହ୍ନେଇ ଆସି ପହଞ୍ଚି ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ଡାହାଣୀ ସନ୍ଦେହ ଭଳି ଅନ୍ଧବିଶ୍ୱାସକୁ ନେଇ ଜିଲାର ଦୁର୍ଗମ ଅଞ୍ଚଳରେ ବିଭିନ୍ନ ଅପରାଧ ଘଟୁଥିବା ବେଳେ ବାରିପଦା ସଦର ଥାନା ଅଞ୍ଚଳରେ ଘଟିଥିବା ଏହି ହତ୍ୟାକାଣ୍ଡ ସାଧାରଣରେ ଆଲୋଡନ ସୃଷ୍ଟି କରିଛି।

# ବାପା ଆଗରେ ସ୍ତ୍ରୀଙ୍କୁ ହତ୍ୟା

ବ୍ରହ୍ମପୁର ଅଫିସ, ୯।୯

**ସ୍ୱାମୀ ହେଲା ସଇତାନ୍**

■ ଛୁରି, ପେଟ୍ରୋଲ ବୋତଲ ଜବତ

■ ପରକୀୟା ପ୍ରୀତି ଅଭିଯୋଗ

ନିଜ ବାପାଙ୍କ ଆଗରେ ସ୍ତ୍ରୀର ଗଳାକାଟି ହତ୍ୟା କରିଛନ୍ତି ସ୍ୱାମୀ। ଏଭଳି କାଣ୍ଡ ଘଟାଇବା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି ଅଭିଯୁକ୍ତ ସ୍ୱାମୀ। ଏହି ଘଟଣା ରବିବାର ବ୍ରହ୍ମପୁର ମିଲିଟାରୀ ଲେନ୍‌ର ରଘୁନାଥ ପେଟା ସାହିରେ ଘଟିଛି। ମୃତା ହେଲେ ପପିନା ବେହେରା (୪୬)। ପପିନାଙ୍କ ବଡ ପୁଅ ରାହୁଲଙ୍କ ଏତଲାକୁ ଭିତ୍ତିକରି ଟାଉନ ଥାନା ପୋଲିସ ନଂ. ୧୮୫/୧୮ରେ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ଲାଗି ବଡ ଡାକ୍ତରଖାନାକୁ ପଠାଇ ତଦନ୍ତ ଆରମ୍ଭ କରିଛି। ତଦନ୍ତ ସମୟରେ ରବୀନ୍ଦ୍ର ଆଣିଥିବା ବ୍ୟାଗ୍ ଯାଞ୍ଚ କରାଯାଇଥିଲା। ସେଥିରୁ ଏକ ପେଟ୍ରୋଲ ଭର୍ତ୍ତି ବୋତଲ ଏବଂ ହତ୍ୟାରେ ଅବ୍ୟବହୃତ ଛୁରି ଥିବା ଜଣାପଡିଥିଲା। ପୋଲିସ ଛୁରି ଏବଂ ପେଟ୍ରୋଲ ବୋତଲ ଜବତ କରିଛି। ଘଟଣାର ତଦନ୍ତ ଆରମ୍ଭ କରାଯାଇଥିବା ଆଇଆଇସି ନୀହାର ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

ପ୍ରକାଶଯେ, ଆଜକୁ ୨୫ ବର୍ଷ ପୂର୍ବେ ହିଞ୍ଜିଳିକାଟୁର ପ୍ରଭାସିନୀ ଡାକୁଆଙ୍କ କନ୍ୟା ପପିନାଙ୍କୁ ଅଲାଡି ଗାଁର ରବୀନ୍ଦ୍ର ବିବାହ କରିଥିଲେ। ଦୀର୍ଘ ବର୍ଷ ହେଲା ସେ ଗାଁ ଛାଡି ବ୍ରହ୍ମପୁରରେ ଭଡା ଘରେ ରହୁଥିଲେ। ରବୀନ୍ଦ୍ର ଏକ ଘରୋଇ ଶାଢି ଦୋକାନରେ ସେଲ୍ସମ୍ୟାନ୍ ଭାବେ କାର୍ଯ୍ୟ କରୁଥିଲେ। ଏହାକୁ ଛାଡି ଗତ କିଛି ଦିନ ହେଲା ରବୀନ୍ଦ୍ର ହାଇଦ୍ରାବାଦ୍‌ରେ ନିଜ ସାନ ପୁଅ ନିକଟରେ ରହି ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଶନିବାର ସାନ ପୁଅଙ୍କୁ ବାଙ୍ଗାଲୋର୍ ଯାଉଥିବା କହି ବ୍ରହ୍ମପୁର ଆସିଥିଲେ। ରବିବାର ଅପରାହ୍ନ ପ୍ରାୟ ୧ଟାରେ ଘରକୁ ଆସିଥିଲେ। ବଡ଼ପୁଅ ରାହୁଲ ଘରେ ନ ଥିବା ବେଳେ ରବୀନ୍ଦ୍ର ଘରକୁ ଆସି ବ୍ୟାଗ୍ ରଖି ସ୍ତ୍ରୀ ପପିନାଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ବାପା ଗୋପାଳ ଏହାର ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଏକ ଶକ୍ତ ଧକ୍କା ଦେଇଥିଲେ। ଫଳରେ ସେ ମଧ୍ୟ ଆହତ ହୋଇଥିଲେ। ଏହା ପରେ ଏକ ଛୁରିରେ ପପିନାଙ୍କ ଗଳା, ହାତ ଏବଂ ପେଟକୁ ଆକ୍ରମଣ ସହ ହତ୍ୟା କରି ଫେରାର ହୋଇଯାଇଥିଲେ।

ଘଟଣା ସମ୍ପର୍କରେ ପଡିଶା ଲୋକେ ପୁଅ ରାହୁଲଙ୍କୁ ଫୋନ କରିବା ପରେ ସେ ଘରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ଟାଉନ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ପଞ୍ଚନାମା ସହ ସମସ୍ତଙ୍କ ବୟାନ୍ ରେକର୍ଡ କରିଥିଲା। ସୂଚନାଯୋଗ୍ୟ, ରବୀନ୍ଦ୍ରଙ୍କର ଅନ୍ୟ ଜଣେ ମହିଳାଙ୍କ ସହ ସମ୍ପର୍କ ଥିବାରୁ ଏନେଇ ପରିବାରରେ ବିଭିନ୍ନ ସମୟରେ କଳହ ଲାଗି ରହୁଥିଲା ବୋଲି ମୃତା ପପିନାଙ୍କ ମା' ପ୍ରଭାସିନୀ କହିଛନ୍ତି।

# ପୋଖରୀରେ ବୁଡ଼ିଗଲେ ଭଉଣୀଭାଇ

ବୈପାରୀଗୁଡ଼ା,୯।୯(ଡି.ଏନ୍.ଏ.)

ମାଛଚାଷ ପୋଖରୀରେ ବୁଡ଼ିଯାଇ ଭଉଣୀଭାଇଙ୍କ ମୃତ୍ୟୁ ହୋଇଛି। ବୈପାରୀଗୁଡ଼ା ବ୍ଲକ ରାମଗିରି ଗ୍ରାମରେ ରବିବାର ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ବରୁଣ ଗୌଡ଼ଙ୍କ ପୁଅ କାହ୍ନା (୬) ଓ ଝିଅ ଲକ୍ଷ୍ମୀ।

ସୂଚନା ଅନୁଯାୟୀ, ରାମଗିରିଠାରେ ଥିବା ଏକ ଫାର୍ମରେ କାମ କରିବା ସହ ସେଠାରେ ସପରିବାର ରହୁଥିଲେ ବରୁଣ। ରବିବାର ବରୁଣ ଓ ତାଙ୍କ ସ୍ତ୍ରୀ କାମରେ ବ୍ୟସ୍ତ ଥିବାବେଳେ ପୁଅ କାହ୍ନା ଓ ଝିଅ ଲକ୍ଷ୍ମୀ ନିକଟରେ ଖେଳୁଥିଲେ। ତେବେ ଅସାବଧାନତା ବଶତଃ ଉଭୟ ନିକଟସ୍ଥ ମାଛଚାଷ କରାଯାଇଥିବା ପୋଖରୀରେ ପଡ଼ିଯାଇଥିଲେ। କିଛି ସମୟ ପରେ ଘଟଣା ଜଣାପଡ଼ିବା ପରେ ଉଭୟଙ୍କୁ ପୋଖରୀରୁ ଉଦ୍ଧାର କରି ରାମଗିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଭଉଣୀଭାଇଙ୍କୁ ମୃତ ଘୋଷଣା କରିଥିଲେ। ରିପୋର୍ଟ ଲେଖାହେବ ବେଳକୁ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଜୟପୁର ନେବା ପାଇଁ ପ୍ରସ୍ତୁତି ଚାଲିଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ବରୁଣଙ୍କ ନିଜ ଘର ଜୟପୁର ବ୍ଲକ ଫାମ୍ପୁଣି ପଞ୍ଚାୟତ ଘିଉରୀ ଗ୍ରାମ। ବର୍ଷେ ତଳେ ସେ ରାମଗିରି ଆସି ସପରିବାର ରହୁଥିଲେ। ତାଙ୍କର ୨ ପୁଅ ଓ ଗୋଟିଏ ଝିଅ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ମୃତ୍ୟୁ ଘଟଣା ବରୁଣ ଓ ତାଙ୍କ ସ୍ତ୍ରୀଙ୍କୁ ଗଭୀର ଦୁଃଖ ଆଣିଦେଇଛି।

# ଚିଲିକାରେ ହେବ ମିଳିତ ପାଟ୍ରୋଲିଂ



ପୁରୀ ଅଫିସ,୯।୯

**ପର୍ଯ୍ୟଟକ ସୁରକ୍ଷା ଚିନ୍ତା**

ଚିଲିକାରେ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ନୂଆ ଯୋଜନା। ମା' କାଳିଜାଈ ପୀଠ ସମେତ ପକ୍ଷୀ ଅଭୟାରଣ୍ୟ ନଳବଣ ଓ ଡଲ୍‌ଫିନ୍ ପାଇଁ ପ୍ରସିଦ୍ଧ ସାତପଡ଼ା ଆଦି ସମସ୍ତ ଅଞ୍ଚଳରେ ଆରମ୍ଭ ହେବ ପାଟ୍ରୋଲିଂ ବ୍ୟବସ୍ଥା। ଜିଲା ପ୍ରଶାସନ, ଜଙ୍ଗଲ ବିଭାଗ ଏବଂ ପୋଲିସ ପକ୍ଷରୁ ମିଳିତ ଭାବେ ଏହି ପାଟ୍ରୋଲିଂ କରାଯିବ। ଗତ ଫେବୃୟାରୀ ୧୫ରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପର୍ଯ୍ୟଟନ ପରାମର୍ଶଦାତା କମିଟି ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଉକ୍ତ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ଏବେ ପ୍ରକ୍ରିୟା ଆରମ୍ଭ ହୋଇଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ପରିବେଶ ଓ ଜଙ୍ଗଲ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ଗୃହ ସଚିବ, ପୁରୀ ଓ ଗଞ୍ଜାମ ଜିଲାପାଳଙ୍କୁ ଗତ ୨୯ ତାରିଖରେ ଚିଠି ଲେଖାଯାଇଛି। ଏହି ଚିଠି ପାଇବା ପରେ ପୁରୀ ଜିଲାପାଳ ଆସନ୍ତା ୧୧ ତାରିଖରେ ଏକ ବୈଠକ ଡାକିଥିବା ଜଣାପଡିଛି।

ମିଳିଥିବା ସୂଚନାନୁଯାୟୀ, ଏସିଆ ମହାଦେଶର ବୃହତ୍ତମ ଲବଣାକ୍ତ ହ୍ରଦ ଚିଲିକା ରାଜ୍ୟର ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଜିଲାରେ ପରିବ୍ୟାପ୍ତ। ଚିଲିକାର ୧୬ ବର୍ଗ କି.ମି. ବ୍ୟାପ୍ତ ନଳବଣକୁ ୧୯୮୭ରେ ପକ୍ଷୀ ଅଭୟାରଣ୍ୟ ମାନ୍ୟତା ମିଳିଛି। ଏହାର ଜୈବ ବିବଧତା ଓ ପ୍ରାକୃତିକ ପରିବେଶ ପ୍ରତି ଆକୃଷ୍ଟ ହୋଇ ପ୍ରତିବର୍ଷ ଶୀତଋତୁରେ ଦେଶ ବିଦେଶରୁ ୧୫୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପକ୍ଷୀ ଏଠାକୁ ଛୁଟି ଆସିଥାନ୍ତି। ଚିଲିକାର ଅନ୍ୟତମ ଆକର୍ଷଣ ଇର୍‌ୱାଡି ଡଲ୍‌ଫିନ। ଚିଲିକାର ନିଆରା ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ପକ୍ଷୀ ଅଭୟାରଣ୍ୟ ବୁଲିବା ଓ ଡଲ୍‌ଫିନ୍ ଦେଖିବା ପାଇଁ ଚିଲିକା ଏବଂ ସାତପଡ଼ାକୁ ପର୍ଯ୍ୟଟକମାନେ ଆସିଥାନ୍ତି। ପ୍ରାୟ ବର୍ଷସାରା ଏଠାକୁ ଦେଶ ବିଦେଶରୁ ପର୍ଯ୍ୟଟକଙ୍କ ଆଗମନ ଲାଗି ରହିଥାଏ। ବିଶେଷକରି ଅକ୍ଟୋବରରୁ ମାର୍ଚ୍ଚ ମଧ୍ୟରେ ଅଧିକ ଭିଡ଼ ରହିଥାଏ। ମାତ୍ର ଅଧିକାଂଶ ସମୟରେ ପର୍ଯ୍ୟଟକମାନେ ଶୋଷଣ, ଆକ୍ରମଣ ଓ ଦୁର୍ବ୍ୟବହାରର ଶିକାର ହୋଇଥାନ୍ତି। ଏପରି ଅଭିଯୋଗ ବାରମ୍ବାର ଆସିବା ପରେ ପର୍ଯ୍ୟଟକଙ୍କ ସୁରକ୍ଷା ନେଇ ଚିନ୍ତା ବଢ଼ିଛି। ମିଳିତ ପାଟ୍ରୋଲିଂ ବ୍ୟବସ୍ଥା ମାଧ୍ୟମରେ ପର୍ଯ୍ୟଟକଙ୍କୁ ସୁରକ୍ଷା ଯୋଗାଇ ଦେବାସହ ଉତ୍ତମ ସେବା ପ୍ରଦାନ କରିବାକୁ ମଧ୍ୟ ଲକ୍ଷ୍ୟ ରଖାଯାଇଛି। ଚିଲିକାକୁ ଏକ ସୁରକ୍ଷିତ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ସହ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଁ ଆଶା ରଖିଛି ପର୍ଯ୍ୟଟନ ବିଭାଗ।

ଓଡ଼ିଶାର ଘରେ ଘରେ ପରିଚିତ।
ହାଇପାୱାର ହେଭିଡଲ୍ ®
ମଲମ ଓ ଲୋସନ୍
ଯାଦୁ, ପାଣିକନ୍ଦା ଓ ଗୋଡ଼ଫଟା ପାଇଁ ଫଳପ୍ରଦ

Hurry! Few Days Left
Offer closes on 13th September, 2018
The Great Kalamandir
Annual
SALE
is now on!
UP TO 50% OFF
World class fashion at amazing prices!
Set a trend everyday! Choose from the widest range of fashion for the entire family at prices you would just love.
kalamandir ODISHA'S MOST POPULAR FASHION SHOP
କଳାମନ୍ଦିର ଓଡ଼ିଶାର ସବୁଠୁ ଲୋକପ୍ରିୟ ଫ୍ୟାଶନ ଶପ୍
Shop with a smile.
3, Western Market, Bhubaneswar 751009
R K SWAMY BBDO KALA 2863/18
Benarasis | Kanjeevarams | Odissis | Printed Silks | Brocades | Jamevars | South Silks
Gadwals Fancy Sarees | Lehengas | Suitings | Shirtings | Suits | Jackets | Kurta Pyjamas
Sherwanis | Exclusive Readymades | Women's Wear | Kidswear | Furnishings | Dress Materials

TVS


Victor
— ବଡ଼ ବି, ଆଉ ବଢ଼ିଆ ବି —
₹0/-** ପ୍ରୋସେସିଂ ଶୁଳ୍କ ଏବଂ ଡକ୍ୟୁମେଣ୍ଟେସନ୍ ଚାର୍ଜେସ୍
₹7,200/-** କମ ଡାଉନ ପେମେଣ୍ଟ
₹1,500/-* ଛାଡ଼ ବୀମା ଉପରେ ରାଜ୍ୟ ସରକାର କର୍ମଚାରୀ ମାନଙ୍କ ପାଇଁ
Starting from ₹54,735/-#
ବଡ଼ LED DRL ହେଡଲାଇଟ୍
ବଡ଼ ୩ଟି ଭଲଭ୍ ଇଞ୍ଜିନ୍
ସେଗମେଣ୍ଟରେ ସବୁଠାରୁ ବଡ଼ ସିଟ୍
# Ex-showroom price Orissa of TVS Victor Drum BS IV variant. ** Finance at the sole discretion of the financier. Accessories shown may not be part of the standard equipment. * Insurance offer applicable only for State Government Employees. Other terms & conditions apply.
FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BHUBANESWAR: Ashirbad TVS, Ph.: 7735341866, Jyote TVS, Ph: 7735180749, 3S TVS, Ph: 8860629978. PURI: Krishna TVS, Ph: 9861049633. CUTTACK: Arnapurna TVS, Ph: 9778422980, Sai Durga TVS, Ph: 9937117562. KENDRAPADA: Samir TVS, Ph: 8260133307. RAHAMA: Senapati TVS, Ph: 7735969743. JAJPUR ROAD: Subash TVS, Ph.:7735911808. NAYAGARH: Kumar TVS, Ph: 9778728751. CHANDIKHLOE : Sasmita TVS, Ph : 8860793803. Authorised Dealers: CRP Square, Bhubaneswar, Samir Motors, Ph: 0674-2563343, 7537035786; Kakatpur, Manish Automobiles, Ph: 9437112054/06758-231053; Khurda, Swastik Automobiles, Ph: 9861128283, 06755-223244; Baghamari, Maa Mangala Automobiles, Ph: 9238107505; Jagatpur, Sonu Motors, Ph: 9861006854/9337268787; Pattamundai, Shree Durga Auto, Ph: 9938602209; Jajpur Town, Shyama Motors, Ph: 9438366160; Mangalpur, Sanji Motor, Ph : 9853486660; Balipatna, Rita Automobiles, Ph: 0674-2462999, 9338200392; Khandagiri, Sai Auto World, Ph : 0674-2351766, 9338869966(Showroom); Athagarh, Siva Motors, Ph: 9853429148; Salepur, Sarala Motors, Ph: 8018556514; Pipli, Jagannath Motors, Ph: 8093219941; Delang, Ranjana Automobiles, Ph : 9090214582; Jagatsinghpur, Gita Motors, Ph: 06724-222717, 9778802623; Raj Sunakhala, Arnapurna Motors, Ph: 7873510025; Daspalla, Bijayalaxmi Motors, Ph: 9437354285; Rohibank, Maa Laxmi Automobiles, Ph : 9090507765; Kalapathar, Durgananda Communication, Ph: 9776942339; Ranpur, Omm Automobiles, Ph : 9778520193; Paradip, Abhishek Motors, Ph: 9937392207; Nuapatana, Sandeep Motors, Ph: 9937019555; Banki, Charchika Motors, Ph: 9937015536; Jatani, Susil Automobiles, Ph: 8093198397; Balugaon, Satya Narayan Motors, Ph : 9937886712; Singhpur, Sai Motors, Ph : 9439002157; Duburi, Jayshree Motors, Ph : 9439176344; Kujang, Iniva Motors, Ph : 9178402368; Garadpur, Swarnakanti Motors, Ph : 9178194288; Nirakarpur, J K Motors, Ph : 9658971360, 06756-252360; Trisuliya, Ideal Motors, Ph : 9437586155, Khandapada, Spandan Automobiles, Ph : 9853479471, 9937153901; Uttara, Bhubaneswar, Jyote Uttara, Ph: 7440030006; Erasama, Krishna Motors, Ph : 9937084847; Niali, Bharat Automobiles, Ph : 0671-2803357, 9040091921; Puranakatak, Bhairabi Automobiles, Ph : 7873727545, 9439071610; Chandpur, Rashmi Agency, Ph: 9658866993, 9337112565, 9439333723; Sakhigopal, Jagannath Auto, Ph: 9861150706; Nimapara, Ustav Automobiles, Ph : 06758-252044, 9438742101; Konark, Konark Automobiles, Ph : 9078802288; Balichandrapur, Sarthak Motors, Ph : 9439200714; Anandpur, Adyasha Motor, Ph : 9438366880; Nachuni : Shree Traders, Ph : 9337788799, 7008225699; Laxmi Automobiles, Narasinghpur, Ph: 9238545610; Sai Motors, Marshaghai, Ph : 9938837705; Sai Damodar Associates, Kandarpur, Ph : 0671-2802345, 9090098000; Phulnakhara, Dhaitree Associates, Ph : 0671-2356967, 7440037801; Kuakhia, Subas Automobiles, Ph: 8114398333; Bari, L.S.Motors, Ph : 8917596087; Balianta, Pratikshya Motors, Ph : 7328080807; Mandarbasta, Soumya Auto, Ph : 9776483333; Nischintakoili, Gopinath Automobiles, Ph : 9090889132; Chandol, S B Motors, Ph : 9437108541.
McCann/Blr/Tvs/902/09/18

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ନେହା
ପରିବାରବର୍ଗ


ନିରୁପମା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।

## କଂଗ୍ରେସ ରାଜନୈତିକ ନାଟକବାଜି କରୁଛି

ଭୁବନେଶ୍ୱର,୯।୯(ବ୍ୟୁରୋ):ତୈଳଦର ବୃଦ୍ଧିକୁ ନେଇ କଂଗ୍ରେସ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଥିବା ବେଳେ ଭାଜପା ଏହାକୁ ସମାଲୋଚନା କରିଛି । ତୈଳଦର ବୃଦ୍ଧି ପ୍ରତିବାଦରେ ରାଜ୍ୟବ୍ୟାପୀ ବନ୍ଦ ଡାକରା କଂଗ୍ରେସର ରାଜନୈତିକ ନାଟକବାଜି । ରାଜ୍ୟ ସରକାର କାଳବିଳମ୍ବ ନ କରି ସରକାରୀ ପ୍ରାୟୋଜିତ ଅଘୋଷିତ ବନ୍ଦ ପାଇଁ ସ୍କୁଲ, କଲେଜ ବନ୍ଦ ଘୋଷଣା କରିଛନ୍ତି ଏବଂ ଏହାକୁ ସମର୍ଥନ ଜଣାଇଛନ୍ତି ବୋଲି ଭାଜପା ଉପସଭାପତି ସମୀର ମହାନ୍ତି ଅଭିଯୋଗ କରିଛନ୍ତି । ଅନ୍ୟପଟେ ବିଜେଡି ବିଧାୟକ ସମୀର ଦାସ କହିଛନ୍ତି, ତୈଳଦର ବୃଦ୍ଧିକୁ ବିରୋଧ କରି ବିଜୁ ଛାତ୍ର, ଯୁବ ଓ ମହିଳା ସଙ୍ଗଠନ ପକ୍ଷରୁ ୩ଦିନ ଧରି ବିକ୍ଷୋଭ, ପ୍ରତିବାଦ କରାଯାଇଛି । ଆମେ ସତରେ ତୈଳଦର ବୃଦ୍ଧିକୁ ବିରୋଧ କରୁଛୁ କି ନାହିଁ ସେଥିପାଇଁ କଂଗ୍ରେସ ସାର୍ଟିଫିକେଟର ଆବଶ୍ୟକତା ନାହିଁ । କଂଗ୍ରେସ ବିଧାନସଭା ବର୍ଜନ ବନ୍ଦ କରିବାକୁ ଯେଉଁ ଦାବି କରୁଛି ସେ ନିଷ୍ପତ୍ତି ବାଚସ୍ପତି ନେବେ ବୋଲି ଦାସ କହିଛନ୍ତି ।

# ତୈଳ ଦର ବୃଦ୍ଧି ପ୍ରତିବାଦରେ ଆଜି କଂଗ୍ରେସର ବନ୍ଦ ଡାକରା

ଭୁବନେଶ୍ୱର,୯।୯(ବ୍ୟୁରୋ)


ଖବରଦାତା ସମ୍ମିଳନୀରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ବକ୍ତବ୍ୟ ରଖୁଛନ୍ତି ।

- ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଦାୟୀ: ନିରଞ୍ଜନ
- ଶାସକ ଦଳ ସମର୍ଥନ କରୁଥିଲେ ବିଧାନସଭା ବର୍ଜନ କରନ୍ତୁ

ପେଟ୍ରୋଲ, ଡିଜେଲ ଦରବୃଦ୍ଧି ପ୍ରତିବାଦରେ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ସୋମବାର ଭାରତ ବନ୍ଦ ଡାକରା ଦିଆଯାଇଛି । ପ୍ରଦେଶ କଂଗ୍ରେସ ପକ୍ଷରୁ ସୋମବାର ସକାଳ ୬ଟାରୁ ଦିନ ୩ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯିବ । ଏହି ବନ୍ଦ ପାଳନକୁ ସମର୍ଥନ କରିବାକୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ରାଜ୍ୟବାସୀଙ୍କ ସହଯୋଗ ଲୋଡିଛନ୍ତି । ବନ୍ଦ ପାଳନ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ହେବ ବୋଲି ନିରଞ୍ଜନ ସୂଚନା ଦେଇଛନ୍ତି । ଏହାସହ ଆମ୍ବୁଲାନ୍ସ ଏବଂ ଲୋକଙ୍କ ଅତ୍ୟାବଶ୍ୟକୀୟ ଜିନିଷ କ୍ଷୀର ଓ ଔଷଧ ସେବା ବନ୍ଦ କରାଯିବ ନାହିଁ । ଅନ୍ୟପଟେ ତୈଳଦର ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କୁ ମଧ୍ୟ କଡା ଭାଷାରେ କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଛି । ଏହି ବନ୍ଦ ପାଳନକୁ ସମର୍ଥନ କରି ରାଜ୍ୟ ସରକାର ସୋମବାର ବିଧାନସଭା ମୁଲତବୀ କରନ୍ତୁ ବୋଲି ସେ କହିଛନ୍ତି ।

କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନିରଞ୍ଜନ କହିଛନ୍ତି ଯେ, ତୈଳଦର ବୃଦ୍ଧି କରି ମୋଦି ସରକାର ସାଧାରଣ ଜନତାଙ୍କୁ ଲୁଟି ଚାଲିଛନ୍ତି । ଭାଜପା କେବଳ ମୁନାଫା କମାଇ ଚାଲିଛି । ପେଟ୍ରୋଲ, ଡିଜେଲ ଉପରେ ଟିକସ ଲଗାଇ ମୋଦି ସରକାର ୧୧ଲକ୍ଷ କୋଟି ଟଙ୍କାରୁ ଅଧିକ ଲୁଟ କରିଛନ୍ତି । କେନ୍ଦ୍ର ସରକାର ବିଦେଶ ରାଷ୍ଟ୍ରକୁ ଶସ୍ତାରେ ପେଟ୍ରୋଲ, ଡିଜେଲ ବିକ୍ରି କରୁଛନ୍ତି । ନିର୍ବାଚନ ପୂର୍ବରୁ ଭାଜପାର ସ୍ଲୋଗାନ ଏବେ ସାଧାରଣ ଲୋକଙ୍କ ପାଇଁ ନିଷ୍ଠୁର ପରିହାସ ପାଲଟିଛି । ଫଳରେ ସାଧାରଣ ଲୋକ, ମଧ୍ୟମ ବର୍ଗ, କୃଷକ, ପରିବହନକାରୀ ଏବଂ କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟୀମାନେ ଏଥିପାଇଁ ମାତ୍ରାଧିକ ବୋଝ ବହନ କରୁଛନ୍ତି । ମୋଦି ସରକାର ସମୟରେ ପେଟ୍ରୋଲ ଓ ଡିଜେଲ ଦର ଆକାଶଛୁଆଁ ଭାବେ ବୃଦ୍ଧି ପାଇଛି । ଇନ୍ଧନ ଲୁଟ୍ ପାଇଁ ଭାରତୀୟମାନେ ମୋଦି ସରକାରଙ୍କୁ କେବେହେଲେ ଭୁଲିପାରିବେ ନାହିଁ । ଆଗାମୀ ନିର୍ବାଚନରେ ଲୋକମାନେ ଏହାର ଉଚିତ ଜବାବ୍ ଦେବେ ବୋଲି ନିରଞ୍ଜନ କହିଛନ୍ତି ।

ସେ ଆହୁରି କହିଛନ୍ତି ଯେ, କଂଗ୍ରେସ ସଭାପତି ରାହୁଲ ଗାନ୍ଧୀ ପେଟ୍ରୋଲ ଓ ଡିଜେଲକୁ ଜିଏସ୍‌ଟି ଅନ୍ତର୍ଭୁକ୍ତ କରିବାକୁ ଦାବି କରିଛନ୍ତି । ଏହାଦ୍ୱାରା ତୈଳଦର ୧୦ରୁ ୧୫ଟଙ୍କା ହ୍ରାସ ପାଇବ । ସୂଚନା ଅଧିକାର ଆଇନ ବଳରେ ଜଣାପଡିଛି ଯେ, ମୋଦି ସରକାର ୧୫ଟି ବିଦେଶୀ ରାଷ୍ଟ୍ରକୁ ପେଟ୍ରୋଲ ଲିଟର ପିଛା ୩୪ଟଙ୍କାରେ ଏବଂ ୨୯ ରାଷ୍ଟ୍ରକୁ ଡିଜେଲ ଲିଟର ପିଛା ୩୭ ଟଙ୍କାରେ ବିକ୍ରି କରୁଛନ୍ତି । ମୋଦିଙ୍କ ତେଲ ଟିକସ ଶୋଷଣ ମିଶନରେ ରାଜ୍ୟ ସରକାରଙ୍କ ଭାଗୀଦାରି କମ୍ ନୁହେଁ । ବିଜେଡି କେବଳ ଉପର ଦେଖାଣିଆ ଭାବେ ପ୍ରତିବାଦର କୁମ୍ଭୀର କାନ୍ଦଣା କାନ୍ଦୁଛି । ପେଟ୍ରୋଲ, ଡିଜେଲ ଉପରେ ୨୪ପ୍ରତିଶତ ଭାଟ୍ ଏବଂ ସେଲ୍ସଟ୍ୟାକ୍ସ ଆଦାୟ କରିଚାଲିଛନ୍ତି । ୨୦୧୪ରେ ରାଜ୍ୟ ଟିକସ ବାବଦରେ ପେଟ୍ରୋଲ, ଡିଜେଲରୁ ଓଡିଶା ସରକାର ୨୮୬୫କୋଟି ଟଙ୍କା ଆଦାୟ କରୁଥିଲା, ମାତ୍ର ୨୦୧୮ରେ ଏହା ୬୨୦୦ କୋଟିରେ ପହଞ୍ଚିଛି । ଯଦି ବିଜେଡି ପ୍ରକୃତରେ ତୈଳଦର ବୃଦ୍ଧିକୁ ବିରୋଧ କରୁଛି ତେବେ ବିଧାନସଭା ଅଧିବେଶନକୁ ସକାଳ ୧୦.୩୦ରୁ ଦିନ ୩ଟା ପର୍ଯ୍ୟନ୍ତ ବର୍ଜନ କରିବାକୁ ନିରଞ୍ଜନ ଆହ୍ୱାନ ଦେଇଛନ୍ତି । କଂଗ୍ରେସ କର୍ମୀମାନେ ଦଳୀୟ କାର୍ଯ୍ୟାଳୟଠାରୁ ଏକ ବିଶାଳ ରାଲିରେ ବାହାରି ବନ୍ଦ ପାଳନକୁ ସମର୍ଥନ କରିବା ପାଇଁ ଲୋକମାନଙ୍କୁ ଅନୁରୋଧ କରିଛନ୍ତି ।

# ଭାଜପା ଜାତୀୟ କାର୍ଯ୍ୟକାରିଣୀରେ ଓଡ଼ିଶାକୁ ସ୍ୱତନ୍ତ୍ର ଗୁରୁତ୍ୱ

ଭୁବନେଶ୍ୱର,୯।୯(ବ୍ୟୁରୋ)

ସାଧାରଣ ନିର୍ବାଚନ ପାଖେଇ ଆସୁଛି । ଏହାକୁ ନଜରରେ ରଖି ଭାଜପା ତାହାର ରଣନୀତି ପ୍ରସ୍ତୁତ କରିବାରେ ଲାଗିଛି । ଜାତୀୟ କାର୍ଯ୍ୟକାରିଣୀ ରବିବାର ସମାପ୍ତ ହୋଇଛି । ତେଲେଙ୍ଗାନା, ପଶ୍ଚିମବଙ୍ଗ ଏବଂ ଓଡ଼ିଶାକୁ ନେଇ ସ୍ୱତନ୍ତ୍ର ଭାବେ ଆଲୋଚନା ହୋଇଥିବା ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ୍ ଶନିବାର ସୂଚନା ଦେଇଥିଲେ ।

କୌଣସି ପରିସ୍ଥିତିରେ ରାଜ୍ୟରେ ବିଜେଡି ସହିତ ନିର୍ବାଚନୀ ମେଣ୍ଟ ଭାଜପା କରିବ ନାହିଁ । ଆବଶ୍ୟକ ପଡିଲେ ନିର୍ବାଚନୀ ପରିବର୍ତ୍ତୀ ମେଣ୍ଟ ସମ୍ପର୍କରେ ଦଳ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ । ଚଳିତ ମାସ ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଝାରସୁଗୁଡା ଏବଂ ତାଳଚେର ଗସ୍ତରେ ଆସୁଛନ୍ତି । ଏହି ସୁଯୋଗକୁ ହାତଛଡା ନ କରି ରାଜ୍ୟ ଭାଜପା ରାଜନୈତିକ ସଭା କିମ୍ବା କର୍ମକର୍ତ୍ତାଙ୍କ ସହ ସ୍ୱତନ୍ତ୍ର ଆଲୋଚନା ରଖିବା ପାଇଁ ଚେଷ୍ଟା କରୁଛି । ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସିଧାସଳଖ ରାଜନୈତିକ ଆକ୍ରମଣ କରିବେ ନାହିଁ । ହେଲେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଶାହ ଏବଂ ଅନ୍ୟାନ୍ୟ ନେତୃବୃନ୍ଦ ବିଜେଡି ପ୍ରତି କଠୋର ଆଭିମୁଖ୍ୟ ଗ୍ରହଣ କରିବେ । ଏ ନେଇ ବରିଷ୍ଠ ଭାଜପା ନେତା ସୁରେଶ ପୂଜାରୀ କହିଛନ୍ତି ଯେ, ଆଗାମୀ ଦିନରେ ବିଜେଡି ସରକାରର ମୁଖା ଖୋଲି ଦିଆଯିବ । ରାଷ୍ଟ୍ରୀୟ ନେତୃତ୍ୱର ଓଡ଼ିଶା ପ୍ରତି ସ୍ୱତନ୍ତ୍ର ଫୋକସ୍ ରହିଛି । ଆଗାମୀ ସାଧାରଣ ନିର୍ବାଚନରେ ଓଡ଼ିଶାରେ ବିଧାନସଭା ଓ ଲୋକ ସଭାରେ ଭାଜପା ଉନ୍ନତ ପ୍ରଦର୍ଶନ କରିବ ବୋଲି ସୁରେଶ କହିଛନ୍ତି । ବିଜେଡିମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି ଯେ, ରାଜ୍ୟ ଭାଜପାରେ ସର୍ବମାନ୍ୟ ନେତା ନାହାନ୍ତି । ଦେଶସାରା ଭାଜପାର ଲୋକପ୍ରିୟତା କମିବାରେ ଲାଗିଛି । ତେଣୁ ଏଭଳି ଆସ୍ଫାଳନ କରିବା ଭିତ୍ତିହୀନ ।

କଂଗ୍ରେସ ନେତା ମନୋଜ ମହାପାତ୍ର କହିଛନ୍ତି ଯେ, ବିମୁଦ୍ରୀକରଣ ଠାରୁ ଆରମ୍ଭ କରି ରାଜ୍ୟ ସଭା ଉପାଧ୍ୟକ୍ଷ ନିର୍ବାଚନରେ ବିଜେଡି, ଭାଜପା ସହ ରହିଛି । କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସ୍ଥାୟିତ୍ୱ ବିଜେଡିର ଦାୟିତ୍ୱ ହୋଇଛି, ଅନୁରୂପ ଭାବେ ରାଜ୍ୟରେ ନବୀନ ବାବୁଙ୍କ ସ୍ଥାୟିତ୍ୱ ଭାଜପାର ଦାୟିତ୍ୱ ହୋଇଛି । ଏକମାତ୍ର ବିକଳ୍ପ ଭାବେ କଂଗ୍ରେସ ହିଁ ଉଭା ହେବ ବୋଲି ମନୋଜ କହିଛନ୍ତି ।

## ପ୍ରଥମ ପୃଷ୍ଠାରୁ...

### ଡାକ୍ତର କଳିରୁ...

ଏହାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା । ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ମୃତକଙ୍କ ସମ୍ପର୍କୀୟ ବିଧାରପୁରଠାରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ । ଥାନାଧିକାରୀ ନିରୁପମା ଜେନା, ଅତିରିକ୍ତ ତହସିଲଦାର ସୁଶାନ୍ତ ମିଶ୍ର ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ । ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରକୁ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଛି । ଏଥିସହ ପଞ୍ଚାୟତ ପକ୍ଷରୁ ୨ ହଜାର ଟଙ୍କା ଦିଆଯିବ । କାର୍ଯ୍ୟରେ ଅବହେଳା କରିଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରତିଶ୍ରୁତି ଦିଆଯିବା ପରେ ରାତି ୭ଟା ୧୫ରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା । ଏଥିସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ।

ଏ ନେଇ ସିଡିଏମ୍‌ଓ ଡା. ବାସୁଦେବ ବେହେରା କୁହନ୍ତି, ରୋଗୀଙ୍କୁ ହୃଦ୍‌ଘାତ ହୋଇଥିଲା । ଆଉଟ୍‌ଡୋରରେ ଥିବା ଡାକ୍ତର ତାଙ୍କୁ ଚିକିତ୍ସା କରାଇବା ଲାଗି ଉପର ମହଲାରେ ଥିବା ମେଡିସିନ ୱାର୍ଡକୁ ପଠାଇ ଦେଇଥିଲେ । ସେଠାରେ ଥିବା ଡାକ୍ତର ତାଙ୍କୁ ଚିକିତ୍ସା କରିଥିଲେ । କିନ୍ତୁ ରେଫର କରିଥିବା ଡାକ୍ତର କାହିଁକି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଲେ ନାହିଁ, ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ବିଭାଗ ପକ୍ଷରୁ ଏହାର ତଦନ୍ତ କରାଯାଉଛି । ଏ ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରଶାସନିକ ଦାୟିତ୍ୱରେ ଥିବା ହରିହର ନାୟକ କୁହନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶରେ ଘଟଣାର ତଦନ୍ତ କରାଯାଉଛି । ଦୁଇ ଡାକ୍ତରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଏହା ଏକ ଦୁଃଖଦ ଘଟଣା । ତଦନ୍ତ ରିପୋର୍ଟ ଦିଆଯିବା ପରେ ଦୋଷୀଙ୍କ ବିରୋଧରେ ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

**ଛୁଟିଦିନରେ ଡାକ୍ତର ଫେରାର୍ଡି**

ଢେଙ୍କାନାଳ ଜିଲାବାସୀଙ୍କୁ ଉନ୍ନତମାନର ଚିକିତ୍ସା ସେବା ଯୋଗାଇ ଦେବାକୁ ଦକ୍ଷିଣକାଳୀ ରୋଡ୍ ନିକଟରେ ୫୦ କୋଟି ଟଙ୍କା ବ୍ୟୟରେ ଲୋକାର୍ପିତ ହୋଇଛି ୭ମହଲା ବିଶିଷ୍ଟ ସୁପର ସ୍ପେଶିଆଲିଟି ହସ୍ପିଟାଲ । ହେଲେ ରବିବାର ଏବଂ ଅନ୍ୟ ଛୁଟି ଦିନରେ ଗୁରୁତ୍ୱପୂର୍ଣ୍ଣ ବିଭାଗର ଡାକ୍ତରଙ୍କ ଦେଖାମିଳୁନି । ଅଧିକାଂଶ ଡାକ୍ତର ଜିଲା ସଦରରେ ରହୁନାହାନ୍ତି । ଫଳରେ ରୋଗୀ ଜରୁରିକାଳୀନ ଚିକିତ୍ସା ସେବାରୁ ବଞ୍ଚିତ ହେଉଛନ୍ତି । ସେହିପରି ମୁଖ୍ୟ ଚିକିତ୍ସାଳୟରେ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲା ଚିକିତ୍ସାଧିକାରୀ(ମେଡିକାଲ) ନିକଟରେ ଅବସର ଗ୍ରହଣ କରିଛନ୍ତି । ସ୍ୱାସ୍ଥ୍ୟକେନ୍ଦ୍ର ଧୀରେ ଧୀରେ ଲକ୍ଷ୍ୟରୁ ବିଚ୍ୟୁତ ହେଉଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

### ଟିଟୋ ସହଯୋଗୀ...

ସଞ୍ଜୀବ ଯେପରି ଦୀପ୍ତିଙ୍କ ସମ୍ପର୍କରେ ମୁହଁ ନ ଖୋଲନ୍ତି ସେଥିଲାଗି ସେ ତାଙ୍କୁ ଭେଟିବାକୁ ଆସିଥାନ୍ତେ ବୋଲି କୁହାଯାଉଛି । କିନ୍ତୁ ଏ ବିଷୟରେ ବିଶ୍ୱସ୍ତ ସୂତ୍ରରୁ ଏସ୍‌ଟିଏଫ୍ ଖବର ପାଇ ତାଙ୍କ ଘରେ ଚଢ଼ାଉ କରି ତାଙ୍କୁ ଗିରଫ କରିଛି । ଚଢାଉ ବେଳେ ଏସ୍‌ଟିଏଫ୍ ଦୀପ୍ତିଙ୍କ ଘରୁ ଗୋଟିଏ ବନ୍ଧୁକ, ୧୨ ରାଉଣ୍ଡ ଗୁଳି ଓ ନଗଦ ୬୪ ହଜାର ଟଙ୍କା ଜବତ କରିଛି । ଏହାସହ ଦୀପ୍ତିଙ୍କ ଏକାଧିକ ହୋଟେଲରେ ଚଢାଉ କରାଯାଇଛି । ଭୁବନେଶ୍ୱର ପଟିଆଠାରେ ଥିବା ତାଙ୍କର ଏକ ଘରେ ମଧ୍ୟ ଏସ୍‌ଟିଏଫ୍ ଚଢାଉ କରିଥିଲା । ଉକ୍ତ ଘରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ ହୋଇଥିବା ଜଣାପଡିଛି । ଦୀପ୍ତିଙ୍କର ଦାମୀ ବାଇକ୍, ଅଡି କାର୍ ସମେତ ୨ଟି ଦାମୀ କାର ଜବତ କରାଯାଇଛି । ସଞ୍ଜୀବଙ୍କୁ ରିମାଣ୍ଡରେ ଆଣିବା ପରେ ଦୀପ୍ତିଙ୍କ ସହ ମୁହାଁମୁହିଁ ଜେରା କରାଯିବ ବୋଲି ଏସ୍‌ଟିଏଫ୍ ସୂତ୍ରରୁ ସୂଚନା ମିଳିଛି । ଦୁହିଁଙ୍କୁ ପଚରାଉଚରା ପରେ ଟିଟୋଙ୍କ ଅନ୍ୟାନ୍ୟ ଆପରାଧିକ ସାମ୍ରାଜ୍ୟ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିବ । ଏହାସହ ପୂର୍ବ ଥାନା ଅଧିକାରୀ ସଞ୍ଜୀବଙ୍କ ଅପରାଧ ରେକର୍ଡ ମଧ୍ୟ ପଦାକୁ ଆସିପାରିବ । ସେ ଏବଂ ଟିଟୋ ଗୋଆ ଯାଇ କିପରି ମଉଜମସ୍ତି କରୁଥିଲେ ଦିପ୍ତି ତାହାର ତାଲିକା ଦେବେ ବୋଲି ଏସ୍‌ଟିଏଫ୍ କହିଛି ।

ସୂଚନାଯୋଗ୍ୟ, ୮ ବର୍ଷ ହେଲା ଦୀପ୍ତି ଜଗତ୍‌ସିଂହପୁର ଜିଲା ମୁକୁନ୍ଦପୁରରେ ପରିବାର ସହ ରୁହନ୍ତି । ପ୍ରଥମେ ସେ ଜଗତ୍‌ସିଂହପୁରରେ ଏକ ପ୍ଲାଏ ଦୋକାନ କରିଥିଲେ । ୨୦୦୮ରେ ସେ ପ୍ରଥମେ ଆପରାଧିକ କାର୍ଯ୍ୟରେ ଯୋଗଦେଲେ । ପୋଲିସ ସହ ମିଶି ବିଭିନ୍ନ ଅପରାଧରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଖସାଇବାରେ ସେ ମଧ୍ୟସ୍ଥ ସାଜିଥିଲେ । ଧୀରେ ଧୀରେ ସେ ଜଗତ୍‌ସିଂହପୁରରେ ନିଜର ପତିଆରା ବଢ଼ାଇଥିଲେ । ପରେ ଜଗତ୍‌ସିଂହପୁରରେ ଏକ ହୋଟେଲ କରିଥିଲେ । ଏହାପରେ ସେ ବୃନ୍ଦାବନ, ନିର୍ମଳା ଗେଷ୍ଟ ହାଉସ୍ ଓ ଗୋପାଳସାଗର ବଜାରରେ ଜିମ୍ ସେଣ୍ଟର ଖୋଲିଥିଲେ । ପରବର୍ତ୍ତୀ ସମୟରେ ସେ ଟିଟୋଙ୍କ ସହ ଟେଣ୍ଡର ଫିକ୍ସିଂରେ ସାମିଲ ହୋଇଥିଲେ । ସେ ପୋଲିସ ଏବଂ ଟିଟୋଙ୍କ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରିଥିଲେ । ସେ ରାଜ୍ୟ ବାହାରକୁ ଅନେକ ସମୟରେ ଯୁବତୀ ଚାଲାଣ କରିଥିବା ଚର୍ଚ୍ଚା ହେଉଛି । ଏସ୍‌ଟିଏଫ୍ ଏ ନେଇ ଖୋଳତାଡ଼ କରିବ ବୋଲି ସୂଚନା ମିଳିଛି ।

## ବିଦ୍ୟୁତ୍ ଆଘାତରେ ବାପ,ପୁଅଙ୍କ ମୃତ୍ୟୁ

ଭଞ୍ଜନଗର,୯।୯(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଭଞ୍ଜନଗର ଥାନା ବଡ଼ପଡ଼ା ଗ୍ରାମରେ ରବିବାର ସନ୍ଧ୍ୟା ପ୍ରାୟ ୭ଟାରେ ଏକ ଅଘଟଣ ଘଟିଛି । ବିଦ୍ୟୁତ୍ ଆଘାତରେ ବାପ, ପୁଅଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଅଭିମନ୍ୟୁ ପାତ୍ର ଓ ପୁଅ ଜିତେନ୍ଦ୍ର । ରବିବାର ଜିତେନ୍ଦ୍ର ଜମିରୁ କାମ ସାରି ଗାଧୋଇ ଘରକୁ ଫେରିଥିଲେ । ଓଦା ଲୁଗା ଶୁଖାଉଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ । ଏହା ଦେଖି ବାପା ଅଭିମନ୍ୟୁ ପୁଅଙ୍କୁ ଉଦ୍ଧାର କରିବାକୁ ଯାଇ ସେ ମଧ୍ୟ ବିଦ୍ୟୁତ ଆଘାତର ଶିକାର ହୋଇଥିଲେ ।

## classified




**SALE**

Used car for sales. All models, attractive prices, spot finance, free accessories. Call: 9776900444, 9583011021. Conditions apply. D-64147




**SALE**

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

Book duplex (ready to move) Tankapani road, near BJEM-2 school, Ranga bazar. Cost- 55 lakhs with bank finance. 8917360040, 7077074156. D-64125

Immediate ready for construction land at Rasulgarh near Hitech Square (NH-5). 16,20,000/-. 9938771877. D-64307

1300, 2500, 4500 sqft. individual boundary wall residential plot at Canal Road, Hanspal. Owner: 9437033320. D-64308

Duplex starting from 60 lacs* at Jharapada. Limited offer work in full swing. Call: 9583066080, 7008104326. D-64144

1BHK, 2BHK, 3BHK approved flats at Hitech Heaven near Gudiapokhari Chowk, Bhubaneswar. 9040307584, 9778832554. D-8187

4BHK duplex at Balianta (land- 1400 & construction- 2100) @ 50 lakh. 9861022055, 9938219397. D-8318

**PURCHASE**

A reputed realestate company requires land in around Cuttack and Bhubaneswar on basis of outright sharing and marketing contact: 9937816565, 9583944403. D-64131




Fully refreshed/ relaxed body massage by expert therapist, Shastrinagar. 7377984773. D-64116

Rejuvenate and Ayurvedic full body massage by smart therapist. 9114402304. D-64118

Pamper yourself this Mansoon profesional massage. Contact Purple Orchid. 9776598888. D-64117

Bangkok spa special offer 50% off on all 1hrs any full body massage. 9861688844, 8018739084. D-63599

Newly opening ayurvedic body massage in joint pains, smart therapist. 9776383819. D-64132

Newly opening ayurvedic body massage smart therapist, Shree Herbal. 7750020754. D-64133

Herbal full body massage by smart/ expert therapist. Contact: 8338067247. D-64134

Experience full body massage with us by experts. Enquiry: 7377048581. D-64140

Singar massage club fully relaxed by expert lady also home service available. Contact: 9937637219. D-8319

Ayurvedic full body massage ladies / gents smart expert therapist. 9114697517. D-63068

Sonali ayurvedic full body massage/ smart lady expert therapist. Best facility. 9661643016, 9572698260, 9934132232, 9631368840. D-8096

All type of massage and good therapy full body massage Sai herbal spa. 7609005923. D-64202

**LOST**

I, Sikta Kar, D/o- Prof. N.Kar have lost my original Migration Certificate issued by Ravenshaw University somewhere in Mahanadi Vihar area of Cuttack. If anybody finds, please contact on 8837334156. D-8321

**ଜନ୍ମଦିନ ଶୁଭେଚ୍ଛା**


(ପାଗୁଲୁ)
ଗାର୍ଗୀଗୁଞ୍ଜନ
ବାଲିଅନ୍ତା (ଅଣ୍ଡିଲୋ)
ଆଜି ତୋର ପ୍ରଥମ ଜନ୍ମବାର୍ଷିକୀ ପୂର୍ତ୍ତି ଅବସରରେ ପ୍ରଭୁ ଶ୍ରୀନିକୁଞ୍ଜବିହାରୀ ତୋ ଚଲାପଥ କୁସୁମିତ କରନ୍ତୁ । ଶୁଭେଚ୍ଛା ସହ: ଜେଜେମା- ଲକ୍ଷ୍ମୀପ୍ରିୟା ବେହେରା, ଜେଜେ- ଗନ୍ଧର୍ବ, ଅଜା, ଆଈ, ମାମୁ, ବଡବାପା, ବଡମାମା, ପିଉସା, ପିଉସୀ, ଆର୍ଯ୍ୟା ଓ ଦିବ୍ୟା, ଦିଦି, ମାମା, ବାପା । ଧ-୪୬୭୫୫

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଅସ୍ତଗତ ଚନ୍ଦ୍ର ପାପଗ୍ରହ ଯୁକ୍ତ ମଙ୍ଗଳ ଦୃଷ୍ଟିରେ ରହି ମାନସିକ ଅସ୍ଥିରତାଜନିତ ଉଦ୍‌ବେଗ ସୃଷ୍ଟି କରିବ । ପରୋକ୍ଷଭାବେ ଶତ୍ରୁତା କରୁଥିବା ଲୋକମାନଙ୍କ ଠାରୁ ଯଥା ସମ୍ଭବ ଦୂରେଇ ରହିବା ଭଲ ହେବ । ଆପଣଙ୍କ କାର୍ଯ୍ୟ ସକାଶେ କୌଣସି ବନ୍ଧୁ ସ୍ୱତଃପ୍ରବୃତ୍ତ ଭାବରେ ସାହାଯ୍ୟ କରିବାକୁ ଆଗେଇ ଆସିବେ । ସନ୍ତାନଙ୍କ ଖୁସିରେ ଖୁସୀ ହୋଇପାରନ୍ତି ।

**ବୃଷ** ସନ୍ତାନମାନଙ୍କ ସମସ୍ୟା ସମାଧାନର ଚିନ୍ତା ମନକୁ ଆନ୍ଦୋଳିତ କରିବ । ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇ ଆନନ୍ଦ ଅନୁଭବ କରିବେ । ଆଗାମୀ କାଲିର ଆନୁଷ୍ଠାନିକ କାର୍ଯ୍ୟ ସକାଶେ ପ୍ରସ୍ତୁତିପର୍ବ ଜୋରଦାର କରିପାରନ୍ତି । ଯାତ୍ରା, ବାଣିଜ୍ୟ, ସ୍ଥଗିତକାର୍ଯ୍ୟ ଓ ବିବାଦୀୟ ଘଟଣାକୁ ନେଇ ବ୍ୟସ୍ତତା ଲାଗିରହିବ ।

**ମିଥୁନ** ବନ୍ଧୁଙ୍କ ପ୍ରେରଣାରେ କୌଣସି ନୂତନ କାମ ଆରମ୍ଭ କରିବା ସକାଶେ ଚେଷ୍ଟା କରିପାରନ୍ତି । ପାରିବାରିକ କ୍ଷେତ୍ରରେ କୌଣସି ସମସ୍ୟାକୁ ସହଜରେ ସମାଧାନ କରିବାରେ ସଫଳ ହେବେ । ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ । ଉପସ୍ଥିତ ସମସ୍ୟା ସମାଧାନ କ୍ଷେତ୍ରରେ ଉପରିସ୍ଥ କର୍ମଚାରୀଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି ।

**କର୍କଟ** ପରୋକ୍ଷ ଶତ୍ରୁତା କାରଣରୁ ପ୍ରତ୍ୟେକ ସ୍ତରରେ ସମସ୍ତ ପ୍ରକାରର ସୁବିଧା ଥିଲେ ମଧ୍ୟ କେତେକ କାମ ଅଧୁରା ରହିଯିବ । ଶିଳ୍ପ, ବ୍ୟବସାୟ, ପରିବହନ, କ୍ରୀଡା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନର ଆଶା ରହିଛି । ତର୍କବିତର୍କ ମଧ୍ୟରେ ପରିବାରରେ ଅନ୍ତର୍ଦ୍ୱନ୍ଦ୍ୱ ରହିବ । ଅଧିକାଂଶ କ୍ଷେତ୍ରରେ ମନକୁ ବୁଝାଇ ରହିବାକୁ ବାଧ୍ୟ ହେବେ ।

**ସିଂହ** ସମସ୍ତ ପ୍ରକାରର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିବାରେ ବିଫଳ ହେବେ । ପୂର୍ବର କଳହ ସମ୍ପୂର୍ଣ୍ଣ ଥମି ନ ଥିବା ହେତୁ ପାରିବାରିକ ସ୍ଥିରତା ହଠାତ୍ ଆସି ନ ପାରେ । ସାହିତ୍ୟ,କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ । ହଠାତ୍ କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହୁଅନ୍ତୁ ନାହିଁ, ଯାହାକି ଅନର୍ଥର କାରଣ ହୋଇପାରେ ।

**କନ୍ୟା** ସାମାଜିକ ସ୍ତରରେ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି । ଜମିଜମା, କିମ୍ବା ଘରଭଡାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ । ଯାନ୍ତ୍ରିକ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ । ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ନିୟନ୍ତ୍ରିତ ହେବାରୁ ମାନସିକ ସ୍ତରରେ ଆଶ୍ୱସ୍ତି ଅନୁଭବ କରିବେ ।

**ତୁଳା** ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିବା ସହ ପ୍ରିୟଜନଙ୍କ ଶୁଭବାର୍ତ୍ତା ମନକୁ ଆହ୍ଲାଦିତ କରିବ । ଚିତ୍ରା ନକ୍ଷତ୍ର ଅଯଥା ଗୁଡିଏ ପୁରୁଣାକଥାକୁ ମନ ଭିତରେ ସ୍ଥାନ ଦେବା କାରଣରୁ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ । ନିଜ ପରିସରରେ କଳହ ଲାଗିଥିବା ବନ୍ଧୁ ପ୍ରତି ସତର୍କ ରୁହନ୍ତୁ । ବ୍ୟବସାୟ ଓ ପରିବହନ ତଥା କଳା ସାହିତ୍ୟରେ ପ୍ରଶଂସିତ ହେବେ ।

**ବିଛା** କର୍ମକ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ବନ୍ଧୁମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ । ମନୋରଞ୍ଜନ, ଯାତ୍ରା, ବନ୍ଧୁମିଳନ, ଆଲୋଚନା କିମ୍ବା ସଭା ସମିତିରେ ଆଗ୍ରହୀ ହୋଇପାରନ୍ତି । ପାରିବାରିକ କ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନରେ ଟେନଶନ୍ ବଢିପାରେ । ମାଲିମକଦ୍ଦମାରେ ବିଜୟ ପ୍ରାପ୍ତିର ଆଶା ରହିଛି ।

**ଧନୁ** ଦୀର୍ଘଦିନର ଆଶା ଓ ଅଭିଳାଷକୁ ପୂରଣ କରିବା ଦିଗରେ ଚେଷ୍ଟିତ ହେବେ । ଏହି ଦିଗରେ ବନ୍ଧୁମାନଙ୍କ ସହଯୋଗ ରହିବ । କର୍ମକ୍ଷେତ୍ରର ବିବାଦୀୟ ଘଟଣା ସକାଶେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ । ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କାମ କରନ୍ତୁ, ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବ ।

**ମକର** ଅଭାବ ଲାଗି ରହିଥିଲେ ମଧ୍ୟ ଧାର କରଜ କରି କାମ ତୁଲାଇ ନେବେ । ପୂର୍ବଶତ୍ରୁତାରୁ ସମ୍ପର୍କୀୟମାନେ ପାଖ ମାଡିବେ ନାହିଁ । ପାରିବାରିକ କ୍ଷେତ୍ର, ସାମାଜିକ ସ୍ଥିତି, ଅର୍ଥନୈତିକ ପରିସ୍ଥିତି ଭଲ ରହିବ । ବାଣିଜ୍ୟ, ପରିବହନ ତଥା ବ୍ୟବସାୟିକ ଦିଗରୁ ଲାଭବାନ ହେବେ । ଯାନ ବାହନରେ ସତର୍କ ରୁହନ୍ତୁ, ଅନ୍ୟଥା ସମସ୍ୟା ଆସିପାରେ ।

**କୁମ୍ଭ** ଗୃହକର୍ତ୍ତାଙ୍କ ପରାମର୍ଶକ୍ରମେ ଆଜି ହଠାତ୍ ନୂତନ କର୍ମସଂସ୍ଥାନ ପାଇଁ ମନ ଦେଇ ପାରନ୍ତି । ପାରିବାରିକ କ୍ଷେତ୍ରରେ କାହାର ଛୋଟ କଥାକୁ ଧରି ବସନ୍ତୁ ନାହିଁ । ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ ଅନ୍ୟଥା ପଶ୍ଚାତେ ଅନୁତାପ କରିବାକୁ ପଡିପାରେ । ଶିଳ୍ପ,ବ୍ୟବସାୟ, କଚେରି ମାମଲା ଓ ପରିବହନରୁ ଲାଭବାନ୍ ହେବେ ।

**ମୀନ** ଈର୍ଷାପରାୟଣ ସହକର୍ମୀଙ୍କ ପରୋକ୍ଷ ଅସହିଷ୍ଣୁତା ହେତୁ କାମରେ ପ୍ରତିବନ୍ଧକ ଯୋଗୁ ଆଶାନୁଯାୟୀ ଅଗ୍ରଗତି ହୋଇ ପାରିବ ନାହିଁ । ବନ୍ଧୁମାନଙ୍କ ଉପରେ ଭରସା କରି ଶେଷରେ ନିରାଶ ହେତୁ ମାନସିକ କ୍ଷୋଭ ଉପୁନ୍ନ ହେବ । ବାଣିଜ୍ୟ, ବ୍ୟବସାୟରେ ଲାଭ ମିଳିବ, ମାତ୍ର ପରିସ୍ଥିତି ବଶତଃ ଅନ୍ୟ ବାଟରେ ବ୍ୟୟ ହେବାର ସୂଚନା ରହିଛି ।

ଆଜି ଭାଦ୍ରବ ଶୁକ୍ଳ ପ୍ରତିପଦା ସୋମବାର, ଶ୍ରୀମନ୍ଦିରରେ ଦାବାଗ୍ନି ଲୀଳା, ସେପ୍ଟେମ୍ବର ୧୦ ତାରିଖ, ବିଶ୍ୱ ଆତ୍ମହତ୍ୟା ନିରୋଧୀ ଦିବସ, ରାଶି, ନକ୍ଷତ୍ର-ଉତ୍ତରାଫାଲ୍‌ଗୁନୀ/ସିଂହ, ଦିବା ଘ ୧୧ ।୨୭ମି. ପରେ କନ୍ୟା ଚନ୍ଦ୍ର, ମିଥୁନ ରାଶିର ଘାତବାର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ୬ ।୫୨ମି. ମଧ୍ୟେ ଘ୧ ।୫୨ମି. ଗତେ, ଘ୨ ।୪୫ମି. ମଧ୍ୟେ ଘ୪ ।୪୬ମି. ଗତେ, ଘ୬ ।୨୪ମି. ମଧ୍ୟେ ଅମୃତବେଳା । ଦିବା ଘ୮ ।୩୦ମି. ଗତେ ଘ୧୦ ।୦୪ମି. ମଧ୍ୟେ ମାହେନ୍ଦ୍ରବେଳା, ସକାଳ ଘ୭ ।୦୮ମି. ଗତେ ଘ୮ ।୪୦ମି. ମଧ୍ୟେ ରାହୁକାଳ ।



ପ୍ରତିରକ୍ଷା କ୍ଷେତ୍ରରେ କିଛିଦିନ ନିଜର ଶକ୍ତି କମ୍ ହୋଇଯାଇଥିବା ଲକ୍ଷ୍ୟକରି ଏବେ ପୁଣି ଥରେ ଶକ୍ତି ବଢାଇବାକୁ ଚେଷ୍ଟା କରିଛି ରୁଷ। ଏଥିପାଇଁ ଦେଶ ଏକ ବଡ ଯୁଦ୍ଧାଭ୍ୟାସର ଆୟୋଜନ କରିଛି। ସେପ୍ଟେମ୍ବର ୧୧ରୁ ୧୭ ମଧ୍ୟରେ ଏହା କରାଯିବ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ଏହାକୁ ନେଇ ୟୁରୋପୀୟ ଦେଶ ସହ ନାଟୋ ମଧ୍ୟ ଅରାଜି ହୋଇଛନ୍ତି। ଏହା ନାଟୋକୁ ଲକ୍ଷ୍ୟ କରି କରାଯାଇଥିବା ଆଲୋଚନା ହେଉଛି।



## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ୨ ମୃତ

**ପାଲଲହଡ଼ା/ବନ୍ତଲା, ୯।୯(ଡି.ଏନ.ଏ.):** ଅନୁଗୋଳ ଜିଲା ପାଲଲହଡା ଓ ବନ୍ତଲା ଅଞ୍ଚଳରେ ରବିବାର ବିଦ୍ୟୁତ୍ ଆଘାତରେ ୨ଜଣଙ୍କ ଜୀବନ ଯାଇଛି। ଜଣେ ଘରେ ଫ୍ୟାନ ପାଇଁ ଟଣାଯାଇଥିବା ତାରରେ ଲାଗି ପ୍ରାଣ ହରାଇଥିବା ବେଳେ ଅନ୍ୟଜଣେ ବିଲକୁ ପାଣି ମଡ଼ାଇବାକୁ ଯାଇ ମୃତ୍ୟୁର ଶିକାର ହୋଇଛନ୍ତି। ପ୍ରକାଶ ଯେ, ପାଲଲହଡ଼ା ଉପକଣ୍ଠ ବଡଝାର ଗ୍ରାମର ବିଜୟ ନାଏକଙ୍କ ଝିଅ ରାଣୀ ନାଏକ(୮) ଅପରାହ୍ନ ପ୍ରାୟ ୧ଟା ବେଳେ ଘରେ ଥିବା ବେଳେ କୌଣସି କାରଣରୁ ଫ୍ୟାନ ପାଇଁ ଟଣା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପାଲଲହଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ନଂ. ୨୪/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସେହିପରି ଅନୁଗୋଳ ପୁରୁଣାକୋଟ ଥାନା ଶରଧାପୁର ପଞ୍ଚାୟତ ଗୁରୁଧି ଗ୍ରାମର ଚାଷୀ ସୁଜିତ୍ କୁମାର ବେହେରା(୨୫) ସକାଳେ ବଗିଚାକୁ ପାଣି ମଡ଼ାଇବା ପାଇଁ ଯାଇଥିଲେ। ସେ ଟ୍ରାନ୍ସଫର୍ମର ନିକଟରେ ଥିବା ସୁଇଚ ମାରିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଘଟଣାସ୍ଥଳରେ ବିଦ୍ୟୁତ୍ ବିଭାଗର କର୍ମଚାରୀ ପହଞ୍ଚି ତଦନ୍ତ ଚଳାଇଛନ୍ତି।

# ସଚିବାଳୟରେ କାର୍ଯ୍ୟକାରୀ ହେଉନାହିଁ ବଦଳି ନିୟମ

- ମୁଖ୍ୟ ଶାସନ ସଚିବ, ଗୃହ ସଚିବଙ୍କ ତାଗିଦ୍
- ଏକାଧିକ ବିଭାଗୀୟ ଖର୍ଚ୍ଚ କମିଛି

**ଭୁବନେଶ୍ୱର,୯।୯(ବ୍ୟୁରୋ)**

ସଚିବାଳୟ କର୍ମଚାରୀମାନଙ୍କ ୧୦ ବର୍ଷରେ ଆନ୍ତଃ ବିଭାଗୀୟ ବଦଳି ନିୟମ ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ପ୍ରତିବର୍ଷ ମେ' ପହିଲା ସୁଦ୍ଧା ଗୋଟିଏ ବିଭାଗରେ ୧୦ ବର୍ଷ ଧରି କାର୍ଯ୍ୟରତ ଥିବା ଅଧିକାରୀମାନେ ଭାରମୁକ୍ତ ହେବା କଥା। ହେଲେ ଚଳିତ ବର୍ଷ ଉକ୍ତ ସମୟରେ ୪ମାସ ବିତିଯାଇଥିଲେ ବି ବଦଳି ଆଦେଶନାମା ପାଇଥିବା ଅଧିକାରୀମାନେ ଭାରମୁକ୍ତ ହୋଇନାହାନ୍ତି। ଯାହାକୁ ନେଇ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଗତମାସରେ ହୋଇଥିବା ସଚିବ ଏବଂ ସ୍ୱତନ୍ତ୍ର ସଚିବ ବୈଠକରେ ଉଦ୍‌ବେଗ ପ୍ରକାଶ କରିଥିଲେ। ଅଗଷ୍ଟ ୨୫ରେ ଯୋଜନା ଓ ସଂଯୋଜନା ବିଭାଗୀୟ ଯୁଗ୍ମ ସଚିବ ଡି. ଦାସ ମହାପାତ୍ର ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କୁ ଦେଇଥିବା ବୈଠକ ବିବରଣୀରୁ ଏହା ସ୍ପଷ୍ଟ ହୋଇଯାଇଛି।

ଉକ୍ତ ବୈଠକରେ ବଦଳି ଆଦେଶ ପାଇଥିବା ସମସ୍ତ କର୍ମଚାରୀଙ୍କୁ ଭାରମୁକ୍ତ କରିବା ପାଇଁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ୨୦୧୫ରେ ଗୃହ ବିଭାଗର ଦାୟିତ୍ୱ ନେବା ପରେ ସଚିବାଳୟ ସେବା ବର୍ଗର କର୍ମଚାରୀଙ୍କ ପାଇଁ ଏକ ବଦଳି ନୀତି ପ୍ରସ୍ତୁତ କରିଥିଲେ। ସଚିବାଳୟ ପ୍ରଶାସନରେ ସ୍ୱଚ୍ଛତା ସାଙ୍ଗକୁ କର୍ମଚାରୀମାନଙ୍କୁ ଭିନ୍ନ ଭିନ୍ନ ବିଭାଗର ଅଭିଜ୍ଞତା ଦେବା ବଦଳି ନୀତିର ମୂଳ ଉଦ୍ଦେଶ୍ୟ ଥିଲା। ହେଲେ ଏହି ଉଦ୍ଦେଶ୍ୟ କାର୍ଯ୍ୟକାରୀ ହେଉ ନ ଥିବା ସ୍ପଷ୍ଟ ହୋଇଯାଇଛି। ଦେଖାଯାଉଛି ଯେ, ଅନେକ ସମୟରେ ବିଭାଗୀୟ ଉଚ୍ଚ ପଦସ୍ଥ ପ୍ରଶାସନିକ ଅଧିକାରୀ ଏବଂ କର୍ମଚାରୀ ସଂଘ ବଦଳି ନିୟମକୁ ସମର୍ଥନ କରୁନାହାନ୍ତି। ବିଭିନ୍ନ ସମୟରେ ନିୟମକୁ କଦର୍ଥ କରି ଗୋଟିଏ ବିଭାଗରେ ଏକାଧିକ କର୍ମଚାରୀ ୧୦ରୁ ୧୫ ବର୍ଷ ରହୁଛନ୍ତି। ଅର୍ଥ, ସ୍ୱାସ୍ଥ୍ୟ, ନଗର ଉନ୍ନୟନ, ଉଚ୍ଚଶିକ୍ଷା, ଗଣଶିକ୍ଷା ସାଙ୍ଗକୁ ନିୟମ ପ୍ରଣୟନ କରିଥିବା ଖୋଦ୍ ଗୃହ ବିଭାଗରେ ଏଭଳି ବ୍ୟତିକ୍ରମ ଦେଖିବାକୁ ମିଳିଛି।

ଏତଦ୍ ବ୍ୟତୀତ ଉକ୍ତ ବୈଠକରେ ଅନ୍ୟ ବହୁ ପ୍ରସଙ୍ଗରେ ମଧ୍ୟ ଉଦ୍‌ବେଗ ପ୍ରକାଶ ପାଇଛି। ବଜେଟ ୨୦୧୮-୧୯ରେ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ଥିବା କାର୍ଯ୍ୟକ୍ରମଭିତ୍ତିକ ଖର୍ଚ୍ଚ ଜୁଲାଇ ଶେଷ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ଠାରୁ ପୂର୍ବବର୍ଷ ତୁଳନାରେ ୮.୨୧ ପ୍ରତିଶତ କମ୍ ହୋଇଛି। କୃଷି ସହ ଜଡିତ ଥିବା ଜଳସେଚନ ବିଭାଗୀୟ ଖର୍ଚ୍ଚ ପରିମାଣ ପୂର୍ବାପେକ୍ଷା ୨୪.୮୬ ପ୍ରତିଶତ କମିବା କାରଣରୁ ଏହା ହୋଇଥିବା ଜଣାପଡିଛି। ସେହିପରି ପୂର୍ବବର୍ଷ ଅପେକ୍ଷା ଭିତ୍ତିଭୂମିରେ ଜୁଲାଇ ଶେଷ ସୁଦ୍ଧା ଖର୍ଚ୍ଚର ପରିମାଣ ୩.୪୮ ପ୍ରତିଶତ କମିଛି। ସମାନ ସମୟରେ ପୂର୍ତ୍ତ ବିଭାଗର କାର୍ଯ୍ୟକ୍ରମ ଭିତ୍ତିକ ଖର୍ଚ୍ଚ ପୂର୍ବବର୍ଷ ଅପେକ୍ଷା ୩୪.୭୫ ଓ ଗ୍ରାମ ଉନ୍ନୟନ ବିଭାଗର ଖର୍ଚ୍ଚରେ ୩.୪୯ ପ୍ରତିଶତ କମିଛି। ଉଭୟ ବିଭାଗକୁ ଖର୍ଚ୍ଚ ପରିମାଣ ବୃଦ୍ଧି କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି। ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଖର୍ଚ୍ଚର ପରିମାଣ ପୂର୍ବ ବର୍ଷ ଅପେକ୍ଷା ଯଥାକ୍ରମେ ୩୭.୦୨ ପ୍ରତିଶତ ଏବଂ ୪୨.୯୩ ପ୍ରତିଶତ କମିଛି। ଏହି ଧାରାରେ ଉନ୍ନତି ଆଣିବା ପାଇଁ ଉଭୟ ବିଭାଗକୁ ତାଗିଦ୍ କରାଯାଇଥିବା ଜଣାପଡିଛି।

# ମହାପ୍ରଭୁଙ୍କୁ ଲାଗି ହେଲା ସାତପୁରି ପିଠା

**ପୁରୀ ଅଫିସ, ୯।୯**

ସାତପୁରି ଅମାବାସ୍ୟାରେ ରବିବାର ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଲାଗି ହୋଇଛି ସାତପୁରି ପିଠା। ସେହିଭଳି ଅମାବାସ୍ୟା ନାରାୟଣ ସାଗର ବିଜେ କରିଛନ୍ତି। ଏଥିସହ ଶ୍ରୀମନ୍ଦିରରେ ଚାଲିଥିବା ଶ୍ରୀକୃଷ୍ଣ ଲୀଳାରେ ବସ୍ତ୍ରହରଣ ନୀତି ଅନୁଷ୍ଠିତ ହୋଇଛି।

ଅବକାଶ ନୀତି ସମ୍ପନ୍ନ ହେବା ପରେ ୩ ବାଡ଼ରେ ବେଶ ବଢି ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା। ସାତପୁରି ରୋଷରେ ରୋଷ ହୋମ ସମ୍ପନ୍ନ ହୋଇ ସେଠାରେ ସାତପୁରି ପିଠା ପ୍ରସ୍ତୁତ ହୋଇଥିଲା। ସକାଳ ଧୂପରେ ସାତପୁରି ଭୋଗ ଟାଟ ରୋଷରୁ ମହାପ୍ରଭୁଙ୍କ ନିକଟକୁ ଆସିଥିଲା। ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ଷୋଡ଼ଶ ଉପଚାରରେ ମଣୋହୀ କରିଥିଲେ। ଭିତର ଆଳତି ବଢିବା ପରେ ପୂଜାପଣ୍ଡା, ମୁଦିରସ୍ତ ଏବଂ ପତି ମହାପାତ୍ର ୩ ବାଡରେ ବନ୍ଦାପନା କରିଥିଲେ।



ସାତପୁରି ଅମାବାସ୍ୟା ଅବସରରେ ରବିବାର ଅମାବାସ୍ୟା ନାରାୟଣଙ୍କୁ ଶ୍ରୀମନ୍ଦିରରୁ ନିତି ପାଇଁ ମହୋଦଧିକୁ ନିଆଯାଉଛି।

**ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ:** ମହୋଦଧି ତଥା ସମୁଦ୍ର ହେଉଛନ୍ତି ମହାପ୍ରଭୁଙ୍କ ଶ୍ୱଶୁର। ଆଜି ସାତପୁରି ଅମାବାସ୍ୟାରେ ଅମାବାସ୍ୟା ନାରାୟଣ ସାଗର (ସମୁଦ୍ର) ବିଜେ କରିଛନ୍ତି। ଶ୍ରୀମନ୍ଦିରରେ ସକାଳ ଧୂପ ପରେ ଦକ୍ଷିଣୀଘରୁ ଅମାବାସ୍ୟା ନାରାୟଣ ରତ୍ନସିଂହାସନକୁ ବିଜେ ହୋଇଥିଲେ। ସେଠାରେ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ନାରାୟଣ ବଟମୂଳେ ଥିବା ପାଲିଙ୍କିରେ ବିଜେ କରିଥିଲେ। ବିମାନବଡୁମାନେ ପାଲିଙ୍କିକୁ ସମୁଦ୍ରକୂଳକୁ ବିଜେ କରାଇଥିଲେ। ଶ୍ରୀମନ୍ଦିରରୁ ଯାଇଥିବା ମହାପ୍ରଭୁଙ୍କ ଆଜ୍ଞାମାଳ ସମୁଦ୍ରଙ୍କୁ ପ୍ରଦାନ କରାଯାଇଥିଲା। ଏହାପରେ ଗରାବଡୁ ସେବକ ରୁପା ପିଙ୍ଗଣରେ ସମୁଦ୍ର ଜଳ ଆଣିଥିଲେ। ଏହି ଜଳକୁ ପୂଜାପଣ୍ଡା ସାମନ୍ତ ସଂସ୍କାର କରି ନାରାୟଣଙ୍କ ପାଦଧୌତ କରିଥିଲେ। ପଞ୍ଚୁପାଣ୍ଡବ ସାବତ ନିଯୋଗ ପକ୍ଷରୁ ପଣାଭୋଗ ସମର୍ପଣ କରାଯାଇଥିଲା। ଏହାପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥିଲେ।

**ବସ୍ତ୍ରହରଣ ଲୀଳା:** ଶ୍ରୀମନ୍ଦିରରେ ସନ୍ଧ୍ୟା ଧୂପ ନୀତି ବଢିବା ପରେ ମଦନମୋହନ ସିଂହାସନ ଉପରକୁ ବିଜେ କରିଥିଲେ। ସେଠାରୁ ଆଜ୍ଞାମାଳ ପାଇ ଉତ୍ତର ପାର୍ଶ୍ୱ ନାଟପା ମନ୍ଦିର ଖଟ ଉପରକୁ ବିଜେ ହୋଇଥିଲେ। ସେଠାରେ ବସ୍ତ୍ର ହରଣ ଲୀଳା ଅନୁଷ୍ଠିତ ହୋଇଥିଲା। ଗୋପପୁରରେ ଗୋପୀମାନେ ଗାଧୋଉଥିବାବେଳେ ତାଙ୍କ ବସ୍ତ୍ରକୁ ଶ୍ରୀକୃଷ୍ଣ ହରଣ କରି ନେଇଥିଲେ। ଏହି ନୀତି ସମ୍ପନ୍ନ ପରେ ଶୀତଳ ଭୋଗ ବନ୍ଦାପନା ହୋଇଥିଲା। ଏହାପରେ ମଦନମୋହନ ଦକ୍ଷିଣୀ ଘରକୁ ବିଜେ କରିଥିଲେ।

# ହସ୍ପିଟାଲ ପରିସରରୁ ୭ ମଣିଷ ଖପୁରି ଜବତ



ଜବତ ହୋଇଥିବା ଖପୁରି।

- ଫିଙ୍ଗିଦେଇଥିଲେ ଅଜଣା ବ୍ୟକ୍ତି
- ଜଣେ ମହିଳାଙ୍କର ସମ୍ପୃକ୍ତି ଥିବା ସନ୍ଦେହ
- ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଆରମ୍ଭ

**ପୁରୀ ଅଫିସ, ୯।୯**

ପୁରୀରୁ ପୁଣି ମିଳିଛି ଏକାଧିକ ଖପୁରି। ସମୁଦ୍ରକୂଳ ଥାନା ଅନ୍ତର୍ଗତ ଷ୍ଟେଶନ ରୋଡ୍‌ସ୍ଥିତ କମଳାଦେବୀ ମାତୃମଙ୍ଗଳ କେନ୍ଦ୍ର(ହସ୍‌ପିଟାଲ) ପରିସରରୁ ରବିବାର ୭ ମଣିଷ ଖପୁରି ଜବତ ହୋଇଛି। ହସ୍ପିଟାଲରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ଯାଞ୍ଚରୁ କେହି ଜଣେ ବ୍ୟକ୍ତି ଏକ ବାଇକ୍‌ରେ ଆସି ଜରି ବସ୍ତାରେ ଖପୁରିଗୁଡିକୁ ଆଣି ସେଠାରେ ଫିଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ତେବେ ଉକ୍ତ ବ୍ୟକ୍ତି ଜଣକ କିଏ, ଏତେ ଖପୁରି କେଉଁଠୁ ଆଣିଲେ ଓ କାହିଁକି ଏଠାରେ ଫିଙ୍ଗିଦେଇ ପଳାଇଥିଲେ ତାହାକୁ ନେଇ ପୋଲିସ ଅଧିକ ଖୋଳତାଡ଼ ଚଳାଇଛି। ପୂର୍ବରୁ ସିଦ୍ଧ ମହାବୀର ଅଞ୍ଚଳରୁ ୨୫ରୁ ଊର୍ଦ୍ଧ୍ୱ ମଣିଷ ଖପୁରି ମିଳିଥିଲା। ଉକ୍ତ ଘଟଣାରେ ପୋଲିସ ଏଯାଏ ସାମାନ୍ୟତମ ସୁରାକ ପାଇପାରି ନ ଥିବାବେଳେ ଏବେ ପୁଣି ଖପୁରି ଜବତ ଘଟଣା ପଛରେ ବଡ଼ ରହସ୍ୟ ଲୁଚି ରହିଥିବା ଚର୍ଚ୍ଚା ଚାଲିଛି।

ଅନ୍ୟପକ୍ଷରେ ଖପୁରି ମିଳିବା ଘଟଣା ପ୍ରଚାରିତ ହୋଇଯିବା ପରେ ସହରରେ ଚାଞ୍ଚଲ୍ୟ ଖେଳିଯାଇଛି। ଏଥିସହ ଉକ୍ତ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ରୋଗୀ ଓ ସେମାନଙ୍କ ଅଭିଭାବକ, ପରିସରରେ ଥିବା ଷ୍ଟାଫ୍ କ୍ୱାର୍ଟରରେ ରହୁଥିବା କର୍ମଚାରୀ ଅତ୍ୟନ୍ତ ଭୟଭୀତ ହୋଇପଡିଛନ୍ତି। ପ୍ରତ୍ୟକ୍ଷଦର୍ଶୀ ଷ୍ଟାଫ୍ କ୍ୱାର୍ଟରର ଜଣେ କର୍ମଚାରୀଙ୍କ କହିବାନୁସାରେ, ଶନିବାର ବିଳମ୍ବିତ ରାତିରେ ଜଣେ ଅଚିହ୍ନା ଯୁବକ ଏକ ଜରି ବସ୍ତାରେ କ'ଣ କିଛି ଧରି ଆସିଥିଲେ। ପରେ ଅନ୍ୟଜଣେ ଯୁବକ କ୍ୱାର୍ଟର ନିକଟରେ ବୁଲୁଥିବାବେଳେ ସନ୍ଦେହ ହେବାରୁ ତାଙ୍କୁ କିଛି ପଚାରିଥିଲେ। ହେଲେ ଉକ୍ତ ବ୍ୟକ୍ତି ଜଣକ ତରବରିଆ ଭାବେ ହାତରେ ଧରିଥିବା ଜରି ବସ୍ତାକୁ ଏକ ବୁଦା ମୂଳରେ ଫୋପାଡ଼ି ଦେଇ ଚାଲିଯାଇଥିଲେ। ରବିବାର ସକାଳେ ଉକ୍ତ ବୁଦାମୂଳେ ମଣିଷ ଖପୁରି ଏଣେତେଣେ ପଡ଼ିଥିବା କେତେଜଣ ରୋଗୀ ସମ୍ପର୍କୀୟ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚିବା ପୂର୍ବରୁ ଜଣେ ମହିଳା ଉକ୍ତ ଖପୁରିକୁ ନିକଟରେ ପଡିଥିବା ଜରି ବସ୍ତାରେ ଭର୍ତ୍ତି କରି ସେଠାରେ ଥିବା ଏକ ପରିତ୍ୟକ୍ତ କ୍ୟାବିନ ନିକଟରେ ଫୋପାଡ଼ିଦେଇଥିଲେ। ହେଲେ ସେ କାହାକୁ ଚିହ୍ନିପାରି ନ ଥିବା କର୍ମଚାରୀ ଜଣକ କହିଛନ୍ତି। ଏ ସମ୍ପର୍କରେ ଥାନାଧିକାରୀ ବିଶ୍ୱ ରଞ୍ଜନ ସେନାପତି କୁହନ୍ତି, ଖବର ପାଇବା ପରେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଖପୁରି ଜବତ କରି ତଦନ୍ତ ଆରମ୍ଭ କରିଛୁ। ହସ୍ପିଟାଲରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି। ଜଣେ ବ୍ୟକ୍ତି ମୋଟର ସାଇକେଲରେ ଆସି ଖପୁରି ଭର୍ତ୍ତି ଜରି ବସ୍ତାକୁ ଫିଙ୍ଗିଥିବା ଦେଖିବାକୁ ମିଳୁଛି। ତେବେ ଉକ୍ତ ବ୍ୟକ୍ତି ଓ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ ସମ୍ପୃକ୍ତ ମହିଳାଙ୍କୁ ଠାବ କରାଯିବା ପରେ ଘଟଣାର ରହସ୍ୟ ପର୍ଦ୍ଦାଫାଶ ହେବ।

## ଆଜି କଂଗ୍ରେସର ଭାରତ ବନ୍ଦ

# ସବୁ ଜିଲାରେ ସୁରକ୍ଷା କଡ଼ାକଡ଼ି

**ଭୁବନେଶ୍ୱର, ୯।୯(ବ୍ୟୁରୋ)**

### ତୀକ୍ଷ୍ଣ ନଜର ରଖିବା ପାଇଁ ଏସ୍‌ପି, ଡିସିପିଙ୍କୁ ଡିଜିପିଙ୍କ ନିର୍ଦ୍ଦେଶ

ତୈଳଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସ ସମେତ ବାମଦଳଗୁଡ଼ିକ ସୋମବାର ଭାରତ ବନ୍ଦ ଡାକରା ଦେଇଛନ୍ତି। କଂଗ୍ରେସ ଏହି ବନ୍ଦ ପାଳନକୁ ଶାନ୍ତି ଶୃଙ୍ଖଳାରେ କରିବା ପାଇଁ ପିସିସି ସଭାପତି କହିଥିଲେ ମଧ୍ୟ ସେମାନଙ୍କ ଉପରେ ପୋଲିସର ଭରସା ନାହିଁ। ଅତୀତରେ ବନ୍ଦ ବେଳେ ଯେଭଳି ହିଂସା ସୃଷ୍ଟି ହୋଇଛି, ଏଥର ସେଭଳି କିଛି ଘଟିପାରେ ବୋଲି ପୋଲିସ ଆଶଙ୍କା କରିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଜିଲାରେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ବିଶେଷକରି କଟକ, ଭୁବନେଶ୍ୱରରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭୁବନେଶ୍ୱରରେ ୫୦ ପ୍ଲାଟୁନ ଏବଂ କଟକରେ ୨୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ। ଏହାସହ ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର, ଯାଜପୁର, କେନ୍ଦ୍ରାପଡା, ପୁରୀ ଆଦି ସହର ଉପରେ ଅଧିକ ଗୁରୁତ୍ୱ ଦିଆଯିବା ସହ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା କହିଛନ୍ତି।

ସେ କହିଛନ୍ତି, କଂଗ୍ରେସ କର୍ମୀ ଓ ନେତାମାନଙ୍କୁ ଅନୁରୋଧ କରୁଛି ସେମାନେ ଶାନ୍ତି ଶୃଙ୍ଖଳାରେ ବନ୍ଦ ପାଳନ କରିବେ। ଯେଉଁମାନେ ଆଇନକୁ ହାତକୁ ନେଇ କିଛି ହିଂସା ଘଟାନ୍ତି ଅଥବା ସାଧାରଣ ଲୋକଙ୍କ ଉପରେ ଆକ୍ରମଣ କିମ୍ବା ଗାଡ଼ି ଭଙ୍ଗାରୁଜା ବା ଜଳାପୋଡ଼ା କରନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମସ୍ତ ଜିଲାର ଏସ୍‌ପି ଓ ଟ୍ୱିନ୍ ସିଟିର ଡିସିପିମାନଙ୍କୁ କୁହାଯାଇଛି, ସେମାନେ ନିଜ ଜିଲାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ସହ ଘଟଣା ଉପରେ ତୀକ୍ଷ୍ଣ ନଜର ରଖିବେ। କୌଣସି ସ୍ଥାନରେ ହିଂସା ଘଟିଲେ ସେମାନେ ଏହାର ପ୍ରତିକାର ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଡିଜିପି କହିଛନ୍ତି।

ଅନ୍ୟପଟେ ବିଧାନସଭା ଚାଲୁଥିବା ବେଳେ ଏବଂ କଟକରେ ଓକିଲମାନଙ୍କ ଆନ୍ଦୋଳନ ସମୟରେ କଂଗ୍ରେସର ବନ୍ଦ ଡାକରା ପୋଲିସ ପାଇଁ ଏକ ବଡ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ତେଣୁ ରାଜଧାନୀର ଏଜି ଛକ ଓ ବିଧାନସଭା ନିକଟରେ ଡିସିପିଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହ ଜୟଦେବବିହାର, ପଟିଆ, ମାଷ୍ଟରକ୍ୟାଣ୍ଟିନ, ଶହୀଦନଗର, ନାଲକୋ, ରୁପାଲି ଛକ, ଶିଶୁଭବନ ଓ ଏୟାରପୋର୍ଟ ଛକରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ରହିବେ। ପାଟ୍ରୋଲିଂ ବ୍ୟବସ୍ଥାକୁ ବଢାଯାଇଛି। କୌଣସି ଜାଗାରେ ହିଂସା ସୃଷ୍ଟି ହେଲେ ସେଠାକୁ ପୋଲିସ ଫୋର୍ସ ପଠାଯିବ ବୋଲି ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି। ସାଦା ପୋଷାକଧାରୀ ପୋଲିସ ଓ ଗୋଇନ୍ଦା ପୋଲିସ ରାଜଧାନୀରେ ପଇଁତରା ମାରିବେ। କୌଣସି ସ୍ଥାନରେ କର୍ମୀମାନେ ହିଂସା ଘଟାଇବାର ଯୋଜନା କରୁଥିଲେ ସେମାନେ ତୁରନ୍ତ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା କମିଶନର କହିଛନ୍ତି।

# ଆଭ୍ୟନ୍ତରୀଣ ଓଡ଼ିଶାରେ ବଜ୍ରପାତ ସହିତ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୯।୯(ବ୍ୟୁରୋ)**

ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ବଜ୍ରପାତ ସହିତ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ମୌସୁମୀ ଦୁର୍ବଳ ହେବାରେ ଲାଗିଛି। ଫଳରେ ଆଗାମୀ ୫ ଦିନ ଯାଏ କିଛି ସ୍ଥାନରେ ବଜ୍ରପାତ ସହିତ ସ୍ୱଳ୍ପ ଧରଣର ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ରବିବାର ଅପରାହ୍ନ ୫ଟା ସୁଦ୍ଧା କୌଣସି ସ୍ଥାନରେ ବର୍ଷା ହୋଇ ନ ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।


**WALK-IN-INTERVIEW**

**LECTURER: POLITICAL SCIENCE** - 01, **SOCIOLOGY** - 01 No. and **ENGLISH** - 01 No.

On Contractual Basis, Date: 16.09.18 (Sunday), at 10.00 A.M. in the College Campus. Registration Fees - Rs.200/- Come with Original and Xerox copies of Certificates.

**Salary Negotiable**

**Principal**
**U.K. Mahabir College**
**Madanpur, Kendrapara**

**Mob.: 9938064715**

ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

ବିଜ୍ଞାପନ

**୧୫ ବର୍ଷୀୟ ରାଜ୍ୟ ସରକାର ପ୍ରତିଭୂତି ନିଲାମୀ**

ଓଡିଶା ରାଜ୍ୟ ସରକାର ସର୍ବମୋଟ **୫୦୦ କୋଟି** ଟଙ୍କା (ଅଙ୍କିତ ମୂଲ୍ୟ) ର ପ୍ରତିଭୂତି ନିଲାମ ପ୍ରକ୍ରିୟାରେ ବିକ୍ରି କରିବାର ପ୍ରସ୍ତାବ କରିଅଛନ୍ତି।

ଏକାଧିକ ମୂଲ୍ୟ ଫର୍ମାଟ ଅନ୍ତର୍ଗତ ପ୍ରତିଫଳ (yield) ଭିତ୍ତିକ ଏହି ନିଲାମ ଭାରତୀୟ ରିଜର୍ଭ ବ୍ୟାଙ୍କର କୋର ବ୍ୟାଙ୍କିଙ୍ଗ ସମାଧାନ (ଇ-କୁବେର) ମାଧ୍ୟମରେ **ସେପ୍ଟେମ୍ବର ୧୧, ୨୦୧୮ (ମଙ୍ଗଳବାର)** ଦିନ ଆୟୋଜିତ ହେବ। ଏ ସମ୍ପର୍କରେ ଅଧିକ ସୂଚନା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ର ୱେବସାଇଟ - **www.rbi.org.in**ରେ **ସେପ୍ଟେମ୍ବର ୦୭, ୨୦୧୮** ଦିନ ପ୍ରକାଶିତ ଆର.ବି.ଆଇ. ପ୍ରେସ ବିଜ୍ଞପ୍ତି ଦେଖନ୍ତୁ।

"ଇ-ମେଲ୍/ଏସ୍.ଏମ୍.ଏସ୍./ଟେଲିଫୋନ୍ ମାଧ୍ୟମରେ ଅର୍ଥ ପ୍ରାପ୍ତିର ପ୍ରସ୍ତାବ ପାଇଁ ଠକାମୀରେ ପଡନ୍ତୁ ନାହିଁ"



**ନୋଟିସ**

**ମାଡ୍ରାସସ୍ଥିତ ନ୍ୟାୟାଧିକରଣର ଉଚ୍ଚ ନ୍ୟାୟାଳୟରେ**

(ସାଧାରଣ ମୂଳ ଦେୱାନି ନ୍ୟାୟାଧିକାର)
ଆବେଦନ ନଂ. ୨୦୧୮ର ୪୫୯
ମଧ୍ୟସ୍ଥତା ଏବଂ ମୀମାଂସା ଅଧିନିୟମ, ୧୯୯୬ ମାମଲାରେ
ଏବଂ
ମେସର୍ସ ଡାଏମଲର୍ ଫାଇନାନ୍ସିଆଲ୍ ସର୍ଭିସେସ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ଏବଂ **ଯୋଗେଶ୍ୱର ସା**ଙ୍କ ମଧ୍ୟରେ ବିବାଦ ମାମଲାରେ
ଋଣ ରାଜିନାମା ତାରିଖ ୨୫।୦୬।୨୦୧୪ର ଚୁକ୍ତି ସଂଖ୍ୟା ୨୦୧୦୭୬୬୦ରୁ ଉତ୍ପନ୍ନ

**ମେସର୍ସ ଡାଏମ୍‌ଲର୍ ଫାଇନାନ୍ସିଆଲ୍ ସର୍ଭିସେସ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍**
ୟୁନିଟ୍ ୨୦୨, ୨ୟ ମହଲା, କ୍ୟାମ୍ପସ୍ ୩ବି,
ଆର୍‌ଏମ୍‌ଜେଡ୍ ମିଲେନିଆ ବିଜ୍‌ନେସ୍ ପାର୍କ,
ନଂ. ୧୪୩, ଡା. ଏମ୍.ଜି.ଆର୍. ରୋଡ୍,
ପେରୁଙ୍ଗୁଡ଼ି, ଚେନ୍ନାଇ-୬୦୦୦୯୬
ଏହାର ପ୍ରାଧିକୃତ ସ୍ୱାକ୍ଷରକାରୀଙ୍କ ପ୍ରତିନିଧିତ୍ୱରେ
:ଆବେଦନକାରୀ

ବନାମ

**ଯୋଗେଶ୍ୱର ସା**
ଗୋଡ଼ାଗାଁ, ହାଲୁପାଲି,
ଭଟ୍‌ଲି, ବରଗଡ଼
ଓଡ଼ିଶା - ୭୬୮୦୨୮
: ପ୍ରତିବାଦୀ

**ପ୍ରାପ୍ତେଷୁ**
**ଯୋଗେଶ୍ୱର ସା**
ଗୋଡ଼ାଗାଁ, ହାଲୁପାଲି,
ଭଟ୍‌ଲି, ବରଗଡ଼
ଓଡ଼ିଶା - ୭୬୮୦୨୮

ଆପଣଙ୍କ ହାଜିରା ପାଇଁ ଉପରୋକ୍ତ ଆବେଦନକୁ ମାନ୍ୟବର ଉଚ୍ଚ ନ୍ୟାୟାଳୟ, ମାଡ୍ରାସଙ୍କ ସମ୍ମୁଖରେ **ତା୨୫।୦୯।୨୦୧୮ରିଖ** ପୂର୍ବାହ୍ନ ୧୦.୩୦ ଘଟିକାରେ ପ୍ରେଷିତ ହୋଇଛି। ଦୟାକରି ଧ୍ୟାନରେ ରଖନ୍ତୁ ଏବଂ ବ୍ୟକ୍ତିଗତ ଭାବେ କିମ୍ବା ଓକିଲଙ୍କ ମାଧ୍ୟମରେ ହାଜିର ହୁଅନ୍ତୁ ଅନ୍ୟଥା ଆପଣଙ୍କ ଅନୁପସ୍ଥିତିରେ ମାମଲାର ନିଷ୍ପତ୍ତି ଏକତରଫା ଭାବେ ନିଆଯିବ।

**ମେସର୍ସ ଟି.ଧନ୍ୟକୁମାର**
**ଡି.ପ୍ରଦୀପ କୁମାର**
ଆବେଦନକାରୀଙ୍କ ଓକିଲ

See Career Appointment on every Wednesday & Saturday



**PUBLIC NOTICE**

It is hereby notified that Sri Satyabrat Dhir and Sri Debabrata Dhir are desirous and intending to sell one plot of land being Plot No.5, Khata No.58 situated at Mouza- Chandrasekharpur, P.S.- Chandrashekharpur, Bhubaneswar, Dist.- Khordha, Odisha admeasuring Ac 0.450 dec / 19602 square feet and that M/s Sky craper Projects Pvt. Ltd., Kolkata is desirous and intending to buy the said plot of land by executing a registered Deed of Conveyance. Sri Satyabrat Dhir and Sri Debabrata dhir have represented and assured that the said plot of land is free from all encumbrances, in view of a settlement entered into by the parties dated September 01, 2018 and thus, it has been represented by Sri Satyabrat Dhir and Sri Debabrata Dhir that the title of the said plot of land is marketable.

In view of the above, any person having any right, title, interest, claim or demand of any nature whatsoever in respect of the afore stated plot is hereby called upon to communicate the same in writing along with documents supporting such claims to the undersigned within seven (7) days from the dated of the publication, failing which the negotiations shall be completed, without any reference to such claim and any such claim thereafter raised shall be deemed to have been given up and / or waived.

**Sidharttha Sharma, Advocate**
"Punwani Chambers"
7B Kiran Shankar Ray Road,
3rd Floor, Kolkata-700001
Tel: (033) 22314759, 22314511





# ନଈ ନ ଦେଖୁଣୁ

ଭାରତରେ ଲୋକ ସଭା ସହ ବିଭିନ୍ନ ରାଜ୍ୟରେ ବିଧାନସଭା ନିର୍ବାଚନ କରାଯିବା ନେଇ ଗତ କିଛି ଦିନ ଧରି ଜୋରଦାର ଆଲୋଚନା ହେଉଛି। ଏହାର ସପକ୍ଷବାଦୀ ଯୁକ୍ତି ବାଢ଼ୁଛନ୍ତି ଯେ, ଏକାସଙ୍ଗେ ନିର୍ବାଚନ କରାଗଲେ ଦେଶର ରାଜକୋଷ ଉପରେ କମ୍ ବୋଝ ପଡ଼ିବ। କିନ୍ତୁ ଯେଉଁ ରାଜ୍ୟଗୁଡ଼ିକରେ ନିକଟ ଅତୀତରେ ନିର୍ବାଚନ ହୋଇଯାଇଛି ଓ ବହୁ ଆଗକୁ ଏହା ହେବାର ଅଛି, ସେଗୁଡ଼ିକର ଅବସ୍ଥା କ'ଣ ହେବ ସେଥିନେଇ ଏହି ବର୍ଗ କିଛି ସନ୍ତୋଷଜନକ ଉତ୍ତର ଦେଉନାହାନ୍ତି। ଦେଶର ମଙ୍ଗଳ ଚାହୁଁଛନ୍ତି ବୋଲି କହୁଥିବା ଏହି ଗୋଷ୍ଠୀ ଆର୍ଥିକ ବୋଝ ଚିନ୍ତା କରିବା ଅପେକ୍ଷା ରାଜନୈତିକ ଉଦ୍ଦେଶ୍ୟ ସାଧନକୁ ଲକ୍ଷ୍ୟରେ ରଖିଥିବା ଜଳ ଜଳ ଦିଶୁଛି। କାରଣ ଏକସଙ୍ଗେ ନିର୍ବାଚନ ହୋଇଥିବା ରାଜ୍ୟ ମଧ୍ୟରୁ ଭବିଷ୍ୟତରେ ଯେଉଁଠାରେ ରାଷ୍ଟ୍ରପତି ଶାସନ ଲାଗୁ ହେବ, ପରବର୍ତ୍ତୀ ସମୟରେ ସେହି ରାଜ୍ୟ ନିର୍ବାଚନରେ ପୁନଶ୍ଚ ବ୍ୟତିକ୍ରମ ଦେଖାଦେବା ସ୍ୱାଭାବିକ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତରେ ପ୍ରଥମଥର ଯେତେବେଳେ ନିର୍ବାଚନ ହୋଇଥିଲା, ସେତେବେଳେ ଲୋକ ସଭା ସହିତ ସବୁ ରାଜ୍ୟ ବିଧାନସଭା ପାଇଁ ମଧ୍ୟ ଭୋଟ ହୋଇଥିଲା। କ୍ରମଶଃ ଏବଂ ସମୟ ବିତିବା ପରେ ବିଭିନ୍ନ ଅସ୍ୱାଭାବିକ ରାଜନୈତିକ ପରିସ୍ଥିତି ଉପୁଜିବା ଯୋଗୁ ରାଜ୍ୟଗୁଡ଼ିକ ସମେତ ଲୋକ ସଭା ନିର୍ବାଚନ ଏପାଖସେପାଖ ହୋଇଯାଇଥିଲା। ଭାରତର ସଂଘୀୟ ବ୍ୟବସ୍ଥାରେ ପୂର୍ବଭଳି ଅସ୍ୱାଭାବିକ ରାଜନୈତିକ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ଭବିଷ୍ୟତରେ ମଧ୍ୟ ରହିଛି।

ନିକଟରେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଆଗୁଆ ବିଧାନସଭା ନିର୍ବାଚନ ଲାଗି ନିଜ କ୍ୟାବିନେଟ୍‌ରେ ନିଷ୍ପତ୍ତି କରାଇ ରାଜ୍ୟପାଳଙ୍କୁ ସୁପାରିସ କରିବା ପରେ ଗୃହକୁ ଭାଙ୍ଗି ଦେଇଛନ୍ତି। ୨୦୧୪ ଜୁନ୍ ୨ରେ କେସିଆର୍ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ହୋଇଥିଲେ। ପାଖାପାଖି ୯ ମାସ ପୂର୍ବରୁ ବିଧାନସଭାକୁ ଭାଙ୍ଗିଦେବା ପଛରେ ତାଙ୍କ ରାଜନୈତିକ ଆକାଂକ୍ଷା ନିହିତ ଅଛି ବୋଲି ଧରିନେବାକୁ ହେବ। ରାଜନୈତିକ ବିଶ୍ଳେଷକମାନେ କହୁଛନ୍ତି ଯେ, କେସିଆର୍‌ଙ୍କ ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) କେନ୍ଦ୍ର ସରକାରଙ୍କଠାରୁ ଆହୁରି ଆଗୁଆ ଚିନ୍ତା କରି ଏପରି ନିଷ୍ପତ୍ତି ନେଇଛି । ଏକସଙ୍ଗେ ନିର୍ବାଚନ ହେଲେ ଭାଜପା କାଳେ ବିଧାନସଭାରେ ଅଧିକ ଆସନ ନେଇଯିବ ଆଶଙ୍କା କରି ତା'ପୂର୍ବରୁ ରାଜ୍ୟ ଉପରେ ନିୟନ୍ତ୍ରଣ ରଖିବା ଲାଗି ଦଳ ଏହି ପଦକ୍ଷେପ ନେଇଛି। ପରବର୍ତ୍ତୀ ସମୟରେ ଲୋକ ସଭା ନିର୍ବାଚନ ବେଳେ ଭାଜପା ସହ ମେଣ୍ଟ କରି ଫାଇଦା ନେବା ଲକ୍ଷ୍ୟରେ କେସିଆର୍ ରହିଥାଇପାରନ୍ତି ବୋଲି କେତେକ ମହଲରେ ଆଲୋଚନା ହେଉଛି। ସେଥିପାଇଁ କେସିଆର୍ ବିଧାନସଭା ଭଙ୍ଗ ଲାଗି ରାଜ୍ୟପାଳଙ୍କୁ ସୁପାରିସ କରିବା ପରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ସମାଲୋଚନା କରିଥିଲେ। ତେଲେଙ୍ଗାନାରେ ବିରୋଧୀ ଆସନରେ ରହିଛି କଂଗ୍ରେସ ।

ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଅପେକ୍ଷା କେସିଆର୍ ଆଗୁସାର ହେବାର ଚିନ୍ତାଧାରା ବର୍ତ୍ତମାନ ଜାତୀୟ ରାଜନୈତିକ ଦୃଶ୍ୟପଟକୁ ପ୍ରଭାବିତ କରିଛି। ଏହି ପରିପ୍ରେକ୍ଷୀରେ ଟିଆର୍‌ଏସ୍ ପରେ ଓଡ଼ିଶାର ବିଜୁ ଜନତା ଦଳ (ବିଜେଡି)ର ଏକସଙ୍ଗେ ନିର୍ବାଚନ ଲାଗି ତତ୍ପରତା ପ୍ରକାଶ ପାଇଛି। ନିର୍ବାଚନ କମିଶନ (ଇସି)ରେ ବିଜେଡି ପ୍ରତିନିଧି ଭାବେ ପୁରୀ ସାଂସଦ ପିନାକୀ ମିଶ୍ର ତାଙ୍କ ଦଳ ତରଫରୁ ଓଡ଼ିଶା ବିଧାନସଭାର ଆସନ୍ତା ନିର୍ବାଚନକୁ ଲୋକ ସଭା ସହ କରାଇବା ଲାଗି ବିଧିବଦ୍ଧ ଅନୁରୋଧ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଅନ୍ୟ କୌଣସି ରାଜ୍ୟ ଏଭଳି ପଦକ୍ଷେପ ନେବା ପୂର୍ବରୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମିଳିତ ନିର୍ବାଚନ ନିଷ୍ପତ୍ତି ୨୦୦୪ ମସିହାରୁ ନେଇ ସାରିଛନ୍ତି। ଅର୍ଥାତ୍ ୨୦୦୪, ୨୦୦୯ ଏବଂ ୨୦୧୪ ତିନୋଟିଯାକ ଲୋକ ସଭା ନିର୍ବାଚନ ସହିତ ଓଡ଼ିଶା ବିଧାନସଭାର ଭୋଟ ହୋଇଆସୁଛି। ଏଭଳି ପ୍ରଚ୍ଛଦପଟରେ ବିଜୁ ଜନତା ଦଳ ନିର୍ବାଚନ କମିଶନ ନିକଟରେ ନିଜର ଆଭିମୁଖ୍ୟ ଜଣାଇବା ଏକ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ପଦକ୍ଷେପ ବୋଲି ବିବେଚିତ ହେଉଛି। ରାଜନୈତିକ ପର୍ଯ୍ୟବେକ୍ଷକଙ୍କ କହିବା ଅନୁଯାୟୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନଭେମ୍ବର ୨୦୧୮ରେ ହେବାକୁ ଥିବା ରାଜସ୍ଥାନ ବିଧାନସଭା ନିର୍ବାଚନ ସହିତ ଲୋକ ସଭା ନିର୍ବାଚନକୁ କରାଇଦେବାର ଯଥେଷ୍ଟ ସମ୍ଭାବନା ରହିଛି। ସେଥିପାଇଁ ଆଶଙ୍କା ପ୍ରକାଶ ପାଉଛି ଯେ ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଅରୁଣାଚଳ ପ୍ରଦେଶ, ସିକିମର ବିଧାନସଭା ନିର୍ବାଚନକୁ ଲୋକ ସଭା ସହିତ ନ କରାଇ ଦେବାର ଉଦ୍ଦେଶ୍ୟ ରଖି ଭାଜପା ଗୋଟି ଚଳାଉ ଥାଇପାରେ। ଅର୍ଥାତ୍ ଏକସଙ୍ଗେ ନିର୍ବାଚନ ହେଉ ବୋଲି କହି ଆସୁଥିବା ଭାଜପା ନେତୃତ୍ୱ ବାସ୍ତବରେ ଏହି ୫ଟି ରାଜ୍ୟକୁ ଅକ୍ତିଆର କରିବା ପାଇଁ ତାଙ୍କର ବିଧାନସଭାର ସ୍ୱାଭାବିକ ସମୟରେ ଭୋଟ କରାଇବାକୁ ଇଚ୍ଛୁକ। କଥା ଗୋଟାଏ, କାମ ଭିନ୍ନ। ହୁଏତ ଏହି ଚିନ୍ତାଧାରାକୁ ବିଶ୍ୱାସ କରି କେସିଆର୍ ଆଗୁଆ ନଈ ନ ଦେଖୁଣୁ ଲଙ୍ଗଳା ହୋଇପଡ଼ିଛନ୍ତି। ଅନ୍ୟପଟେ ବିଜୁ ଜନତା ଦଳ ତାହାର ଗୋଟି ଚାଳନାକୁ ପ୍ରକାଶ କରିବା ପରିବର୍ତ୍ତେ ସବୁ ପ୍ରକାର ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବାକୁ ଉଦ୍ୟମ କରୁଛି।

ମୋଦି ହୁଅନ୍ତୁ କିମ୍ବା କେସିଆର୍, ଜନସାଧାରଣ ଦେଇଥିବା ମତ ସହିତ ଖେଳିବାର ଅଧିକାର କୌଣସି ରାଜନୈତିକ ନେତାଙ୍କ କ୍ଷମତାରେ ରହିବା ଉଚିତ ନୁହେଁ। ଆମେରିକା ଭଳି ଭାରତରେ ମଧ୍ୟ ନିୟମିତ ନିର୍ବାଚନ ହେବା ଉଚିତ। ଏକସଙ୍ଗେ ନିର୍ବାଚନ ପରିବର୍ତ୍ତେ ପ୍ରତ୍ୟେକ ୫ ବର୍ଷରେ ମାସ ଏବଂ ତାରିଖ ନିର୍ଦ୍ଧାରିତ ହୋଇ ନିର୍ବାଚନ କରାଇବା ବାଧ୍ୟବାଧକତାମୂଳକ ହେବା କଥା। କିନ୍ତୁ ଅନ୍ୟସବୁ ଚିନ୍ତାଧାରା ଭଳି ଭାରତରେ ରାଜନେତାମାନେ ଲୋକଙ୍କ ହିତ ପରିବର୍ତ୍ତେ ବ୍ୟବସ୍ଥାକୁ ନେଇ ନିଜର ଚତୁରତା ପ୍ରମାଣ କରିବାରେ ଅଧିକ ବ୍ୟସ୍ତ।

କେସିଆର୍‌ଙ୍କ ବିଧାନସଭା ଭଙ୍ଗ ସମ୍ପର୍କରେ ଯେତିକି କଳ୍ପନାଜଳ୍ପନା ପ୍ରକାଶ ପାଇଲାଣି, ତାହା ଗଣତାନ୍ତ୍ରିକ ଚିନ୍ତା ପୋଷଣ କରୁଥିବା ନାଗରିକଙ୍କୁ ବିବ୍ରତ କରୁଥିବ। ନିକଟ ଭବିଷ୍ୟତ ଆମ ସମସ୍ତଙ୍କୁ ଏହି ନେତାମାନଙ୍କର କାର୍ଯ୍ୟକଳାପ ସମ୍ପର୍କରେ ଆହୁରି ଅଧିକ ସଚେତନ କରାଇବ।



ରଞ୍ଜନ କୁମାର ଦାସ

# ସମୟ ବରବାଦ ସପକ୍ଷରେ

ସମୟ ବଡ଼ ମୂଲ୍ୟବାନ। ଆଜିର ଦୁନିଆରେ ଜୀବନ ଦିନକୁ ଦିନ ଜଞ୍ଜାଳଗ୍ରସ୍ତ ହୋଇପଡୁଛି। ଏତେ କାମ, ଏତେ ବରାଦି ସାମ୍ନାରେ ପଡିରହୁଛି ଯେ ଦିନର ଚବିଶ ଘଣ୍ଟା ଯଥେଷ୍ଟ ନ ହେବା ଭଳି ଲାଗୁଛି। ଅଫିସ ବା ବ୍ୟବସାୟରେ ଏତେ କାମ ପଡିରହୁଛି ଯେ ରାତିରେ ଘରକୁ ଫେରିବାକୁ ବି ମନ କହୁନି, କାରଣ ସକାଳ ହେଲେ ପୁଣି ଏ କାମ କାହିଁକି ସରିନି ବୋଲି କୈଫିୟତ ଦେବାକୁ ପଡିବ। ତା' ସାଙ୍ଗକୁ ଆସନ୍ତାକାଲିର ଅନେକ ନୂଆ ଦାବି, ନୂଆ ବରାଦ ପୁଣି ସଜିଲ୍ ହୋଇ ରହିଥିବ। ବେଳେବେଳେ ମନକୁ ବି ଏ କଥା ଆସେ ଦିନଟା ଯଦି ଚବିଶ ଘଣ୍ଟା ନ ହୋଇ ଅଠଚାଳିଶ ଘଣ୍ଟା ହୋଇଥାନ୍ତା କି!

ଏଇ କାମର ଚକ୍କରରେ ଜୀବନ ଏବେ ଦୁର୍ବିଷହ ହୋଇପଡିଲାଣି। ଲୋକେ ଦିନସାରା ଅଫିସ୍‌ରେ କାମ କଲା ପରେ ଘରକୁ ଫେରି ପୁଣି ନିଜ ହ୍ୱାଟ୍‌ସଆପ, ଟୁଇଟର, ଇ–ମେଲ, ଲାପଟପ୍‌କୁ ନେଇ ରାତିଅନିଦ୍ରା ହେଉଛନ୍ତି। ପରିବାର, ସ୍ତ୍ରୀ ପିଲା, ନିଜ ପାଇଁ ବ୍ୟକ୍ତିଗତ ସମୟ ନାହିଁ। ଫଳରେ ପରିବାର ଭାଙ୍ଗିଯିବାର କାହାଣୀ ବି ଶୁଣିବାକୁ ମିଳୁଛି। ଲୋକ ଯେତେ ସଫଳ ତାଙ୍କ ବ୍ୟକ୍ତିଗତ ଜୀବନ ସେତେ ବିପର୍ଯ୍ୟସ୍ତ। କ୍ୱଚିତ୍ ଲୋକ ଏହାର ବ୍ୟତିକ୍ରମ। ନିଜର ସଫଳତା ପାଇଁ ଲୋକେ ନିଜର ପ୍ରତିଟି ମୁହୂର୍ତ୍ତକୁ ବିନିଯୋଗ କରି ନିଜର ଦକ୍ଷତା ପ୍ରତିପାଦନ କରିବାକୁ ଚାହୁଁଛନ୍ତି। ପ୍ରତିଟି ମୁହୂର୍ତ୍ତର ଉତ୍ପାଦକତା ବୃଦ୍ଧି ଉପରେ ଗୁରୁତ୍ୱ ଦେଉଛନ୍ତି। ସତେଯେମିତି ଜୀବନ କେବଳ କାମ ହିଁ କାମ। କାମ ଛଡା ଆଉ ଯେମିତି କିଛି ନାହିଁ। ମୁହୂର୍ତ୍ତଟେ ବସିଗଲେ ଲାଗୁଛି ଯେମିତି ମୁଁ ପଛରେ ପଡିଯିବି, ଅନ୍ୟ ପ୍ରତିଦ୍ୱନ୍ଦ୍ୱୀମାନେ ଆଗକୁ ମାଡିଯିବେ। ତେଣୁ ବ୍ୟକ୍ତିଗତ ସ୍ୱାଚ୍ଛନ୍ଦ୍ୟ, ସୁଖଦୁଃଖ, ହସକାନ୍ଦ ସବୁ ପଛରେ ପଡିଯାଉଛି। ମଣିଷ ଯନ୍ତ୍ରବତ୍ କାମ କରିଚାଲୁଛି। ପାଖରେ ଛୁଟି ଥିଲେ ବି ଛୁଟିରେ ଯିବାକୁ ସମୟ କି ସୁଯୋଗ ନାହିଁ। ଏପରି କି ପଛରେ ପଡିଯିବାର ଭୟରେ ଲୋକେ ଛୁଟି ବି ନେଉନାହାନ୍ତି। କାଳେ ଛୁଟିରେ ଗଲେ ଆସିଲାବେଳକୁ ଆଉ କିଏ ଚଉକି ଦଖଲ କରିନେଇଥିବ। ଅବସର ବିନୋଦନର ସୁଯୋଗ ନାହିଁ। ସମସ୍ତେ ଭାବୁଛନ୍ତି ଅବସର ବିନୋଦନର ସମୟଟି ଅଯଥା ବରବାଦ ହେବ। ଯାହା ସଫଳତା ଆଣିପାରିବ ନାହିଁ, ଯାହା ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବନାହିଁ ତାହା ବରବାଦ ନୁହେଁ ତ ଆଉ କ'ଣ ?

ନିକଟରେ ହୃଦ୍‌ଘାତରେ ପୀଡିତ ହୋଇ ଏ ଲେଖକଙ୍କୁ ଏକ ଘରୋଇ ହାସ୍‌ପାତାଳରେ ଚିକିତ୍ସିତ ହେବାକୁ ପଡିଲା। କିଛିଦିନ ପାଇଁ ମୋଠାରୁ ମୋବାଇଲ ସବୁ କାଢ଼ି ନିଆଗଲା। ଏପରିକି ଭେଟିବାକୁ ଆସୁଥିବା ବନ୍ଧୁବର୍ଗ, ଶୁଭେଚ୍ଛୁମାନଙ୍କ ଉପରେ ମଧ୍ୟ କଟକଣା ଲଗାଗଲା। ହାସ୍‌ପାତାଳରୁ ଘରକୁ ଫେରିଲାବେଳେ ଡାକ୍ତରଙ୍କ ପରାମର୍ଶ ଥିଲା ଅନ୍ତତଃ ମାସକ ପାଇଁ ସମ୍ପୂର୍ଣ୍ଣ ବିଶ୍ରାମ। ଏ ସମୟରେ କୌଣସି କାମ ନାହିଁ, ଅଯଥା ଗପସପ, ଯାତ୍ରା, ଶାରୀରିକ ଓ ମାନସିକ ଚାପରୁ ନିଜକୁ ମୁକ୍ତ ରଖିବାକୁ ହେବ। ମୋବାଇଲ ଓ କମ୍ପ୍ୟୁଟର ବ୍ୟବହାର କରିବେ ନାହିଁ। ମୁଁ ପଚାରିଲି ଏତେ ଦିନ ବସିବସି କରିବି କ'ଣ, ଏତେଗୁଡାଏ ସମୟ କ'ଣ ଏମିତି ବରବାଦ କରିହେବ ? ଡାକ୍ତର ହସିଲେ ଏବଂ ତାଗିଦ୍ କଲେ ଏସବୁ ପରାମର୍ଶକୁ କଠୋର ଭାବେ ପାଳନ କରିବାକୁ।

ସନ୍ଧ୍ୟାରେ ଜଣେ ବନ୍ଧୁ ଗୋଟିଏ ଇଂଲିଶ ବହି ଆଣି ଉପହାର ଦେଲେ। ବହିଟିର ନାଁ ଥିଲା 'In Praise of Wasting Time' ଅର୍ଥାତ୍ ସମୟ ବରବାଦ କରିବା ସପକ୍ଷରେ ଯୁକ୍ତି। ବହିଟିର ଲେଖକ ହେଲେ ଆଲାନ୍ ଲାଇଟ୍‌ମ୍ୟାନ୍। ଲେଖକ ସମ୍ମାନଜନକ ମାସାଚୁସେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜିର ପ୍ରଫେସର ତଥା ଆମେରିକାନ୍ ଏକାଡେମୀ ଅଫ୍ ସାଇନ୍ସର ଅନ୍ୟତମ ସଦସ୍ୟ। ତାଙ୍କର କହିବା କଥା ମଧ୍ୟ ସେଇଆ। କାମର ସମୟ ଛଡ଼ା ଅନ୍ୟ ସବୁ ସମୟ ବରବାଦ ହେଇଗଲା, ବେକାର ହେଇଗଲା ବୋଲି ଆମେ ଭାବୁ। ମାତ୍ର ଏ କଥା ବୁଝିବାକୁ ଏବଂ ଗ୍ରହଣ କରିବାକୁ ହେବ ଯେ, ବେଳେବେଳେ କିଛି କାମ ନ କରିବା ହିଁ ସବୁଠୁ ଭଲ କାମ। ଏଇ ସମୟରେ ମୋବାଇଲ, କମ୍ପ୍ୟୁଟର ସବୁ ବନ୍ଦ କରି, ବାହାର ଜଗତରୁ ନିଜକୁ ବିଚ୍ଛିନ୍ନ କରି ନିଘୋଡ଼ ନିଦରେ ଶୁଆଯାଇପାରେ। ନିଜ ପସନ୍ଦର ଗୀତ ଶୁଣାଯାଇପାରେ, ସିନେମା ଦେଖାଯାଇପାରେ, ପ୍ରକୃତିକୁ ଉପଭୋଗ କରାଯାଇପାରେ, ଶୂନ୍ୟ ଆକାଶରେ ଜହ୍ନ ଆଉ ତାରାଙ୍କୁ ନିରିଖେଇ ଦେଖାଯାଇପାରେ, ଧ୍ୟାନ କରାଯାଇପାରେ, କବିତା ଲେଖାଯାଇପାରେ, ବହି ପଢ଼ାଯାଇପାରେ। ମନପସନ୍ଦର ଗୀତ ଗୁଣୁଗୁଣୁ ଗାଇ, ପ୍ରଜାପତିଙ୍କ ପଛରେ ପିଲାଟିଏ ପରି ଦୌଡ଼ାଯାଇପାରେ, ଯାହାର ଯାହା ରୁଚି ଥିବ ସେଥିରେ ଧ୍ୟାନ କେନ୍ଦ୍ରୀଭୂତ କରାଯାଇପାରେ। ନିଜ ପ୍ରିୟ ଲୋକଙ୍କ ବାବଦରେ ଚିନ୍ତା କରାଯାଇପାରେ, ସେମାନଙ୍କ ମେଳରେ ସମୟ କଟାଯାଇପାରେ। ପୁଅଝିଅ, ସ୍ତ୍ରୀ ବା ନାତିନାତୁଣୀଙ୍କ ସହ ମଧ୍ୟ ଅନ୍ତରଙ୍ଗ ସମୟ ବିତାଯାଇପାରେ। ଏପରିକି ସାଙ୍ଗସାଥୀ, ବନ୍ଧୁଙ୍କ ସହ ଫୂର୍ତ୍ତି କରିବା, ମସ୍ତି ମାରିବା, ଖଟିରେ ବସିବା ମଧ୍ୟ ଅନେକ ସମୟରେ ମନରୁ ଚାପ ଦୂର କରେ। ନିଜ ସହିତ ଓ ନିଜ ଲୋକଙ୍କ ସହିତ ଏ ଅଭିସାର ଆମକୁ ହାଲୁକା କରିବା ସହ ନୂତନ ଶକ୍ତି ଓ ସାମର୍ଥ୍ୟ ଯୋଗାଏ।

ମାତ୍ର ଏସବୁକୁ ହିଁ ତ ଆମେ ଭାବୁ ବେକାର କାମ ବୋଲି। ପ୍ରକୃତରେ ଏବେ ଏ କାମ ସବୁକୁ ବେକାର କାମ ବୋଲି ଆଉ କହିହେବ ନାହିଁ। ଏଇ ତଥାକଥିତ ବରବାଦ ହୋଇଯାଇଥିବା ସମୟ ହିଁ ଆମ ନିଜ ପାଇଁ ଆମେ ଦେଉଥିବା ସମୟ। ଯାହାକୁ ଆମେ ମୂଲ୍ୟବାନ୍ ସମୟ ବୋଲି ଭାବୁଛୁ ତାହା ତ ଅନ୍ୟମାନଙ୍କ କାମରେ ଲାଗୁଥିବା ସମୟ, ଦିନରେ ଯଦି ଆମେ ପନ୍ଦର ଷୋଳ ଘଣ୍ଟା ଅନ୍ୟ ପାଇଁ ଦେଇପାରୁଛେ, ନିଜ ପାଇଁ ଘଣ୍ଟେ ଦି'ଘଣ୍ଟା ଦେବା ପାଇଁ ଏତେ କୁଣ୍ଠିତ ହେବା କାହିଁକି ? ଏଇ ତ ସେଇ ସମୟ ଯାହା ଆମ ଭିତରର ଅସଲ ମଣିଷକୁ ଅଣ୍ଟା ସଳଖି ଠିଆହେବା ପାଇଁ ସାହାଯ୍ୟ କରେ। ଆମ ଖଣ୍ଡବିଖଣ୍ଡିତ ବ୍ୟକ୍ତିତ୍ୱକୁ ଏକାଠି କରେ, ନିଃସ୍ୱ ହେଇଯାଉଥିବା ଜୀବନକୁ ପୂର୍ଣ୍ଣ କରେ। ନୂତନ ଚିନ୍ତାଧାରା ଓ ସୃଜନଶୀଳତାର ଉନ୍ମେଷ କରେ। ଏଇ ସମୟ ଆମକୁ ଫୁରସତ ଦିଏ ନିଜ ଜୀବନକୁ ପୁନର୍ବିଲୋକନ କରିବାକୁ, କେଉଁଠି ଭୁଲ ରହିଗଲା ତା'ର ସମୀକ୍ଷା କରିବାକୁ ଏବଂ ଭବିଷ୍ୟତରେ କିଭଳି ନିଜ ଜୀବନକୁ ପୂର୍ଣ୍ଣାଙ୍ଗ କରିହେବ ତା'ର ନକ୍ସା ପ୍ରସ୍ତୁତ କରିବାକୁ। ଚିରାଚରିତ ଖଡ଼ାବଡ଼ିଥୋଡ଼ର ଗତାନୁଗତିକ ଜୀବନରୁ ନିଜକୁ ମୁକ୍ତ କରି ଏଇ ସମୟ ଜୀବନରେ ନୂଆ ଇନ୍ଦ୍ରଧନୁ ଆଙ୍କେ। ନିଜକୁ ନୂଆକରି ଗଢିବା ପାଇଁ ଦମ୍ ସଂଗ୍ରହ କରିବାର ସମୟ ଇଏ। ମଞ୍ଜି ଯେମିତି କିଶଳୟ ମଣ୍ଡିତ ହେବା ଆଗରୁ କିଛି ସମୟ ନିଜକୁ ମାଟି ଭିତରେ ଲୁଚାଇ ରଖେ, ଶଁବାଳୁଆ ଯେମିତି ପ୍ରଜାପତିରେ ପରିଣତ ହେବା ଆଗରୁ ନିଜକୁ କୋଷା ଭିତରେ ଲୁଚେଇ ରଖେ, ସେଇଭଳି ଏଇ କିଛି ସମୟର ଆତ୍ମଗୋପନ ଆମକୁ ଅଧିକ ସମର୍ଥ ଓ ସକ୍ଷମ କରାଏ। ଏକ ନବଜୀବନର ସଂରଚନା କରେ ଏ ଶୀତନିଦ୍ରା। ତେଣୁ ଏହାକୁ ବରବାଦ ହେଲା ବୋଲି କହିବା ସତ୍ୟର ଅପଳାପ।

ଆମେରୀକୀୟ ଲେଖକ ନିକ୍ ବ୍ରନ୍ ଏବେ 'Make Time' ବୋଲି ଗୋଟିଏ ବହି ଲେଖିଛନ୍ତି। ତାଙ୍କର ମତ ବି ସେୟା। ସଫଳ ହେବାର ମୂଷିକ ଦୌଡ଼ରେ ସାମିଲ ହୋଇ ଆମେ ଏବେ ହୁଏତ ସଫଳ ହୋଇଛେ ବୋଲି ଦାବି କରୁଛେ, ମାତ୍ର ସୁଖୀ ହୋଇପାରିନେ। ଏ କଥା ହୃଦୟଙ୍ଗମ କରିବାକୁ ହେବ ଯେ ସଫଳ ହେବା ଅପେକ୍ଷା ସୁଖୀ ହେବା ଜୀବନର ବୃହତ୍ତର ଲକ୍ଷ୍ୟ। ଆମେ ସଫଳ ହେଲେ ସୁଖ କିଣିପାରିବା ବୋଲି ଭାବି ଜୀବନସାରା ଦୌଡି ଚାଲିଲେ ରାଜା ମିଡାସ୍‌ଙ୍କ ଭଳି। ଯାହାକୁ ଛୁଇଁବା ତାହା ସୁନା ହୋଇଯାଉ ବୋଲି ବର ଆମେ ହୁଏତ ପାଇଛେ କଠୋର ତପସ୍ୟା ପରେ। ମାତ୍ର ଆମ ଭାତଥାଳିର ଭାତ, ଗିଲାସର ପାଣି ବି ସୁନା ହୋଇଗଲେ କି ସୁଖ ମିଳିବ ଆମକୁ ? ରାଜାର ମୁକୁଟ ପିନ୍ଧିଥିବା ଅନ୍ତଃସାରଶୂନ୍ୟ ମଣିଷ ଶେଷରେ ନିଜ ରକ୍ତମାଂସର ଝିଅକୁ ମଧ୍ୟ ରାଜା ମିଡାସ୍‌ଙ୍କ ପରି ଛଉଁଛୁଉଁ ସୁନାର ମୂର୍ତ୍ତିଟିଏ କରିଦେଇପାରେ। ତେଣୁ ନିଜକୁ ସାଫଲ୍ୟମଣ୍ଡିତ ହେବାର ଦୁର୍ବାର ଅଭିଳାଷରୁ ମୁକ୍ତ କରିବାର ସମୟ ଉପନୀତ। ଜୀବନକୁ ଠିକ୍ ଢଙ୍ଗରେ ଜିଇବାର ଅଭିଳାଷକୁ ପୁନର୍ଜୀବିତ କରିବାକୁ ହେବ। ନିଜ ଆତ୍ମାର ଡାକ ଶୁଣିବାକୁ ପଡ଼ିବ।

ଜିଲାପାଳ, ଯାଜପୁର, ମୋ– ୯୪୩୭୨୮୬୫୧୨



ଉପେନ୍ଦ୍ର ବିଶ୍ୱାଳ

# ଶିକ୍ଷା ବନାମ ଶୈଶବ

ନିରିମାଖିର ଆଖିରୁ ଝରୁଥିଲା ଲୁହର ଧାର। କଇଁ କଇଁ ହୋଇ କାନ୍ଦି ଚାଲିଥିଲା ପ୍ରାୟ ଦେଢ଼ବର୍ଷର ଝିଅଟି। ଛାଟିପିଟି ହୋଇ ଏମିତି ରଡ଼ି ଛାଡୁଥିଲା ଯେ ତାକୁ ଜଣେ ସମ୍ଭାଳିବା ସହଜ ନ ଥିଲା। ଜୋର୍‌କରି ଦୁଇଜଣ ନେଇଆସିଛନ୍ତି ସ୍କୁଟିରେ ପ୍ଲେ ସ୍କୁଲରେ ନାମ ଲେଖାଇବାକୁ। ବିକଳ ଭାବ, କରୁଣ କାନ୍ଦଣା ଦେଖି ମୋ ଆଖିପତା ବି ଭିଜି ଯାଇଥିଲା। ସେହି ସମୟରେ ବି ପ୍ରାୟ ୨ ବର୍ଷର ଅନ୍ୟ ଏକ ଶିଶୁପୁତ୍ରକୁ ଧରି ପହଞ୍ଚିଲେ ଶ୍ୱଶୁରବୋହୂ ଦୁଇଜଣ। ଶିଶୁଟିର ମଧ୍ୟ ସେମିତି ଦୁଃଖଦ ସ୍ଥିତି। ଧକେଇ ଧକେଇ କାନ୍ଦି ଚାଲିଥାଏ। ସ୍କୁଲ ଛୁଟିର ଘଣ୍ଟି ବାଜିଲା। ବାହାରେ ଅପେକ୍ଷାରେ ଥିଲେ ଅଭିଭାବକମାନେ। ଅତି ଆନନ୍ଦରେ ଧାଇଁ ଆସୁଥାନ୍ତି ଶିଶୁମାନେ, ଅଟକିଥିବା ବାଛୁରିଛୁଆଟିଏ ଗୋଠରୁ ଫେରି ଆସିଥିବା ମାଆକୁ ଦେଖି ଯେମିତି ଆନନ୍ଦରେ ଆତୁର ହୋଇ ଦୌଡ଼ିଥାଏ। ଟିକିଏ ଚାଲି ଶିଖିଲାବେଳକୁ ଶିକ୍ଷାତୁର ମା'ବାପାମାନେ ପିଲାଙ୍କୁ ଧରିଆଣି ଛାଡ଼ିଦିଅନ୍ତି ସ୍କୁଲରେ।

ଶିଶୁଟିଏ ସୁରକ୍ଷିତ ମନେକରେ ମା'ବାପାଙ୍କ ଗହଣରେ। ତା'ର ବଦମାସି ଭିତରେ ଲୁଚି ରହିଥାଏ ବୁଦ୍ଧିମତ୍ତା। ଅଳି ଅର୍ଦ୍ଦଳି ମଧ୍ୟରେ ଥାଏ ଆବେଗ, ଅଧିକାରପଣ। ବୟସ ଟିକିଏ ବଢ଼ିଲେ ବ୍ୟବହାରରେ ପରିବର୍ତ୍ତନ ଆସେ। ଆଖି ଆଗରେ ଦେଖୁଥିବା ଦୁନିଆ ହେଉଛି ଏକ ଖୋଲାବହି। ସେଥିରୁ ଅନେକ ଶିକ୍ଷା ମିଳେ, ପ୍ରେରଣା ବି ମିଳେ। ଫୁଲରୁ ଫୁଲକୁ ଡେଇଁ ବୁଲୁଥିବା ପ୍ରଜାପତି ସହିତ ଖେଳି, ଗାଡ଼ିଆ–ପୋଖରୀ, ବିଲ–ବନ, ପାହାଡ଼–ଝରଣା, ନଈ–ନାଳ ଆଦି ଦେଖି ପ୍ରକୃତି ଓ ପ୍ରାଣିଜଗତ ପ୍ରତି ସମ୍ବେଦନଶୀଳ ହୋଇଉଠେ। ରାତି ଆକାଶରେ ଆଖି ମିଟିକା ମାରୁଥିବା ତାରାଫୁଲକୁ ଦେଖି ପୁଲକିତ ହୋଇଉଠେ। ମୁକ୍ତ ଆକାଶରେ ଉଡ଼ି ବୁଲୁଥିବା ଟିକି ଚଢ଼େଇକୁ ଦେଖି ସେ ବିଭୋର ହୁଏ। ସେ ଚାହେଁ ସେ ବି ଉଡ଼ିବୁଲିବ, ତା' ଅଗଣାର ଆକାଶରେ।

ଏପରି ମୁହୂର୍ତ୍ତରେ ଆମେ ଜଞ୍ଜାଳମୁକ୍ତ ହେବାକୁ ଯାଇ ଅବା ନିଜର କଳ୍ପନାନୁସାରେ ତାକୁ ପାଠୁଆ ଓ ବଡ଼ମଣିଷ ବନାଇବାକୁ ଯାଇ ତା' ପାଇଁ ଜଞ୍ଜିରର ବ୍ୟବସ୍ଥା କରି ଚାଲିଛୁ। ଫଳରେ ଯନ୍ତ୍ରମାନବଟିଏ ସେ ବନୁଛି ସିନା, ହରାଇବସୁଛି ଜୀବନର ଶାଶ୍ୱତ ସ୍ୱାଦ ଓ ସମ୍ପଦସବୁ। ନା ତାଠି ଦେଖିବାକୁ ମିଳୁଛି ସମ୍ବେଦନଶୀଳତା ନା ସହନଶୀଳତା, ସାହସିକତା, ଧୈର୍ଯ୍ୟ ବା ଦୟାଶୀଳତା। କଲେଜପଢ଼ୁଆ ସହରୀ ତରୁଣୀମାନେ ତ ଘରେ ସାମାନ୍ୟ ଅସରପାଟିଏ ଦେଖିଲେ ଭୟରେ ଚିତ୍କାର ଛାଡୁଛନ୍ତି। ଆମ ପିଲା ସାମାନ୍ୟ ପହଁରା ଶିଖି ପାରି ନ ଥିବା ଯୋଗୁ ପ୍ରତିବର୍ଷ ଶହ ଶହ ସଂଖ୍ୟାରେ ସଲିଳ ସମାଧି ନେଉଛନ୍ତି। ପିଲାଙ୍କଠି ଆମେ କି ପ୍ରକାର ବିକାଶ ଦେଖି ଅତି ଉତ୍ଫୁଲ୍ଲ ହୋଇଉଠୁଛୁ ? ସେମାନେ ଜୀବନ ଜିଇବାର କଳାକୌଶଳ ଯେଉଁଠି ଶିଖିପାରୁନାହାନ୍ତି, ଜୀବନ ଜିଣିବାର କୌଶଳ ଶିଖନ୍ତେ ବା କେମିତି! ସ୍କୁଲରେ ଯେତେ ଖେଳକୁଦ ଝୁଲଣର ବ୍ୟବସ୍ଥା କଲେ ମଧ୍ୟ ଚପଳ ମନଟି ଆବଦ୍ଧ। ଶୃଙ୍ଖଳାର ଶୃଙ୍ଖଳରେ ସେ ବନ୍ଦୀ। ସ୍କୁଲର ଚାରିକାନ୍ଥ ମଧ୍ୟରେ ସେ କ'ଣ ଅନୁଭବ କରିପାରିବ ସ୍ୱାଧୀନତାର ସ୍ୱାଦ ? ବିହଙ୍ଗସମ ମୁକ୍ତି ଆଶାୟୀ ଶିଶୁ। ତାକୁ ବନ୍ଦୀ କରିରଖିଲେ ମାନସିକ ସ୍ତରରେ ତା'ର ବିକାଶ ବାଧାପ୍ରାପ୍ତ ହେବ। ସୁନାର ପଞ୍ଜୁରିରେ ରଖି ପକ୍ଷୀଟି ପାଇଁ ଯେତେ ସ୍ୱାଦିଷ୍ଟ ଫଳ, ସୁମଧୁର ଝରଣା ଜଳର ବ୍ୟବସ୍ଥା କଲେ ବି କେଉଁଠୁ ପାଇବ ସେ ମୁକ୍ତିର ଆନନ୍ଦ ? ସେହିପରି ସ୍କୁଲ ଯେଉଁ ସ୍ତରର ହେଉ ନା କାହିଁକି ଦେଢ଼–ଦୁଇବର୍ଷର ଶିଶୁଟିଏ ପାଇଁ ତାହା ହେଉଛି ପିଞ୍ଜରା ସଦୃଶ।

ସ୍କୁଲକୁ ଆସିବାକ୍ଷଣି ପିଲାଙ୍କ ସହିତ ଆସିଥାଏ ବଡ଼ ବ୍ୟାଗ୍‌ଟିଏ, ଯେଉଁଥିରେ ଥାଏ ଖାତା, ବହି, ପେନ୍‌ସିଲ ବକ୍ସ, ପାଣିବୋତଲ ଆଦି। ଯେଉଁ ସ୍କୁଲ ଯେତେ ଉଚ୍ଚଶ୍ରେଣୀର ବୋଲି ଡିଣ୍ଡିମ ପିଟେ, ସେହି ସ୍କୁଲର ପିଲାଙ୍କ ବ୍ୟାଗ୍ ସେତିକି ଓଜନିଆ। ବ୍ୟାଗ୍ ଭାରି ହେବା ତ ଏକ ସମସ୍ୟା। ପୁଣି ଅତ୍ୟଧିକ ହୋମ୍‌ୱାର୍କର ଚାପ ହେଉଛି ଆଉ ଏକ ସମସ୍ୟା। ଏହା ପିଲାଙ୍କ ଶାରୀରିକ ଓ ମାନସିକ ଯନ୍ତ୍ରଣାକୁ ବଢ଼ାଇଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତାନୁଯାୟୀ ଭାରି ବ୍ୟାଗ୍ ଉଠାଇବା ଦ୍ୱାରା ମେରୁଦଣ୍ଡର ପିଞ୍ଜରାହାଡ଼ ଉପରେ କୁପ୍ରଭାବ ପଡେ। ବ୍ୟାକ କେୟାର ସଂସ୍ଥା ଅନୁଯାୟୀ, ବ୍ରିଟେନର ପିଲାମାନେ ନିଜ ଓଜନର ପ୍ରାୟ ୨୫ ଭାଗ ଓଜନ ବୋହିଥାନ୍ତି। ବ୍ରିଟେନ ପିଲା ହାରାହାରି ୧୨–୧୩ କିଗ୍ରା ଓଜନର ସ୍କୁଲବ୍ୟାଗ୍ ଉଠାଇଥାନ୍ତି, ଯେଉଁଥିପାଇଁ ସେଠାରେ ୧୪/୧୫ ବର୍ଷ ବୟସର ଅର୍ଦ୍ଧାଧିକ ପିଲା ମେରୁଦଣ୍ଡ ହାଡ଼ବ୍ୟଥା ରୋଗରେ ବ୍ୟଥିତ।

ସାଧାରଣତଃ ବୟସାଧିକ୍ୟ କାରଣ ଯୋଗୁ ଅଣ୍ଟା ବା କାନ୍ଧ ବିନ୍ଧା ସମସ୍ୟା ଦେଖାଦେଇଥାଏ। ମାତ୍ର ସମ୍ପ୍ରତି ପ୍ରାୟ ସମସ୍ତେ ଏଥିରେ ଆକ୍ରାନ୍ତ, ପିଲାଠୁ ବୁଢ଼ା ପର୍ଯ୍ୟନ୍ତ। ପୁନଶ୍ଚ ଆଜିର ଦିନରେ ପୌଷ୍ଟିକ ଖାଦ୍ୟ, ସ୍ୱଚ୍ଛ ଜଳ ଓ ବାତାବରଣର ଅଭାବ। ଯାହାର କୁଫଳ ସ୍ୱରୂପ ବିଭିନ୍ନ ରୋଗରେ ଆମେ ସହଜେ ଆକ୍ରାନ୍ତ। ଅନ୍ୟପକ୍ଷେ ଅତ୍ୟଧିକ ହୋମ୍‌ୱାର୍କରେ ପିଲାମାନେ ଏମିତି ଭାରାକ୍ରାନ୍ତ ଯେ ଟିକିଏ ଫୁରସତ୍ ନାହିଁ। ସମୟ ନାହିଁ ମନକୁ ଟିକେ ହାଲୁକା କରିବାକୁ। ଫଳତଃ ପିଲାଙ୍କଠି ବଢ଼ି ବଢ଼ି ଚାଲିଛି ମାନସିକ ବିଷାଦ, ଚିଡ଼ିଚିଡ଼ା, ଉଦାସ ଓ ହତାଶାଭାବ, କ୍ରୋଧ ଓ ଅଧୈର୍ଯ୍ୟ। ପୁଣି ଦେଖାଯାଉଛି ଆବେଗହୀନତା ଓ ସହନଶୀଳଶୂନ୍ୟତା। ଫଳତଃ ଉଦ୍‌ବେଗଜନକ ଭାବେ ପିଲାଙ୍କଠି ବଢ଼ି ବଢ଼ି ଚାଲିଛି ହିଂସାତ୍ମକ ପ୍ରବୃତ୍ତି ଓ ଆତ୍ମହତ୍ୟା ପ୍ରବଣତା, ଯାହାକି ଗଭୀର ଚିନ୍ତାର ବିଷୟ। ଏଥିପ୍ରତି ସଜାଗ ନ ରହିଲେ ଆମ ଶିଶୁ ଓ କିଶୋରମାନଙ୍କ ଭବିଷ୍ୟତ ଯେ ବିପନ୍ନ, ଏଥିରେ ସନ୍ଦେହ ନାହିଁ।

ବିଦ୍ୟାଶ୍ରୀ, ମାଷ୍ଟର କ୍ୟାଣ୍ଟିନ,
ଭୁବନେଶ୍ୱର, ମୋ– ୯୪୩୭୪୩୬୦୭୩

## ଏଇ ଭାରତରେ

କବିତା କୋମଳ ହୃଦୟର ଅଭିବ୍ୟକ୍ତି। ଏହା ସରଳ, ତରଳ ପ୍ରାଣକୁ ଛୁଏଁ। କିନ୍ତୁ ପୋଲିସ ବୃତ୍ତିରେ ଥିବା କୌଣସି କଡା ମିଜାଜ୍‌ର ବ୍ୟକ୍ତିଙ୍କ ମନପ୍ରାଣକୁ କବିତା ଛୁଇଁବା କ୍ୱଚିତ୍ ଦେଖାଯାଏ। କିନ୍ତୁ ଏ ଦିଗରେ ଚେନ୍ନାଇର ଡେପୁଟି ପୋଲିସ କମିଶନର ଆର. ଥିରୁନାଭୁକାରାସୁ ଏକ ନିଆରା ବ୍ୟକ୍ତିତ୍ୱ। ସେ କଥା କଥାକେ ଉଦାହରଣ ଦେଇଥାଆନ୍ତି। ଯେଉଁଥିରେ ସମାଜ କଲ୍ୟାଣ ପାଇଁ ଭରପୂର ବାର୍ତ୍ତା ଥାଏ। ସେ ବର୍ତ୍ତମାନ କିମ୍ବଦନ୍ତୀ ତାମିଲ କବି ଏବଂ ମାନବବାଦୀ ତିରୁଭାଲୁଭରଙ୍କ ପାଇଁ ଏକ ଉଲ୍ଲେଖନୀୟ ଆମ୍ବାସାଡର ପାଲଟିଛନ୍ତି। ଉକ୍ତ ଅଫିସର କହନ୍ତି, ସେ ସାହିତ୍ୟ ପ୍ରତି ଅଧିକ ଦୁର୍ବଳ। ପିଲାଦିନରୁ ବିଶେଷକରି ତାଙ୍କ ମାତାପିତା ଶିକ୍ଷକତା କରିବା ଦିନଠାରୁ ସେ ଥିରୁକୁରାଲ୍ ଆବୃତ୍ତି କରିବାରେ ଅଭ୍ୟସ୍ତ। ଥିରୁକୁରାଲ ବା ସଂକ୍ଷେପରେ କୁରାଲ ହେଉଛି ଏକ ଶାସ୍ତ୍ରୀୟ ତାମିଲ ପାଠ୍ୟ। ଏଥିରେ ୧୩୩୦ଟି ଶ୍ଲୋକ ବା କୁରାଲ ରହିଛି। ପ୍ରତ୍ୟେକ ଦିନ ମଣିଷର ଜୀବନଯାପନକୁ ଶୃଙ୍ଖଳିତ କରିବା ପାଇଁ ଏଥିରେ ଉପଦେଶମାନ ଦିଆଯାଇଛି। ଥିରୁନାଭୁକାରାସୁ ବହୁବର୍ଷ ହେଲା ପ୍ରତ୍ୟେକ ଦିନ ଏହି ପୁସ୍ତକରୁ ଶ୍ଲୋକ ଆବୃତ୍ତି କରିଆସୁଛନ୍ତି। କାରଣ ସେ ଭାବନ୍ତି, ଏହାକୁ ଶୁଣି ଜନସାଧାରଣ ସେମାନଙ୍କ ମନ, କର୍ଣ୍ଣ ପବିତ୍ର କରିବେ ଏବଂ ପୁଣ୍ୟମାର୍ଗରେ ପରିଚାଳିତ ହେବେ। ବାସ୍ତବରେ ଜଣେ ପୋଲିସ ଅଫିସରଙ୍କ ଏଭଳି ଧର୍ମୀୟ ଭାବନା ଅନ୍ୟ ପୋଲିସ କର୍ମକର୍ତ୍ତାଙ୍କ ଲାଗି ପ୍ରେରଣା ନିଶ୍ଚୟ।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ସେପ୍ଟେମ୍ବର ୧୯୯୩

- ଭାରତ ଓ ଦକ୍ଷିଣ କୋରିଆ ପରସ୍ପର ମଧ୍ୟରେ ଅର୍ଥନୈତିକ ସମ୍ପର୍କ ବୃଦ୍ଧି କରିବା ପାଇଁ ଏକ ମିଳିତ ଅର୍ଥନୈତିକ କମିଶନ ଗଠନ କରିବାକୁ ନିଷ୍ପତ୍ତି।
- ଗାଜାଷ୍ଟ୍ରିପ ଓ ଜେରିକୋକୁ ସୀମିତ ସ୍ୱୟଂଶାସନ ଅଧିକାର ପ୍ରଦାନ ପାଇଁ ପିଏଲ୍‌ଓ ଏବଂ ଇସ୍ରାଏଲ ମଧ୍ୟରେ ପ୍ରସ୍ତାବିତ ରାଜିନାମା ୱାଶିଂଟନଠାରେ ସ୍ୱାକ୍ଷରିତ।

## ଚିରନ୍ତନୀ

ଦୂରଦେଶୁ ପରବାସୀ ଆସେ ଫେରି ହରଷେ
ଲେଉଟଇ ପିକ ପୁଣି ଆବାସେ
ପ୍ରିୟ ମୋର ଡାକେ ନାହିଁ ଶୂନ୍ୟ ଏ ଦୁଆରେ
ମୃଦୁ ହାସେ ଉଭା ହୋଇ ଆବାସେ।
କେଉଁ ଦେଶେ ଲୁଚି ରହେ ସନ୍ଧାନ ନାହିଁ ଯେ
ଦିନ ଯାଏ ଅନ୍ତର ପରାସେ।
(ଜୀବନ–ଦୋଳି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପ୍ତାହିକ ପଞ୍ଜିକା

ସେପ୍ଟେମ୍ବର ୨– ଆତଙ୍କବାଦୀଙ୍କୁ ଲଗାମ ଦେବାରେ ବିଫଳ ହୋଇଥିବାରୁ ପାକିସ୍ତାନକୁ ୩୦୦ ନିୟୁତ ଡଲାର ସାମରିକ ସାହାଯ୍ୟ ବନ୍ଦ କରିଦେଇଛି ଆମେରିକା।
୩– ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବାଲେଶ୍ୱରରେ ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲ ଲୋକାର୍ପିତ।
୪– ଡ. ଆରିଫ ଅଲ୍‌ଭି ପାକିସ୍ତାନର ନୂଆ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି।
୫– ବିଶିଷ୍ଟ ଗୁଜରାଟୀ ସାହିତ୍ୟିକ ତଥା ସାମ୍ବାଦିକ ଭଗବତୀ କୁମାର ଶର୍ମାଙ୍କ ୮୪ ବର୍ଷ ବୟସରେ ପରଲୋକ।
୬– ସମଲିଙ୍ଗୀ ଯୌନ ସମ୍ପର୍କ ଅପରାଧ ନୁହେଁ ବୋଲି ସୁପ୍ରିମ୍‌କୋର୍ଟଙ୍କ ଐତିହାସିକ ରାୟ।

## ଆମ ସମସ୍ୟା

### ରାସ୍ତା ପାଲଟିଛି ମରଣଯନ୍ତା

ମହାଶୟ,

ଖୋରଧା ପୌରାଞ୍ଚଳର ଅଧିକାଂଶ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ପାଣି ପାଇପ ବିଛାଇବା ପାଇଁ ବର୍ଷାଦିନରେ ରାସ୍ତାଗୁଡିକ ଖୋଳି, ତାଡି ଧ୍ୱସ୍ତବିଧ୍ୱସ୍ତ କରାଯାଇଛି। ରାସ୍ତାଗୁଡିକ ଖୋଳିବା ପରେ ସମତୁଲ କରାଯାଉନାହିଁ। ରାସ୍ତା ମଝିରେ ମେଟାଲ, କଂକ୍ରିଟ ବିକ୍ଷିପ୍ତ ହୋଇ ପଡିରହିଛି। ଅନେକ ସ୍ଥାନରେ ବିରାଟ ଗର୍ତ୍ତମାନ ସୃଷ୍ଟିହୋଇ ଜଳ ଜମିରହୁଛି। ନାଳ ନର୍ଦ୍ଦମାର ମଇଳା ଜଳ ସହ କୁଢ କୁଢ ଆବର୍ଜନା ଗଦା ହୋଇ ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ସହର ମଧ୍ୟଦେଇ ଯାଇଥିବା ଚଣ୍ଡୀଚୁଆ ଛକ ରାସ୍ତା, ତଳସାହି, ପୋଷ୍ଟ ଅଫିସ ଲେନ, କାହ୍ନୁସାଗର ନିକଟ ରାସ୍ତାରେ ବିପଦସଙ୍କୁଳ ଅବସ୍ଥା ସୃଷ୍ଟି ହୋଇଛି। ପୌର ପରିଷଦ, ଜିଲା ପ୍ରଶାସନ ତୁରନ୍ତ ବିହିତ ପଦକ୍ଷେପ ନେବେ ବୋଲି ଅନୁରୋଧ।

ବସନ୍ତ କୁମାର ସୁନ୍ଦରାୟ, ମାଳିସାହି ଛକ, ଗୁରୁଜଙ୍ଗ, ଖୋରଧା

### ରାଜଧାନୀରେ ଜଳ ତାଣ୍ଡବ

ସ୍ମାର୍ଟସିଟି ଭୁବନେଶ୍ୱରର ରାଜରାସ୍ତାରେ ଜଳ ତାଣ୍ଡବ କଥା ସମସ୍ତେ ଜାଣନ୍ତି। ଏବେ ଆଇଆର୍‌ସି ଭିଲେଜରେ ଥିବା ସ୍ୱେରେଜ ଲାଇନ୍‌ର ମ୍ୟାନ୍‌ହୋଲଗୁଡିକରେ ନିଜ ଘର ସମ୍ମୁଖର ବର୍ଷାଜଳକୁ ଛାଡିବା ପାଇଁ କଣା କରାଯାଇଛି। ଫଳରେ ସ୍ୱେରେଜ ଲାଇନଗୁଡିକ ବାଲିଧୂଳିରେ ଚୋକ୍ ହେବା ସହ ସେହି ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇ ରାସ୍ତା ଦବିଯିବା କାରଣରୁ ଦୁର୍ଘଟଣା ଘଟିବାର ଆଶଙ୍କା ବୃଦ୍ଧି ପାଇବ। ଏଗୁଡିକର ମରାମତି ଶୀଘ୍ର ହେବା ଦରକାର।

ଭାଗବତ ପ୍ରସାଦ ପାଢ଼ୀ, ଆଇଆର୍‌ସି ଭିଲେଜ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku ସୁ–ଡୋ–କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆଯତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ F ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

## ବିଦ୍ୟୁତ ସଂଯୋଗରେ ବିଳମ୍ବ ପ୍ରସଙ୍ଗ

# ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ମିଥ୍ୟା ଟୁଇଟ୍

**ଜଗତ୍‌ସିଂହପୁର ଅଫିସ, ୯।୯:** ଜଗତ୍‌ସିଂହପୁର ପୌର ପରିଷଦ ୱାର୍ଡ ସଂଖ୍ୟା ୨ ଅନ୍ତର୍ଗତ ମାର୍କଣ୍ଡପୁରର ଅନୁସୂଚିତ ଜନଜାତି ବସ୍ତିରେ ୨ ମାସ ପୂର୍ବରୁ ସବ୍‌ଷ୍ଟେଶନ କାମ ସରିଛି। କିନ୍ତୁ ଲୋକଙ୍କୁ ବିଦ୍ୟୁତ ସୁବିଧା ଦିଆଯାଉନାହିଁ। ବରଂ ସେସୁ ଏସ୍‌ଡିଓଙ୍କୁ ୪,୦୦୦ ଟଙ୍କା ଦେଲେ ବିଦ୍ୟୁତ ସଂଯୋଗ ହେବ ବୋଲି କନିଷ୍ଠ ଯନ୍ତ୍ରୀ (ଜେଇ) ଦାବି କରୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଏଭଳି ସଙ୍ଗୀନ ଅଭିଯୋଗ କରିଛନ୍ତି ଜଣେ ବ୍ୟକ୍ତି। ସେ ଟ୍ୱିଟ୍ କରି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏଭଳି ଅଭିଯୋଗ କଲାପରେ ଏହା ଉପରେ ସେସୁ ନିର୍ବାହୀ ଯନ୍ତ୍ରୀ ତଦନ୍ତ କରିଛନ୍ତି। କିନ୍ତୁ ତଦନ୍ତରେ ଏସ୍‌ଡିଓ ଓ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ମିଥ୍ୟା ଅଭିଯୋଗ ହୋଇଥିବା ଜଣାଯାଇଛି। ଲୋକେ ଏଭଳି ଅଭିଯୋଗ ଅମୂଳକ ଓ ଭିତ୍ତିହୀନ ବୋଲି କହିଛନ୍ତି। ବିଶେଷକରି ଏସ୍‌ଡିଓ ଓ ଜେଇ କିଏ ସେମାନଙ୍କୁ ଚିହ୍ନି ନ ଥିବା କହିବା ଅଭିଯୋଗକାରୀଙ୍କ ଅଭିଯୋଗକୁ ମିଥ୍ୟା ପ୍ରମାଣିତ କରିଛି। ଏ ସମ୍ପର୍କରେ ୱାର୍ଡ ସଂଖ୍ୟା ୨ କାଉନସିଲର ନିରଞ୍ଜନ ସେଠୀ, ଏସ୍‌ଡିଏ ସଭାପତି ଗଣେଶ୍ୱର ହାଂସଦାଙ୍କ ସମେତ ଅନେକ ଲୋକ ଲିଖିତ ଭାବେ ନିର୍ବାହୀ ଯନ୍ତ୍ରୀଙ୍କୁ ସ୍ପଷ୍ଟ ମତ ଦେଇଛନ୍ତି। ଏଥିରେ ଉଲ୍ଲେଖ ଅଛି, ବିଜୁ ସହରାଞ୍ଚଳ ଯୋଜନାରେ ନୂତନ ଭାବେ ପ୍ରତିଷ୍ଠା ହୋଇଥିବା ଲାଇନ୍ ଓ ସବ୍‌ଷ୍ଟେଶନ ପାଇଁ ସେସୁ ଏସ୍‌ଡିଓ କିମ୍ବା ତାଙ୍କର କୌଣସି କର୍ମଚାରୀ ଉତ୍କୋଚ ମାଗିନାହାନ୍ତି। କୌଣସି ବ୍ୟକ୍ତି ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ମିଥ୍ୟା ଅଭିଯୋଗ କରି ବିଭ୍ରାଟ ସୃଷ୍ଟି କରିବାକୁ ଉଦ୍ୟମ କରିଛନ୍ତି।

# ବ୍ଲାକ୍‌ରୋଜ୍ ବୁଡ଼ିବାକୁ ୯ ବର୍ଷ: ବାଟବଣା ସିବିଆଇ

**ପାରାଦୀପ,୯।୯(ସ୍ୱ.ପ୍ର.)**

୨୦୦୯ ସେପ୍ଟେମ୍ବର ୯ରେ ପାରାଦୀପ ବନ୍ଦର ପାଖ ସମୁଦ୍ରରେ ବୁଡିଯାଇଥିଲା ଏମ୍‌ଭି ବ୍ଲାକରୋଜ ଜାହାଜ। ୯ ବର୍ଷ ବିତିଯାଇଥିଲେ ହେଁ ଏହାର କାରଣ ଏବେ ବି ଅସ୍ପଷ୍ଟ। ଏନେଇ ଅନେକଥର ରାଜନୈତିକ ହଟଚମଟ ସୃଷ୍ଟି ହୋଇଛି। କଥା ସିବିଆଇ ପର୍ଯ୍ୟନ୍ତ ଯାଇଛି। ଗତ ୮ମାସ ତଳେ ଏ ସମ୍ପର୍କରେ ପାରାଦୀପ ଟ୍ରଷ୍ଟ ବୋର୍ଡରେ ୨ଜଣ ଟ୍ରଷ୍ଟି ଭୁବନମୋହନ ଜେନା ଓ ପ୍ରତାପ ମିଶ୍ର ପ୍ରଶ୍ନ ଉଠାଇଥିଲେ। ଏହାର ସିବିଆଇ ତଦନ୍ତ କରିବାକୁ ସେମାନେ ଦାବି କରିଥିଲେ। ଏହା ପରେ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟକୁ ସିବିଆଇ ତଦନ୍ତ ପାଇଁ ସୁପାରିଶ କରିଥିଲେ। ଗତ ଜୁନ୍ ମାସରେ ସିବିଆଇ ବନ୍ଦର ପ୍ରଶାସନିକ ଭବନକୁ ଆସି ତଦନ୍ତ ଆରମ୍ଭ କରିଥିଲେ ବୋଲି ଚର୍ଚ୍ଚା ହୋଇଥିଲା। କିନ୍ତୁ ବନ୍ଦର ପ୍ରଶାସନ ଏନେଇ ଆନୁଷ୍ଠାନିକ ଭାବେ କୌଣସି ସୂଚନା ଦେଇନାହିଁ। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ସିବିଆଇ ବନ୍ଦର ପ୍ରଶାସନର ୫ଜଣ ଅଧିକାରୀଙ୍କ ନାମ ଦେବା ପାଇଁ କହିବା ପରେ ବନ୍ଦର କର୍ତ୍ତୃପକ୍ଷ ଦ୍ୱିଧାରେ ପଡିଥିବା କୁହାଯାଉଛି। ଅନ୍ୟପକ୍ଷରେ ଦୀର୍ଘ ୯ବର୍ଷ ଧରି ଚୁପ୍ ବସିଥିବା ସ୍ଥାନୀୟ ବିଧାୟକ ଡା. ଦାମୋଦର ରାଉତ ଗତ କିଛିଦିନ ତଳେ ନିଜ ଦଳର କେତେଜଣ ନେତାଙ୍କ ନାମ ନେଇ ନକରାତ୍ମକ ଟିପ୍ପଣୀ ଦେଇଥିଲେ, ଯାହାକି ପ୍ରସଙ୍ଗକୁ ରୋଚକ ମୋଡକୁ ନେଇଯାଇଛି। ସୂଚନାଯୋଗ୍ୟ, ୯।୯।୦୯ରେ ବ୍ଲାକରୋଜ ଜାହାଜରେ ପଣ୍ୟ ବୋଝେଇ ବେଳେ ବର୍ଷା ହେଉଥିଲା। ପଣ୍ୟଗୁଡିକ ଓଦା ହୋଇଯିବାରୁ ଜାହାଜ କ୍ୟାପ୍‌ଟେନ୍ ନେବାକୁ ମନା କରିଦେଇଥିଲେ। ତାଙ୍କୁ ବର୍ଥ ଛାଡିବାକୁ ତତ୍କାଳୀନ ବନ୍ଦର ଟ୍ରାଫିକ ମ୍ୟାନେଜର କହିଥିଲେ। ଓଦା କାର୍ଗୋ ନେଇ ଜାହାଜଟି ବନ୍ଦରର ଆଙ୍କରେଜ୍ ଏରିଆରେ ଥିବାବେଳେ ବୁଡି ଯାଇଥିଲା। ୨୫ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ଉକ୍ତ ଜାହାଜର କୌଣସି କାଗଜପତ୍ର ନ ଥିଲା। ଜାହଜଟି ବୁଡିଯିବା ପରେ ୨୭ ଜଣ ନାବିକଙ୍କ ମଧ୍ୟରୁ ବନ୍ଦର ମେରାଇନ୍ ବିଭାଗ ୨୬ଜଣଙ୍କୁ ଉଦ୍ଧାର କରିଥିଲା। କ୍ୟାବିନ୍ ଭିତରେ ଜାହାଜର ଯନ୍ତ୍ରୀ ଆଲେକ୍‌ଜାଣ୍ଡରଙ୍କ ମୃତ୍ୟୁ ଘଟିଥିଲା। ଜାହାଜରୁ ମୃତଦେହ ଉଦ୍ଧାର ଓ ତେଲ ଉଦ୍ଧାର କରିବା ଆଦି କାର୍ଯ୍ୟ ନିମନ୍ତେ ସେତେବେଳେ ବନ୍ଦର କର୍ତ୍ତୃପକ୍ଷ ପ୍ରାୟ ୨୦କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ଏହି ଜାହାଜର ଏଜେଣ୍ଟ ସିଟ୍ରାନ୍ସ ସିପିଂ ଥିବାବେଳେ ରପ୍ତାନୀକାରୀ ସଂସ୍ଥା ଥିଲେ ଓରିକାଷ୍ଟ, ରେକ୍ଟର ମାଇନ୍ସ ଓ ଏ.ବି. ମିନେରାଲ୍ସ। ଘଟଣା ପରେ ମେରାଇନ ପୋଲିସ ପ୍ରଥମେ ମାମଲା ନଂ. ୨୬/୦୯ ରୁଜୁ କରିଥିଲା। ପରେ ଏହାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚକୁ ଦିଆଯାଇଥିଲା। ଏତେ ବର୍ଷ ପରେ ମଧ୍ୟ କ୍ରାଇମବ୍ରାଞ୍ଚ ଜାହାଜର ମାଲିକ ମଙ୍ଗୋଲିଆର ସି.କକ୍‌ଙ୍କ ପାଖରେ ପହଞ୍ଚିପାରିନାହିଁ। ପାରାଦୀପ ବନ୍ଦର ପାଇଁ କଳଙ୍କର ଦାଗ ସାଜିଥିବା ଉକ୍ତ ବ୍ଲାକରୋଜ ଜାହାଜ ଆଜି ମଧ୍ୟ ସମୁଦ୍ରରେ ବୁଡିରହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁ ଯେତେ ମାଠିବୁ ମାଠ**
**ମୁଁ ସେଇ ଦରପୋଡ଼ା କାଠ ।**

ଅଯୋଗ୍ୟ ଓ ଅପଦାର୍ଥ ବ୍ୟକ୍ତିଙ୍କୁ ବାଟକୁ ଆଣିବା କାଠିକର ପାଠ ହୋଇଥାଏ। କାହାରି କଥା ବା ବୋଲକୁ ସେମାନଙ୍କର ଡର କି ଭୟ ରହୁ ନ ଥିବା ବେଳେ କୌଣସି ଆକଟ ଅଥବା ଶାସ୍ତି କାଟୁ କରି ନ ଥାଏ। ଯିଏ ବଦଳିବାର ନ ଥାଏ ତାକୁ ଯେତେ ଚେଷ୍ଟା କଲେ ମଧ୍ୟ ବଦଳାଇବା ସମ୍ଭବପର ହେଉ ନ ଥିବା ବେଳେ ଯେତେ ବୁଝାଇଲେ ମଧ୍ୟ ସ୍ୱଭାବ ନ ବଦଳିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୁ ବଡ଼କୁ ମାଇଲୁ ଗୋଇଠା**
**ଏବେ ଗୋଡ଼ ଟେକି କରି ବଇଥା ।**

ବୟସ୍କ ବ୍ୟକ୍ତି ଚିର ନମସ୍ୟ। ତାଙ୍କ ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନ କରାଯିବା ଉଚିତ। ଏପରି ବୟସ୍କ ବ୍ୟକ୍ତିଙ୍କୁ ଅବମାନନା କଲେ ପରିଣାମ ଅତ୍ୟନ୍ତ ବିଷମ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ଏରସମା ବିପ୍ଳବ ଦିବସ ସମାରୋହ ଉଦ୍‌ଯାପିତ




ଏରସମା ବିପ୍ଳବ ଦିବସ ଉଦ୍‌ଯାପନୀ ସମାରୋହରେ ଉପସ୍ଥିତ ଅତିଥି।

**ଏରସମା,୯।୯(ସ୍ୱ.ପ୍ର.)**

ଏରସମା ବ୍ଲକର ସଙ୍କଳ୍ପ ସାମାଜିକ ସଂଗଠନ ପକ୍ଷରୁ ଗତ ୬ ତାରିଖଠାରୁ ପାଳିତ ହୋଇ ଆସୁଥିବା ଏରସମା ବିପ୍ଳବ ଦିବସ ସମାରୋହ ରବିବାର ସ୍ଥାନୀୟ ବସଷ୍ଟାଣ୍ଡରେ ଉଦ୍‌ଯାପିତ ହୋଇଯାଇଛି। ସଂକଳ୍ପର ନିର୍ଦ୍ଦେଶକ ଚନ୍ଦ୍ରଜିତ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପାରାଦୀପ ବିଧାୟକ ଡା. ଦାମୋଦର ରାଉତ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏରସମା ମାଟିର ଅତୀତ ଗୌରବ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଲେ ଯେ ମହାତ୍ମା ଗାନ୍ଧୀଙ୍କ ଡାକରାରେ ଏରସମା ଭଳି ଏକ ଉପାନ୍ତ ଅଞ୍ଚଳର ଲୋକଙ୍କ ହୃଦୟରେ ଦେଶପ୍ରେମର ବୀଜ ବପନ ହୋଇଥିଲା। ସେମାନେ ଗୋଡାରେ ଲୁଣ ମାରବା ସହିତ ଏରସମାର ତତ୍କାଳୀନ ବ୍ରିଟିଶ ଥାନାକୁ ପୋଡି ଇତିହାସ ରଚିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ଡା.ସୁଶାନ୍ତ କୁମାର କାନୁନଗୋ ବରେଣ୍ୟ ଅତିଥି ଭାବରେ ଯୋଗଦେଇ ମୁକ୍ତି ସଂଗ୍ରାମରେ ଏରସମାବାସୀଙ୍କ ଅବଦାନ ସମ୍ପର୍କରେ କହିଥିଲେ। ବାଲିକୁଦାର ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ଭାଜପାର ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ରଘୁନନ୍ଦନ ଦାସ, ଜଗତ୍‌ସିଂହପୁର ପୌର ପରିଷଦ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଯୁବନେତା ଶଶିକାନ୍ତ ପରିଡା, ଶ୍ରମିକନେତା ଅମୃତ ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ବାଲିକୁଦାର ପୂର୍ବତନ ବିଧାୟକ ଉମେଶ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜପା ସରପଞ୍ଚ ତପନ ଗଛାୟତ, କୃଷ୍ଣଚନ୍ଦ୍ରପୁର ସରପଞ୍ଚ ଖୁଲଣା ସୁନ୍ଦରୀ ସ୍ୱାଇଁ, ଏରସମା ସରପଞ୍ଚ ଗୀତାଞ୍ଜଳି ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏଥିରେ ମୁଖପତ୍ର ବହ୍ନି ଶିଖା ଉନ୍ମୋଚିତ ହୋଇଥିଲା।

# ନେତାଜୀ ସ୍ପୋର୍ଟିଂ କ୍ଲବ ରକ୍ତଦାନ ଶିବିର

**ବିରିଡ଼ି,(ଡି.ଏନ୍.ଏ.)/ବାଲିଆ,୯।୯**

ବିରିଡ଼ି ବ୍ଲକ ୨୨ମୌଜା ଗେଲପୁର ହାଇସ୍କୁଲ ପରିସରରେ ଥିବା ଏମଇ ସ୍କୁଲରେ ନେତାଜୀ ସ୍ପୋର୍ଟିଙ୍ଗ କ୍ଲବ ଗେଲପୁର ଆନୁକୂଲ୍ୟରେ ଶନିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। କ୍ଲବ ସଭାପତି ଗିରିଶ ଚନ୍ଦ୍ର ବସ୍ତିଆ ଓ ସମ୍ପାଦକ ରାଜକିଶୋର ବସ୍ତିଆଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ୬୨ ଜଣ ରକ୍ତଦାନ କରିଥିଲେ। ସୂର୍ଯ୍ୟରଞ୍ଜନ ବସ୍ତିଆ, ହେମନ୍ତ କୁମାର ବସ୍ତିଆ, ସୁକାନ୍ତ କୁମାର ବସ୍ତିଆ, ସୁଶାନ୍ତ ବସ୍ତିଆ, କାମଦେବ ବସ୍ତିଆ, ସୁବ୍ରତ ବସ୍ତିଆ, ତ୍ରିନାଥ ବସ୍ତିଆ ଏବଂ ବ୍ରଜ କିଶୋର ସାହୁଙ୍କ ସହଯୋଗରେ ଶିବିର ପରିଚାଳିତ ହୋଇଥିଲା। ଏସିବି ମେଡିକାଲ କଲେଜ ହସପିଟାଲ କଟକର ଡାକ୍ତର ବୈଶାଖି ପଣ୍ଡା, କର୍ମଚାରୀ ବିଶ୍ୱଜିତ ସେନାପତି, ନିରଞ୍ଜନ ପଟ୍ଟନାୟକ, ଶିବଶଙ୍କର ପଟ୍ଟନାୟକ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।

# ନିଷ୍କାସିତ ହୋଇପାରୁନି ବର୍ଷାଜଳ, ବ୍ୟାପକ ଫସଲ ନଷ୍ଟ

**ବାଲିକୁଦା,୯।୯(ସ୍ୱ.ପ୍ର.)**

ଲଗାଣ ବର୍ଷା ଯୋଗୁ ବାଲିକୁଦା ବ୍ଲକର ବିଭିନ୍ନ ଅଞ୍ଚଳ ଜଳାର୍ଣ୍ଣବ ହୋଇରହିଛି। ଇତିମଧ୍ୟରେ ବର୍ଷା ଛାଡିଥିଲେ ମଧ୍ୟ ଡ୍ରେନେଜ ବିଭାଗର ମନମୁଖୀ କାର୍ଯ୍ୟ ଯୋଗୁ ଏହି ଜଳ ନିଷ୍କାସିତ ହୋଇପାରୁନି। ତେଣୁ ଖାଲୁଆ ଜମିରେ ଧାନ ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ପାଣିରେ ବୁଡିରହି ଧାନ ଗଛ ସବୁ ପଚି ନଷ୍ଟ ହୋଇଯାଇଛି। ଏ ସମ୍ପର୍କରେ ମୂଳଗାଁ ପଞ୍ଚାୟତ ସମିତି ସଭ୍ୟ ଦିଲୀପି ସ୍ୱାଇଁ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସୂଚନା ଅନୁଯାୟୀ, ବାଲିକୁଦା ବ୍ଲକ ହେଉଛି ସମୁଦ୍ର ଉପକୂଳ ଅଞ୍ଚଳ। ଏହି ବ୍ଲକର ୩୦ ପଞ୍ଚାୟତର ୬୫ଭାଗରୁ ଊର୍ଦ୍ଧ୍ୱ ଜମି ଖାଲୁଆ କିସମର। ଏସବୁ ଜମିରେ ପ୍ରଥମ ବର୍ଷାରେ ରୁଆ, ବେଉଷଣ ହୋଇଥାଏ। ତେଣୁ ଚଳିତବର୍ଷ ଏସବୁ କାର୍ଯ୍ୟ ଶେଷ ହୋଇଥିଲା। ମାତ୍ର ୩ ଦିନ ତଳେ ହୋଇଥିବା ଲଗାଣ ବର୍ଷା ଯୋଗୁ ଏସବୁ ଜମିରେ ୨ରୁ ୩ ଫୁଟ ପାଣି ଜମି ରହିଛି। ଜଗତ୍‌ସିଂହପୁର ଓ ବାଲିକୁଦା ବ୍ଲକ ଅଞ୍ଚଳର ଉଦ୍‌ବୃତ୍ତ ବର୍ଷା ପାଣି ହସୁଆଁ ନଦୀ ଦେଇ ସମୁଦ୍ରକୁ ଯାଇଥାଏ। କିନ୍ତୁ ଯେଉଁ ବାଟ ଦେଇ ପାଣି ଯିବା କଥା ଚଳିତବର୍ଷ ସେସବୁ ଅଞ୍ଚଳରେ ବେରୁଆଁ ଗଛ ସହିତ ଅନ୍ୟାନ୍ୟ ଗଛ ଉଠିଯାଇଛି। ଜଳ ନିଷ୍କାସନ ବିଭାଗ ପକ୍ଷରୁ ଏହି ସବୁ ଜାଗା ସଫେଇ କରାଯାଇନି। ଫଳରେ ବାଲିକୁଦା ବ୍ଲକର କୃଷ୍ଣଦାଶପୁର, ବାହାରଣା, ମୂଳଗାଁ, ତଣ୍ଡିକୂଳ ଅଳାବୋଳ, ଥାଇଲୋ ଆଦି ପଞ୍ଚାୟତର ଉଦ୍‌ବୃତ୍ତ ଜଳ ନିଷ୍କାସିତ ହୋଇପାରୁନି। ଏଥିସହିତ ମରିଚପୁର, ଧନୁହରବେଲାରୀ, ମାଙ୍କଡଖିଆ, ବୈରିଖ, ସୁନାଧାର, ଗଣ୍ଡକୂଳ, ନହରଣା, ବାଲିଜୋରୀ, ଫୁଲବେଲାରୀ, ବଘେଇପୁର, ବରଦିଆ, ବାରିଆମୂଳ, ବସନ୍ତ, ପାଟପୁର ଗ୍ରାମର ଚାଷଜମିରେ ପାଣି ଜମି ରହିଛି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**FLY ASH BRICKS MACHINE**
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT 7749095348, 8249919890

**ଭାରତର ନଂ.1 କମ୍ପାନୀ**
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
ଘରେ ବସି ସମସ୍ତ ଋଣ ମାତ୍ର 3 ଘଣ୍ଟାରେ ପ୍ରାପ୍ତ କରନ୍ତୁ
ମାର୍କଶିଟ୍, ପର୍ସନାଲ, ଗୃହ ଋଣ
1% ସୁଧ 50% ରିହାତି
HELPLINE 6388753739 6399376206
Add:- 41/14, Sec-1 Pushp Vihar, Delhi

**Aital Company**ରେ
ଘରେ ବସି ପୁଅ-ଝିଅମାନେ Part Time SMS Job କରି ରୋଜଗାର କରନ୍ତୁ।
ମାସିକ 18,600-45,000।
Company ତରଫରୁ Laptop + Printer + Mobile + Sim Card ଫ୍ରିରେ।
Contact No. 70332-02011 70332-00821

**B.Ed** @ Rs 65,000/- Only
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR 7682826300 7682826301
BRAHAMPUR 7682826307 7377730723

**SPOT ADMISSION**
B.Ed CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091 9776587145

**ଧନଲକ୍ଷ୍ମୀ ଫାଇନାନ୍ସ**
(Govt. Regd.)
Vill: Asthawan, Dist.- Nalanda, Bihar-803107
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଆଧାରକାର୍ଡ, ରାଶନ କାର୍ଡ, ଗ୍ରୁପ୍ ଋଣ ଏବଂ ସବୁ ପ୍ରକାର ଋଣ ପାଆନ୍ତୁ ୨୪ ଘଣ୍ଟାରେ ।
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ
୧ ଲକ୍ଷରୁ ୫ କୋଟି ପର୍ଯ୍ୟନ୍ତ ଋଣ ସରକାରୀ ବ୍ୟାଙ୍କଗୁଡ଼ିକ ଦ୍ୱାରା।
Call Now: 07078315986

**ଦୀପାବଳି ଧମାକା**
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527 +91 8126673652
ଠକମାନଙ୍କ ପ୍ରତି ସାବଧାନ

**SMS JOB**
ବେଟିବଚାଓ ବେଟିପଢାଓ ଯୋଜନାରେ ପୁଅଝିଅ, ଗୃହିଣୀ, ଘରେବସି Part time, full time SMS କାମ କରି ମାସକୁ ଟଙ୍କା 15,000/- ରୁ 30,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ । ନାମ ଓ ଠିକଣା SMS କରନ୍ତୁ।
Laptop, Mobile FREE
09135937168 07258995324

**Shree Ganesh Finance Ltd.**
ଋଣ ଧମାକା
ବେରୋଜଗାରଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସବୁ ପ୍ରକାର ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। ମହିଳାଙ୍କ ପାଇଁ ବିଶେଷ ରିହାତି। ସବୁ ଋଣ (100000-9500000) ପର୍ଯ୍ୟନ୍ତ ପାଆନ୍ତୁ ଘରେ ବସି।
Durga Nagar, Ward 36, Ferozpur
09085463427

**JAI LAXMI FINANCE**
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
(ଏଜେଣ୍ଟ ଆମନ୍ତ୍ରିତ)
7455967551 9068296909

**SHARMA FINANCE**
25 ଲକ୍ଷ୍ୟରୁ ଅଧିକ ସନ୍ତୁଷ୍ଟ ଗ୍ରାହକ
Sharma Finance Company
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 2% ବାର୍ଷିକ ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No.-704/2019, Sector-5, Mysore, Bangalore
9674690190 7895084744

**LOAN**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603 7064382081

**SMS Marketing**
ବେକାର ଯୁବକ, ଯୁବତୀ, ଗୃହିଣୀ ଏବଂ ବିଦ୍ୟାର୍ଥୀ ମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ Part time, full time SMS Work କରି ମାସକୁ 30,000/- ରୁ 50,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ । ବିଦ୍ୟାର୍ଥୀ ମାନଙ୍କୁ ସର୍ବାଧିକାର ଦିଆଯିବ ।
Laptop, Mobile FREE
7682981750

**BARSHA FINANCE**
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

**GRAMIN FINANCE** 1962 ଠାରୁ ଆପଣଙ୍କ ସେବାରେ
ସରକାରୀ ଯୋଜନା ଦ୍ୱାରା ପର୍ସନାଲ, ଏଜୁକେଶନ, ପ୍ରପର୍ଟି ଋଣ ନିଅନ୍ତୁ 48 ଘଣ୍ଟାରେ।
ନୋ ଫାଇଲ୍ ଚାର୍ଜ ନୋ ଗ୍ୟାରେଣ୍ଟର Only Bank Fees ଋଣ ପାସ୍ ହେଲା ପରେ
ମହିଳା ଓ Govt. Jobଧାରୀଙ୍କ ପାଇଁ ବିଶେଷ ସବ୍‌ସିଡି
AT: TARAN, PO: TAARAN, PUNJAB - 143401
Website: www.graminfinance.com
Miss Call Alerts: 18001007280

**BUSINESS OPPORTUNITY**
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ ଦେଇ ମାତ୍ର ତିନ ଦିନରେ ଶିକ୍ଷା ଋଣ, ବ୍ୟବସାୟ ଋଣ ଏବଂ ସୁନା ଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ 9874247647
Plot No: 86, Sarkar Street, Kolkata

**FINANCE**
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501 7787907927
pmjansamridhi@gmail.com

**Get Instant Cash Against Gold**
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

**!! ଋଣ ଋଣ ଋଣ !!**
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free 18001214188 8556894339

**GET INSTANT CASH AGAINST GOLD**
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

**SMS JOBS DHAMAKA** (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

**Odisha Finance**
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

**BUSINESS**
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580 95578-79781

9911436726, 9540938429


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

## ସଂକ୍ଷେପରେ

### ରତ୍ନବଟରେ ଚାରାରୋପଣ

ବାଲିଆ,୯।୯: ମାଳିକା ପ୍ରସିଦ୍ଧ ରତ୍ନଯୋଡ଼ି ରତ୍ନବଟ୍ଟ ପରିସରରେ ଶନିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଓଡିଆ ଭାଗବତ କଥା ପ୍ରଚାରକ ବାବା ଦିବାକର ଦାସ, ସ୍ତମ୍ଭକାର ଅରୁଣ ପଣ୍ଡା, ଅଖିଳ ଭାରତ ଗ୍ରାହକ ପଞ୍ଚାୟତର ସ୍ରଷ୍ଟା ଡା. ହରେକୃଷ୍ଣ ନାୟକ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଦାସ, ଆଇନଜୀବୀ ତାପସ ଦ୍ୱିବେଦି, ବିରିଡ଼ି ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳି ସାହୁ, ରତ୍ନଯୋଡି ଉନ୍ନୟନ ଟ୍ରଷ୍ଟ ବୋର୍ଡ ସଭାପତି ସୁରେନ୍ଦ୍ରନାଥ ଓଝା, ସମ୍ପାଦକ ଦେବେନ୍ଦ୍ରନାଥ ସାହୁ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରକାର ଚାରାରୋପଣ କରିଥିଲେ। ଏହି ଅବସରରେ ସୁରେନ୍ଦ୍ର ନାଥ ଓଝାଙ୍କ ସଭାପତିତ୍ୱ ଅନୁଷ୍ଠିତ ସଭାରେ ଦେବେନ୍ଦ୍ରନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାବା ଦିବାକର ଦାସ ମୁଖ୍ୟ ଅତିଥି, ସ୍ତମ୍ଭକାର ଅରୁଣ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ବୃକ୍ଷର ଉପାଦେୟତା ସମ୍ପର୍କରେ କହିବା ସହ ବ୍ୟାପକ ବୃକ୍ଷ ରୋପଣ କରିବାକୁ ପରାମର୍ଶ ଦେଇଥିଲେ। ସଞ୍ଜୟ ଦାସ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବୃକ୍ଷ ରୋପଣ କରି ପରିବେଶ ସନ୍ତୁଳନ ରକ୍ଷା କରିବାକୁ କହିଥିଲେ।

### ମୋ ସ୍କୁଲ ଅଭିଯାନ

ତିର୍ତ୍ତୋଲ,୯।୯(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ କନକପୁରସ୍ଥିତ ସାରଦା ଏକାଡେମୀରେ ମୋ ସ୍କୁଲ ଅଭିଯାନ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଦ୍ୟାଳୟରେ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୈତାରୀ ପାତ୍ର ସଭାପତିତ୍ୱ କରିଥିଲେ। ଅନୀତା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ବିଦ୍ୟାର୍ଥୀଙ୍କୁ କଲୋନେଲ ଦେବେନ୍ଦ୍ର କିଶୋର ଦାସ ସ୍ମାରକୀ ଟ୍ରଫି ସହ ଅର୍ଥରାଶୀ ଓ ମାନପତ୍ର ପ୍ରଦାନ କରିଥିଲେ। ବିଦ୍ୟାଳୟର କୃତୀ ଛାତ୍ରୀ ଅରମୀରା ନାୟକ, ଦେବସ୍ମିତା ନାୟକ, ଦୀପାଳି ପାଲ ଏବଂ ପୁଷ୍ପଲତା ସାହୁଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନୃସିଂହଚରଣ ରାଉଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ପୁରାତନ ଛାତ୍ରଙ୍କ ତରଫରୁ ମୋ'ସ୍କୁଲ ଅଭିଯାନ ପାଇଁ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

### ପେଟ୍ରୋଲ୍ ପମ୍ପ ଆଗରେ ଯୁବ ବିଜେଡିର ଆନ୍ଦୋଳନ

କୁଜଙ୍ଗ,୯।୯(ସ୍ୱ.ପ୍ର): ତୈଳ ଦର ବୃଦ୍ଧି ପ୍ରତିବାଦରେ କୁଜଙ୍ଗ ବ୍ଲକ୍‌ର ବିଭିନ୍ନ ପେଟ୍ରୋଲ ପମ୍ପ ନିକଟରେ ଯୁବ ବିଜୁ ଜନତା ଦଳ ପକ୍ଷରୁ ଆନ୍ଦୋଳନ କରାଯାଇଛି। ପାରାଦୀପ ନିର୍ବାଚନମଣ୍ଡଳୀର ଯୁବ ବିଜୁ ଜନତା ଦଳ ସଭାପତି ତ୍ରିଲୋଚନ ତରାଇଙ୍କ ପୌରୋହିତ୍ୟରେ ହୋଇଥିବା ଏହି ପ୍ରତିବାଦରେ ଜଗତ୍‌ସିଂହପୁର ଏମ୍‌ପି ଡା. କୁଳମଣି ସମାଲ ଯୋଗଦେଇ କେନ୍ଦ୍ର ସରକାରଙ୍କ ତେଲ ଦର ବୃଦ୍ଧିକୁ ବିରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ବିଜେଡି ସଭାପତି ଚିତ୍ତ ମିଶ୍ର, କୁଜଙ୍ଗ ସରପଞ୍ଚ ଭାରତ ଭୂଷଣ ନାୟକ, ଦିଲୀପ ମହାପାତ୍ର ପ୍ରମୁଖ ବହୁ ଦଳୀୟ କର୍ମୀ ଓ ନେତା ସାମିଲି ହୋଇ ପନ୍ଦର ନମ୍ବର ସ୍ଥିତ ପେଟ୍ରୋଲ ପମ୍ପରେ ପିକେଟିଂ କରି କେନ୍ଦ୍ର ବିରୋଧରେ ବର୍ଷିଥିଲେ।

# ମଝି ସମୁଦ୍ରରେ ହଜିଛି ଠିକଣା

ଶରତ ରାଉତ

ପାରାଦୀପ,୯।୯(ସ୍ୱ.ପ୍ର.)

- ୨୦୧୮ରେ ସେପ୍ଟେମ୍ବର ୯ ସୁଦ୍ଧା ୪ ନିଖୋଜ, ୮ ମୃତ
- ମୃତ ଓ ନିଖୋଜ ସଂଖ୍ୟା ୨୦୧୭ରେ ୧୭ ଏବଂ ୨୦୧୬ରେ ୧୮
- ୨୦୧୦ରେ ନିଖୋଜର ୧୦ ଦିନ ପରେ ଫେରିଥିଲେ ୩ ମତ୍ସ୍ୟଜୀବୀ

ସମୁଦ୍ର ଅନେକଙ୍କ ଜୀବନ ଜୀବିକାର ମାଧ୍ୟମ। ତେଣୁ ଛୋଟ ହୁଲି ଡଙ୍ଗା ଦ୍ୱାରା ହେଉ କିମ୍ବା ବୋଟ୍ ଅଥବା ଜାହାଜ, ପ୍ରତ୍ୟେହ କେହି ନା କେହି ବିଶାଳ ସମୁଦ୍ରକୁ ଯାତ୍ରା କରିଥାନ୍ତି। କିନ୍ତୁ ସମସ୍ତେ ଠିକଣାସ୍ଥଳରେ ପହଞ୍ଚିପାରନ୍ତି ନାହିଁ ବା କୂଳକୁ ଫେରିପାରନ୍ତି ନାହିଁ। ମାଛଧରା ହେଉ କିମ୍ବା ଅନ୍ୟ କୌଣସି କାର୍ଯ୍ୟ ପାଇଁ ହେଉ ପ୍ରତିକୂଳ ପରିସ୍ଥିତିରେ ସେମାନେ ମଝି ସମୁଦ୍ରରେ ନିଜ ଠିକଣା ହଜାଇ ବସନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଆଉ ଜୀବନ୍ତ ଅବସ୍ଥାରେ ଫେରନ୍ତି ନାହିଁ। ସେହିପରି ଆଶ୍ଚର୍ଯ୍ୟଜନକ ଭାବେ କେତଜଣ ଦୀର୍ଘଦିନ ପରେ ଫେରିବାର ସୌଭାଗ୍ୟ ପାଉଥିବାବେଳେ ଆଉ କେତେଜଣ ସବୁଦିନ ପାଇଁ ହଜିଯାଇଥାନ୍ତି।

ଗତ ୪ ଦିନ ମଧ୍ୟରେ ପାରାଦୀପ ମହାନଦୀ ମୁହାଣରେ ଏଭଳି ୨ଟି ଘଟଣା ଘଟିଛି, ଯେଉଁଥିରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ନିଖୋଜ ଅଛନ୍ତି। ଏବେ ତାଙ୍କୁ ଖୋଜିବା ପ୍ରକ୍ରିୟା ଜାରି ରହିଛି। ଏମିତି ଦେଖିବାକୁ ଗଲେ କେବଳ ୨୦୧୮ ବର୍ଷରେ ସେପ୍ଟେମ୍ବର ୯ (ରବିବାର) ସୁଦ୍ଧା ସମୁଦ୍ରରେ ୪ ଜଣ ନିଖୋଜ ଥିବାବେଳେ ୮ଜଣଙ୍କ ମୃତ୍ୟୁ ଘଟିସାରିଲାଣି। ୨୦୧୭ରେ ଏହି ମୃତ ନିଖୋଜଙ୍କ ସଂଖ୍ୟା ୧୭ ଥିବାବେଳେ ୨୦୧୬ରେ ଥିଲା ୧୮। ଏମିତି ପ୍ରତିବର୍ଷ ଘଟିଚାଲିଛି। ଯେଉଁକ୍ଷେତ୍ରରେ ମୃତଦେହ ମିଳିଛି ସେ କ୍ଷେତ୍ରରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଆଉ ଯେଉଁମାନଙ୍କର କୌଣସି ପତ୍ତା ମିଳିନାହିଁ, ସେମାନେ ଏବେ ସୁଦ୍ଧା ନିଖୋଜ ଥିବା ଦର୍ଶାଯାଉଛି। ମୃତଦେହ ନ ମିଳିବା ପର୍ଯ୍ୟନ୍ତ ପୋଲିସ ମାମଲା ରୁଜୁ କରିପାରୁନାହିଁ କି ପରିବାର ଲୋକେ ମୃତ୍ୟୁକାଳୀନ କ୍ରିୟାକର୍ମ କରିପାରୁନାହାନ୍ତି। ଏମିତି ବି ଦୃଷ୍ଟାନ୍ତ ଅଛି ନିଖୋଜ ହେବାର ୧୦ ଦିନ ପରେ କେତେଜଣ ଘରକୁ ଫେରିଛନ୍ତି। ଏଭଳି ୩ ଜଣ ଭାଗ୍ୟବାନ ବ୍ୟକ୍ତି ହେଲେ ସ୍ଥାନୀୟ ଷଣ୍ଢକୁଦର ସୋଦି କୋଟେଶ, ସୋଦି ନାଗେଶ ଓ ମାଇଲିପିଲି କ୍ରିଷ୍ଟା। କୋଟେଶ ଓ ନାଗେଶ ଦୁଇଭାଇ ଏବଂ କ୍ରିଷ୍ଟା ସେମାନଙ୍କ ସମ୍ପର୍କୀୟ ଭାଇ। ଗଭୀର ସମୁଦ୍ରରେ ୧୦ଦିନ କାଳ ଖଣ୍ଡିଏ କାଠପଟା ସାହାଯ୍ୟରେ ଭାସିବା ପରେ ଆନ୍ଧ୍ର ସୀମାଠାରୁ ପ୍ରାୟ ୯୦୦ କିମି ଦୂରରୁ ଏକ ପଣ୍ୟବାହୀ ଜାହାଜ ସେମାନଙ୍କୁ ଉଦ୍ଧାର କରିଥିଲା। ଘରକୁ ଫେରିବା ପରେ

ସେହି ୩ ଜଣ ଏବେ ବି ପୂର୍ବବତ୍ ସମୁଦ୍ରକୁ ଯାଉଛନ୍ତି ଓ ମାଛ ଧରି ପରିବାର ପ୍ରତିପୋଷଣ କରୁଛନ୍ତି। ୨୦୧୦ ନଭେମ୍ବର ୧୨ର ଘଟଣା। କୋଟେଶ ନିଜ ଡଙ୍ଗାରେ ଭାଇ ଓ ଅନ୍ୟ ୪ ଜଣଙ୍କ ସହ ସମୁଦ୍ରକୁ ମାଛ ଧରିବାକୁ ଯାଇଥିଲେ। ହଠାତ୍ ସମୁଦ୍ର ଅଶାନ୍ତ ହୋଇପଡିବା ସହ ଡଙ୍ଗା ଓଲଟି ପଡିଥିଲା। ୬ ଜଣଙ୍କ ମଧ୍ୟରୁ ୩ ଜଣଙ୍କୁ ଅନ୍ୟ ଏକ ଡଙ୍ଗା ଉଦ୍ଧାର କରି ପାରାଦୀପ ମାଛଧରା ବନ୍ଦରକୁ ଆଣିଥିଲା। କିନ୍ତୁ କୋଟେଶ, ନାଗେଶ ଓ ମାଇଲିପିଲି କ୍ରିଷ୍ଟାଙ୍କର କୌଣସି ପତ୍ତା ମିଳିଲା ନାହିଁ। ସେମାନେ ଓଲଟି ପଡିଥିବା ଡଙ୍ଗାର ଏକ କାଠପଟା, ରଶି ଓ ଖଣ୍ଡିଏ ପଲିଥିନ ସାହାଯ୍ୟରେ ଗଭୀର ସମୁଦ୍ରକୁ ଭାସିଯାଇଥିଲେ। ତେବେ ସେମାନଙ୍କ ଭରସା ଥିଲା କେହି ନା କେହି ଆସି ସେମାନଙ୍କୁ ଉଦ୍ଧାର କରିବ। କିନ୍ତୁ ଏମିତି ୨ ଦିନ ଭାସିବା ପରେ ମଧ୍ୟ କେହି ଉଦ୍ଧାର ନ କରିବାରୁ ସେମାନଙ୍କ ମନୋବଳ ଭାଙ୍ଗିଯାଇଥିଲା। ବିନା ଖାଦ୍ୟ ପାନୀୟରେ ସେମାନେ ଭାସି ଚାଲିଲେ। ଯେଉଁ ରଶି ଖଣ୍ଡିକ ପାଖରେ ଥିଲା, ସେଥିରେ ୩ ଜଣ ବନ୍ଧା ହୋଇଥିଲେ। ଏ ସମ୍ପର୍କରେ କୋଟେଶ କୁହନ୍ତି, ରାତି ହେଲେ ଆମ ପାଖରେ ଲାଇଟ୍ ଜଳୁଥିବା ଅନୁଭବ କରୁ। ବର୍ଷା ମଧ୍ୟ ହୁଏ। ସେହି ବର୍ଷା ପାଣିକୁ ଜରି ପାଲ ସାହାଯ୍ୟରେ ସଂଗ୍ରହ କରି ୩ ଦିନରେ ୩ ଥର ପିଇଥିଲୁ। ୨୦୧୦ ନଭେମ୍ବର ୨୧ ସନ୍ଧ୍ୟାରେ ରିଲାଏନ୍ସ କମ୍ପାନୀର ସେହି ଜାହାଜ କ୍ୟାପ୍ଟେନ୍ ତାଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ପରେ ସେମାନେ କଥା କହିପାରୁ ନ ଥିଲେ କି କିଛି ଖାଇପାରୁ ନ ଥିଲେ। ଜାହାଜରେ ପ୍ରଥମେ ଗରମ ପାଣିରେ ଗାଧୋଇବା ଓ କିଛି ଔଷଧ ଜିଭରେ ରଖି ଚିକିତ୍ସିତ ହେବା ପରେ ସାମାନ୍ୟ ସୁସ୍ଥ ଅନୁଭବ କରିଥିଲେ। ୧୦ ଦିନ ପାଣିରେ ଭାସିବା ଦ୍ୱାରା ସେମାନଙ୍କ ମାଂସପେଶୀ ଫୁଲି ଯାଇଥିଲା ଓ ଶରୀର କେତେକ ସ୍ଥାନ ଛିଡ଼ି ଯାଇଥିଲା। ସମ୍ପୂର୍ଣ୍ଣ ଚିକିତ୍ସା ହେବାକୁ ସେମାନଙ୍କୁ ମାସାଧିକ କାଳ ସମୟ ଲାଗିଥିଲା। ସେମାନେ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର। ତେଣୁ ଗଡ୍ ସେମାନଙ୍କୁ ଉଦ୍ଧାର କରିଥିବା କୋଟେଶ କହିଛନ୍ତି। ତାଙ୍କ ସ୍ତ୍ରୀ ସୋଦେମେରୀ ଓ ମା ପୋଲେରମା ସେତେବେଳେ ଗଡ୍‌ଙ୍କ ନିକଟରେ ପ୍ରାର୍ଥନା କରିଥିଲେ ଯେ କୋଟେଶ ଫେରିଲେ ସେମାନେ ସବୁଦିନ ପାଇଁ ଆଭୂଷଣ ପରିତ୍ୟାଗ କରିବେ। ସେଥିପାଇଁ ସେମାନେ ଆଉ କୌଣସି ଆଭୂଷଣ ପିନ୍ଧୁ ନାହାନ୍ତି। ୧୯୯୫ରେ ସମୁଦ୍ରରେ କୋଟେଶଙ୍କ ପରିବାରର ୨ଜଣଙ୍କ ମୃତ୍ୟୁ ଘଟିଥିଲା ଓ ୨୦୧୭ ଜାନୁୟାରୀ ୩୧ରେ ସମୁଦ୍ରରେ ମାଛ ଧରିବାବେଳେ ତାଙ୍କ ପିତାଙ୍କ ମୃତ୍ୟୁ ହୋଇଥିଲା। ତେବେ ସମୁଦ୍ରରେ ନିଖୋଜ ହୋଇ ଏଭଳି ଜୀବନ ଫେରିପାଇବାର ଦୃଷ୍ଟାନ୍ତ ଖୁବ୍ କମ୍ ଦେଖିବାକୁ ମିଳେ। ଅନ୍ୟପକ୍ଷରେ ଦିନକୁଦିନ ନିଖୋଜଙ୍କ ସଂଖ୍ୟା ବଢି ଚାଲିଛି। ଏ ସମ୍ପର୍କରେ ମେରାଇନ ଥାନା ଅଧିକାରୀ ବବିତା ଦଳେଇ କୁହନ୍ତି, ଯେ ପର୍ଯ୍ୟନ୍ତ ମୃତଦେହ ନ ମିଳିଛି, ସେ ପର୍ଯ୍ୟନ୍ତ ଆଇନତଃ କିଛି କରିହେବ ନାହିଁ। ଗତ ୧୦ ବର୍ଷ ହେଲା ମହାନଦୀ ମୁହାଣ ଅଞ୍ଚଳ ପୋତି ହେବା ଯୋଗୁ ସେଠାରେ ପ୍ରତିବର୍ଷ ଦୁର୍ଘଟଣା ଘଟୁଛି। ସମୁଦ୍ରରେ ଘଟିଥିବା ଦୁର୍ଘଟଣା ମଧ୍ୟରୁ ସର୍ବାଧିକ ମୁହାଣ ଅଞ୍ଚଳରେ ହିଁ ହୋଇଛି।

## ଶିକ୍ଷାଗୁରୁଙ୍କ ୭୧ତମ ଜୟନ୍ତୀ

ବିରିଡି(ଡି.ଏନ୍.ଏ.)/ବାଲିଆ,୯।୯: ବିରିଡି ବ୍ଲକ ଉତ୍ତରଶାସନ ପଞ୍ଚାୟତ ମଧ୍ୟଶାସନ ସ୍ଥିତ ମହାବୀର ବିଦ୍ୟାପୀଠର ପ୍ରାକ୍ତନ ଶିକ୍ଷକ ତଥା ସାଂସ୍କୃତିକ ଚେତନାର ଜାଗ୍ରତ ପ୍ରହରୀ ଶିକ୍ଷାଗୁରୁ ଉତ୍ତମ କୁମାର ଦାଶଙ୍କ ୭୧ତମ ଜୟନ୍ତୀ ତାଙ୍କ ବାସଭବନରେ ପାଳିତ ହୋଇଛି। ଲାଇବ୍ରେରୀ ସଭାପତି ଅକ୍ଷୟ କୁମାର ବ୍ରହ୍ମାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଜୟନ୍ତୀ ସଭାରେ ଗୀତିକବି ବାମଦେବ ସ୍ୱାଇଁ ମୁଖ୍ୟଅତିଥି, ଆଷାଢ ସାହିତ୍ୟ ସଂସଦ ସଭାପତି କବି ପିତାମ୍ବର ମହାପାତ୍ର ମୁଖ୍ୟବକ୍ତା, ଶିଶୁ ସାହିତ୍ୟିକ ନିରଞ୍ଜନ ଖଟୁଆ, ବ୍ୟଙ୍ଗକବି ପ୍ରତାପ ଚନ୍ଦ୍ର ବେହେରା, କବି କାଳୀପ୍ରସାଦ ମହାପାତ୍ର, ପଣ୍ଡିତ ସୁବୋଧ ଚନ୍ଦ୍ର ପଣ୍ଡା, ଧନଞ୍ଜୟ ବ୍ରହ୍ମା, ଉମାକାନ୍ତ ବେହେରା, ରାମଚନ୍ଦ୍ର ପଣ୍ଡା, ଚନ୍ଦ୍ରମଣୀ ଦାସ, ମକରମୋହନ ସାହୁ, ଗଣେଶ୍ୱର ସାହୁ, ପଣ୍ଡିତ ଗୁରୁପ୍ରସାଦ ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦାଶଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ଦାଶ ଓ ତାଙ୍କ ଧର୍ମପତ୍ନୀ ଆଦର୍ଶ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଦେବୀଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଲାଇବ୍ରେରୀ ସମ୍ପାଦକ ଉମାକାନ୍ତ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଅନିତା ଦାଶ, ତୁଷାର ଦାଶ, ପ୍ରିୟରଞ୍ଜନ ଦାଶ ପ୍ରମୁଖ ସଭା ପରିଚାଳନା କରିଥିଲେ।

## ଶିଶୁ ମୃତ୍ୟୁକୁ ନେଇ ଉତ୍ତେଜନା, ରାସ୍ତାରୋକୋ

ଜଗତ୍‌ସିଂହପୁର ଅଫିସ,୯।୯



ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

- ଜିଲା ମୁଖ୍ୟ ଚିକିତ୍ସାଳୟରେ ହୋହଲ୍ଲା
- କ୍ଷତିପୂରଣ ପ୍ରଦାନ ଓ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ରବିବାର ମଧ୍ୟାହ୍ନରେ ଜଗତ୍‌ସିଂହପୁର ସହରରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ଥାନୀୟ ଚାଟରାର ପିଲାଲ୍ ଖାନ୍ ନାମକ ଜଣେ ବ୍ୟକ୍ତିଙ୍କ ୫ ବର୍ଷର ପୁଅ ଇସମାଇଲ ନିକଟସ୍ଥ ପୋଖରୀରେ ବୁଡି ଯାଇଥିଲେ। ପରିବାର ସଦସ୍ୟ ଓ ଅନ୍ୟମାନେ ଖୋଜାଖୋଜି କରି ଶିଶୁଟିକୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ତେବେ ସେଠାରେ ଡାକ୍ତର ପିଲାଟିର ମୃତ୍ୟୁ ହୋଇଯାଇଥିବା କହିବାରୁ ପରିବାର ଲୋକେ ଗାଁକୁ ନେଇ ଯାଉଥିଲେ। ଏହି ସମୟରେ ପିଲାଟି ନିଃଶ୍ୱାସ ପ୍ରଶ୍ୱାସ ନେଉଥିବା ଅନୁଭବ କରାଯାଇଥିଲା। ଏ ପରିସ୍ଥିତିରେ ପରିବାର ଲୋକଙ୍କ ମନରେ ଆଶା ସଞ୍ଚାର ହୋଇଥିଲା। ତେଣୁ କାଳ ବିଳମ୍ବ ନ କରି ସେମାନେ ଗାଁ ପାଖ ଏକ ବେସରକାରୀ ନର୍ସିଂହୋମକୁ ନେଇ ଯାଇଥିଲେ। ସେଠାରେ କାଳେ ପିଲାଟି ବଞ୍ଚିଥିବା ଡାକ୍ତର କହିଥିଲେ। ଏଥିସହ ପିଲାଟିକୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଯିବାକୁ ପରାମର୍ଶ ଦେଇଥିଲେ। ତେଣୁ ପରିବାର ଲୋକେ ପୁଣିଥରେ ପିଲାଟିକୁ ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ସେଠାରେ ଡାକ୍ତର ଆଇସିୟୁରେ ଭର୍ତ୍ତି କରି ଅକ୍ସିଜେନ୍ ଦେବାକୁ ଚେଷ୍ଟା କରିଥିଲେ। କିନ୍ତୁ ତାହା ସମ୍ଭବ ହୋଇ ନ ଥିଲା। ତେଣୁ ପିଲାଟି ମୃତ ବୋଲି ଡାକ୍ତର ଦ୍ୱିତୀୟ ବାର ସ୍ପଷ୍ଟ କରିବାରୁ ଆରମ୍ଭ ହୋଇଯାଇଥିଲା ହୋହଲ୍ଲା। ଖାନ୍‌ଙ୍କ ପରିବାର, ଗାଁ ଲୋକଙ୍କ ସମେତ ଶହସ୍ରାଧିକ ଲୋକ ରୁଣ୍ଡ ହୋଇଯାଇଥିଲେ। ଉତ୍ତ୍ୟକ୍ତ ଲୋକେ ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ବିଜୁ ପଟ୍ଟନାୟକ ଛକରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଲୋକଙ୍କ ଦାବି ଥିଲା ମୃତ ଶିଶୁର ପରିବାର ଲୋକଙ୍କୁ କ୍ଷତିପୂରଣ ସହ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ତେବେ ପାଖାପାଖି ୧ ଘଣ୍ଟାରୁ ଅଧିକ ସମୟ ଧରି ଆନ୍ଦୋଳନସ୍ଥଳର ଉଭୟ ପାର୍ଶ୍ୱରେ ଗାଡିମଟର ଜାମ୍ ହୋଇ ଯାଇଥିଲା। ଏନେଇ ପୋଲିସକୁ ନାକେଦମ ହେବାକୁ ପଡିଥିଲା। ଘଟଣାସ୍ଥଳରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ପହଞ୍ଚି ଯେହେତୁ ପିଲାଟିର ପାଣିରେ ବୁଡିବା କାରଣରୁ ମୃତ୍ୟୁ ହୋଇଛି, ସରକାରୀ ନିୟମ ମୁତାବକ ସହାୟତା ରାଶି ୪ ଲକ୍ଷ ଟଙ୍କା ତାଙ୍କ ପରିବାରକୁ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ହଟିଥିଲା।

## ଅବସରପ୍ରାପ୍ତ କର୍ମଚାରୀ ସେବାସଂଘ କର୍ମକର୍ତ୍ତା ନିର୍ବାଚନ

**କୁଜଙ୍ଗ, ୯।୯ (ସ୍ୱ.ପ୍ର):** କୁଜଙ୍ଗ ବ୍ଲକ୍ ଅବସରପ୍ରାପ୍ତ କର୍ମଚାରୀ ସେବା ସଂଘ ଭୂତମୁଣ୍ଡାଇ ପକ୍ଷରୁ ବିଶ୍ୱାଳି ଆଦର୍ଶ ଶିଶୁ ବିହାରଠାରେ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଛି। ସଂଘର ବିଦାୟୀ ସଭାପତି ଶଙ୍କର୍ଷଣ ସ୍ୱାଇଁଙ୍କ ପୌରୋହିତ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ନୂତନ ସଭାଭପତି ଭାବେ ବିଶିଷ୍ଟ ସାମାଜିକକର୍ମୀ ବିଜୟ କୁମାର ମହାନ୍ତି ନିର୍ବାଚିତ ହୋଇଥିଲେ। ସେହିପରି ଭାବେ ଉପସଭାପତି ଶିକ୍ଷାବିତ୍ ମାୟାଧର ଦାସ, ସମ୍ପାଦିକା ରୂପେ କବୟିତ୍ରୀ ଗୋଲାପରାଣୀ ସାହୁ, ସହ ସମ୍ପାଦକ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଧିରେନ୍ଦ୍ର କୁମାର ଦାସ, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ଚୌଧୁରୀ ନିର୍ବାଚିତ ହୋଇଥିଲେ। ଉପଦେଷ୍ଟା ମଣ୍ଡଳୀରେ ପ୍ରାକ୍ତନ ସଭାପତି ଶଙ୍କର୍ଷଣ ସ୍ୱାଇଁ, କୁଳମଣି ତରାଇ, ବସନ୍ତ କୁମାର ସାମଲ, ନିରଞ୍ଜନ ବଳିୟାର ସିଂହ ପ୍ରମୁଖ ରହିଛନ୍ତି। କାର୍ଯ୍ୟନିର୍ବାହୀ କମିଟିକୁ ବାବୁରାମ ଚୌଧୁରୀ, ବ୍ରହ୍ମାନନ୍ଦ ବେହେରା, ଯୋଗେନ୍ଦ୍ର କୁମାର ଚୌଧୁରୀ, ନିରଞ୍ଜନ ଜେନା, ଗୟାଧର ତରାଇ, ଜଗବନ୍ଧୁ ପଣ୍ଡା, କେଶବ ଚରଣ ବେହେରା, ଡ. ବିପିନ ବିହାରୀ ସାମନ୍ତରାୟ, ରବିନ୍ଦ୍ରନାଥ ପାଣି ନିର୍ବାଚିତ ହୋଇଥିଲେ। ଏହି ଅବସରରେ ପ୍ରାକ୍ତନ ସମ୍ପାଦକ ବ୍ରହ୍ମାନନ୍ଦ ବେହେରା ବିବରଣୀ ପାଠ କରିଥିଲେ। ଆଗାମି ଦିନରେ ମାଗାଜିନ୍ ଛପାଇବା ଓ ଗୃହ ନିର୍ମାଣ କାର୍ଯ୍ୟ କିପରି ହୋଇପାରିବ ସେ ବିଷୟରେ ବ୍ୟାପକ ବିଚାର ବିମର୍ଶ କରାଯାଇଥିଲା। ସମାବେଶରେ ୫୦ ଜଣ ସଦସ୍ୟ ଯୋଗଦେଇଥିଲେ। ରମାକାନ୍ତ ମିଶ୍ର, କେଶବ ସାମଲ ନୂତନ ସଭ୍ୟ ଭାବେ ଯୋଗଦାନ କରିଥିଲେ। ଆସନ୍ତା ୪ ତାରିଖରୁ ବିଭିନ୍ନ ସ୍ଥାନକୁ ବୁଲିଯିବାକୁ ଯୋଜନା ହୋଇଥିଲା।

## ବ୍ୟାଙ୍କ ଜମାଖାତାରୁ ଟଙ୍କା ଗାଏବ ଅଭିଯୋଗ

ନାଉଗାଁ,୯।୯(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଚାନ୍ଦଖାଁ ପାଟଣା ଗ୍ରାମର ରବୀନ୍ଦ୍ର ପାଢିଙ୍କ ଷ୍ଟେଟ ବ୍ୟାଙ୍କ ଜମାଖାତାରୁ ୯୯୯୯ ଟଙ୍କା ହଡପ କରାଯାଇଥିବା ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ଗତ ୭ ତାରିଖ ମଧ୍ୟାହ୍ନରେ ତାଙ୍କ ମୋବାଇଲକୁ ଏକ ଅଜଣା ନଂ ୮୫୨୧୮୫୩୨୮୭ରୁ କଲ୍ ଆସିଥିଲା। ସେପଟୁ ଜଣେ ବ୍ୟକ୍ତି କହିଥିଲେ ମୁଁ ବ୍ୟାଙ୍କରୁ କହୁଛି। ତୁମ ଆଧାର ନଂ. ଓ ଏଟିଏମ ନଂ. ଦିଅ। ରବୀନ୍ଦ୍ର ଅନ୍ୟମନସ୍କ ଥିବାରୁ ବ୍ୟାଙ୍କ କର୍ମଚାରୀ ଭାବି ଉକ୍ତ ନଂ ପ୍ରଦାନ କରିଥିଲେ। ଏହି ନମ୍ବର ଦେବା ପରେ ତାଙ୍କ ମୋବାଇଲକୁ ବାରମ୍ବାର ଏସ୍‌ଏମ୍‌ଏସ୍ ଆସିଲା। ଏଥିରେ ସନ୍ଦେହ କରି ରବୀନ୍ଦ୍ର ଆକାଉଣ୍ଟ ଯାଞ୍ଚ କରିବାରେ ଟଙ୍କା ହଡପ ହୋଇଥିବା ଜାଣିବାକୁ ପାଇଥିଲେ। ପରେ ଉକ୍ତ ଅଜଣା ମୋବାଇଲ ନମ୍ବରକୁ ଫୋନ୍ କରିବାରୁ ସମ୍ପୃକ୍ତ ବ୍ୟକ୍ତି ଅନ୍ୟ ଏକ ଏଟିଏମ୍ ଓ ଆଧାର ନମ୍ବର ଦେଲେ ଟଙ୍କା ଫେରାଇ ଦେବେ ବୋଲି କହିଥିଲେ। ଟଙ୍କା ହଡ଼ପ ପରେ ରବୀନ୍ଦ୍ର ଚିନ୍ତାରେ ପଡିଛନ୍ତି। ତେଣୁ ଏନେଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ଟଙ୍କା ଫେରାଇଦେବା ନିମନ୍ତେ ପୋଲିସ ସହଯୋଗ କରିବାକୁ ରବୀନ୍ଦ୍ର ନିବେଦନ କରିଛନ୍ତି।

# ଆନ୍ଦୋଳନକୁ ସମର୍ଥନ କଲେ ବହୁ ସଂଗଠନ

କୁଜଙ୍ଗ,୯।୯(ସ୍ୱ.ପ୍ର.)

**୧୫ରେ ଆଞ୍ଚଳିକ ସୁରକ୍ଷା ସମିତିର ବିକ୍ଷୋଭ**



ସମାବେଶରେ ଉପସ୍ଥିତ ମହିଳାମାନେ।

କୁଜଙ୍ଗ ବ୍ଲକ ଅନ୍ତର୍ଗତ ଭୁତମୁଣ୍ଡାଇଠାରେ ସୁପର ସ୍ପେଶିଆଲିଟି ହସ୍ପିଟାଲ ଓ ମେଡ଼ିକାଲ କଲେଜ ପ୍ରତିଷ୍ଠା ଦାବିରେ ଆସନ୍ତା ୧୫ ତାରିଖରେ ଆଞ୍ଚଳିକ ସୁରକ୍ଷା ସମିତି ପକ୍ଷରୁ ତହସିଲ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏହାକୁ ଏବେଠାରୁ ବିଭିନ୍ନ ସଂଗଠନ ସମର୍ଥନ କରି ଆନ୍ଦୋଳନକୁ ସଫଳ କରିବାକୁ ଆହ୍ୱାନ ଦେଇଛନ୍ତି। ଏନେଇ ରବିବାର ଫତେପୁରଠାରେ ଜମିହରା କୃଷକ ଏକତା ମଞ୍ଚ ପକ୍ଷରୁ ଏକ ବିରାଟ ସମାବେଶ ହୋଇଛି। ଏଥିରେ ସଂଘର ସଭାପତି ନବୀନ ପ୍ରଧାନ, ଶ୍ରମିକନେତା ପ୍ରକାଶ ଚନ୍ଦ୍ର ତ୍ରିପାଠୀଙ୍କ ସଂଯୋଜନାରେ ସାମାଜିକ କର୍ମୀ ଶ୍ରୀବଲ୍ଲଭ କର, ଆଇନଜୀବୀ ସଞ୍ଜୟ କୁମାର ବେହେରା, ପୂର୍ବତନ ସରପଞ୍ଚ ସଞ୍ଜୟ କୁମାର ସ୍ୱାଇଁ, ଭୁତମୁଣ୍ଡାଇ ସରପଞ୍ଚ ଜ୍ୟୋତିର୍ମୟୀ ସ୍ୱାଇଁ, ବରିଷ୍ଠ ନାଗରିକ ମଞ୍ଚ ରାଜ୍ୟସ୍ତରୀୟ ନେତା ବାବୁରାମ ଚୌଧୁରୀ, ନାରୀନେତ୍ରୀ ଜାନକୀ ମହାରଥା, ଦେବବାଳା ମହାପାତ୍ର, ଜମିହରା କୃଷକ ଏକତା ମଞ୍ଚର ନେତା ସୁବାସ ମହାପାତ୍ର, ଜିନ୍ମୟୀ ସାହାଣୀ, ଆଞ୍ଚଳିକ ସୁରକ୍ଷା ସମିତି ସହ ସଂଯୋଜକ ଦୁଷ୍ମନ୍ତ ମାଝୀ, ଅତନୁ ସାମନ୍ତ, ଶ୍ରୀନିବାସ ସ୍ୱାଇଁ, ତପନ କୁମାର ତ୍ରିପାଠୀ, ପ୍ରଶାନ୍ତ କୁମାର ଚୌଧୁରୀ, ଫତେପୁର ସରପଞ୍ଚ ସ୍ନେହମୟୀ ଲେଙ୍କା, ଘନଶ୍ୟାମ ସାହୁ, କୀରଣ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅଞ୍ଚଳରେ ସୁପର ସ୍ପେଶିଆଲିଟି ହସ୍ପିଟାଲ ପ୍ରତିଷ୍ଠା ଦାବି ବିଷୟରେ ଏଥିରେ ବ୍ୟାପକ ଆଲୋଚନା କରାଯାଇଥିଲା। ଏଥିସହ ଆଗାମି ୧୫ରେ ହେବାକୁ ଥିବା ସମାବେଶକୁ ସଫଳ କରିବାକୁ ଶପଥ ନିଆଯାଇଥିଲା। ଏହି ସମାବେଶରେ ଜମିହରା ପରିବାରର ପ୍ରାୟ ୨୦୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ସେହିପରି ସନ୍ଧ୍ୟାରେ ବିଶ୍ୱାଳୀଠାରେ ଓ କତକୁଲା ଠାରେ ଅନୁରୂପ ଭାବେ ସମାବେଶ ହୋଇଥିଲା। ନାରୀନେତ୍ରୀ ମିନର୍ଭ ପରିଡା ଏହାର ନେତୃତ୍ୱ ନେଇଥିଲେ। ବିଶ୍ୱାଳୀ ସମିତି ସଭ୍ୟ ରଞ୍ଜନ କୁମାର ସେଠୀ, ଆଲୋକ କୁମାର ସାହୁ, ମାନଭଞ୍ଜନ ମଲ୍ଲ, ବିଭୂତିଭୂଷଣ ଦାସ, ରଞ୍ଜିତ କୁମାର ପଣ୍ଡା, ଧୀରେନ୍ଦ୍ର କୁମାର ମହାନ୍ତି, ଯଦୁମଣୀ ସାମଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅଗାମି ସମାବେଶ ପାଇଁ କେଉଁ ସ୍ଥାନରୁ କିପରି ଜନସାଧାରଣଙ୍କୁ ସଂଗଠିତ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମିତିର ଏହି କାର୍ଯ୍ୟକ୍ରମକୁ ନେଇ ଏବେ କୁଜଙ୍ଗ ଅଞ୍ଚଳ ଚଳଚଞ୍ଚଳ ହୋଇପଡିଛି। ରାଜନିତୀରୁ ଊର୍ଦ୍ଧ୍ୱରେ ରହି ବହୁ ଯୁବତୀ ଯୁବକ, ଜନସାଧାରଣ ଏହାକୁ ସମର୍ଥନ କରିବାରେ ଲାଗିଛନ୍ତି। ସୋମବାରଠାରୁ ଏନେଇ ପଥପ୍ରାନ୍ତ ସଭା, ସଚେତନତା କାର୍ଯ୍ୟକ୍ରମକୁ ଆହୁରି ଜୋରଦାର କରାଯିବ। କାର୍ଯ୍ୟକ୍ରମକୁ ସଫଳ କରିବାକୁ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ସୂଚନା ମିଳିଛି।


## ମହତ୍ତ୍ୱପୂର୍ଣ୍ଣ ସୂଚନା

ପୁରୀ ରେଳ ଷ୍ଟେସନ ଠାରେ ନିରାପତ୍ତା ସଂପର୍କିତ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ଅସ୍ଥାୟୀ ଭାବେ ଟ୍ରେନ୍ ସେବା ବାତିଲ୍ ଏବଂ ଗନ୍ତବ୍ୟ ଷ୍ଟେସନ ପୂର୍ବରୁ ବାତିଲ

**ବାତିଲ୍ ହେଉଥିବା ଟ୍ରେନ୍ ସମୂହ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ବାତିଲ ହେବା ତାରିଖ |
|---|---|---|
| 12882 | ପୁରୀ-ହାଓଡ଼ା ଦ୍ୱି-ସାପ୍ତାହିକ ଏକ୍ସପ୍ରେସ୍ | 17.09.2018, 19.09.2018 ଏବଂ 24.09.2018 |
| 12881 | ହାଓଡ଼ା-ପୁରୀ ଦ୍ୱି-ସାପ୍ତାହିକ ଏକ୍ସପ୍ରେସ୍ | 18.09.2018, 20.09.2018 ଏବଂ 25.09.2018 |
| 22883 | ପୁରୀ-ଯଶବନ୍ତପୁର ଗରିବ ରଥ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 22884 | ଯଶବନ୍ତପୁର-ପୁରୀ ଗରିବ ରଥ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 22859 | ପୁରୀ-ଚେନ୍ନାଇ ସେଣ୍ଟ୍ରାଲ୍ ଏକ୍ସପ୍ରେସ୍ | 16.09.2018 ଏବଂ 23.09.2018 |
| 22860 | ଚେନ୍ନାଇ ସେଣ୍ଟ୍ରାଲ୍-ପୁରୀ ଏକ୍ସପ୍ରେସ୍ | 17.09.2018 ଏବଂ 24.09.2018 |
| 18405 | ପୁରୀ-ଅହମଦାବାଦ ଏକ୍ସପ୍ରେସ୍ | 12.09.2018 ଏବଂ 19.09.2018 |
| 18406 | ଅହମଦାବାଦ -ପୁରୀ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 12888 | ପୁରୀ-ହାଓଡ଼ା ଏକ୍ସପ୍ରେସ୍ | 16.09.2018 ଏବଂ 23.09.2018 |
| 12887 | ହାଓଡ଼ା -ପୁରୀ ଏକ୍ସପ୍ରେସ୍ | 17.09.2018 ଏବଂ 24.09.2018 |
| 12993 | ଗାନ୍ଧୀଧାମ-ପୁରୀ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 12994 | ପୁରୀ -ଗାନ୍ଧୀଧାମ ଏକ୍ସପ୍ରେସ୍ | 17.09.2018 ଏବଂ 24.09.2018 |
| 22973 | ଗାନ୍ଧିଧାମ-ପୁରୀ ଏକ୍ସପ୍ରେସ୍ ଭାୟା ବିଜୟନଗରମ୍ | 12.09.2018 ଏବଂ 19.09.2018 |
| 22974 | ପୁରୀ -ଗାନ୍ଧିଧାମ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 12145 | ଲୋକମାନ୍ୟ ତିଲକ୍ ଟର୍ମିନସ୍-ପୁରୀ ଏକ୍ସପ୍ରେସ୍ | 16.09.2018 |
| 12146 | ପୁରୀ -ଲୋକମାନ୍ୟ ତିଲକ୍ ଟର୍ମିନସ୍ ଏକ୍ସପ୍ରେସ୍ | 18.09.2018 |
| 22201 | ସିଆଲ୍‌ଦା-ପୁରୀ ଏକ୍ସପ୍ରେସ୍ | 14.09.2018, 17.09.2018, 19.09.2018 ଏବଂ 21.09.2018 |
| 22202 | ପୁରୀ -ସିଆଲ୍‌ଦା ଏକ୍ସପ୍ରେସ୍ | 15.09.2018, 18.09.2018, 20.09.2018 ଏବଂ 22.09.2018 |
| 12278 | ପୁରୀ-ହାଓଡ଼ା ଶତାବ୍ଦୀ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 12277 | ହାଓଡ଼ା -ପୁରୀ ଶତାବ୍ଦୀ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 08091 | ଭଞ୍ଜପୁର-ପୁରୀ ସ୍ପେଶାଲ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 08092 | ପୁରୀ -ଭଞ୍ଜପୁର ସ୍ପେଶାଲ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 58131 | ରାଉରକେଲା-ପୁରୀ ପାସେଞ୍ଜର | 14.09.2018 ଠାରୁ 24.09.2018 |
| 58132 | ପୁରୀ-ରାଉରକେଲା ପାସେଞ୍ଜର | 15.09.2018 ଠାରୁ 25.09.2018 |
| 58403/ 58404 | ଖୋର୍ଦ୍ଧା ରୋଡ଼-ପୁରୀ-ଖୋର୍ଦ୍ଧା ରୋଡ଼ ପାସେଞ୍ଜର | 14.09.2018 ଠାରୁ 24.09.2018 |
| 58409/58410 | ଖୋର୍ଦ୍ଧା ରୋଡ଼-ପୁରୀ-ଖୋର୍ଦ୍ଧା ରୋଡ଼ ପାସେଞ୍ଜର | 14.09.2018 ଠାରୁ 24.09.2018 |
| 58431/58432 | ଖୋର୍ଦ୍ଧା ରୋଡ଼-ନୟାଗଡ଼ ଟାଉନ୍-ଖୋର୍ଦ୍ଧା ରୋଡ଼ ପାସେଞ୍ଜର | 14.09.2018 ଠାରୁ 24.09.2018 |

**ଗନ୍ତବ୍ୟ ଷ୍ଟେସନ ପୂର୍ବରୁ ବାତିଲ୍ ହେଉଥିବା ଟ୍ରେନ୍ ସମୂହ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ମଧ୍ୟରେ ବାତିଲ୍ | ଗନ୍ତବ୍ୟ ଷ୍ଟେସନ ପୂର୍ବରୁ ବାତିଲ୍ ହେବା ତାରିଖ |
|---|---|---|---|
| 12277 | ହାଓଡ଼ା-ପୁରୀ ଶତାବ୍ଦୀ ଏକ୍ସପ୍ରେସ୍ | ଭୁବନେଶ୍ୱର-ପୁରୀ | 14.09.2018 ଠାରୁ 24.09.2018. 15.09.2018 ଓ 22.09.2018 ବ୍ୟତୀତ |
| 12278 | ପୁରୀ -ହାଓଡ଼ା ଶତାବ୍ଦୀ ଏକ୍ସପ୍ରେସ୍ | ପୁରୀ-ଭୁବନେଶ୍ୱର | 16.09.2018 ଠାରୁ 25.09.2018. 15.09.2018 ଓ 22.09.2018 ବ୍ୟତୀତ |
| 12821/12822 | ହାଓଡ଼ା-ପୁରୀ-ହାଓଡ଼ା ଦୁରନ୍ତୋ ଏକ୍ସପ୍ରେସ୍ | ପୁରୀ-ଭୁବନେଶ୍ୱର-ପୁରୀ | 13.09.2018 ଠାରୁ 24.09.2018 |
| 18303/18304 | ସମ୍ବଲପୁର-ପୁରୀ-ସମ୍ବଲପୁର ଏକ୍ସପ୍ରେସ୍ | ଖୋର୍ଦ୍ଧା ରୋଡ଼-ପୁରୀ-ଖୋର୍ଦ୍ଧା ରୋଡ଼ | 14.09.2018 ଠାରୁ 24.09.2018 |
| 17480 | ତିରୁପତି-ପୁରୀ ଏକ୍ସପ୍ରେସ୍ | ଖୋର୍ଦ୍ଧା ରୋଡ଼-ପୁରୀ | 14.09.2018,15.09.2018, 17.09.2018, 18.09.2018, 19.09.2018, 21.09.2018 ଏବଂ 22.09.2018 |
| 17479 | ପୁରୀ -ତିରୁପତି ଏକ୍ସପ୍ରେସ୍ | ଖୋର୍ଦ୍ଧା ରୋଡ଼-ପୁରୀ | 15.09.2018, 16.09.2018, 18.09.2018, 19.09.2018, 20.09.2018, 22.09.2018 ଏବଂ 23.09.2018 |
| 58001/58002 | ହାଓଡ଼ା-ପୁରୀ-ହାଓଡ଼ା ପାସେଞ୍ଜର | ଖୋର୍ଦ୍ଧା ରୋଡ଼-ପୁରୀ-ଖୋର୍ଦ୍ଧା ରୋଡ଼ | 14.09.2018 ଠାରୁ 24.09.2018 |
| 58413/58414 | ତାଳଚେର-ପୁରୀ-ତାଳଚେର ପାସେଞ୍ଜର | ଭୁବନେଶ୍ୱର-ପୁରୀ-ଭୁବନେଶ୍ୱର | 14.09.2018 ଠାରୁ 24.09.2018 |
| 58418 | ଗୁଣୁପୁର-ପୁରୀ ପାସେଞ୍ଜର | ପଲାସା ଠାରୁ ଗୁଣୁପୁର | 19.09.2018 ଠାରୁ 24.09.2018 |
| 58417 | ପୁରୀ -ଗୁଣୁପୁର ପାସେଞ୍ଜର | ଗୁଣୁପୁର ଠାରୁ ପଲାସା | 20.09.2018 ଠାରୁ 25.09.2018 |



ପୂର୍ବ ତଟ ରେଳପଥ

PR-344/J/18-19

## ସଂକ୍ଷେପରେ

### ରାଜସ୍ୱ ନିରୀକ୍ଷକଙ୍କୁ ମାଡ଼ ଅଭିଯୋଗ

ରାଜନଗର, ୯।୯(ଡି.ଏନ୍.ଏ.): ରାଜନଗର ତହସିଲ ଅନ୍ତର୍ଗତ ଭିତରଗଡ ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକ ଲାଲୁ ବିକ୍ରମ ଚୌଧୁରୀଙ୍କୁ ରବିବାର ମାଡ ଦିଆଯାଇଛି। ଏନେଇ ସେ ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ପରେ ତହସିଲାଦାର ନିହାର ରଞ୍ଜନ ମଲ୍ଲିକ ଏସମ୍ପର୍କରେ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନାରେ ଅଭିଯୋଗ ଅନୁଯାୟୀ, ଚୌଧୁରୀ ଜୁଣପଙ୍ଗରା ଗାଁରେ ଲଗାଣ ବର୍ଷାରେ ଭାଙ୍ଗି ଯାଇଥିବା ଘର ଗୁଡିକର ସର୍ଭେ କରୁଥିଲେ। ଏହି ସମୟରେ ଉକ୍ତ ଗାଁର ଜଣେ ବ୍ୟକ୍ତି କୌଣସି କାରଣରୁ ହଠାତ୍ ଚୌଧୁରୀଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ତାଙ୍କ ସରକାରୀ କାଗଜପତ୍ର ଛଡାଇ ନେବାକୁ ଉଦ୍ୟମ କରିଥିଲେ। ଏସମ୍ପର୍କରେ ରାଜନଗର ଥାନା ଆଇଆଇସି କହିଛନ୍ତି ଅଭିଯୋଗ ମିଳିବା ପରେ ଘଟଣାର ତଦନ୍ତ ଜାରି ରହିଛି।

### ବିଜେଡିର ଜନ ଜାଗରଣ ସମାବେଶ



ପାଟକୁରା, ୯।୯ (ଡି.ଏନ୍.ଏ.): ଗରଦପୁର ବ୍ଲକ ବିଜେଡି ପକ୍ଷରୁ ସ୍ଥାନୀୟ ଶିବାନୀ ପେଟ୍ରୋଲ ପମ୍ପ ନିକଟରେ ଏକ ଜନ ଜାଗରଣ ସମାବେଶ ରବିବାର ଅନୁଷ୍ଠିତ ହୋଇଥିଲା। ତୈଳ ଦର ବୃଦ୍ଧି ପ୍ରତିବାଦରେ ଅନୁଷ୍ଠିତ ଏହି ସମାବେଶରେ ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। କେନ୍ଦ୍ର ସରକାର ଡିଜେଲ, ପେଟ୍ରୋଲ ଦର ବୃଦ୍ଧି କରିବା ଯୋଗୁ ପରିବହନ ଉପରେ ଅଧିକ ଖର୍ଚ୍ଚ ଲାଗୁଛି। ତେଣୁ ସମସ୍ତ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଉଛି ବୋଲି ବିଧାୟକ ଅଗ୍ରୱାଲ କହିବା ସହ କେନ୍ଦ୍ର ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ଏଥିରେରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକରାଜେଶ ଦାସ, ବ୍ଲକ ବିଜେଡି ସଭାପତି ଶୈଳେନ୍ଦ୍ର ମହାନ୍ତି, ସରପଞ୍ଚ ପ୍ରକାଶ ସାହୁ, ନରୋତ୍ତମ ପରିଡ଼ା, ରବୀନ୍ଦ୍ର ମହାନ୍ତି, ସୂର୍ଯ୍ୟମଣୀ ସେଠୀ, ଗୋକୁଳାନନ୍ଦ ବେହେରା, ଅନୁଜ ମହାନ୍ତି, ଗୌରାଙ୍ଗ ପରିଡ଼ା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

### କୃଷିଋଣ ଓ ଜଳକର ଛାଡ଼ ଦାବି

ଡେରାବିଶ, ୯।୯(ସ୍ୱ.ପ୍ର.): ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଡେରାବିଶ ବ୍ଲକ ଅଞ୍ଚଳର ହଜାର ହଜାର ହେକ୍ଟର ଚାଷଜମିରେ ୨ରୁ ୩ ଫୁଟ ଉଚ୍ଚର ପାଣି ଜମି ରହିଛି। ଏହି ଜଳ ଠିକ୍ ଭାବରେ ନିଷ୍କାସିତ ହେଉ ନ ଥିବାରୁ ବୁଡି ରହିଥିବା ଧାନ ଫସଲ ପଚି ଫସଲ ହାନିର ଆଶଙ୍କା ଦେଖାଦେଇଛି। ପାଟନାଳୀ ଏବଂ ନୟନ ଜୋରି ସରକାରୀ ସ୍ତରରେ ସଫେଇ ନ ହେବା ଦ୍ୱାରା ଏଭଳି ପରିସ୍ଥିତି ଉପୁଜିଛି ବୋଲି ଜନଶକ୍ତି ପାର୍ଟି ପକ୍ଷରୁ କୁହାଯାଇଛି। ଜଳବନ୍ଦୀ ପରିବାରଙ୍କୁ ଉଦ୍ଧାର କରି ରିଲିଫ୍ ଯୋଗାଇ ଦେବା ଓ ଥଇଥାନ କରିବା ଜରୁରୀ ହୋଇପଡିଛି। ବିଶେଷକରି ପଞ୍ଚାୟତ ସ୍ତରରେ କ୍ଷୟକ୍ଷତିର ତଦନ୍ତ କରାଯାଇ କୃଷକମାନଙ୍କୁ କ୍ଷତିପୂରଣ ପ୍ରଦାନ, ଜଳକର ଛାଡ଼ ଓ କୃଷି ଋଣ ଛାଡ କରିବାକୁ ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ବରିଷ୍ଠ ଆଇନଜୀବୀ ପ୍ରଦୀପ ଦାଶ ପ୍ରେସ୍ ବିବୃତି ଜରିଆରେ ଦାବି କରିଛନ୍ତି।

### ଭୁଶୁଡିଲା ବୃଦ୍ଧାଙ୍କ ଭଙ୍ଗାଘର କାନ୍ଥ



ପାଟକୁରା, ୯।୯(ଡି.ଏନ୍.ଏ.): ଲଗାଣ ବର୍ଷା ଯୋଗୁ ଗରଦପୁର ବ୍ଲକ ଅନ୍ତର୍ଗତ ବେଡାରୀ ଗ୍ରାମର ସଜନୀ ବେଓ୍ୱା(୮୫)ଙ୍କ ଭଙ୍ଗା ଚାଳଘରର କାନ୍ଥ ଶନିବାର ଭୁଶୁଡି ପଡିଛି। ସ୍ଥାନୀୟ ଲୋକେ ତାଙ୍କୁ ଆଣି ନିକଟସ୍ଥ ବ୍ରଜମହାକାଳୀ ଠାକୁରାଣୀ ମଣ୍ଡପ ପାଖରେ ରଖିଛନ୍ତି। ସେ ଜଣେ ନିରାଶ୍ରୟ ହୋଇଥିବା ବେଳେ ଏବେ ବାସହରା ହୋଇଯାଇଛନ୍ତି। ଅଦ୍ୟାବଧି ବିଜୁ ପକ୍କାଘର ଯୋଜନାରେ ତାଙ୍କୁ ଘର ଖଣ୍ଡେ ମିଳିପାରିନାହିଁ। ପ୍ରଶାସନ ପକ୍ଷରୁ ସଜନୀଙ୍କୁ ସହାୟତା ଯୋଗାଇ ଦେବାପାଇଁ ସାଧାରଣରେ ଦାବି ହୋଇଛି।

# ଜଳାର୍ଣ୍ଣବ ପାଲଟିଛି ଗହଗାପାଟ: ଫସଲ ନଷ୍ଟ

ମାର୍ଶାଘାଇ, ୯।୯ (ଡି.ଏନ୍.ଏ.)



ଗହଗାପାଟରେ ପାଣି ଜମିରହିଛି।

ନିକଟରେ ହୋଇଥିବା ଲଗାଣ ବର୍ଷାରେ ମାର୍ଶାଘାଇ ଅଞ୍ଚଳର ଗହଗାପାଟ ଜଳାର୍ଣ୍ଣବ ହୋଇଯାଇଛି । ଫଳରେ ପାଟରେ ଥିବା ପ୍ରାୟ ୩ ହଜାର ଏକର ଚାଷଜମିର ଫସଲ ପ୍ରଭାବିତ ହୋଇଛି । ଏଥିନେଇ ଚାଷୀକୂଳ ଚିନ୍ତିତ ହୋଇ ପଡିଛନ୍ତି । ମାର୍ଶାଘାଇ ବ୍ଲକ ଅଞ୍ଚଳରେ ପ୍ରବାହିତ ଲୁଣା – ଚିତ୍ରୋତ୍ପଳା ମଧ୍ୟବର୍ତ୍ତୀ ସ୍ଥାନରେ ଗହଗା ପାଟ ରହିଛି । ଏହି ପାଟକୁ କଟକ ଜିଲାର ସୁଦୂର ନେମାଳ ଅଞ୍ଚଳରୁ ବର୍ଷା ଜଳ ଆସି ବାଘୁଣି ଯୋର ଦେଇ ଚିତ୍ରୋତ୍ପଳା ନଦୀରେ ମିଶିଥାଏ । ବହୁ ପ୍ରାଚୀନ କାଳରୁ ଲୁଣା ଓ ଚିତ୍ରୋତ୍ପଳା ନଦୀରେ ବନ୍ୟା ଆସିଲେ ବନ୍ୟା ଚାରିଆଡ଼କୁ ଖେଳେଇ ହୋଇଯାଏ । ଫଳରେ ପାଟ ଚାରିପଟରେ ଥିବା ପଞ୍ଚାୟତବାସୀ ଏହି ପାଟରେ ବିଆଳି ,ଶାରଦ,ଆଖୁ ,ନଳିତା ସମେତ ବିଭିନ୍ନ ପନିପରିବା ଚାଷ କରି ନିଜର ଗୁଜୁରାଜ ମେଣ୍ଟାଉଥିଲେ । ଏହି ପାଟ ଥିଲା ଦ୍ୱୀପାଞ୍ଚଳବାସୀଙ୍କ ଭାତହାଣ୍ଡି ସଦୃଶ । ନଦୀକୂଳବାସୀଙ୍କୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ସରକାର ୧୯୬୦ ମସିହାରେ ଘେରିବନ୍ଧ ଯୋଜନା ଆରମ୍ଭ କଲେ । ଏହାଦ୍ୱାରା ନଦୀକୂଳବର୍ତ୍ତୀ ଗ୍ରାମବାସୀଙ୍କର ଧନ ଜୀବନ ରକ୍ଷା ହେଲା। ମାତ୍ର ଏହାର ପରବର୍ତ୍ତୀ ସମୟରେ ନଦୀର ବନ୍ୟାଜଳ ନଦୀକୁ ପ୍ରବେଶ ନ କରାଇବା ପାଇଁ ପରକୁଳା ପଞ୍ଚାୟତର ଆଙ୍କୋ ଠାରେ ଏକ ସ୍ଲୁଇସ୍ ଗେଟ୍ ନିର୍ମାଣ କରାଗଲା । ନେମାଳରୁ ଆସୁଥିବା ବର୍ଷା ଜଳ ଏହି ଗେଟ୍ ମାଧ୍ୟମରେ ନିଷ୍କାସନ ହେଲା । ଅନ୍ୟପକ୍ଷରେ ବନ୍ୟା ସମୟରେ ଚିତ୍ରୋତ୍ପଳା ନଦୀ ଫୁଲିଲେ ସ୍ଲୁଇସ୍‌ଗେଟ୍ ବନ୍ଦ କରି ଦିଆଯାଏ କାରଣ ନଦୀର ବନ୍ୟା ଜଳ ପତନ ଠାରୁ ଗହଗାପାଟର ପତନ ନିମ୍ନରେ ଅବସ୍ଥିତ । ଏଣୁ ପ୍ରତିବର୍ଷ ବନ୍ୟା ସମୟରେ ପ୍ରାୟ ୬ ଦଶନ୍ଧି ଧରି ଦ୍ୱୀପାଞ୍ଚଳବାସୀଙ୍କ ପାଇଁ ଗହଗା ପାଟ ବିପଦର କାରଣ ପାଲଟିଛି । ଚଳିତବର୍ଷ ବର୍ଷା ଜଳ ନିଷ୍କାସନ ହୋଇ ନ ପାରିବାରୁ ପାଟ ପାର୍ଶ୍ୱବର୍ତ୍ତୀ ୪ଗୋଟି ପଞ୍ଚାୟତର ପ୍ରାୟ ୩ ହଜାର ଏକର ଚାଷ ଜମିରେ ପାଣି ଜମି ରହିଛି। ଏହି ପାଟରେ ଚାଷ କରାଯାଇଥିବା ବିଆଳି ଓ ଶାରଦ ଧାନ ଫସଲ ଉଜୁଡି ଯିବାକୁ ବସିଛି । ଏହି ପାଟ ୪ ପଟେ ଅବସ୍ଥିତ ପରକୁଳା ,ଆଖୁଆ,ବଛରାଇ ଓ ବନ୍ଧକଟା(ଆଂଶିକ)ର ଚାଷଜମିଗୁଡିକରେ ଚାଷ ହୋଇଥିବା ବିଆଳି ଓ ଶାରଦ ଧାନ ଫସଲ କ୍ଷତିଗ୍ରସ୍ତ ହେଉଛି ବୋଲି ବଛରାଇ ପଞ୍ଚାୟତର ଚାଷୀ ସଂଗ୍ରାମ ପରିଡ଼ା ,ପରକୁଳା ପଞ୍ଚାୟତର ଶାରଦା ପ୍ରଶନ୍ନ ବେହେରା,ବନ୍ଧକଟା ପଞ୍ଚାୟତର ଚାଷୀ ସ୍ମୃତି ରଞ୍ଜନ ପଟ୍ଟନାୟକ ଓ ଆଖୁଆ ପଞ୍ଚାୟତର ପ୍ରତାପ ନାୟକ ପ୍ରମୁଖ ପ୍ରକାଶ କରିଛନ୍ତି ।

ଏହି ପାଟରୁ ଜଳ ନିଷ୍କାସନ ସଂପର୍କରେ ମାର୍ଶାଘାଇ ଜଳନିକାସ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ଜ୍ୟୋତି ପ୍ରକାଶଙ୍କ ମତ ନିଆଯାଇଥିଲା । ବର୍ଷକ ପୂର୍ବେ ରାଜ୍ୟ ସରକାରଙ୍କ ଏକ ଉଚ୍ଚସ୍ତରୀୟ କମିଟି ଆସି ଘଟଣାର ଅନୁସନ୍ଧାନ କରି ସରକାରଙ୍କୁ ରିପୋର୍ଟ ଦେଇଛନ୍ତି । ମାତ୍ର ଏଯାବତ୍ ଏ ଦିଗରେ କୌଣସି ପଦକ୍ଷେପ ନିଆ ଯାଇନାହିଁ ବୋଲି ସେ କହିଛନ୍ତି ।

ଗହଗା ପାଟର ସର୍ବନିମ୍ନ ତଳିଆ ଅଞ୍ଚଳ ବଛରାଇ ପଞ୍ଚାୟତର ଗୋଧନ ଠାରୁ ଲୁଣା ନଦୀରେ ଖମ୍ଭ ତିଆରି କରି ତା ଉପରେ ହ୍ୟୁମ ପାଇପ୍ ଯୋଗେ ଲୁଣା ନଦୀ ଅତିକ୍ରମ କରି ହିନ୍ଦୁଳିଆ ପଞ୍ଚାୟତର ମାଣତିରୀ ଠାରେ ଥିବା ଫୁକାରକୁ ଛାଡ଼ି ଦେଲେ ସେହି ପାଣି ଗୋବରୀ ଶାଖା ଦେଇ ସମୁଦ୍ରକୁ ଚାଲିଯାଇ ପାରନ୍ତା ବୋଲି ଅଞ୍ଚଳବାସୀ ମତପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ବର୍ଷା ଦିନେ ଗହଗା ପାଟରେ ପାଣି ଜମିରହିଲେ ତାର ନିଷ୍କାସନ ପାଇଁ ଉଚ୍ଚଶକ୍ତି ସମ୍ପନ୍ନ ମୋଟର ଯୋଗେ ଜଳ ନିଷ୍କାସନ କରାଯାଇ ପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି । ୬୦ ବର୍ଷ ଧରି ଗହଗା ପାଟରେ ସୃଷ୍ଟି ହେଉଥିବା ଏହି ସମସ୍ୟା ଦୂର ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ବିଶେଷଜ୍ଞମାନଙ୍କ ପରାମର୍ଶ ଗ୍ରହଣ କରି ଯଥାଶୀଘ୍ର ପଦକ୍ଷେପ ନେବା ଜରୁରୀ ହୋଇପଡିଛି ।

### ରାଷ୍ଟ୍ରୀୟ ଲୋକ ଅଦାଲତ

ପଟ୍ଟାମୁଣ୍ଡାଇ,୯।୯(ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୨୦ ଲକ୍ଷ ୪୭ ହଜାର ୧୨୭ଟଙ୍କା ବିଭିନ୍ନ ମାମଲାରେ ଆଦାୟ କରାଯାଇଥିଲା। ପଟ୍ଟାମୁଣ୍ଡାଇ କୋର୍ଟ ସିନିୟର ସିଭିଲ ଜଜ୍ ହରପ୍ରସାଦ ପାଢୀ ୯ଟି ବ୍ୟାଙ୍କ ମାମଲାରେ ୩ ଲକ୍ଷ ୧୬ ହଜାର ୨୭୨ ଟଙ୍କା ଆଦାୟ କରିଥିଲେ। ସିଭିଲ ଜଜ୍ ଜ୍ୟୋତିର୍ମୟୀ ଦାସ ୭ଟି ମାମଲା ବିଚାର କରିଥିଲେ। ପଟ୍ଟାମୁଣ୍ଡାଇ ତହସିଲ ପକ୍ଷରୁ ୩୩୯ଟି ମାମଲା ମଧ୍ୟରୁ ୨୮୫ଟି ମାମଲାରେ ଫଏସଲା କରାଯାଇ ମୋଟ ୨୦ ହଜାର ୯୦୫ ଟଙ୍କା ଆଦାୟ କରାଯାଇଥିଲା। ଅଦାଲତରେ ଭାରତୀୟ ଷ୍ଟେଟବ୍ୟାଙ୍କ ପଟ୍ଟାମୁଣ୍ଡାଇ ଶାଖା, ୟୁକୋ ବ୍ୟାଙ୍କ ପ୍ରଭୃତି ୮ଟି ବ୍ୟାଙ୍କ ସାମିଲ ହୋଇ ଋଣ ବାବଦରେ ୧୭ ଲକ୍ଷ ୯ ହଜାର ୯୫୦ଟଙ୍କା ଆଦାୟ କରିଥିଲେ।

### ଧାନ ଜମିରେ ପାଣି

ପଟ୍ଟାମୁଣ୍ଡାଇ,୯।୯(ସ୍ୱ.ପ୍ର.)

ଲଗାଣ ବର୍ଷା ଯୋଗୁ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ବର୍ଷା ଛାଡି ଯାଇଥିଲେ ହେଁ ଘର ଭାଙ୍ଗି ଯାଇଥିବା ଲୋକେ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। ଗୁରୁବାର ଓ ଶୁକ୍ରବାର ପଲିଥିନ ଯୋଗାଇ ଦେବା ପାଇଁ ବିପନ୍ନ ଲୋକେ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କ ନିକଟରେ ଦରଖାସ୍ତ ଦେଇଥିବା ଜଣାଯାଇଛି । କେତେକ ଅସହାୟ ଲୋକଙ୍କୁ ଏହାମଧ୍ୟରେ ପଲିଥିନ ଯୋଗାଇ ଦିଆଯାଇଛି । ସମଗ୍ର ଅଞ୍ଚଳରେ ଧାନ କିଆରୀ ପାଣିରେ ବୁଡି ରହିଛି ।ଉତିକଣ ଭେଡାରେ ଥିବା ୪ ହଜାର ହେକ୍ଟର ଧାନଜମିରେ ଏବେ ବି ୧ ଫୁଟ ଉଚ୍ଚର ପାଣି ଜମିଛି। ବଡମୂଳବସନ୍ତ, ଡିହାପଡା, ନରସିଂହପୁର ପଞ୍ଚାୟତ ଭେଡାରେ ଥିବା ୫ ଶହ ହେକ୍ଟର ଧାନଜମିରୁ ଜଳ ନିଷ୍କାସନ ପାଇଁ ଚାଷୀମାନେ ଉଦ୍ୟମ କରୁଥିଲେ ମଧ୍ୟ ଗୋବରୀ ନଦୀରେ ବନ୍ୟା ଆସିଥିବାରୁ ସମ୍ଭବ ହେଉନାହିଁ । ସେହିପରି ଚଉଦକୁଲାଟ ଠାରୁ ପଟ୍ଟାମୁଣ୍ଡାଇ ବେଲତଳ ପର୍ଯ୍ୟନ୍ତ ଭେଡାରୁ ବର୍ଷାଜଳ ନିଷ୍କାସିତ ହୋଇ ପାରୁନାହିଁ । ଚନ୍ଦନନଗର, ଓଉପଦା, ଦୋଷିଆ, ବିଲିକଣା, ଶାସନ, ସଂସାରଫଳ, ଖଣତା ପ୍ରଭୃତି ପଞ୍ଚାୟତର ଶତାଧିକ ହେକ୍ଟର ଜମିର ଧାନ ଫସଲ ବର୍ଷା ପାଣିରେ ବୁଡିରହିଛି ।

# ବନ୍ୟା ଜଳ ବୃଦ୍ଧି: ବହୁ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ

ରାଜକନିକା,୯/୯ (ଡି.ଏନ୍.ଏ.)



ବନ୍ୟାପାଣିରେ ଏକ ଘର ବୁଡିରହିଛି।

ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ରାଜକନିକା ବ୍ଲକର ପଧାନପଡା ପଞ୍ଚାୟତର ବଡହଲୁପଡା, ସାନହଲୁପଡା, ବାଲିସାହି ଗାଁ ଏବେବି ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ରହିଛି । ବାର୍‌ହା ଦୋମଣ୍ଡା ପଞ୍ଚାୟତ ଅନ୍ତର୍ଗତ କନପୁର ଗ୍ରାମର ଜଳସେଚନ ବନ୍ଧ ଓ ଗ୍ରାମ ଉନ୍ନୟନ ରାସ୍ତାରେ ୩ଟି ଘାଇ ସୃଷ୍ଟି ହୋଇଛି। ଫଳରେ ଗ୍ରାମ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ସେଠୀ ସାହି ବସ୍ତିରେ ବନ୍ୟାଜଳ ଘର ଭିତରକୁ ପଶି ଯାଇଛି । ଯାହା ଫଳରେ ଲୋକେ ଦୟନୀୟ ଅବସ୍ଥାରେ ଜୀବନ କାଟୁଛନ୍ତି । ପଧାନପଡା –ବାଲିସାହି ପ୍ରଧାନମନ୍ତ୍ରୀ ସଡ଼କ ବୁଡିଯିବାରୁ ଯାତାୟାତ ଏକ ପ୍ରକାର ଠପ୍ ହୋଇଯାଇଛି । ରାସ୍ତାରେ ପ୍ରବଳ ସ୍ରୋତ ଯୋଗୁ ଲୋକେ ଯିବାଆସିବା କରିବା ପାଇଁ ଭୟ କରୁଛନ୍ତି । ବଡହଲୁପଡାର କେତେକ ଜାଗାରେ ୩ ଫୁଟର ସ୍ରୋତ ଚାଲିଛି। ସେଠାରେ ବହୁ ଲୋକଙ୍କ ଘରେ ବନ୍ୟାଜଳ ପଶିଯାଇଥିବାରୁ ଲୋକେ ସ୍ଥାନୀୟ ବିଦ୍ୟାଳୟକୁ ଯାଇ ଆଶ୍ରୟ ନେଇଛନ୍ତି। ପ୍ରଶାସନ ପକ୍ଷରୁ ସେଠାରେ ରନ୍ଧାଖାଦ୍ୟ ବଣ୍ଟନ କରାଯାଉଛି। ସେହିପରି ସାନହଲୁପଡା,ବାଲିସାହି ଗାଁରେ ମଧ୍ୟ ସ୍ଥିତି ସଙ୍ଗୀନ ରହିଛି। ଚାରଣ ଭୂମିଗୁଡିକ ବୁଡି ରହିଥିବାରୁ ଗୋଖାଦ୍ୟ ଅଭାବ ଦେଖାଦେଇଛି। ନଳକୂପଗୁଡିକ ବନ୍ୟାଜଳରେ ବୁଡି ରହିଥିବାରୁ ପାନୀୟ ଜଳ ପାଇଁ ଲୋକେ ଡହଳବିକଳ ହେଉଛନ୍ତି। ଏନେଇ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ଗଣ୍ଡଗୋଳ: ୨ ରାଜନୈତିକ ଦଳର ନେତାଙ୍କ ଥାନାରେ ଏତଲା

ରାଜକନିକା ,୯।୯ (ଡି.ଏନ୍.ଏ.)

ରାଜନକନିକା ବ୍ଲକରେ ଚରଡପଡା ପଞ୍ଚାୟତରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୨ ରାଜନୈତିକ ଦଳର ନେତାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏନେଇ ଉଭୟ ପକ୍ଷରୁ ରବିବାର ରାଜକନିକା ଥାନାରେ ଅଭିଯୋଗ ହୋଇଛି। ଏହି ଗଣ୍ଡଗୋଳରେ ଭାଜପା ପଶ୍ଚିମ କନିକା ମଣ୍ଡଳ ସଭାପତି କାର୍ତ୍ତିକ ଚନ୍ଦ୍ର ଦାଶ ଏବଂ ତାଙ୍କ ବଡ ଭାଇ ମନୋରଞ୍ଜନ ଦାଶ ଆହତ ହୋଇଥିବା ଅଭିଯୋଗ କରିଛନ୍ତି। ଅପରପକ୍ଷେ ରାଜକନିକା ବ୍ଲକ ଯୁବ ବିଜେଡି ସଭାପତି ଅୟସକାନ୍ତ ସାମଲ ଥାନାରେ ଏକ ପାଲଟା ଅଭିଯୋଗ କରିଛନ୍ତି। । କାର୍ତ୍ତିକଙ୍କ ଅଭିଯୋଗ ଅନୁଯାୟୀ, ସେ ଓ ତାଙ୍କ ଭାଇ ସକାଳେ କଣ୍ଡିଆ ବଜାରରେ ଚା ପିଉଥିବା ବେଳେ ଅୟସକାନ୍ତ ସମର୍ଥକଙ୍କ ସହ ଆକ୍ରମଣ କରିଥିଲେ। ତାଙ୍କୁ ରକ୍ଷା କରିବାକୁଯାଇ ଭାଇ ମନୋରଞ୍ଜନ ଆହତ ହୋଇଥିଲେ। ଅପରପକ୍ଷେ ଅୟସକାନ୍ତଙ୍କ ଅଭିଯୋଗ ଅନୁଯାୟୀ, ସେ ତାଙ୍କ ଗ୍ରାମର ୧୦ ନଂ ୱାର୍ଡକୁ ଯାଉଥିବାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କାର୍ତ୍ତିକ ଓ ତାଙ୍କ ସମର୍ଥକମାନେ ଆକ୍ରମଣ କରିଥିଲେ। ଏଥିରେ ସେ ଆହତ ହୋଇଛନ୍ତି ବୋଲି ଏତଲାରେ ଦର୍ଶାଇଛନ୍ତି। ଏନେଇ ରିପୋର୍ଟ ଲେଖା ହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ବେଳେ ପଞ୍ଚାୟତରେ ଚାପା ଉତ୍ତେଜନା ଲାଗି ରହିଛି। ଦାୟିତ୍ୱରେ ଥିବା ଥାନା ଅଧିକାରୀ ଗୋବର୍ଦ୍ଧନ ସାହୁ କହିଛନ୍ତି ଉଭୟ ପକ୍ଷରୁ ଅଭିଯୋଗ ମିଳିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ସେଠାରେ ପୋଲିସ ମୁତୟନ କରାଯାଇଛି।

## ବିଜେଡିର ତୈଳଦର ବୃଦ୍ଧି ପ୍ରତିବାଦ



ଡେରାବିଶରେ ବିଜେଡିର ପ୍ରତିବାଦ ସଭା।

ଡେରାବିଶ(ସ୍ୱ.ପ୍ର.)/ଆଳି (ଡି.ଏନ.ଏ.), ୯।୯

ତୈଳ ଦର ବୃଦ୍ଧି ପ୍ରତିବାଦରେ ରବିବାର ଡେରାବିଶ ବ୍ଲକ ବିଜେଡି ପକ୍ଷରୁ ଗୁଆଳସିଂ, ଚାନ୍ଦୋଳ ଓ ଅଁଳାବାଙ୍କଠାରେ ତେଲ ଟାଙ୍କି ଆଗରେ ଗଣଧାରଣା ଦିଆଯାଇଥିଲା। ବ୍ଲକ ଯୁବ ବିଜେଡି ସଭାପତି ଗୋଲକ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ପ୍ରତିବାଦ ସଭାର ଆୟୋଜନ କରାଯାଇଥିଲା। ଏଥିରେ ବ୍ଲକ ବିଜେଡ଼ି ସଭାପତି ଦେବାଶିଷ ଆଚାର୍ଯ୍ୟ, ବଟକୃଷ୍ଣ ସାମଲ ଓ ଗଣେଶ୍ୱର ବେହେରା, ଭବାନୀ ପ୍ରସାଦ ଓଝା, ସରପଞ୍ଚ ବଟକୃଷ୍ଣ ସେଠୀ, ଚନ୍ଦ୍ରକାନ୍ତ ପ୍ରଧାନ, ସରପଞ୍ଚ ଉମାକାନ୍ତ ନାୟକ, ସରପଞ୍ଚ ସୁଦ୍ଧଦେବ ବେହେରା, ବ୍ଲକ ଛାତ୍ର ବିଜେଡ଼ି ସଭାପତି ଯୋଗେଶ୍ୱର ବେହେରା ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ଚାନ୍ଦୋଳରଠାରେ ବ୍ଲକ ବିଜେଡ଼ି ସଭାପତି ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ଶୋଭଯାତ୍ରା କରାଯିବା ସହ ତେଲଟାଙ୍କି ପରସରରେ ୩ ଘଣ୍ଟା ଗଣଧାରଣା ଦିଆଯାଇଥିଲା। ଏଥିରେ ଚାନ୍ଦୋଳ ସମିତିସଭ୍ୟ ମଧୁସୂଦନ ଘଡ଼େଇ, ସମିତିସଭ୍ୟ ଶ୍ରୀମନ୍ତ ରାଉତରାୟ, ସରପଞ୍ଚ ଯୋଗାନନ୍ଦ ମହାନ୍ତି, ଦେବରାଜ ମହାପାତ୍ର, ରଜତ ବଳ, ପ୍ରମୋଦ ଭଦ୍ର, ବିକାଶ ମଲ୍ଲ, କୃଷ୍ଣ ଚନ୍ଦ୍ର ବଳ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆଳି ଡାକବଙ୍ଗଳା ଛକଠାରେ ବ୍ଲକ ବିଜେଡି ପକ୍ଷରୁ ଏସାର ପେଟ୍ରୋଲ ପମ୍ପ ଆଗରେ ରବିବାର ପୂର୍ବାହ୍ନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦଶରଥ ମଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ଆଳି ପଞ୍ଚୟତ ସମିତି ଅଧ୍ୟକ୍ଷ ଝରଣା ଦାଶ, ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ଦାଶ, ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡା ଜିଲା ପରିଷଦ ସଭ୍ୟ ସୁମନ୍ତ ରାଉତ, ସତ୍ୟଭାମା ମଲିକ, ଦୀପକ ଭୂୟାଁ, ସରପଞ୍ଚ ମନୋରଞ୍ଜନ ସାମଲ, ସରପଞ୍ଚ ଭରତ ସେଠୀ, ମେଣ୍ଟପୁର ସରପଞ୍ଚ ପ୍ରତାପ ସାହୁ, ପତ୍ରପୁର ସରପଞ୍ଚଙ୍କ ପ୍ରତିନିଧି ସୁବ୍ରତ ବେହୁରା, ଭୁଇଁପୁର ସରପଞ୍ଚ ଅନୁପମା ଜେନା, ମାଣିକପାଟଣା ସରପଞ୍ଚ ଶରତ ରାଉତ, ବିଜୟ ମହୀ, ନିଆଳ ସରପଞ୍ଚଙ୍କ ପ୍ରତିନିଧି ଅଶୋକ ମଲିକ ପ୍ରମୁଖ ଯୋଗଦେଇଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ନିମ୍ନମାନର କାର୍ଯ୍ୟ ଯୋଗୁ ୮ କି.ମି. ମରଣଯନ୍ତା

## ବିଭିନ୍ନ ସ୍ଥାନରେ ଦବୁଛି ରାଜପଥ

ଡେରାବିଶ, ୯।୯(ସ୍ୱ.ପ୍ର.)

ଚଣ୍ଡିଖୋଲ–ପାରାଦୀପ ୫ ନଂ.(କ) ଜାତୀୟ ରାଜପଥ ପ୍ରଶସ୍ତୀକରଣ କାର୍ଯ୍ୟ ବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ବୈଷୟିକ ତ୍ରୁଟି ଓ ନିମ୍ନମାନର କାର୍ଯ୍ୟ ଯୋଗୁ ନିର୍ମାଣର ଦିନ କେଇଟା ପରେ ଏବେ ରାଜପଥ ମରଣଯନ୍ତା ପାଲଟିଛି। ଜାତୀୟ ରାଜପଥର ଡେରାବିଶ ବ୍ଲକ ଅଧୀନ ପଞ୍ଚୁପାଣ୍ଡବଠାରୁ ଅଁଳାବାଙ୍କ ପର୍ଯ୍ୟନ୍ତ ୮ କି.ମି. ରାସ୍ତା ମରାମତି ଅଭାବରୁ ଖାଲଖମାରେ ଭର୍ତ୍ତି ହୋଇଛି। ଏଥିସହିତ ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଥିବା ପୋଲ ନିକଟରେ ରାସ୍ତା ଦବିଯାଇଥିବା ବେଳେ ଛତା ଛକଠାରେ ଥିବା ପୋଲ ନିକଟରେ ରାସ୍ତା ମଝିରେ ବଡ଼ବଡ଼ ଖାଲ ସୃଷ୍ଟି ହୋଇଛି। ବିଭାଗୀୟ କର୍ତ୍ତୃପକ୍ଷ ଏ ନେଇ ଅବଗତ ଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉ ନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଛତାଛକ ନିକଟରେ ହୋଇଥିବା ଖାଲ ଯୋଗୁ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ରବିବାର ପୂର୍ବାହ୍ନରେ ଯାଜପୁର ଜିଲାର ଏକ ପରିବାର କେନ୍ଦ୍ରାପଡ଼ା ଯାଉଥିବା ବେଳେ ଏଠାରେ ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ହୋଇଛନ୍ତି। ସେମାନଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ରାସ୍ତାର ମରାମତି ପାଇଁ ବିଭଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଜିଲା ଚାଷୀ ଶ୍ରମିକ ସଂଘ ସଭାପତି ପଣ୍ଡିତ ଶରତ କୁମାର ମିଶ୍ର ଦାବି କରିଛନ୍ତି।



୫ନଂ.(କ) ଜାତୀୟ ରାଜପଥରେ ଖାଲ।

■ ଚାଷୀ ସଚେତନତା ସମାବେଶ

## ଅଣଧାନ ଚାଷ ଆର୍ଥିକ ବିକାଶରେ ସହାୟକ ହେବ

କେନ୍ଦ୍ରାପଡ଼ା ଅଫିସ୍, ୯।୯




ସମାବେଶରେ ଉପସ୍ଥିତ ଅତିଥିମାନେ।

କେନ୍ଦ୍ରାପଡା ଜିଲାରେ କୃଷି ପାଇଁ ଉପଯୁକ୍ତ ଭିତ୍ତିଭୂମୀ ଅଛି। ଏଠାରେ ଶିଳ୍ପ ନଥିଲେ ମଧ୍ୟ ଜିଲାର ଚତୁପାର୍ଶ୍ୱରେ ଶିଳ୍ପାୟନ ଗଢ଼ିଉଠୁଛି। ଏଥିରେ ନିୟୋଜିତ କର୍ମଚାରୀ ଓ କେନ୍ଦ୍ରାପଡା ଜିଲାବାସୀଙ୍କ ପାଇଁ ଖାଦ୍ୟ ଯୋଗାଣ ପାଇଁ ଆଗାମୀ ଦିନରେ ମାନବ ସମ୍ବଳକୁ ଉପଯୋଗ କରିହେବ। ତେବେ ପାରମ୍ପରିକ ଚାଷ ଲାଭଜନକ ହେଉନାହିଁ। ଏଥିପାଇଁ ଯୁବବର୍ଗ ଚାଷ ପ୍ରତି ବିମୁଖ ହୋଇ ବାହର ରାଜ୍ୟ ଓ ଦେଶକୁ କର୍ମ ନିଯୁକ୍ତି ଆଶାରେ ପଳାଇ ଯାଉଛନ୍ତି। ସଚେତନତା ଓ ବୈଷୟିକ ଜ୍ଞାନ କୌଶଳକୁ ବ୍ୟାପକ କରାଯିବା ସହ ଅଣଧାନ ଚାଷକୁ ଗୁରୁତ୍ୱ ଦିଆଗଲେ ଜିଲାର ଆର୍ଥିକ ସମସ୍ୟା ରହିବ ନାହିଁ ବୋଲି କେନ୍ଦ୍ରପଡ଼ା କୃଷକ ବିକାଶ ସମବାୟ ସମିତି ପକ୍ଷରୁ ଆୟୋଜିତ ଚାଷୀ ସଚେତନତା ସମାବେଶରେ ଅତିଥିମାନେ ପ୍ରକାଶ କରିଥିଲେ। ସହରର ଟାଉନହଲଠାରେ ରବିବାର ଆୟୋଜିତ ଏହି ସମାବେଶରେ ସମିତିର ପ୍ରତିଷ୍ଠାତା ସଭାପତି ପ୍ରମୋଦ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଏମ୍‌ପି ପ୍ରତାପ କିଶୋର ଦେବ ଯୋଗଦେଇ କହିଥିଲେ ଯେ, କୃଷିକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ଏହାର ସୁଫଳ ତୃଣମୂଳସ୍ତରରେ ପହଞ୍ଚି ପାରୁନାହିଁ। ବିଭିନ୍ନ ସମସ୍ୟା ଦେଇ ଜିଲାର କୃଷି ଓ କୃଷକ ଗତି କରୁଥିବା ବେଳେ ପାରମ୍ପରିକ ଚାଷରେ ବହୁ କ୍ଷତି ହେଉଛି। ଧାନଚାଷ ସହିତ ଅର୍ଥକାରୀ ଫସଲ ଉତ୍ପାଦନ ଓ ଚାଷ ପାଇଁ ଉନ୍ନତ ବୈଷୟିକ ଜ୍ଞାନ କୌଶଳ ବ୍ୟବହାର କରାଗଲେ କୃଷି ଓ କୃଷକର ଉନ୍ନତି ହୋଇପାରିବ। ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ା ବିଧାୟକ କିଶୋର ଚନ୍ଦ୍ର ତରାଇ ଯୋଗଦେଇ କହିଥିଲେ ଯେ, ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ଚାଷୀଙ୍କ ଉପଯୁକ୍ତ କ୍ଷତିପୂରଣ ମିଳୁ ନଥିବାରୁ ଚାଷ ପ୍ରତି ଚାଷୀ ବିମୁଖ ହେଉଛନ୍ତି। ସମ୍ମାନିତ ଅତିଥି ଜିଲା ପରିଷଦ ଅଧ୍ୟକ୍ଷ ମାନସ କୁମାର ପରିଡ଼ା କହିଥିଲେ ଯେ, ରାଜ୍ୟ ସରକାର ବିଭିନ୍ନ ସମୟରେ କୃଷି ଓ କୃଷକର ଉନ୍ନତି ପାଇଁ ଯୋଜନା ପ୍ରଣୟନ କରୁଛନ୍ତି। ଏଥିସହିତ ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ସବ୍‌ସିଡି ପ୍ରଦାନ କରୁଛନ୍ତି। ଏହାର ସଦୁପଯୋଗ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଅଧକ୍ଷ ସତ୍ୟ ମିଶ୍ର ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ପାରମ୍ପରିକ ଚାଷ କରି କେନ୍ଦ୍ରାପଡା ଜିଲାବାସୀ ବହୁତ କ୍ଷତି ସହୁଛନ୍ତ। ନିଜ ପାଇଁ ଜୈବିକ ଖତ ପ୍ରୟୋଗ କରି ଚାଷ କରିବା ଆବଶ୍ୟକ ବୋଲି କହିଥିଲେ। । ଏହି ଜିଲାରେ ବିଭିନ୍ନ ପନିପରିବା ଓ ଡାଲିଜାତୀୟ ଶସ୍ୟ ଉତ୍ପାଦନ, ମତ୍ସ୍ୟଚାଷ ପାଇଁ ଉପଯୁକ୍ତ ଭିତ୍ତିଭୂମୀ ଅଛି। ଧାନ ଚାଷରେ ମଧ୍ୟ ବାସୁମତି ଓ ଅନ୍ୟ ସରୁଧାନ ଉତ୍ପାଦନ କରିହେବ। ଢେଙ୍କାନାଳସ୍ଥ ରାଇଟର ଅଧକ୍ଷ ଗୁରୁପ୍ରସାଦ ମିଶ୍ର ଚାଷରେ ଉନ୍ନତ କୃଷି ପ୍ରଣାଳିକୁ ଗୁରୁତ୍ୱ ଦେଇଥିଲେ।



ଏବେ ସୋସିଆଲ ମିଡିଆରେ ଏକ ଫଟୋ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ଜଣେ ଧାବିକା ମା’ ତାଙ୍କ ଶିଶୁଙ୍କୁ ସ୍ତନ୍ୟପାନ କରାଉଛନ୍ତି। ସେ ହେଲେ ବ୍ରିଟେନର ଅଲଟ୍ରା ରନର୍ ଶୋଫି ପାୱାର। ଶୋଫି ୧୬୬ କିଲୋମିଟର ମାରାଥନ ଦୌଡରେ ଭାଗ ନେଇଥିବା ସମୟରେ ସେ ଏହି ଦୂରତାକୁ ୪୩ ଘଣ୍ଟା ୩୩ ମିନିଟ୍‌ରେ ଅତିକ୍ରମ କରିଥିଲେ। ହେଲେ ପ୍ରତି ୩ ଘଣ୍ଟାରେ ଥରେ ସେ ତାଙ୍କ ଶିଶୁଙ୍କୁ ସ୍ତନ୍ୟପାନ କରାଉଥିବାରୁ ମଝିରେ ବିରତି ନେଇ ସେ ମା’ର ଭୂମିକା ନିଭାଇଥିଲେ। ସେହି ସମୟର ଏହି ଫଟୋଟି ଏବେ ସୋସିଆଲ ମିଡିଆରେ ଭାଇରାଲ ହେବା ସହ ଅନେକେ ଏହା ଉପରେ ସକାରାତ୍ମକ ମନ୍ତବ୍ୟ ପ୍ରଦାନ କରିଛନ୍ତି।

## ସଂକ୍ଷେପରେ

### ମାଛ ମାରିବାବେଳେ ଭାସିଗଲେ ଯୁବକ

**କଣିହାଁ,୯।୯(ଡି.ଏନ.ଏ.):** କଣିହାଁ ବ୍ଲକ ସମଲ ବ୍ୟାରେଜ ତଳେ ବ୍ରାହ୍ମଣୀ ନଦୀରେ ମାଛ ମାରୁଥିବାବେଳେ କୁଲୁଇହଟିଙ୍ଗ ଗ୍ରାମର ରାଜୁ ଗାଗରାଇ(୩୦) ଭାସି ଯାଇଥିବା ଜଣାପଡ଼ିଛି। ସମଲ ଥାନା ଆଇଆଇସି ସୁନୀଲ କୁମାର କର କହିଛନ୍ତି, ବ୍ୟାରେଜର ପାୱାର ଚ୍ୟାନେଲଠାରେ କୁଲୁଇହଟିଙ୍ଗର ୩ ଯୁବକ ଶନିବାର ବିଳମ୍ବିତ ରାତିରେ ଜାଲ ପକାଇ ମାଛ ମାରୁଥିଲେ। ଶିଉଳି ଲଗା ପଥରରେ ରାଜୁଙ୍କ ପାଦ ଖସିଯିବାରୁ ସେ ଜଳସ୍ରୋତକୁ ଖସି ଯାଇଥିଲେ। ସାଙ୍ଗମାନେ ତାଙ୍କୁ ଉଦ୍ଧାର କରି ନ ପାରି ହଟିଙ୍ଗକୁ ଆସି ଜଣାଇଥିଲେ। ଏ ନେଇ ରବିବାର ସକାଳେ ରାଜୁଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ଅଗ୍ନିଶମ ବିଭାଗ କର୍ମଚାରୀ ରୋହିତ କୁମାର ବେହେରା କହିଛନ୍ତି, ଅପରାହ୍ନରେ ୨ ଜଣ କର୍ମଚାରୀ ବଅଁରପାଳରୁ ବୋଟ୍ ମଗାଇ ଅନୁଧ୍ୟାନ କରିଥିଲୁ। ସନ୍ଧ୍ୟା ସୁଦ୍ଧା ରାଜୁଙ୍କ କୌଣସି ପତ୍ତା ମିଳିନି।

### ସରକାରଙ୍କ ସହ ଓଡ଼ିଶା ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ଆଲୋଚନା

**ଭୁବନେଶ୍ୱର, ୯।୯(ବ୍ୟୁରୋ):** ଓଡ଼ିଶା ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ଆହ୍ୱାନକ୍ରମେ ରବିବାର ଲୋୟର ପିଏମ୍‌ଜିଠାରେ ହଜାର ହଜାର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ଏକ ମହାସମାବେଶ ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ସୁଦ୍ଧା ଦାବି ସମ୍ପର୍କରେ କୌଣସି ପଦକ୍ଷେପ ନିଆ ନ ଗଲେ ନବୀନ ନିବାସ ଅଭିମୁଖେ ଯାତ୍ରା ପାଇଁ ନିଷ୍ପତ୍ତି ହୋଇଥିଲା। ଏହା ପୂର୍ବରୁ ନବୀନ ନିବାସରୁ ନିମନ୍ତ୍ରଣ ପାଇ ଡିସିପିଙ୍କ ତତ୍ତ୍ୱାବଧାନରେ ସଂଘର ଏକ ୮ଜଣିଆ ପ୍ରତିନିଧି ମଣ୍ଡଳୀ ସେଠାକୁ ଯାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ପିଏସ୍‌ଓ ଦାୟିତ୍ୱରେ ଥିବା ସଚିବ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସୁରକ୍ଷା ଅଧିକାରୀଙ୍କ ସହିତ ପ୍ରତିନିଧି ମଣ୍ଡଳୀ ବିଭିନ୍ନ ଦାବି ବିଷୟରେ ଆଲୋଚନା କରି ମୁଖ୍ୟମନ୍ତ୍ରୀଙ୍କୁ ପିଏସ୍‌ଓଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ। ଆସନ୍ତା ମଙ୍ଗଳବାର ସଂଘ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରାଯାଇ ଦାବି ପୂରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିବା ମହାସଂଘ ପକ୍ଷରୁ କୁହାଯାଇଛି। କିନ୍ତୁ ଦାବିପୂରଣ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ମହାସଂଘର ନେତୃମଣ୍ଡଳୀ ନିଷ୍ପତ୍ତି ନେଇଛନ୍ତି। ଉକ୍ତ ପ୍ରତିନିଧି ମଣ୍ଡଳୀର ମୁଖ୍ୟ ଆବାହକ ବଙ୍କିମ ଚନ୍ଦ୍ର ସାଗର, ମଳୟ କୁମାର ଜେନା, ଶରତ ଚନ୍ଦ୍ର ନାୟକ, ସୁଶାନ୍ତ ବେହେରା, ଯାମିନୀକାନ୍ତ ପଣ୍ଡା, ଜ୍ୟୋତି ଦାସ, ଜ୍ଞାନରଞ୍ଜନ ମହାନ୍ତି, ଯୁଧିଷ୍ଠିର ସାହୁ ନେତୃତ୍ୱ ନେଇଥିଲେ।

### ତାମିଲନାଡୁରେ ଓଡ଼ିଶା ପ୍ରବାସୀ ସହାୟତା କେନ୍ଦ୍ର ଉଦ୍‌ଘାଟିତ

**ଭୁବନେଶ୍ୱର, ୯।୯(ବ୍ୟୁରୋ):** ତାମିଲନାଡୁରେ ନିଯୁକ୍ତି ପାଉଥିବା ଯୁବତୀଯୁବକଙ୍କୁ ସହାୟତା କରିବା ପାଇଁ ଓଡ଼ିଶା ସରକାର ଖୋଲିଛନ୍ତି ‘ଓଡ଼ିଶା ପ୍ରବାସୀ ସହାୟତା କେନ୍ଦ୍ର’, ଯାହା ରବିବାର ତାମିଲନାଡୁର ତିରପୁରଠାରେ ଉଦ୍‌ଘାଟିତ ହୋଇଯାଇଛି। ନୂତନ କର୍ମସଂସ୍ଥାନ ପାଇଁ ଓଡ଼ିଶାରୁ ସେଠାକୁ ଯାଉଥିବା ଯୁବତୀଯୁବକମାନେ ଏହି କେନ୍ଦ୍ର ଦ୍ୱାରା କେତେକ ଜରୁରୀ ସହାୟତା ପାଇପାରିବେ। ବିଶେଷ କରି ସାମୟିକ ରହିବା ବ୍ୟବସ୍ଥା, ସ୍ୱାସ୍ଥ୍ୟ ତଥା ଚାକିରି ସଂକ୍ରାନ୍ତ ବିଭିନ୍ନ ସମସ୍ୟା ସମାଧାନ ଏବଂ ସାଂସ୍କୃତିକ ଭାବ ବିନିମୟ ଦିଗରେ ତାହା ସେମାନଙ୍କ ପାଇଁ ସହାୟକ ହୋଇପାରିବ ବୋଲି ଓରମାସ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବି.ଏନ୍. ଦାସ କହିଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନ ଓରମାସ୍ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଏହି ସହାୟତା କେନ୍ଦ୍ରକୁ ବିଭାଗୀୟ ପ୍ରମୁଖ ସଚିବ ଦେଓରଞ୍ଜନ କୁମାର ସିଂ ଉଦ୍‌ଘାଟନ କରିଥିଲେ। କୋଏମ୍ବାଟୁର ଓ ତିରପୁରଠାରେ କାର୍ଯ୍ୟ କରୁଥିବା ୩୦ ହଜାରରୁ ଉର୍ଦ୍ଧ୍ୱ ଓଡ଼ିଆ କୁଶଳୀ କାରିଗରଙ୍କ ଦକ୍ଷତା ବିକାଶରେ ଏହି ସହାୟତା କେନ୍ଦ୍ର ବିଶେଷ ଭୂମିକା ଗ୍ରହଣ କରିବ ବୋଲି ସଚିବ ସିଂ କହିଥିଲେ। ଓଡ଼ିଶାର ୫ ହଜାରରୁ ଉର୍ଦ୍ଧ୍ୱ ଯୁବତୀଯୁବକ ଦୀନ ଦୟାଲ ଉପାଧ୍ୟାୟ କୌଶଲ୍ୟ ଯୋଜନାରେ ତାଲିମ ପାଇ ଗତ ୨ବର୍ଷ ମଧ୍ୟରେ ତିରପୁର ଅଞ୍ଚଳର ବିଭିନ୍ନ ବୟନଶିଳ୍ପରେ ନିଯୁକ୍ତି ପାଇଛନ୍ତି। ଆସନ୍ତା ବର୍ଷ ମଧ୍ୟରେ ଆଉ ୫ହଜାର କୁଶଳୀ ଯୁବତୀଯୁବକଙ୍କୁ ନିଯୁକ୍ତି ଦିଆଯିବା ନେଇ ଓରମାସ୍ ଲକ୍ଷ୍ୟ ଧାର୍ଯ୍ୟ କରିଛି ବୋଲି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦାସ କହିଛନ୍ତି। ସହାୟତା କେନ୍ଦ୍ର ଉଦ୍‌ଘାଟନ ଅବସରରେ ଆୟୋଜିତ ହୋଇଥିଲା କୁଶଳୀ କାରିଗର ସମ୍ମିଳନୀ।

## ■ ଧାନ ସଂଗ୍ରହ ପ୍ରକ୍ରିୟାରେ ମିଲର୍ସଙ୍କୁ ଅନୁକମ୍ପା

# ସଂରକ୍ଷିତ ରାଶିଠୁ ବକେୟା ବେଶି

**ବରଗଡ଼ ଅଫିସ୍,୯।୯**

ବରଗଡ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟାରେ ମିଲର୍ସଙ୍କ ପ୍ରତି ଯୋଗାଣ ବିଭାଗର ଅହେତୁକ ଅନୁକମ୍ପା ପଦାକୁ ଆସିଛି। କେତେକ ମିଲର୍ସ ଜମା କରିଥିବା ସଂରକ୍ଷିତ (ସିକ୍ୟୁରିଟି) ରାଶିଠାରୁ ଢ଼େର ଗୁଣା ଅଧିକ ମୂଲ୍ୟର ଧାନ କଷ୍ଟମ ମିଲିଂ ଭିତ୍ତିରେ ପାଇଥିବା ଜଣାପଡିଛି । ତେବେ ଅବଧି ସରି ଆସୁଥିବା ସତ୍ତ୍ୱେ ସମ୍ପୃକ୍ତ ମିଲର୍ସ କଷ୍ଟମ ଚାଉଳ ଜମା ଦେବାରେ ସକ୍ଷମ ହୋଇନାହାନ୍ତି। ଫଳରେ ସେହି ମିଲର୍ସମାନଙ୍କ ପାଖରେ ଜମା ଦେଇଥିବା ସଂରକ୍ଷିତ ରାଶିଠାରୁ ମାତ୍ରାଧିକ ପରିମାଣର କଷ୍ଟମ ଚାଉଳ ବକେୟା ପଡିଛି। ଏହା ଜଣାପଡ଼ିବା ପରେ ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ସରୋଜ କୁମାର ସାମଲ ଏ ଦିଗରେ ପଦକ୍ଷେପ ନେବା ପାଇଁ ବରଗଡ଼ ଜିଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁସାରେ, ୨୦୧୭-୧୮ ମସିହା ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇଥିବା ଜିଲାର ୮୯ଟି ରାଇସ୍ ମିଲର୍ସ ସମୁଦାୟ ୧୧୫ କୋଟି ୭୦ଲକ୍ଷ ୮୪ହଜାର ୬୬ଟଙ୍କା ସଂରକ୍ଷିତ ରାଶି ଜମା କରିଥିଲେ। ଏହାପରେ ସେମାନେ ଧାନ ଉଠାଇ ଯୋଗାଣ ବିଭାଗଠାରେ ଚାଉଳ ଜମା ଦେବା ଆରମ୍ଭ କରିଥିଲେ। କେତେକ ମିଲର୍ସ ଜମା ଦେଇଥିବା ସଂରକ୍ଷିତ ରାଶିଠାରୁ ଅଧିକ ପରିମାଣ ଚାଉଳ ଜମାଦେଇ ସାରିଥିବାବେଳେ ଅନ୍ୟ କେତେକ ମିଲର୍ସଙ୍କ ପାଖରେ ସେମାନଙ୍କ ସଂରକ୍ଷିତ ରାଶିଠାରୁ ଢ଼େର ଅଧିକ ପରିମାଣର ଚାଉଳ ବକେୟା ପଡ଼ିଛି।

୮୯ଟି ରାଇସ୍ ମିଲର୍ସ ୪ଲକ୍ଷ ୨୨ହଜାର ୩୫୭.୭୦୫ ମେଟ୍ରିକ ଟନ୍ ଧାନ ନେଇଥିଲେ। ତଦନୁଯାୟୀ ସେମାନେ ୨ଲକ୍ଷ ୮୭ହଜାର ୨୦୩.୨୩୯ ମେଟ୍ରିକ ଟନ ଚାଉଳ ଜମା ଦେବା କଥା। କିନ୍ତୁ ଗତ ୫ତାରିଖ ସୁଦ୍ଧା ସେଥିମଧ୍ୟରୁ ୨ଲକ୍ଷ ୪୨ହଜାର ୭୩୬.୭୯୨ ମେଟ୍ରିକ ଟନ ଚାଉଳ ଜମା ହୋଇଛି। ସେଥିରୁ ୧ଲକ୍ଷ ୫୭ହଜାର ୬୯୨.୨୫୭ ମେଟ୍ରିକ ଟନ୍ ଏଫସିଆଇ ଏବଂ ୮୫ହଜର ୪୪.୫୩୬ ମେଟ୍ରିକ ଟନ ଆର୍‌ଆର୍‌ସିରେ ଜମା ହୋଇଛି। ଅପରପକ୍ଷେ ଆହୁରି ୪୪ହଜାର ୪୬୬.୪୪୭ ମେଟ୍ରିକ ଟନ ଚାଉଳ ଏ ପର୍ଯ୍ୟନ୍ତ ଉକ୍ତ ୮୯ଟି ମିଲର୍ସ ଜମା ଦେଇ ନାହାନ୍ତି। ଆକଳନ କଲେ ତାହା ୬୫ହଜାର ୩୯୧.୮୩୪ ମେଟ୍ରିକ ଟନ୍ ଧାନ ହେବ। ଟନ୍ ପ୍ରତି ୧୬ହଜାର ୨୪ଟଙ୍କା ୪୦ପଇସା ହାରରେ ସମୁଦାୟ ଦର ୧୦୬କୋଟି ୫୧ଲକ୍ଷ ୧୦୮ ଟଙ୍କା ହେବ। ସାମଗ୍ରିକ ଭାବେ ବକେୟା କଷ୍ଟମ ଚାଉଳ ଅପେକ୍ଷା ଅଧିକ ୯କୋଟି ୪୮ଲକ୍ଷ ୩୨ହଜାର ୪୫୮ଟଙ୍କା ସଂରକ୍ଷିତ ରାଶି ରହିଛି। ମାତ୍ର ଏଭଳି କେତେକ ମିଲର୍ସଙ୍କ ଉପରେ ସେମାନେ ଜମା କରିଥିବା ସଂରକ୍ଷିତ ରାଶିଠାରୁ ଢ଼େର ଅଧିକ ଅର୍ଥାତ୍ ମୋଟ୍ ୨୬କୋଟି ୭୬ଲକ୍ଷ ୩୧ହଜାର ୭୧୨ ଟଙ୍କାର ଚାଉଳ ବାକି ପଡ଼ିଛି।

ଶାରଦା ରାଇସ ମିଲ ଦେଢ଼କୋଟି ସଂରକ୍ଷିତ ରାଶି ଜମାଦେଇ ଥିବାବେଳେ ଏହି ମିଲ ଉପରେ ୩କୋଟି ୭୦ଲକ୍ଷ ୧୦ହଜାର ୯୨୨ ଟଙ୍କାର ଚାଉଳ ବକେୟା ପଡ଼ିଛି। ଉତ୍କଳ ରାଇସ୍ ଆଣ୍ଡ ଫ୍ଲୋର ୧କୋଟି ୨୫ଲକ୍ଷ ସଂରକ୍ଷିତ ରାଶି ଜମା ଦେଇଛି। କିନ୍ତୁ ଏହି ମିଲ ଉପରେ ୩କୋଟି ୮ଲକ୍ଷ ୮୯ହଜାର ୬୧୨ ଟଙ୍କାର ଚାଉଳ ବାକି ରହିଛି। ସେହିପରି ଉନ୍ନତି ଆଗ୍ରୋ, ଶ୍ରୀସାଇ ଫୁଡ ପ୍ରଡ଼କ୍ଟସ, ସାଗର ଫୁଡ ପ୍ରଡ଼କ୍ଟସ, ଶ୍ରୀମହାଲକ୍ଷ୍ମୀ ରାଇସ୍ ମିଲ, ଶ୍ରୀ ଜୟଲକ୍ଷ୍ମୀ ରାଇସ୍ ମିଲ, ଟୁଲି ଏଣ୍ଟରପ୍ରାଇଜେସ, ଘଣ୍ଟେଶ୍ୱରୀ ରାଇସ ମିଲ, ବୈଷ୍ଣୋଦେବୀ ଆଗ୍ରୋ ମିଲ ଉପରେ ସଂରକ୍ଷିତ ରାଶିକୁ ବାଦ୍ ଦେଲେ କୋଟିଏରୁ ଅଧିକ ପରିମାଣର ଚାଉଳ ବକେୟା ପଡ଼ିଛି। ଅନ୍ୟ କେତେକ ରାଇସ୍ ମିଲ ଉପରେ ମଧ୍ୟ ସଂରକ୍ଷିତ ରାଶି ଅପେକ୍ଷା ଅଧିକ ପରିମାଣର ଚାଉଳ ବାକି ପଡି ରହିଛି। ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଥିବାବେଳେ କେତେକ ନିର୍ଦ୍ଦିଷ୍ଟ ମିଲର୍ସଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ ସହିତ ବିଭାଗୀୟ ଅଧିକାରୀମାନେ କ୍ରୟଧାନ କଷ୍ଟମ ମିଲିଂ ପାଇଁ ଦେବା ଏବଂ ଚାଉଳ ଅସୁଲି ବେଳେ ନୀରବ ରହୁଥିବାରୁ ଏଭଳି ପରିସ୍ଥିତି ଉପୁଜିଥିବା ସ୍ପଷ୍ଟ ହୋଇଛି।



e-Despatch

ODISHA STATE CIVIL SUPPLIES CORPORATION LTD.
C/2, NAYAPALLI, BHUBANESWAR-12

P.P.-25/17. Letter No. 14284 Date- 5-9-18.

From
Saroj Kumar Samal, OAS
Managing Director

To
The CSO-cum-District Manager,
OSCSC Ltd., Balasore, Bargarh, Boudh, Ganjam, Kalahandi, Malkangiri, Nabarangpur, Nayagarh, Puri, Rayagada, Sambalpur, Subarnapur & Sundargarh

Sub: Delivery of CMR due from the Custom Millers procured for the KMS: 2017-18.

Sir,

Inviting a reference on the subject cited above, I am to say that the date line for receiving of CMR for the KMS: 2017-18 is approaching fast with the imminent end of the procuring season. 1,78,081 MT of CMR is still to be delivered by the Millers as on 03.09.2018 which is a matter of concern.

During review of CMR delivery status of each individual Miller it is observed that a good number of the Millers of your district are beyond security coverage with respect to balance rice to be delivered by them against their security deposits. In order to expedite realization of CMR due from them, it is decided that the Millers who are beyond the security coverage shall be given priority for delivery of balance CMR due, so as to bring them within the security coverage, in order to avoid any possibility of loss to the Corporation.

You are therefore requested to issue delivery certificates to the Millers who are beyond security coverage (list enclosed) on priority, to enable them to deliver due CMR at the designated RRC/ FCI depots and to ensure realization of CMR due of KMS: 2017-18 within the stipulated period.

Yours faithfully,
Managing Director

କଷ୍ଟମ ଚାଉଳ ଅସୁଲି ପାଇଁ ରାଜ୍ୟ ଯୋଗାଣ ନିଗମର ପରିଚାଳନା ବିଭାଗ ଦେଇଥିବା ନିର୍ଦ୍ଦେଶପତ୍ରର ନକଲ।

## ଖୋଖୋରେ ବଣ୍ଡା ଯୁବକ ଅଜୟଙ୍କୁ ସ୍ୱର୍ଣ୍ଣପଦକ

**ମାଲକାନଗିରି, ୯।୯ (ଡି.ଏନ୍.ଏ.)**

- ରାଜ୍ୟ ତଥା ଜିଲା ପାଇଁ ଆଣିଲେ ଗୌରବ
- କିସ୍‌ରେ ଅଧ୍ୟୟନ କରୁଛନ୍ତି ଯୁକ୍ତ ୨
- ଇଂଲଣ୍ଡରେ ଅନ୍ତର୍ଜାତୀୟ ପ୍ରତିଯୋଗିତା

ମାଲକାନଗିରି ଜିଲାର ଜଣେ ଆଦିବାସୀ ଆଦିମ ବଣ୍ଡା ଯୁବକ ଖୋଖୋ ଖେଳରେ ସ୍ୱର୍ଣ୍ଣପଦକ ପାଇ ଦେଶ, ରାଜ୍ୟ ଏବଂ ମାଲକାନଗିରି ଜିଲା ପାଇଁ ଗୌରବ ଆଣିଛନ୍ତି। ଇଂଲଣ୍ଡରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେଇ ସେ ଏହି ସଫଳତା ପାଇଛନ୍ତି। ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅନ୍ତର୍ଗତ ମୁଦୁଲିପଡା ବଣ୍ଡାଘାଟିର ଏହି ଯୁବକ ହେଉଛନ୍ତି ଅଜୟ କୁମାର ମାନ୍ଦ୍ରା।

ଅଜୟ ଏବେ ଭୁବନେଶ୍ୱର କିସ୍ ସଂସ୍ଥାରେ ଯୁକ୍ତ ୨ରେ ଅଧ୍ୟୟନ କରୁଛନ୍ତି। ରାଜ୍ୟ ପାଇଁ ଜାତୀୟସ୍ତରୀୟ ଖୋଖୋ ପ୍ରତିଯୋଗିତାରେ ଭାଗ ନେଇ ସେ ଅନେକ ଥର ପୁରସ୍କୃତ ହୋଇଛନ୍ତି। ଚଳିତବର୍ଷ ସେପ୍ଟେମ୍ବର ୧ରୁ ୪ ତାରିଖ ପର୍ଯ୍ୟନ୍ତ ଇଂଲଣ୍ଡଠାରେ ପ୍ରଥମ ଥର କରି ଅନ୍ତର୍ଜାତୀୟ ଖୋଖୋ ପ୍ରତିଯୋଗିତାରେ ଭାରତୀୟ ଦଳ ପାଇଁ ଖେଳି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଅଜୟଙ୍କ ଏହି ଗୌରବ ହାସଲ ଖବର ଜାଣିବା ପରେ ମାଲକାନଗିରି ଜିଲାରେ କ୍ରୀଡାପ୍ରେମୀଙ୍କ ମନରେ ଖୁସି ପ୍ରକାଶ ପାଇଛି। ଜିଲାପାଳ ମନୀଷ ଅଗ୍ରୱାଲ, ଏସ୍.ପି. ଜଗମୋହନ ମୀନା, ଅତିରିକ୍ତ ଜିଲାପାଳ ଅଯୋଧ୍ୟାକାନ୍ତ ଶତପଥୀ, ଜିଲା କ୍ରୀଡା ଅଧିକାରୀ ଜ୍ଞାନେନ୍ଦ୍ର ବଡାଇ ଅଜୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଅଜୟ କୁମାର ମାନ୍ଦ୍ରା

## ୧୨ ରାଜ୍ୟ ପାଇଁ ବର୍ଷା ଆଲର୍ଟ

**ନୂଆଦିଲ୍ଲୀ,୯।୯**

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ରବିବାର ୧୨ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରିଛି। ଉତ୍ତରପ୍ରଦେଶ ଏବଂ ରାଜସ୍ଥାନର କେତେକ ପ୍ରାନ୍ତରେ ବନ୍ୟା ସ୍ଥିତି ଜଟିଳ ରୂପ ଧାରଣ କରିଥିବାବେଳେ ବିଭିନ୍ନ ସ୍ଥାନରେ ଗଙ୍ଗାନଦୀ ବିପଦସଙ୍କେତ ଉପରେ ପ୍ରବାହିତ ହେଉଛି। ଜମ୍ମୁ-କଶ୍ମୀରରେ ମଧ୍ୟ ସ୍ଥିତି ଗମ୍ଭୀର ରହିଛି। ପୂର୍ବ ରାଜସ୍ଥାନ, ଉତ୍ତରପଶ୍ଚିମ ମଧ୍ୟପ୍ରଦେଶ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲଘୁଚାପର ପ୍ରଭାବ ରହିଛି। ୧୧ରୁ ମୌସୁମୀ ଉତ୍ତରମୁହାଁ ହୋଇ ୧୪ତାରିଖଯାଏ ଉତ୍ତର ଦିଗକୁ ଗତିକରିବ। ୧୦ରୁ ୧୨ରେ ବଙ୍ଗୋପସାଗରୀୟ ଆର୍ଦ୍ରତା ସହ ଦ୍ରୁତଗତିରେ ଦକ୍ଷିଣପଶ୍ଚିମ ବାୟୁ ଉତ୍ତର ଦିଗକୁ ବହିପାରେ। ଏଭଳି ସ୍ଥିତିରେ ଦେଶର ଉତ୍ତର ଭାଗରେ ପ୍ରବଳ ବର୍ଷା ହୋଇପାରେ। ପଶ୍ଚିମବଙ୍ଗର ଉପ ହିମାଳୟ କ୍ଷେତ୍ର, ସିକ୍କିମ୍, ଅରୁଣାଚଳପ୍ରଦେଶ, ଆସାମ, ମେଘାଳୟ, ମଣିପୁର, ନାଗାଲାଣ୍ଡ, ମିଜୋରାମ, ତ୍ରିପୁରାରେ ୮ରୁ ୧୦ ମଧ୍ୟରେ ପ୍ରବଳ ବର୍ଷା ଲାଗିରହିବ।

ଦକ୍ଷିଣ ଭାରତରେ ଉତ୍ତର ତାମିଲନାଡୁ, କର୍ଣ୍ଣାଟକ ରୟାଲସୀମା ଅଞ୍ଚଳରେ ୧୦ରୁ ୧୧ ମଧ୍ୟରେ ବୃଷ୍ଟିପାତର ମାତ୍ରା ବଢ଼ିପାରେ। ଆସନ୍ତା ୩ଦିନ ମଧ୍ୟରେ କେନ୍ଦ୍ର ଭାରତରେ ବର୍ଷା ସ୍ଥିତି ସାମାନ୍ୟ ରହିବ ବୋଲି ଆଇଏମ୍‌ଡି ସୂଚନା ଦେଇଛି। ପାଣିପାଗ ପୂର୍ବାନୁମାନକାରୀ ଘରୋଇ ସଂସ୍ଥା ସ୍କାଇମେଟ୍ ଉତ୍ତରାଖଣ୍ଡରେ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରିଛି। ଉତ୍ତରାଖଣ୍ଡ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା, ଦକ୍ଷିଣ କର୍ଣ୍ଣାଟକ, ଉତ୍ତର ତାମିଲନାଡୁ, ଦକ୍ଷିଣ ରୟାଲସୀମା ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ପ୍ରବଳ ବର୍ଷା ନେଇ ସ୍କାଇମେଟ୍ ପୂର୍ବାନୁମାନ କରିଛି।

## ଦୁର୍ଦ୍ଦାନ୍ତ ମାଓବାଦୀଙ୍କ ସମେତ ୫ ଅଟକ

**କୋରାପୁଟ/ଅନକାଡେଲି, ୯।୯(ସ୍ୱ.ପ୍ର.)**

କୋରାପୁଟ ଜିଲା ମାଛକୁଣ୍ଡ ଥାନା ଅନ୍ତର୍ଗତ ଅନକାଡେଲି ପଞ୍ଚାୟତ ହନୁମାଳ ଗାଁରୁ ଜଣେ ଦୁର୍ଦ୍ଦାନ୍ତ ମାଓବାଦୀଙ୍କ ସମେତ ୫ ଜଣଙ୍କୁ ଅଟକ ରଖିଛି ବିଏସଏଫ୍‌ର ୧୩ ନମ୍ବର ବାଟାଲିୟନ। ଏହାପରେ ସେମାନଙ୍କୁ ମାଛକୁଣ୍ଡ ଥାନାକୁ ହସ୍ତାନ୍ତର କରାଯାଇଛି। ଅଟକ ୫ ଜଣଙ୍କ ମଧ୍ୟରେ ରାମ ପାଙ୍ଗି ନାମକ ଜଣେ ଦୁର୍ଦ୍ଦାନ୍ତ ମାଓବାଦୀ ରହିଥିବା ବେଳେ ବିଏସଏଫ ପକ୍ଷରୁ ତାଙ୍କ ନାମରେ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ଅନ୍ୟ ୪ ଜଣ ହେଲେ ଭୀମ ଖରା(୧୯), ଲବ ପାଙ୍ଗି (୨୫), ଲଇଚନ ଖରା (୨୪), ମାଲେକା ଖରା (୨୫)। ଏମାନେ ଅନକାଡେଲି ଓ ମାଛକୁଣ୍ଡ ଅଞ୍ଚଳରେ ବିଭିନ୍ନ ମାଓବାଦୀ କାର୍ଯ୍ୟକଳାପରେ ଜଡ଼ିତ ଥିବା ନେଇ ଅନକାଡେଲିସ୍ଥିତ ବିଏସ୍‌ଏଫ୍ ପକ୍ଷରୁ ଜେରାବେଳେ ମାଛକୁଣ୍ଡ ଥାନା ଅଧିକାରୀ ସୁଦର୍ଶନ ନାୟକ ଜାଣିବାକୁ ପାଇଥିଲେ।

## ମରାମତି ହେବ ନାଟମଣ୍ଡପ: ଏଏସ୍‌ଆଇ ପ୍ରସ୍ତୁତ କରୁଛି ନକ୍ସା

**ପୁରୀ ଅଫିସ, ୯।୯**

ସଙ୍ଗୀନ ସ୍ଥିତିରେ ରହିଛି ଶ୍ରୀମନ୍ଦିର ନାଟମଣ୍ଡପ। ଛାତର ଏକାଧିକ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ବର୍ଷା ହେଲେ ବିଭିନ୍ନ ସ୍ଥାନରୁ ପାଣି ଗଳୁଛି। ନାଟମଣ୍ଡପ ମୁଖ୍ୟ ବିମ୍ ଫାଟିଛି। କିନ୍ତୁ ଏହାକୁ ସପୋର୍ଟ ଦେଇ ରହିଥିବା ଲୁହା ବିମ୍‌ର ସ୍ଥିତି ଠିକ୍ ଅଛି। ଏହି ବିମ୍‌କୁ ଟେକି ଧରିଥିବା ୪ଟି ମୁଖ୍ୟ କଲମ (ସ୍ତମ୍ଭ) ମଧ୍ୟରୁ ୩ଟି କଲମର କ୍ୟାପିଟାଲ (ସ୍ତମ୍ଭ ଶୀର୍ଷ ଭାଗରେ ରହିଥିବା ବର୍ଗାକୃତି ଅଂଶ) ଫାଟି ଆଁ କରିଛି। ଗତ ମାସ ୨୦, ୨୧ ଓ ୨୨ ତାରିଖ ତିନିଦିନ ଧରି ବିଶେଷଜ୍ଞମାନେ ନାଟମଣ୍ଡପ ସ୍ଥିତି ଯାଞ୍ଚ କରିବା ବେଳେ ଏହି ସ୍ଥିତି ପଦାକୁ ଆସିଥିଲା। ତେଣୁ ଏହାର ମରାମତି କରାଯିବ। କିନ୍ତୁ ବର୍ତ୍ତମାନ ବିଶେଷଜ୍ଞଙ୍କ ପର୍ଯ୍ୟବେକ୍ଷଣରେ ରହିଛି ନାଟମଣ୍ଡପ। ପରବର୍ତ୍ତୀ ସମୟରେ ଏହାର ମରାମତି କରାଯିବ। ତେବେ ଏହି ମରାମତିର ରୂପରେଖ କେମିତି ରହିବ ସେଥିଲାଗି ନକ୍ସା ପ୍ରସ୍ତୁତ କରୁଛି ଏଏସ୍‌ଆଇ। ଏଏସ୍‌ଆଇର ଡ୍ରାଫ୍ଟସ ମ୍ୟାନ ମାଡ୍ରାସର ମି. ରାଘବେନ୍ଦ୍ର ଏବଂ ବରଦାର ଧନରାଜ ଦାଶ ଏହି ନକ୍ସା ପ୍ରସ୍ତୁତ କରୁଛନ୍ତି। ଏମାନଙ୍କୁ ଏଏସ୍‌ଆଇର ସ୍ଥାନୀୟ ଟିମ୍ ସହଯୋଗ କରୁଛନ୍ତି। ତେବେ ନକ୍ସା ସମ୍ପୂର୍ଣ୍ଣ ହେବାକୁ ୧୦ ଦିନ ସମୟ ଲାଗିବ ବୋଲି ଜଣାପଡିଛି।

ନାଟମଣ୍ଡପ ଯାଞ୍ଚ ପରେ ମାଡ୍ରାସ ଆଇଆଇଟିର ପ୍ରଫେସର ଅରୁଣ ମେନନ୍‌ଙ୍କ ଟିମ୍ ଫାଟିଥିବା ବିମ୍, କଲମ ଓ କ୍ୟାପିଟାଲର ଏକ ନକ୍ସା (ଛାତକୁ ସ୍ପର୍ଶ କରିଥିବା ଭଳି) ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ନକ୍ସା ପାଇବା ପରେ କଲମ ଉପରେ କେତେ ଭାର ରହୁଛି ତାହାକୁ ଅନୁଧ୍ୟାନ କରିବେ। ଏଥିସହ ଯେଉଁ ବିମ୍‌ରେ ଫାଟ ହୋଇଛି ତାହା କେତେ ମାତ୍ରାରେ ଫାଟିଛି, ଏହା ନୂଆ ନା ପୁରୁଣା ଫାଟ, ତାହା ଏବେ ମେଳୁଛି କି ନାହିଁ, ଏହା ଉପରେ କେତେ ଓଜନ ରହୁଛି, ଆଗକୁ ଏହା ବିପଦ ସୃଷ୍ଟି କରିବ କି ନାହିଁ ଏ ସବୁକୁ ମେଶିନ ଲଗାଇ ପରଖିବେ। ସେହିପରି ଖଡଗପୁର ଆଇଆଇଟି ବିଶେଷଜ୍ଞଙ୍କୁ ଛାତ ଦାୟିତ୍ୱ ଦିଆଯାଇଛି। ନାଟମଣ୍ଡପ ଛାତ ପର୍ଯ୍ୟାୟକ୍ରମେ ବିଭିନ୍ନ ସ୍ଥାନରେ ମରାମତି ହୋଇଛି। ତେଣୁ ଖଡଗପୁର ଆଇଆଇଟିର ବିଶେଷଜ୍ଞମାନେ କେବେ ଛାତର କେଉଁ ସ୍ଥାନରେ ମରାମତି ହୋଇଛି, କେଉଁ ଜାଗାରେ ଛାତର ମୋଟେଇ କେତେ ଏହାର ସମ୍ପୂର୍ଣ୍ଣ ନକ୍ସା ଦେବାକୁ କହିଛନ୍ତି। ସେହି ମୁତାବକ ନାଟମଣ୍ଡପ ଛାତର ନକ୍ସା ମଧ୍ୟ ପ୍ରସ୍ତୁତ କରାଯାଉଛି। ନକ୍ସା ପାଇବା ପରେ ଛାତ ଉପରେ ଏକ ରାସାୟନିକ ପ୍ରଲେପ ଦିଆଯିବ, ଯାହାଦ୍ୱାରା ଆଉ ପାଣି ଗଳିବ ନାହିଁ। ନକ୍ସା ପ୍ରସ୍ତୁତକାରୀ ମଧ୍ୟ ଉପରୋକ୍ତ ଦୁଇ ଆଇଆଇଟିବିଶେଷଜ୍ଞଙ୍କ ସହ ଯୋଗସୂତ୍ରରେ ଅଛନ୍ତି। କେଉଁଦିନ କେତେ ନକ୍ସା ପ୍ରସ୍ତୁତ କରୁଛନ୍ତି ତାହା ବିଶେଷଜ୍ଞଙ୍କୁ ଜଣାଉଛନ୍ତି।

## ଏମ୍‌ପି ରବୀନ୍ଦ୍ର ଜେନାଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଫେରାଦ

**ବାଲିଆପାଳ,୯।୯(ଡି.ଏନ୍.ଏ.)**

ବାଲେଶ୍ୱର ଏମ୍‌ପି ତଥା ଜିଲା ବିଜେଡି ସଭାପତି ଇଂ. ରବୀନ୍ଦ୍ର ଜେନାଙ୍କ ବିରୋଧରେ ବାଲିଆପାଳ ବ୍ଲକର କେତେକ ବିଜେଡି କର୍ମୀ ଭୁବନେଶ୍ୱରରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଅଭିଯୋଗ କରିଛନ୍ତି। ପରବର୍ତ୍ତୀ ନିର୍ବାଚନରେ ରବୀନ୍ଦ୍ର କିମ୍ବା ତାଙ୍କ ପରିବାରର କାହାକୁ ପ୍ରାର୍ଥୀ ନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିବା ଜଣାପଡିଛି। ଅଭିଯୋଗକାରୀଙ୍କ ମଧ୍ୟରେ ଅଛନ୍ତି- ମହେଶ୍ୱର ଜେନା, ସତ୍ୟାନନ୍ଦ ମହାନ୍ତି, ପୂର୍ବତନ ସରପଞ୍ଚ ଭଗବାନ ଗିରି, ଜମ୍ବିରାଇ ସରପଞ୍ଚଙ୍କ ପ୍ରତିନିଧି କାର୍ତ୍ତିକ ନାୟକ, ଡଗରା ସମିତି ସଭ୍ୟ ପ୍ରତିନିଧି ନିତ୍ୟାନନ୍ଦ ଜେନା, ପୂର୍ବତନ ବୋଲଂ ସରପଞ୍ଚ ଜଗବନ୍ଧୁ ମଲ୍ଲିକ, ରତାଇ ସରପଞ୍ଚ ସରୋଜ ପାଢ଼ୀ ପ୍ରମୁଖ।

ବାଲିଆପାଳ ଏହି ବିଦ୍ରୋହୀ ବିଜେଡି ନେତାମାନେ ଉପସଭାପତି ତଥା ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର, ବାଲେଶ୍ୱର ଜିଲା ପର୍ଯ୍ୟବେକ୍ଷକ ପୂର୍ବତନ ମନ୍ତ୍ରୀ ଅତନୁସବ୍ୟସାଚୀ ନାୟକ ପ୍ରମୁଖଙ୍କୁ ସାକ୍ଷାତ କରିଥିବା ଜଣାପଡିଛି। ସେମାନେ କରିଥିବା ଅଭିଯୋଗ ଅନୁସାରେ ଏମ୍‌ପି ପୁରୁଣା ବିଜେଡି ଲୋକଙ୍କୁ ଅଣଦେଖା କରଛନ୍ତି। ସେହିପରି ସଙ୍ଗଠନରେ ନ ଥିବା କଂଗ୍ରେସ ଲୋକଙ୍କୁ ସବୁ କାର୍ଯ୍ୟରେ ଅଧିକ ଗୁରୁତ୍ୱ ଦିଆଯାଇଛି। କୌଣସି କାରଣ ନ ଥାଇ ବାଲିଆପାଳ ବ୍ଲକର ବିଜେଡିର ଟାଣୁଆ ନେତା ମହେଶ୍ୱର ଜେନା ଓ ସତ୍ୟାନନ୍ଦ ମହାନ୍ତିଙ୍କୁ ଦଳରୁ ନିଲମ୍ବିତ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଏମ୍‌ପି ଜେନା ପ୍ରତିକ୍ରିୟାରେ କହିଛନ୍ତି ଯେ, କିଛି ବିଶୃଙ୍ଖଳିତ ଦଳୀୟ କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବାରୁ ଏପରି ପ୍ରାୟୋଜିତ ଫେରାଦ କରାଯାଇଛି। ବାଲେଶ୍ୱର ବିଜେଡି କର୍ମୀ ସତ କ’ଣ ଜାଣିଛନ୍ତି।

## ରାସ୍ତାରେ ଗଡ଼ିଲା ସୌରଚାଳିତ ଟ୍ରାଇସାଇକେଲ

**ଭଣ୍ଡାରିପୋଖରୀ,୯।୯(ଡି.ଏନ.ଏ.)**

- ଚର୍ଚ୍ଚାରେ ଯୁବ ବୈଜ୍ଞାନିକ ରାକେଶ
- ଘଣ୍ଟାକୁ ଚାଲିବ ୨୦ କି.ମି.
- ଭିନ୍ନକ୍ଷମଙ୍କୁ ମିଳିବ ନୂଆ ସାହାରା

ଏଣିକି ସୌରଶକ୍ତିରେ ଚାଲିବ ଟ୍ରାଇସାଇକେଲ। ଇନ୍ଧନର ମୂଲ୍ୟବୃଦ୍ଧି ଦିବ୍ୟାଙ୍ଗଙ୍କ ପାଇଁ ବାଧକ ହେବ ନାହିଁ। ଏହି ଟ୍ରାଇସାଇକେଲ ପରିବେଶ ଉପଯୋଗୀ ହେବ। ପ୍ରଦୂଷଣ ସୃଷ୍ଟି କରିବ ନାହିଁ। ଏଭଳି ପରିକଳ୍ପନା ନେଇ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଞ୍ଚାୟତ କୁଲଣା ଗ୍ରାମର ରାକେଶ ନାୟକ ଗବେଷଣା କାର୍ଯ୍ୟ ଚଳାଇ ସୌରଚାଳିତ ଟ୍ରାଇସାଇକେଲ ନିର୍ମାଣ କରିବାକୁ ସମର୍ଥ ହୋଇଛନ୍ତି। ପୂର୍ବରୁ ସୌରଚାଳିତ ସାଇକେଲ ଓ ଏବେ ଟ୍ରାଇସାଇକେଲ ନିର୍ମାଣ କରି ସେ ସାରା ଜିଲାରେ ଚର୍ଚ୍ଚାକୁ ଆସିଛନ୍ତି।

ଯୁବ ବୈଜ୍ଞାନିକ ଭାବେ ପରିଚିତ ରାକେଶ କହିଛନ୍ତି, ଆଧୁନିକ ପ୍ରଯୁକ୍ତିବିଦ୍ୟା ବଳରେ ସୌରଶକ୍ତିକୁ ବ୍ୟବହାର କରି ସାଇକେଲ ଚଳାଇବାକୁ ପ୍ରଥମେ ସେ ଉଦ୍ୟମ କରିଥିଲେ। ଏକ ପୁରୁଣା ସାଇକେଲ ଆଣି ଏଥିରେ କେତେକ ଯନ୍ତ୍ରାଂଶ ଖଞ୍ଜି ଏ ଦିଗରେ ଅଧିକ ଗବେଷଣା କରିଥିଲେ। ପରିଶ୍ରମର ଫଳ ସ୍ୱରୂପ ଏହି ସୌରଚାଳିତ ସାଇକେଲକୁ ପୂର୍ଣ୍ଣାଙ୍ଗ ରୂପ ଦେଇ ରାସ୍ତାରେ ଚଳାଇଥିଲେ। ଏହାପରେ ଭିନ୍ନକ୍ଷମଙ୍କ ସହାୟତା କରିବା ଲାଗି ପରବର୍ତ୍ତୀ ପର୍ଯ୍ୟାୟରେ ସେ ଆରମ୍ଭ କରିଥିଲେ ଟ୍ରାଇସାଇକେଲ ନିର୍ମାଣ। ଏହାକୁ କରି ସେ ସଫଳତା ପାଇଛନ୍ତି। ଏହା ଘଣ୍ଟା ପ୍ରତି ୨୦ କି.ମି. ବେଗରେ ଗଡ଼ି ପାରିବ। ଏଥିରେ ୨୦ ଏମ୍ପିୟରର ୨୪ ଭୋଲ୍ଟ ବିଶିଷ୍ଟ ୨ଟି ବ୍ୟାଟେରି, ୨୪ ଭୋଲ୍ଟ କ୍ଷମତା ସମ୍ପନ୍ନ ୩୦୦ ୱାଟର ମୋଟର, ୧୦୦ ୱାଟର ୨ଟି ସୌରପ୍ଲେଟ, ଇଲେକ୍ଟ୍ରିକ ଏକ୍ସିଲିଟର, ହର୍ଣ୍ଣ, ଲାଇଟ ଖଞ୍ଜା ଯାଇଛି। ଏଥିରେ ମୋବାଇଲ ଚାର୍ଜ କରିବା ଏବଂ ମ୍ୟୁଜିକ ବଜାଇବା ବ୍ୟବସ୍ଥା ରହିଛି। ଏକ୍ସିଲିଟର ମୋଡ଼ିଲେ ଟ୍ରାଇସାଇକେଲ ଚାଲିବ। ଏଥିରେ ଦୁଇଜଣ ବସି ଯାଇପାରିବେ। କୌଣସି ତ୍ରୁଟି ଦେଖାଦେଲେ ଚେନ୍ ଲାଗିଥିବା ହାତ ପେଡେଲ ଦ୍ୱାରା ଏହା ମଧ୍ୟ ଚାଲିପାରିବ। ଏହି ସୌରଚାଳିତ ଟ୍ରାଇସାଇକେଲ ନିର୍ମାଣ ପାଇଁ ୧୩ ହଜାର ଖର୍ଚ୍ଚ ହେବ। ଏହାକୁ ପ୍ରସ୍ତୁତ କରିବା ଲାଗି ତାଙ୍କୁ ପ୍ରାୟ ଅଢ଼େଇ ମାସ ପରିଶ୍ରମ କରିବାକୁ ପଡ଼ିଛି।

ରାକେଶଙ୍କ ବାପା ସୁବାସ ଚନ୍ଦ୍ର ନାୟକ ଜଣେ ମ୍ୟୁଜିକ ଶିକ୍ଷକ। ଘରେ ଚାଷ କାମ କରନ୍ତି। ମା’ ପ୍ରମିଳା ନାୟକ ଗୃହିଣୀ। ରାକେଶ ୨୦୧୫ରେ ଭଦ୍ରକ ବରପଦାସ୍ଥିତ ବୈଷୟିକ ବିଦ୍ୟାଳୟରେ ଇଲେକ୍ଟ୍ରିକାଲ ପାସ୍ କରି ଚାକିରି ସନ୍ଧାନରେ ଥିବାବେଳେ କିଛି ନୂଆ କରିବାର ଆଶା ନେଇ ସେ ଗବେଷଣା କାର୍ଯ୍ୟକୁ ଆଦରିଥିଲେ। ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ବହୁ କଷ୍ଟ ସ୍ୱୀକାର କରି ଏହି ସୌରଚାଳିତ ଟ୍ରାଇସାଇକେଲ ନିର୍ମାଣ କରିପାରିଛନ୍ତି। ଏଥିରେ ତାଙ୍କ ଭାଇମାନେ ତାଙ୍କୁ ସହାୟତା କରିଛନ୍ତି। ସରକାର ଭିନ୍ନକ୍ଷମଙ୍କୁ ସହାୟତା କରିବା ପାଇଁ ଟ୍ରାଇସାଇକେଲ ପ୍ରଦାନ କରୁଛନ୍ତି। ସେମାନଙ୍କୁ ସୌରଚାଳିତ ଟ୍ରାଇସାଇକେଲ ଯୋଗାଇ ଦିଆଗଲେ ତାଙ୍କ ଅଭିଳାଷ ପୂରଣ ହୋଇପାରିବ ବୋଲି ରାକେଶ କହିଛନ୍ତି। ରାସ୍ତାରେ ତାଙ୍କ ନିର୍ମିତ ସୌରଚାଳିତ ସାଇକେଲ ଗଡ଼ିବା ପରେ ବିଭିନ୍ନ ମହଲରୁ ତାଙ୍କୁ ଅନେକ ଶୁଭେଚ୍ଛା ମିଳିଛି। ଏହାକୁ ଅଧିକ ବିକଶିତ କରିବା ଲାଗି ସେ ଜିଲା ପ୍ରଶାସନ, ନେତା, ମନ୍ତ୍ରୀଙ୍କୁ ଭେଟିଥିଲେ ମଧ୍ୟ ତାଙ୍କୁ କୌଣସି ସହୟତା ମିଳି ନ ଥିବା ସେ କହିଛନ୍ତି।



ସୌର ଟ୍ରାଇସାଇକେଲ ସହ ଯୁବ ବୈଜ୍ଞାନିକ ରାକେଶ।

# ଅତ୍ୟଧିକ ପେନକିଲର ଓ ହୃଦ୍‌ଘାତ



ଅନେକ ସମୟରେ ରୋଗର ଅବସ୍ଥାକୁ ତନ୍ନ ତନ୍ନ କରି ଅନୁଶୀଳନ କରିବା ପରେ ସେଥିରୁ ଶୀଘ୍ର ଉପଶମ ପାଇଁ ଡାକ୍ତର ପେନକିଲର ଖାଇବାକୁ ପରାମର୍ଶ ଦେଇଥାଆନ୍ତି। ଯଦି ଜଣେ ବ୍ୟକ୍ତି ଦୀର୍ଘ ମାସ ପର୍ଯ୍ୟନ୍ତ ଏହାକୁ ଖାଆନ୍ତି ତେବେ ତାହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ ବୋଲି ୱାଶିଂଟନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ଗବେଷଣାରୁ ଜାଣିପାରିଛନ୍ତି। ଏପରି କି ଏଥିପାଇଁ ସେହି ବ୍ୟକ୍ତି ହୃଦଜନିତ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ମତବ୍ୟକ୍ତ କରିଛନ୍ତି। ଦୀର୍ଘ ମାସ ଧରି ପେନକିଲର ଖାଉଥିବା କେତେକ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟାବସ୍ଥା ଉପରେ ପରୀକ୍ଷା ନିରୀକ୍ଷା କରିବା ପରେ ସେମାନେ ଏଭଳି ଚାଞ୍ଚଲ୍ୟକର ତଥ୍ୟ ପ୍ରକାଶ କରିଛନ୍ତି। ତେବେ ଡାକ୍ତରଙ୍କ ପରାମର୍ଶ ବିନା ଏହାକୁ ଖାଇବା ଆଦୌ ଠିକ ନୁହେଁ ବୋଲି ସେମାନେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

# ଟେନସନ ଦୂର କରିବ ରୋବୋ



ରୋବୋକୁ ଆଜିକାଲି ବିଭିନ୍ନ କାମରେ ଲଗାଯାଉଛି। ବିଶେଷଭାବରେ ଚିକିତ୍ସା ବିଜ୍ଞାନରେ ଏହାର ଉପଯୋଗ କରାଯାଇ ସଫଳତା ମିଳିଥିବାର ନଜୀର ମଧ୍ୟ ରହିଛି। ଟେନସନଗ୍ରସ୍ତ ହେବା ଏବେ ଏକ ସାଧାରଣ କଥା ପାଲଟିଗଲାଣି। ଏଥିରୁ ରକ୍ଷା ପାଇବା ପାଇଁ ଅନେକ ଚେଷ୍ଟା କରିଥାଆନ୍ତି। କେତେକ ଏଥିପାଇଁ ରୋଗଗ୍ରସ୍ତ ହୋଇଥାଆନ୍ତି। ଯଦି ଆପଣ ଟେନସନ ଦୂର କରିବାକୁ ଚାହୁଁଛନ୍ତି ତେବେ ରୋବୋର୍ଟର ସାହାଯ୍ୟ ନେଇପାରନ୍ତି। ଏଭଳି ଏକ ରୋବୋ ପ୍ରସ୍ତୁତ କରିଛନ୍ତି ଜାପାନର ବୈଜ୍ଞାନିକମାନେ। ଉକ୍ତ ରୋବୋରେ ଏକ ହେଡ୍ ଫୋନ୍ ସଂଯୁକ୍ତ ହୋଇଛି, ଯାହାକୁ ସଂପୃକ୍ତ ବ୍ୟକ୍ତିଙ୍କ କାନରେ ଲଗାଇବାକୁ ପଡିଥାଏ। ତା'ପରେ ରୋବୋରେ ସେଟ୍ କରାଯାଇଥିବା ଗୀତଗୁଡିକ ମଧ୍ୟରୁ ନିଜ ମନ ପସନ୍ଦର ଗୀତ ଶୁଣିବାକୁ ପଡେ, ଯାହା ଧୀରେ ଧୀରେ ଟେନସନକୁ ଦୂର କରିଥାଏ। ହେଲେ ଏକ ଶାନ୍ତ ପରିବେଶରେ ରୋବୋକୁ ରଖି ତା' ପାଖରୁ ଏହି ସହାୟତା ନେଲେ ଜଣେ ଅନେକାଂଶରେ ନିଜକୁ ଟେନସନଠାରୁ ଦୂରେଇ ରଖି ପାରିବ ବୋଲି ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି।

# ମାଇଗ୍ରେନ୍‌ର ଘରୋଇ ଉପଚାର



ମୁଣ୍ଡବିନ୍ଧା ସମସ୍ୟା ଅଧିକ ଦିନ ପର୍ଯ୍ୟନ୍ତ ଲାଗି ରହିଲେ ତାହାକୁ ମାଇଗ୍ରେନ୍ କୁହାଯାଏ। କେତୋଟି କାରଣ ପ୍ରତି ସଚେତନ ନ ରହିଲେ ଏଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ଅସନ୍ତୁଳିତ ଆହାର, ଟେନସନ, ଉଚ୍ଚ ରକ୍ତଚାପ (ହାଇ ବ୍ଲଡପ୍ରେସର), ଅନିୟମିତ ଦିନଚର୍ଯ୍ୟା ଅନେକାଂଶରେ ଏଥିପାଇଁ ଦାୟୀ। ମାଇଗ୍ରେନର ଲକ୍ଷଣ ପ୍ରକାଶ ପାଇଲେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ହେଲେ ଏଭଳି କେତେକ ଘରୋଇ ଉପାୟ ରହିଛି ଯାହାକୁ ଆପଣେଇପାରନ୍ତି। ଅଧିକ ସମୟ ଖାଲି ପେଟରେ ରହନ୍ତୁ ନାହିଁ। ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଖାଆନ୍ତୁ। ଯେତେସମ୍ଭବ ଟେନସନଠାରୁ ନିଜକୁ ଦୂରେଇ ରଖନ୍ତୁ। କେତେକ ଟିକେ କଥାରେ ରାଗି ଯାଇଥାଆନ୍ତି। ଏଭଳି ଅଭ୍ୟାସକୁ ପରିହାର କରନ୍ତୁ। ଅଯଥା କଥାକୁ ନେଇ ମନରେ ଭୟଭାବ ଆଣନ୍ତୁ ନାହିଁ, କାରଣ ଏହା ବେଳେବେଳେ ମୁଣ୍ଡବିନ୍ଧାର କାରଣ ହୋଇଥାଏ। କେତେକ ମହିଳାଙ୍କର ହରମୋନ ସ୍ତର ଅସନ୍ତୁଳିତ ରହିଥାଏ, ଯାହାକୁ ମାଇଗ୍ରେନ୍ ଅନ୍ୟତମ କାରଣ ଭାବରେ ନିଆଯାଇଛି। ତେଣୁ ଏଭଳି ସମସ୍ୟା ଥିଲେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଖାଦ୍ୟପେୟ। ସବୁବେଳେ ସନ୍ତୁଳିତ ତଥା ଭିଟାମିନଯୁକ୍ତ ଖାଦ୍ୟ ଖାଆନ୍ତୁ।

# ଅନ୍ତରୀକ୍ଷରେ ଭାରତୀୟ ମହାକାଶଚାରୀ

"ଅନ୍ତରୀକ୍ଷକୁ ଯାତ୍ରା କରିଥିବା ଏକମାତ୍ର ଭାରତୀୟ ହେଉଛନ୍ତି ରାକେଶ ଶର୍ମା, ଯେ ଏକ ରୁଷୀୟ ରକେଟ୍ ସାହାଯ୍ୟରେ ୧୯୮୮ ମସିହାରେ ଅନ୍ତରୀକ୍ଷକୁ ଯାତ୍ରା କରିଥିଲେ। ତାଙ୍କ ପରେ ଭାରତୀୟ ବଂଶୋଦ୍ଭବ ତଥା ଆମେରିକାର ନାଗରିକତ୍ୱ ଗ୍ରହଣ କରିଥିବା ଦୁଇଜଣ ମହିଳା ମହାକାଶଚାରୀ କଳ୍ପନା ଚାଓ୍ୱଲା ଓ ସୁନୀତା ଉଇଲିୟମ୍ସ ମଧ୍ୟ ଅନ୍ତରୀକ୍ଷକୁ ଯାତ୍ରା କରିଛନ୍ତି ମାତ୍ର ଏ ପର୍ଯ୍ୟନ୍ତ ଜଣେ ହେଲେ ଭାରତୀୟ ଭାରତର ନିଜସ୍ୱ ଅନ୍ତରୀକ୍ଷ ଅଭିଯାନରେ ଅନ୍ତରୀକ୍ଷକୁ ଯାତ୍ରା କରିବାରେ ସଫଳ ହୋଇ ନାହାନ୍ତି"







ନିକୁଞ୍ଜ ବିହାରୀ ସାହୁ

ଅନନ୍ତ ଅନ୍ତରୀକ୍ଷର ଅସୁମାରି ତାରକା ମନୁଷ୍ୟକୁ ସଦାସର୍ବଦା ପ୍ରଲୁବ୍ଧ କରିଛି। ସୋଭିଏତ୍ ମହାକାଶଚାରୀ ୟୁରି ଗାଗାରିନ୍‌ଙ୍କ ୧୯୬୧, ଏପ୍ରିଲ ୧୨ ତାରିଖରେ ମହାକାଶଯାତ୍ରା ପରଠାରୁ ଅନ୍ତରୀକ୍ଷ ମନୁଷ୍ୟର କ୍ରୀଡ଼ାଭୂମି ପାଲଟିଛି। ମନୁଷ୍ୟ ଏହାପରେ ଅନ୍ତରୀକ୍ଷକୁ ଅନେକ ଥର ଯାତ୍ରା କରିଛି ଏବଂ ଅନ୍ତରୀକ୍ଷରେ ଦୀର୍ଘ ଦିନ ଅବସ୍ଥାନ ପରେ ନିରାପଦରେ ପୃଥିବୀକୁ ଫେରି ଆସିଛି। ୟୁରି ଗାଗାରିନ୍‌ଙ୍କ ପରେ ଆମେରିକୀୟ ମହାକାଶଚାରୀ ଆଲାନ୍ ସେଫାର୍ଡ ୧୯୬୧, ମେ ୫ ତାରିଖରେ ଏବଂ ଚାଇନା ମହାକାଶଚାରୀ ଚ୍ୟାଙ୍ଗ୍ ଲିୱେଇ ୨୦୦୩, ଅକ୍ଟୋବର ୧୫ ତାରିଖରେ ଅନ୍ତରୀକ୍ଷକୁ ଯାତ୍ରା କରନ୍ତି। ଯଦି ଭାରତ ନିଜର 'ଗଗନ ଯାନ' ଅନ୍ତରୀକ୍ଷ ଯାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୨ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଘୋଷଣା ଅନୁସାରେ ଆଗାମୀ ୨୦୨୨ ମସିହା ସୁଦ୍ଧା ଅନ୍ତରୀକ୍ଷକୁ ଜଣେ ମନୁଷ୍ୟ ପ୍ରେରଣ କରେ, ତେବେ ଆମ ଦେଶ ଅନ୍ତରୀକ୍ଷରେ ପଦାର୍ପଣ କ୍ଷେତ୍ରରେ ବିଶ୍ୱରେ ଚତୁର୍ଥ ଦେଶ ହେବ।

ଅନ୍ତରୀକ୍ଷକୁ ଯାତ୍ରା କରିଥିବା ଏକମାତ୍ର ଭାରତୀୟ ହେଉଛନ୍ତି ରାକେଶ ଶର୍ମା, ଯେ କି ଏକ ରୁଷୀୟ ରକେଟ୍ ସାହାଯ୍ୟରେ ୧୯୮୮ରେ ଅନ୍ତରୀକ୍ଷକୁ ଯାତ୍ରା କରିଥିଲେ। ତାଙ୍କ ପରେ ଭାରତୀୟ ବଂଶୋଦ୍ଭବ ତଥା ଆମେରିକାର ନାଗରିକତ୍ୱ ଗ୍ରହଣ କରିଥିବା ଦୁଇ ମହିଳା ମହାକାଶଚାରୀ କଳ୍ପନା ଚାଓ୍ୱଲା ଓ ସୁନିତା ଉଇଲିୟମ୍ସ ମଧ୍ୟ ଅନ୍ତରୀକ୍ଷକୁ ଯାତ୍ରା କରିଛନ୍ତି। ମାତ୍ର ଏ ପର୍ଯ୍ୟନ୍ତ ଜଣେ ହେଲେ ଭାରତୀୟ ଭାରତର ନିଜସ୍ୱ ଅନ୍ତରୀକ୍ଷ ଅଭିଯାନରେ ଅନ୍ତରୀକ୍ଷକୁ ଯାତ୍ରା କରିବାରେ ସଫଳ ହୋଇ ନାହାନ୍ତି।

**ଭାରତର ପ୍ରସ୍ତୁତି:** ଭାରତ ଇତିମଧ୍ୟରେ ଚନ୍ଦ୍ର ଓ ମଙ୍ଗଳ ଗ୍ରହକୁ ମାନବବିହୀନ ଅଭିଯାନ ପ୍ରେରଣ କରିସାରିଥିଲେ ହେଁ ବର୍ତ୍ତମାନ ସମୟ ଆସିଛି ଅନ୍ତରୀକ୍ଷକୁ ଏକ ମନୁଷ୍ୟ ପ୍ରେରଣ କରିବା ପାଇଁ। ପୂର୍ବରୁ ମଣିଷ ଥିବା ଅନ୍ତରୀକ୍ଷ ଅଭିଯାନ (Human Space Flight Programme HSP) ପାଇଁ ଆମ ଦେଶର କୌଣସି ନିର୍ଦ୍ଦିଷ୍ଟ ଯୋଜନା ନ ଥିଲେ ହେଁ ଇସ୍ରୋ ଇତିମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିଗତ ଜ୍ଞାନକୌଶଳ ଏବଂ ଉପକରଣ ପରୀକ୍ଷା କରିସାରିଛି। ଇସ୍ରୋକୁ ଏ କ୍ଷେତ୍ରରେ ଥିବା ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରତିବନ୍ଧକ ଯଥା ମହାକାଶଚାରୀ ଚୟନ ଓ ପ୍ରଶିକ୍ଷଣ, ସେମାନଙ୍କ ନିମନ୍ତେ ଖାଦ୍ୟ ଓ ପୋଷାକ ଇତ୍ୟାଦିକୁ ଅତିକ୍ରମ କରିବା ପାଇଁ ବେଶୀ ପରିଶ୍ରମ କରିବାକୁ ପଡିବ ନାହିଁ। ଇସ୍ରୋ ମଧ୍ୟ ଇତିମଧ୍ୟରେ ଯାନକୁ ନିରନ୍ତର ଟ୍ରାକିଂ କରିବା ପାଇଁ ନିଜର ଟ୍ରାକିଂ ଓ ଟେଲିମେଟ୍ରି ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ପଦକ୍ଷେପ ନେଇଛି। ଏହିସବୁ କାର୍ଯ୍ୟକ୍ରମ ଯୋଜନା ମୁତାବକ ସମ୍ପନ୍ନ ହେଲେ, ତିନି ଜଣ ଭାରତୀୟ ମହାକାଶଚାରୀ ଆଗାମୀ ୨୦୨୨ ବେଳକୁ ଶ୍ରୀହରିକୋଟାଠାରେ ସ୍ୱତନ୍ତ୍ର ଭାବେ ନିର୍ମିତ ଏକ ଉତ୍କ୍ଷେପଣ କେନ୍ଦ୍ରରୁ ଏକ ୭୦୦୦ କିଗ୍ରା ଓଜନ ଯାନରେ ଅନ୍ତରୀକ୍ଷକୁ ଯାତ୍ରା କରିବେ ଏବଂ ୭ ଦିନ ପାଇଁ ଏକ ସ୍ୱଳ୍ପ ଉଚ୍ଚତା କକ୍ଷପଥରେ ପୃଥିବୀ ପୃଷ୍ଠଠାରୁ ୩୦୦ କିମିରୁ ୪୦୦ କିମି ଦୂରତା ମଧ୍ୟରେ ଥାଇ ପୃଥିବୀକୁ ପ୍ରଦକ୍ଷିଣ କରିବେ। ବିଗତ ପାଞ୍ଚ ଦଶନ୍ଧିର କାର୍ଯ୍ୟକାଳ ମଧ୍ୟରେ ଇସ୍ରୋ ନିଜକୁ ଏକ ଅଗ୍ରଗଣ୍ୟ ଅନ୍ତରୀକ୍ଷ ସଂସ୍ଥା ରୂପେ ପ୍ରତିଷ୍ଠା କରିପାରିଛି ଏବଂ ମଣିଷକୁ ମହାକାଶରେ ସ୍ଥାପନ କରିବା ପାଇଁ ଏହାର ନିଶ୍ଚିତ ରୂପେ ବିଶ୍ୱସ୍ତରୀୟ ଜ୍ଞାନକୌଶଳ ଓ ସାମର୍ଥ୍ୟ ଅଛି।

**ଖର୍ଚ୍ଚ ଓ ଉପାଦେୟତା:** ଅନ୍ତରୀକ୍ଷକୁ ଏକ ମାନବ ଅଭିଯାନ ନିମନ୍ତେ ଆମ ଦେଶକୁ ଖର୍ଚ୍ଚ କରିବାକୁ ପଡିବ ସମୁଦାୟ ୧୦,୦୦୦ କୋଟି ଟଙ୍କା। ଭାରତ ମହାକାଶକୁ ଏକ ମାନବ ଅଭିଯାନ ପଠାଇଲେ ଏହା ସଙ୍ଗେସଙ୍ଗେ ଦେଶ ପାଇଁ କୌଣସି ଆର୍ଥିକ ସୁବିଧା ଆଣିବ ନାହିଁ, ବରଂ ଏହା ଏକ ପ୍ରଯୁକ୍ତିଗତ ପ୍ରଦର୍ଶନ ହେବ। କିଛି ସମାଲୋଚକ ଏହା ଅର୍ଥର ଅପବ୍ୟୟ ବୋଲି ମନେକରି ଯୁକ୍ତି କରନ୍ତି ଯେ, ଭାରତ ଭଳି ଏକ ବିକାଶଶୀଳ ଦେଶ ପାଇଁ ଏହି ଅର୍ଥକୁ ବରଂ ବିଭିନ୍ନ ମୌଳିକ ଆବଶ୍ୟକତା ଯଥା ଖାଦ୍ୟ, ବାସଗୃହ ଓ ସ୍ୱାସ୍ଥ୍ୟସେବା ପୂରଣ କ୍ଷେତ୍ରରେ ବିନିଯୋଗ କରିବା ଉଚିତ। ଅନ୍ତରୀକ୍ଷ କ୍ଷେତ୍ରର ଏହି ପ୍ରତିଯୋଗିତାର ଆହ୍ୱାନକୁ ଯଦି ଆମେ ସ୍ୱୀକାର ନ କରିବା, ତେବେ ଚାଇନା ଭଳି କିଛି ପ୍ରତିଯୋଗୀ ରାଷ୍ଟ୍ର ଏ କ୍ଷେତ୍ରରେ ଆମକୁ ଚପିଯିବେ। ଆମର ମହାକାଶ କାର୍ଯ୍ୟକ୍ରମର ଜନକ ବିକ୍ରମ ସରାଭାଇଙ୍କ ମତରେ, କେହି କେହି ଭାରତ ଭଳି ଏକ ବିକାଶଶୀଳ ଦେଶ ପାଇଁ ଅନ୍ତରୀକ୍ଷ କାର୍ଯ୍ୟକ୍ରମର ପ୍ରାସଙ୍ଗିକତା ସମ୍ପର୍କରେ ପ୍ରଶ୍ନ ପଚାରନ୍ତି। ମାତ୍ର ଦେଶ କିମ୍ବା ଅନ୍ତର୍ଜାତୀୟ ସ୍ତରରେ ଏ କ୍ଷେତ୍ରରେ ଏକ ଅର୍ଥପୂର୍ଣ୍ଣ ଭୂମିକା ପାଳନ କରିବାକୁ ହେଲେ ବ୍ୟକ୍ତି ଓ ସମାଜର ପ୍ରକୃତ ସମସ୍ୟା ସୁଧାରିବା ନିମନ୍ତେ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ କ୍ଷେତ୍ରରେ ଆମେ କାହା ପଛରେ ଦ୍ୱିତୀୟ ହୋଇ ପଡି ରହିବା ଉଚିତ ନୁହେଁ।

**ସର୍ବଶ୍ରେଷ୍ଠ ଉପଲବ୍ଧି:** ଭାରତ ଗତବର୍ଷ ଗୋଟିଏ ମାତ୍ର ଉତ୍କ୍ଷେପଣରେ ୧୦୪ଟି ଉପଗ୍ରହ ଅନ୍ତରୀକ୍ଷରେ ସ୍ଥାପନ କରି ରେକର୍ଡ ସୃଷ୍ଟି କରିଛି। ଗୋଟିଏ ଯାନରୁ ଏତେ ସଂଖ୍ୟକ ଉପଗ୍ରହ କକ୍ଷପଥରେ ସ୍ଥାପନ କରିବାରେ ଭାରତ ବିଶ୍ୱରେ ପ୍ରଥମ। ଏ କ୍ଷେତ୍ରରେ ଆଉ ଦୁଇ ପାଦ ଆଗେଇ ଯାଇ ଭାରତ ନିଜର ଜଣେ ମହାକାଶଚାରୀଙ୍କୁ ମହାକାଶକୁ ପଠାଇ ପାରିଲେ ତାହା ଦେଶ ପାଇଁ ସର୍ବଶ୍ରେଷ୍ଠ ଉପଲବ୍ଧି ହେବ, ଯାହାଠାରୁ ବଳି ମହାକାଶ ଇତିହାସରେ ଆଉ କୌଣସି ବଡ଼ଘଟଣା ହୋଇନପାରେ। ଏହା କେବଳ ବିଶ୍ୱକୁ ଭାରତର ଜ୍ଞାନକୌଶଳର ପରାକାଷ୍ଠା ପ୍ରଦର୍ଶନ କରିବ ନାହିଁ, ବରଂ ଆମର ଭବିଷ୍ୟତ ଅନ୍ତରୀକ୍ଷ କାର୍ଯ୍ୟକ୍ରମର ରୂପରେଖକୁ ନୂତନ ମୋଡ଼ ଦେବ। ଏହି କାର୍ଯ୍ୟକ୍ରମର ଅଂଶସ୍ୱରୂପ ଅନେକ ନୂତନ ଭିତ୍ତିଭୂମି ପ୍ରତିଷ୍ଠା ସହିତ ନୂଆ ନୂଆ ଜ୍ଞାନକୌଶଳ ପରୀକ୍ଷିତ ହେବ, ଯାହା ଭାରତର ମହାକାଶ କାର୍ଯ୍ୟକ୍ରମର ଦକ୍ଷତା ଓ ସାମର୍ଥ୍ୟକୁ ଦୃଢ଼ୀଭୂତ କରିବା ସହିତ ଅନନ୍ତ ଓ ରହସ୍ୟମୟ ଅନ୍ତରୀକ୍ଷର ଅଜଣା ରହସ୍ୟକୁ ଉନ୍ମୋଚନ କରିବାରେ ଆମର ସ୍ୱପ୍ନ ଚରିତାର୍ଥ ହେବାରେ ପ୍ରେରଣା ଯୋଗାଇବ।

-ଏଜୁକେଶନ ଅଫିସର, ଢେଙ୍କାନାଳ
ବିଜ୍ଞାନ କେନ୍ଦ୍ର, ଢେଙ୍କାନାଳ
ମୋ: ୮୦୧୮୭୦୮୮୫୮

# ଆପଣଙ୍କ ହୃତ୍‌ପିଣ୍ଡ କେତେ ସୁସ୍ଥ



(ଶେଷ ଭାଗ)

**ଆପଣ କେତେ ମଦ୍ୟପାନ କରିଥାନ୍ତି**

- ଗୋଟିଏ ଛୋଟ ଗ୍ଲାସରେ ଏକ କି ଦୁଇ ଗ୍ଲାସ ୱାଇନ/ବିଅର କେବଳ ସନ୍ଧ୍ୟାବେଳେ ପିଇଥାଏ ( ପୁରୁଷମାନଙ୍କ କ୍ଷେତ୍ରରେ ସର୍ବାଧିକ ତିନି ଗ୍ଲାସ) କିନ୍ତୁ ସପ୍ତାହର ସବୁଦିନେ ପିଏନି।
- ଅଧିକାଂଶ ସମୟରେ ନ ହେଲେ ବି ବେଳେବେଳେ ଆବଶ୍ୟକତାଠାରୁ ବେଶି ପିଇଦିଏ ।
- ମୁଁ ଆଦୌ ମଦ୍ୟପାନ କରି ନ ଥାଏ।
- ମୁଁ ସବୁଦିନେ ପିଇ ନ ଥାଏ, ହେଲେ ଶନିବାର ଓ ରବିବାର ପିଇ ଥାଏ।

**ଆପଣଙ୍କର ଡାଇବେଟିସ୍ ଅଛି କି**

-ହଁ , କିନ୍ତୁ ଏହାକୁ ନିୟନ୍ତ୍ରଣ କରିବାରେ ମୁଁ ମନୋଯୋଗୀ ନୁହେଁ। ତେଣୁ ବେଳେବେଳେ ଔଷଧ ନେବାକୁ ଭୁଲିଯାଏ।
- ମୋର ଓଜନ ଅଧିକ ନୁହେଁ, କିନ୍ତୁ ମୁଁ କେବେ ମୋର ଓଜନ ପରୀକ୍ଷା କରି ନ ଥିବାରୁ ଠିକ୍‌ଭାବେ ଜାଣିନି।
- ନା, ଏବଂ ମୋ ଠାରେ କୌଣସି ଲକ୍ଷଣ ମଧ୍ୟ ନାହିଁ।
- ମୋର ଉଚ୍ଚ ରକ୍ତଚାପ ଅଛି, ମୋର ଓଜନ ଟିକିଏ ବେଶି, ପ୍ରାୟତଃ ମୋତେ ବେଶି ଶୋଷ କରିଥାଏ। ସେଥିପାଇଁ ଡାଇବେଟିସ୍ ଅଛି କି ନା ଜାଣିବା ନିମନ୍ତେ ଡାକ୍ତରଙ୍କ ସହ ପରାମର୍ଶ କରିବାର ଯୋଜନା ଅଛି।

**ଆପଣ କେତେ ସକ୍ରିୟ**

-ମୁଁ ପ୍ରତିଦିନ ଅଧଘଣ୍ଟାଏ ଲେଖାଏଁ ଚାଲେ, ଘରେ ମଧ୍ୟ ବେଶ୍ ସକ୍ରିୟ ଏବଂ ବାଡ଼ିବଗିଚାରେ ବି କାମ କରିଥାଏ।
- ମୁଁ ଅନିୟମିତ ଭାବରେ ବ୍ୟାୟାମ କରେ ଏବଂ ସପ୍ତାହ ସପ୍ତାହ ଧରି ବିଶେଷ କୌଣସି କାମ ନ କରି ରହିପାରେ।
- ମୋ ବୟସ ଯାହା, ସେଥିରେ ମୁଁ ସବୁ କଥାକୁ ବଡ଼ ହାଲୁକା ଭାବରେ ନେଇଥାଏ।
- ପ୍ରତି ସପ୍ତାହରେ ଅନ୍ତତଃ ଏକ ଘଣ୍ଟାଧରି ପାଞ୍ଚଥର ବ୍ୟାୟାମ କରିଥାଏ ଓ ଏଥିରେ କୌଣସି ବ୍ୟତିକ୍ରମ କରେନି।

ବାସ୍, ଏବେ ନମ୍ବର ଜାଣିବାର ପାଳି। ପ୍ରତ୍ୟେକ ପ୍ରଶ୍ନର ଉତ୍ତରକୁ କ୍ରମାନ୍ୱୟରେ କ, ଖ,ଗ, ଘ ଭାବରେ ପଢ଼ି ନିଜର ଉତ୍ତର ଚୟନ କରନ୍ତୁ ଏବଂ ତାହାର ବାମ ପଟେ ଠିକ୍ ମାରି ଦିଅନ୍ତୁ।

| | ନମ୍ବର |
|---|---|
| କ | ୦ |
| ଖ | ୧ |
| ଗ | ୨ |
| ଘ | ୩ |

ଏହି ତାଲିକାକୁ ଅନୁସରଣ କରି ମୋଟ କେତେ ନମ୍ବର ପାଇଲେ ତାହା ହିସାବ କରି ନିଅନ୍ତୁ।

ଫଳାଫଳ

**୨୬ ରୁ ବେଶୀ ନମ୍ବର –** ବାସ୍, ଅତି ଉତ୍ତମ। ହୃତ୍‌ପିଣ୍ଡକୁ ସୁସ୍ଥ ରଖିବା ନିମନ୍ତେ ଆପଣଙ୍କ ଜୀବନ ଶୈଳୀରେ ବିଶେଷ ପରିବର୍ତ୍ତନର ଆବଶ୍ୟକତା ନାହିଁ।

**୧୭–୨୫ ନମ୍ବର–** ହୃତ୍‌ପିଣ୍ଡର ସ୍ୱାସ୍ଥ୍ୟ ପ୍ରତି ଅନୁକୂଳ ହୋଇଥିବା ଜୀବନଶୈଳୀ ପାଇଁ ଆପଣଙ୍କର ଉଦ୍ୟମ ପ୍ରଶଂସନୀୟ। ଉଦ୍ୟମ ଜାରି ରଖନ୍ତୁ। ଖାଦ୍ୟକୁ ଆହୁରି ଅନୁକୂଳ କରନ୍ତୁ ଓ ଆଉ ଟିକିଏ ବେଶୀ ବ୍ୟାୟାମ କରନ୍ତୁ।

**୮–୧୬ ନମ୍ବର –** ଆପଣଙ୍କଠାରେ ହୃଦ୍‌ରୋଗ ହେବାର ଆଶଙ୍କା ରହିଛି। ତେଣୁ ରକ୍ତଚାପ ଓ ରକ୍ତ କୋଲେଷ୍ଟ୍ରଲ୍ ପରୀକ୍ଷା କରାଇ ନିଅନ୍ତୁ। କାଳ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ବ୍ୟାୟାମ ଆରମ୍ଭ କରନ୍ତୁ। ତେଲିଆ ଓ ମିଠାଖାଦ୍ୟ ଖାଆନ୍ତୁ ନାହିଁ।

**୭ କିମ୍ବା ୭ ରୁ କମ୍ ନମ୍ବର –** ଆପଣ ନିଜ ହୃତ୍‌ପିଣ୍ଡକୁ ସୁସ୍ଥ ରଖିବା ପ୍ରତି ଆଦୌ ଧ୍ୟାନ ଦେଉନାହାନ୍ତି। ଡାକ୍ତରଙ୍କ ସହ ତୁରନ୍ତ ପରାମର୍ଶ କରନ୍ତୁ। ସମ୍ଭବ ହେଲେ ଡାକ୍ତରଙ୍କଠାରୁ ପରାମର୍ଶ କରି ଧୂମପାନ ଛାଡି ଦିଅନ୍ତୁ। ରକ୍ତଚାପ ଓ କୋଲେଷ୍ଟ୍ରଲ୍ ପରୀକ୍ଷା କରାଇ ନିଅନ୍ତୁ।

– ଡା. ନିତ୍ୟାନନ୍ଦ ସ୍ୱାଇଁ
'ଅଭୀପ୍ସା'
ସେକ୍ଟର–୬, ପ୍ଲଟ ନଂ.– ୧୧୩୧,
ଅଭିନବ ବିଡ଼ାନାସୀ, କଟକ

## ସ୍ୱାସ୍ଥ୍ୟ ସୂଚନା

- ଦୈନନ୍ଦିନ ଜୀବନ ତାଲିକାରେ ଯୋଗକୁ ସାମିଲ କରନ୍ତୁ। ନିୟମିତ ଯୋଗ କଲେ ତାହା ମସ୍ତିଷ୍କର କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରିଥାଏ।
- ପ୍ରତିଦିନ ବ୍ରେକଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। କାରଣ ଏହା ମନକୁ ସତେଜ ରଖିବା ସହ କାମ କରିବା ପାଇଁ ମନସିକତାକୁ ସକାରାତ୍ମକ ରଖିଥାଏ।
- ସୁସ୍ଥ ରହିବା ପଛରେ ଖାଦ୍ୟପେୟର ଭୂମିକା ରହିଛି। ତେଣୁ ଏଭଳି ଖାଦ୍ୟ ଖାଆନ୍ତୁ ଯାହା ଆପଣଙ୍କୁ ସୁସ୍ଥ ରଖିବ।
- ନିଜର ଦୈନନ୍ଦିନ ଜୀବନଶୈଳୀ କିପରି ସନ୍ତୁଳିତ ରହିବ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। କାରଣ ଏହା ଯଦି ଅବ୍ୟବସ୍ଥିତ ହୋଇଯାଏ ତେବେ ସବୁ କିଛି ଓଲଟ ପାଲଟ ହୋଇଯାଇଥାଏ।
- ଯଦି ଲଗାତର କୌଣସି କାମ କରିବାର ଅଛି ତେବେ କାର୍ଯ୍ୟ ଭିତରେ କିଛି ସମୟ ବିଶ୍ରାମ ନିଅନ୍ତୁ।



# ରୋଗଠାରୁ ଦୂରେଇ ରହିବାର ସହଜ ଉପାୟ

ସ୍ୱାସ୍ଥ୍ୟ ହିଁ ସମ୍ପଦ। ଏଥିପାଇଁ ଆମେ ଯତ୍ନବାନ ହେବା ଆବଶ୍ୟକ। ନ ହେଲେ ସାମାନ୍ୟ ଭୁଲ ପାଇଁ ସାରା ଜୀବନ ନିଜକୁ ଚିକିତ୍ସା ପରିଧି ଭିତରେ ରଖିବାକୁ ପଡିଥାଏ। କେତୋଟି ଦିଗ ପ୍ରତି ସତର୍କ ରହିଲେ ଆମେ ନିଜକୁ କେତେକ ରୋଗଠାରୁ ଦୂରେଇ ରଖିପାରିବା। ନିଜକୁ ସୁସ୍ଥ ରଖିବା ପଛରେ ଖାଦ୍ୟ ବା ଆହାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ମାଛ, ମାଂସ, ଅଣ୍ଡା, କ୍ଷୀର, ପନୀର ଆଦି ପ୍ରୋଟିନଯୁକ୍ତ ଖାଦ୍ୟ ମାଂସପେଶୀକୁ ମଜଭୂତ ରଖିବା ସହ ରକ୍ତ ସଞ୍ଚାଳନକୁ ଆହୁରି ସକ୍ରିୟ କରାଇଥାଏ। ଓଜନବୃଦ୍ଧି କେତେକ ରୋଗର କାରଣ ସାଜିଥାଏ। ତେଣୁ ସବୁବେଳେ ନିଜ ଓଜନକୁ ସନ୍ତୁଳିତ ରଖନ୍ତୁ। ଏଥିପାଇଁ ସବୁଜ ପନିପରିବାରେ ପ୍ରସ୍ତୁତ ଖାଦ୍ୟ, କଦଳୀ, କମ ଫ୍ୟାଟ୍‌ଯୁକ୍ତ କ୍ଷୀର ଖାଆନ୍ତୁ। ଅଧିକ ମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ। କାରଣ ଏହା ପେଟଜନିତ ରୋଗଠାରୁ ଦୂରେଇ ରଖିବାରେ ସାହାଯ୍ୟ କରିଥାଏ। ନିଜକୁ ସୁସ୍ଥ ରଖିବା ପାଇଁ ମିନେରାଲଯୁକ୍ତ ଖାଦ୍ୟ ଖାଆନ୍ତୁ, କାରଣ ଏଭଳି ଖାଦ୍ୟରେ ଆଇରନ୍, ଆୟୋଡିନ୍, କ୍ୟାଲସିୟମ, ପୋଟାସିୟମ ଭରି ରହିଥାଏ, ଯାହା ଦାନ୍ତ ଏବଂ ଅସ୍ଥିକୁ ଦୃଢ଼ ରଖେ। ସକାଳ ଜଳଖିଆରେ ସାଲାଡ, ତଟକା ଫଳମୂଳ, ଜୁସ୍ ସାମିଲ କରନ୍ତୁ, ଯାହା ଶରୀରକୁ ଶକ୍ତି ଯୋଗାଇଥାଏ।



“ ଡାକ ବିଭାଗ ବ୍ୟାଙ୍କ ସେବା ଆରମ୍ଭ କରିବା ପରେ ଏବେ ବୀମା ସେବା ପ୍ରଦାନ ପାଇଁ ଯୋଜନା କରୁଛି। ଆଉ ଦୁଇ ବର୍ଷ ମଧ୍ୟରେ ଏହା କାର୍ଯ୍ୟକାରୀ ହେବା।
– ମନୋଜ ସିହ୍ନା, ଯୋଗାଯୋଗ ମନ୍ତ୍ରୀ



“ ଭାରତରେ ବିଦ୍ୟୁତ୍ ଚାଳିତ ଯାନ ଉତ୍ପାଦନ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇ ସାରିଛି। ଆଉ ୫ ବର୍ଷ ମଧ୍ୟରେ ପ୍ରତି ୧୦୦ ଟି ଯାନରେ ୧୫ଟି ବିଦ୍ୟୁତ୍‌ଚାଳିତ ଯାନ ଦେଖିବାକୁ ମିଳିବା।
– ନୀତିନ ଗଡକାରୀ, ସଡକ ପରିବହନ ଓ ରାଜପଥ ମନ୍ତ୍ରୀ



## ସଂକ୍ଷେପରେ

### ବିଦେଶୀ ନିବେଶକ ୫୬୦୦ କୋଟି କାଢ଼ି ନେଲେ

ନୂଆଦିଲ୍ଲୀ,୯-୯: ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହୁ ହୁ ହୋଇ ବଢ଼ୁଛି। ଏହାସାଙ୍ଗକୁ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ପାଉଥିବାରୁ ଗତ ଦୁଇ ମାସ ହେଲା ନିବେଶ କରୁଥିବା ବିଦେଶୀ ପୋର୍ଟଫୋଲିଓ ନିବେଶକମାନେ(ଏଫପିଆଇ) ଗତ ୫ଟି ସେସନ୍‌ରେ ଷ୍ଟକ ମାର୍କେଟରୁ ୫୬୦୦ କୋଟି ଟଙ୍କା କାଢ଼ି ନେଇଛନ୍ତି। ପ୍ରାପ୍ତ ତଥ୍ୟରୁ ଜଣାପଡିଛି ଯେ, ଏଫପିଆଇ ପକ୍ଷରୁ ଅଗଷ୍ଟରେ ୫୨୦୦ କୋଟି ଟଙ୍କାର ଇକ୍ୟୁଟି ଏବଂ ୨୩୦୦ କୋଟି ଟଙ୍କା ଡେବ୍ଟରେ ନିବେଶ କରାଯାଇଥିଲା। ତେବେ ଏହାପୂର୍ବରୁ ସେମାନେ ଏପ୍ରିଲ-ଜୁନ୍‌ରେ ୬୧ହଜାର କୋଟି ଟଙ୍କାର ନିବେଶ ପ୍ରତ୍ୟାହାର କରିଥିଲେ। ଡିପୋଜିଟୋରୀ ଡାଟାରୁ ଜଣାପଡିଛି ଯେ, ଏଫପିଆଇ ନିବେଶକ ଚଳିତ ମାସ ୩ରୁ ୭ ତାରିଖ ମଧ୍ୟରେ ଇକ୍ୟୁଟିରୁ ୧,୦୨୧ କୋଟି ଟଙ୍କା ଏବଂ ଡେବ୍ଟ ମାର୍କେଟରୁ ୪,୬୨୮କୋଟି ଟଙ୍କା କାଢ଼ି ନେଇଥିଲେ।

### ଟେଲିକମ୍ କମ୍ପାନୀ ଉପରେ ଟ୍ରାଇର ଜରିମାନା

ନୂଆଦିଲ୍ଲୀ, ୯-୯(ପି.ଟି.): ସେବାର ମାନ ହ୍ରାସ କାରଣରୁ ପ୍ରମୁଖ ଟେଲିକମ୍ ଅପରେଟରଗୁଡିକ ଉପରେ ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ(ଟ୍ରାଇ) ପ୍ରାୟ ୬୧ ଲକ୍ଷ ଟଙ୍କା ଜରିମାନା ଲାଗୁ କରିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ନିମ୍ନମାନର ସେବା ପାଇଁ ରିଲାଏନ୍ସ ଜିଓ, ଭାରତୀ ଏୟାରଟେଲ୍, ଭୋଡାଫୋନ୍ ଏବଂ ଆଇଡିଆ ସେଲ୍ୟୁଲାର ଭଳି ପ୍ରମୁଖ ଟେଲିକମ୍ କମ୍ପାନୀଗୁଡ଼ିକ ଉପରେ ଏହି ଜରିମାନା ଲାଗୁ ହୋଇଛି ବୋଲି ସୂତ୍ରରୁ ପ୍ରକାଶ।

# ୨୮୦ ବିଲିୟନ ଡଲାର ଛୁଇଁବ ବୀମା ଶିଳ୍ପ

ନୂଆଦିଲ୍ଲୀ,୯-୯

ଦେଶରେ ବୀମା ଶିଳ୍ପ ଦ୍ରୁତଗତିରେ ଅଭିବୃଦ୍ଧି ହାସଲ କରିଚାଲିଛି। ଆସନ୍ତା ଦୁଇବର୍ଷ ଭିତରେ ଅର୍ଥାତ ୨୦୧୯-୨୦ ସୁଦ୍ଧା ଏହି ଶିଳ୍ପ ୨୮୦ ବିଲିୟନ ଡଲାର ଛୁଇଁବ ବୋଲି ଆସୋଚାମ୍-ଏପିଏଏସ୍ ପକ୍ଷରୁ ମିଳିତ ଭାବେ ଅଧ୍ୟୟନ କରାଯାଇ ରିପୋର୍ଟ ପ୍ରକାଶ କରାଯାଇଛି। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନା ଏବଂ ସଚେତନତା କାରଣରୁ ବୀମା ଶିଳ୍ପରେ ଉକ୍ତ ଅଭିବୃଦ୍ଧି ହାସଲ ସମ୍ଭବ ହୋଇପାରିବ ବୋଲି ରିପୋର୍ଟରେ କୁହାଯାଇଛି। ୨୦୦୧ରେ ଦେଶରେ ବୀମା ଶିଳ୍ପର ପ୍ରବେଶ ୨.୭୧ ପ୍ରତିଶତ ଥିଲା ବେଳେ ୨୦୧୭ ସୁଦ୍ଧା ଏହା ୩.୭ ପ୍ରତିଶତରେ ପହଞ୍ଚିଛି। ସେହିପରି ୨୦୧୧-୧୨ରେ ବୀମା ପ୍ରିମିୟମ ବାବଦରେ ମୋଟ୍ ୪୯ ବିଲିୟନ ଡଲାର ବା ୩.୨ ଲକ୍ଷ କୋଟି ଟଙ୍କା ସଂଗ୍ରହ କରାଯାଇଥିଲା ବେଳେ ୨୦୧୭-୧୮ରେ ଏହା ୭୨ ବିଲିୟନ ଡଲାର ବା ୫ ଲକ୍ଷ କୋଟି ଟଙ୍କା ହୋଇଛି। ସଚେତନା ସୃଷ୍ଟି ଲାଗି ବୀମା ନିୟାମକ ପ୍ରାଧିକରଣର ଉଦ୍ୟମ ଯୋଗୁ ଦେଶରେ ଏବେ ବୀମା ପ୍ରବେଶ ହାର ବୃଦ୍ଧି ପାଇବାରେ ଲାଗିଛି। ଏହାବ୍ୟତୀତ ଅନ୍ୟ କାରଣ ଯଥା ମଧ୍ୟବିତ୍ତଙ୍କ ସଂଖ୍ୟା ବୃଦ୍ଧି, ଯୁବଗୋଷ୍ଠୀ ଏବଂ ପରିବାର ସୁରକ୍ଷା ସମ୍ପର୍କରେ ସଚେତନତା ତଥା ଭବିଷ୍ୟତର ଯୋଜନା ପ୍ରଣୟନ ନେଇ ଚିନ୍ତା ଯୋଗୁ ବୀମା ପ୍ରତି ଲୋକଙ୍କ ଆଗ୍ରହ ବଢ଼ିବାରେ ଲାଗିଛି। ଆୟୁଷ୍ମାନ ଯୋଜନା ଅଧୀନରେ ମେଡିକାଲ ଖର୍ଚ୍ଚ ବାବଦରେ କେନ୍ଦ୍ର ସରକାର ପ୍ରତି ପରିବାର ପାଇଁ ୫ ଲକ୍ଷ ଟଙ୍କାର ବୀମା ଘୋଷଣା କରିଛନ୍ତି। ଏହା ହିଁ ବୀମା ଶିଳ୍ପ ପାଇଁ ଗେମ୍ ଚେଞ୍ଜର ପ୍ରମାଣିତ ହେବ ବୋଲି ଅଧ୍ୟୟନରେ କୁହାଯାଇଛି। ଘରୋଇ ବୀମା କମ୍ପାନୀଙ୍କ ଜେନେରାଲ ଇନସ୍ୟୁରାନ୍ସରେ ୪୮ ପ୍ରତିଶତ ଏବଂ ଜୀବନ ବୀମା କ୍ଷେତ୍ରରେ ୨୯ ପ୍ରତିଶତ ବଜାର ଅଂଶ ରହିଛି। ଆଗାମୀ ଦିନରେ ଏହା ଆହୁରି ବୃଦ୍ଧି ପାଇବ ବୋଲି ଅଧ୍ୟୟନରେ କୁହାଯାଇଛି। ୨୦୨୩ ସୁଦ୍ଧା ମଧ୍ୟବର୍ତ୍ତୀ ଅବଧିରେ ଜୀବନ ବୀମା କ୍ଷେତ୍ରରେ ଅଭିବୃଦ୍ଧି ଅତ୍ୟନ୍ତ ଦ୍ରୁତ ହେବ ବୋଲି ଆଶା କରାଯାଉଛି। ଆୟୁଷ୍ମାନ ଭାରତ ଯୋଜନା ଯୋଗୁ ସମଗ୍ର ସ୍ୱାସ୍ଥ୍ୟସେବା ଏବଂ ଏହାର ସହଯୋଗୀ କ୍ଷେତ୍ର ଯଥା ଫାର୍ମାସ୍ୟୁଟିକାଲ, ଡାଇଗ୍ନୋଷ୍ଟିକ୍‌ସ, ମେଡିକାଲ ଡିଭାଇସ, ଡାଟା ମ୍ୟାନେଜମେଣ୍ଟ,ଇନସ୍ୟୁରାନ୍ସ ହସ୍‌ପିଟାଲିଟି, କ୍ୱାଲିଟି ଆକ୍ରିଡିଟେସନ ଏବଂ ମାନବ ସମ୍ବଳ ପରିଚାଳନାରେ ଅଭିବୃଦ୍ଧି ଘଟିବ।



- ଆୟୁଷ୍ମାନ ଯୋଜନା ଅଭିବୃଦ୍ଧିରେ ସହାୟକ ହେବ
- ୨୦୧୭ ସୁଦ୍ଧା ୩.୭% ବୀମା ପ୍ରବେଶ
- ୨୦୧୭-୧୮ରେ ବୀମା ପ୍ରିମିୟମ ୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଲା

# ରେଲୱେର ସୁରକ୍ଷା ରେକର୍ଡ଼ ୫ବର୍ଷରେ ସର୍ବୋତ୍ତମ

## ୭୫ ଦୁର୍ଘଟଣାରେ ମରିଛନ୍ତି ୪୦

ନୂଆଦିଲ୍ଲୀ,୯-୯



ରେଳ ସୁରକ୍ଷାକୁ ନେଇ ସର୍ବଦା ସମାଲୋଚନାର ଶିକାର ହେଉଥିବା ରେଲୱେ ଏବେ ଏଦିଗରେ ବେଶ୍ ଉନ୍ନତି କରିଛି। ସେପ୍ଟେମ୍ବର ୨୦୧୭ରୁ ଅଗଷ୍ଟ ୨୦୧୮ ବିଗତ ବର୍ଷକ ମଧ୍ୟରେ ଦେଶରେ ୭୫ ରେଳ ଦୁର୍ଘଟଣା ଘଟିଥିଲେ ହେଁ ମାତ୍ର ୪୦ ଜଣ ଯାତ୍ରୀ ପ୍ରାଣ ହରାଇଛନ୍ତି ବୋଲି ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ବିଗତ ୫ ବର୍ଷ ମଧ୍ୟରେ ଆଲୋଚ୍ୟ ବର୍ଷ ସବୁଠାରୁ କମ୍ ରେଳ ଦୁର୍ଘଟଣା ଘଟିଛି।

ମନ୍ତ୍ରଣାଳୟ ପକ୍ଷରୁ ଜାରି ତଥ୍ୟ ଆଧାରରେ ଅଧିକାରୀ ଜଣକ କହିଥିଲେ ଯେ, ୨୦୧୬ ସେପ୍ଟେମ୍ବରରୁ ୨୦୧୭ ଅଗଷ୍ଟ ମଧ୍ୟରେ ଦେଶରେ ୮୦ଟି ରେଳ ଦୁର୍ଘଟଣା ହୋଇଥିଲା, ଯେଉଁଥିରେ ୨୪୯ ଜଣ ଯାତ୍ରୀ ମୃତ୍ୟୁବରଣ କରିଥିଲେ। ନଭେମ୍ବର ୨୦୧୬ରେ କାନପୁର ନିକଟରେ ଇନ୍ଦୋର-ପାଟନା ଏକ୍ସପ୍ରେସ ଲାଇନଚ୍ୟୁତ ହେବାରୁ ୧୫୦ଜଣ ଯାତ୍ରୀ ପ୍ରାଣ ହରାଇଥିଲେ। ଏହାପରେ ୨୦୧୭-୧୮ ଭିତରେ ମାତ୍ର ୪୦ଜଣଙ୍କ ମୃତ୍ୟୁ ହୋଇଛି। ଏହି ସମୟ ମଧ୍ୟରେ ଦୁଇଟି ବଡ଼ ରେଳ ଦୁର୍ଘଟଣା ହୋଇଥିଲା। ୨୦୧୭ ଅଗଷ୍ଟରେ ଉତ୍କଳ ଏକ୍ସପ୍ରେସ ଲାଇନଚ୍ୟୁତ ହେବାରୁ ୨୦ ଜଣ ଏବଂ ଚଳିତ ବର୍ଷ ଏପ୍ରିଲ ୨୬ରେ ଉତ୍ତରପ୍ରଦେଶରେ ଏକ ସ୍କୁଲ ଭ୍ୟାନକୁ ଟ୍ରେନ ଧକ୍କା ଦେବାରୁ ୧୩ ଜଣ ଶିଶୁଙ୍କ ଅକାଳ ମୃତ୍ୟୁ ହୋଇଥିଲା। ସେହିପରି ୨୦୧୩ ସେପ୍ଟେମ୍ବରରୁ ୨୦୧୪ ଅଗଷ୍ଟ ମଧ୍ୟରେ ୧୩୯ଟି ଟ୍ରେନ ଦୁର୍ଘଟଣାରେ ୨୭୫ ଜଣଙ୍କ ପ୍ରାଣହାନି ହୋଇଥିଲା। ଏହାପର ବର୍ଷ ୨୦୧୪-୨୦୧୫ରେ ୧୦୮ ଦୁର୍ଘଟଣାରେ ୧୯୬ ଜଣଙ୍କ ମୃତ୍ୟୁ ହୋଇଥିଲା। ଧକ୍କା ଏବଂ ଲାଇନଚ୍ୟୁତ କାରଣରୁ ଆହତଙ୍କ ସଂଖ୍ୟା ୨୭୨ରୁ ମାତ୍ର ୧୨କୁ ଖସିଆସିଛି। ଉକ୍ତ ଅବଧିରେ ଧକ୍କା ଏବଂ ଲାଇନଚ୍ୟୁତ ଘଟଣା ୬୯ରୁ ୫୬କୁ ହ୍ରାସ ପାଇଥିଲା। ରେଳ ଧାରଣାରେ ଉନ୍ନତି ଆଣିବା ସହ ପ୍ରଚଳିତ କୋଚ୍‌କୁ ଏଲ୍‌ଏଚ୍‌ବିରେ ବଦଳାଇବା ଏବଂ ଦେଖାଶୁଣା ଉପରେ ଅଧିକ ଧ୍ୟାନ ଦିଆଯିବା କାରଣରୁ ଗତ ୪ ବର୍ଷ ମଧ୍ୟରେ ରେଳ ଦୁର୍ଘଟଣା ଯଥେଷ୍ଟ ହ୍ରାସ ପାଇଛି ବୋଲି ଅଧିକାରୀ ପ୍ରକାଶ କରିଛନ୍ତି।

# ତାଳଚେର ପ୍ଲାଣ୍ଟ ସମ୍ପ୍ରସାରଣରେ ଖର୍ଚ୍ଚ ହେବ ୯୭୮୫ କୋଟି

ନୂଆଦିଲ୍ଲୀ, ୯-୯

## ଏନ୍‌ଟିପିସି ବୋର୍ଡର ମଞ୍ଜୁରୀ

ଜାତୀୟ ତାପଜ ବିଦ୍ୟୁତ୍ ନୀଗମ(ଏନ୍‌ଟିପିସି)ର ତାଳଚେରଠାରେ ଥିବା ପ୍ଲାଣ୍ଟର ଶକ୍ତି ଉତ୍ପନ୍ନ କ୍ଷମତା ବୃଦ୍ଧି କରାଯିବ। ୧୩୨୦ ମେଗାୱାଟ ଅଧିକ ଶକ୍ତି ଉତ୍ପାଦନ ସକାଶେ ଏଠାରେ ଥିବା ପାୱାର୍ ପ୍ଲାଣ୍ଟକୁ ସମ୍ପ୍ରସାରଣ କରାଯିବ। ଏଥିପାଇଁ ୯,୭୮୫ କୋଟି ଟଙ୍କା ପୁଞ୍ଜି ବିନିଯୋଗ ହେବ। ଏହାକୁ ଏନ୍‌ଟିପିସି ବୋର୍ଡ ମଞ୍ଜୁରୀ ପ୍ରଦାନ କରିଛି। ବୋର୍ଡର ଏହି ନିଷ୍ପତ୍ତି ସମ୍ପର୍କରେ ଖବର ରଖିଥିବା ଜଣେ ବରିଷ୍ଠ ଅଧିକାରୀ ରବିବାର ଏହା ସ୍ପଷ୍ଟ କରିଛନ୍ତି। ସୂଚନା ଅନୁସାରେ ବର୍ତ୍ତମାନ ତାଳଚେର ସ୍ଥିତ ଏନ୍‌ଟିପିସିର ତାପଜ ବିଦ୍ୟୁତ୍ ପ୍ଲାଣ୍ଟରେ ୬୦ ମେଗାୱାଟ୍ ବିଶିଷ୍ଟ ୪ଟି ଏବଂ ୧୧୦ ମେଗାୱାଟ୍ ବିଶିଷ୍ଟ ୨ଟି ୟୁନିଟ ରହିଛି। ୨୦୧୭-୧୮ ଆର୍ଥିକ ବର୍ଷରେ ଦେଶରେ ଯେତେ ପରିମାଣର ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ ହୋଇଥିଲା ସେଥି ମଧ୍ୟରୁ ଏନ୍‌ଟିପିସିର ଅବଦାନ ୨୩%ଥିଲା ବୋଲି ଅଧିକାରୀ ଜଣକ କହିଛନ୍ତି। ସୂଚନା ମୁତାବକ ଏନ୍‌ଟିପିସି ଗ୍ରୁପ୍‌ର ୨୧ଟି କୋଇଲା ଭିତ୍ତିକ, ୭ଟି ବାଷ୍ପଭିତ୍ତିକ, ୧୧ଟି ଶୌର ଶକ୍ତି ଆଧାରିତ ପାୱାର ଷ୍ଟେଶନ ରହିଥିବା ବେଳେ ପବନ ଶକ୍ତି ଏବଂ ଜଳବିଦ୍ୟୁତ୍ ଶକ୍ତି ଉତ୍ସ ମଧ୍ୟ ରହିଛି।

# ସଞ୍ଚୟ କରୁଛନ୍ତି ୩୩% ଭାରତୀୟ

ନୂଆଦିଲ୍ଲୀ,୯-୯




କମ୍ ବୟସରେ ଅବସର ନେଇ ଅସ୍ଥାୟୀ ଭାବେ କାମ କରିବା ଅଥବା କିଛି ଘଣ୍ଟାର କାମ କରିବାର ଟ୍ରେଣ୍ଡ ଏବେ ଦେଶରେ ବେଶ୍ ଆଦୃତ ହେଉଛି। ଏକ ସର୍ଭେ ରିପୋର୍ଟ ଅନୁଯାୟୀ ୫୪% ବ୍ୟକ୍ତି ଏଭଳି ଅବସର ଗ୍ରହଣ ଲାଗି ଯୋଜନା କରୁଛନ୍ତି। ଅନ୍ୟପକ୍ଷରେ ବିଶ୍ୱରେ ଏହାର ହାର ୫୬% ରହିଛି। ରିପୋର୍ଟରୁ ଏହା ମଧ୍ୟ ସ୍ପଷ୍ଟ ହୋଇଛି ଯେ, ମାତ୍ର ୩୩% ଅର୍ଥାତ ପ୍ରତି ୩ ଜଣରେ ଜଣେ ଭାରତୀୟ ଅବସର ଲାଗି ନିୟମିତ ସଞ୍ଚୟ କରୁଛନ୍ତି।

ଏଚ୍‌ଏସ୍‌ବିସିର 'ଫ୍ୟୁଚର ଅଫ୍ ରିଟାୟାରମେଣ୍ଟ: ବ୍ରିଜିଂ ଦି ଗ୍ୟାପ୍' ଶୀର୍ଷକ ଏକ ରିପୋର୍ଟରେ ଏଭଳି ଦର୍ଶାଯାଇଛି। ରିପୋର୍ଟ ଅନୁସାରେ, ବର୍ତ୍ତମାନ ସମୟରେ କାମ କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ୫୪% ଏଭଳି ରହିଛନ୍ତି, ଯିଏକି କମ୍ ବୟସରେ ଅବସର ଗ୍ରହଣ କରି ପରେ ଅନ୍ୟ କିଛି କାମ କରିବାକୁ ପସନ୍ଦ କରୁଛନ୍ତି। ଏହାକୁ ଅର୍ଦ୍ଧ-ଅବସର ସଂଜ୍ଞା ଦିଆଯାଇଛି। ନିଜର ଅବସରକୁ ଆରାମଦାୟକ କରିବା ତଥା ନିଜର ଆର୍ଥିକ ଆବଶ୍ୟକତା ପୂରଣ ଲାଗି କେତେ ସଞ୍ଚୟ କରିବାକୁ ହେବ ସେ ନେଇ ଭାରତୀୟଙ୍କ ମଧ୍ୟରେ ସଚେତନତାର ଅଭାବ ରହିଛି। ଏହି କାରଣରୁ ସେମାନେ ଅବସର ସମ୍ପର୍କରେ ବିଶେଷ ଚିନ୍ତା କରନ୍ତି ନାହିଁ। ୬୫ ବର୍ଷ ବୟସରେ ରହିଥିବା ଆବଶ୍ୟକତା ୭୫ ଅଥବା ୮୫ ବର୍ଷ ବେଳକୁ ବଦଳି ଯାଏ ବୋଲି ଏଚ୍‌ଏସ୍‌ବିସି ଇଣ୍ଡିଆ ରିଟେଲ ବ୍ୟାଙ୍କିଙ୍ଗ ତଥା ସମ୍ପତ୍ତି ପରିଚାଳନା ମୁଖ୍ୟ ରାମକ୍ରିଷ୍ଣନ ଏସ. କହିଛନ୍ତି। ଏଚ୍‌ଏସ୍‌ବିସି ପକ୍ଷରୁ ଇପସସ୍ ଦ୍ୱାରା ଅନ୍‌ଲାଇନରେ ଏକ ସର୍ଭେ କରାଯିବା ପରେ ରିପୋର୍ଟ ପ୍ରକାଶ କରାଯାଇଛି। ଏଥିରେ ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା, କାନାଡା, ଚାଇନା, ମାଲେସିଆ, ମେକ୍ସିକୋ, ସିଙ୍ଗାପୁର, ତାଇୱାନ, ଫ୍ରାନ୍ସ, ହଂକଂ, ଭାରତ, ଇଣ୍ଡୋନେସିଆ, ତୁର୍କି, ୟୁଏଇ, ବ୍ରିଟେନ ଏବଂ ଆମେରିକା ଭଳି ଦେଶର ୧୬ହଜାର ବୟସ୍କ ବ୍ୟକ୍ତିଙ୍କ ମତାମତକୁ ସାମିଲ କରାଯାଇଥିଲା।

# ବଢ଼ୁଛି ପ୍ରିମିୟମ ସେଗ୍‌ମେଣ୍ଟ ବାଇକ୍ ଚାହିଦା

ଦୁଇ ଚକିଆ ଯାନ ବଜାରରେ କମ୍ପାନୀଗୁଡ଼ିକର ପ୍ରତିଯୋଗିତା ବଢ଼ୁଛି। ବଜାର ଅଂଶ ବୃଦ୍ଧି, ଗ୍ରାହକଙ୍କ ସହ ଉତ୍ତମ ସମ୍ପର୍କ ସ୍ଥାପନ, ପ୍ରଡକ୍ଟ, ସେବା, ମାର୍କେଟିଂ ଷ୍ଟ୍ରାଟେଜି ଭଳି ବିଭିନ୍ନ କୌଶଳ ଉପରେ କମ୍ପାନୀଗୁଡ଼ିକ ଧ୍ୟାନ ଦେଉଛନ୍ତି। ସବୁ ବର୍ଗର ଗ୍ରାହକଙ୍କ ଚାହିଦା ପୂରଣ ଦିଗରେ ଦୁଇ ଚକିଆ ଯାନ ନିର୍ମାତା ଟିଭିଏସ୍ ଏକ ପ୍ରମୁଖ ବ୍ରାଣ୍ଡ୍ କମ୍ପାନୀ ଗ୍ରାହକଙ୍କୁ ନିରନ୍ତର ସେବା ଯୋଗାଣ ଦିଗରେ ନିଜର ପ୍ରଚେଷ୍ଟା ଜାରି ରଖିଛି। ଏ ସମ୍ପର୍କରେ ଭୁବନେଶ୍ୱରର ପଟିଆରେ ଥିବା କମ୍ପାନୀର ଡିଲରଶିପ '୩ଏସ୍ ଟିଭିଏସ୍'ର ସ୍ୱତ୍ୱାଧିକାରୀ ପ୍ରମୋଦ ପାତ୍ର ଧରିତ୍ରୀକୁ ଦେଇଥିବା ସାକ୍ଷାତ୍‌କାର...


ପ୍ରମୋଦ ପାତ୍ର

**■ ୩ଏସ୍ ଟିଭିଏସ୍ ଶୋ'ରୁମ ସମ୍ପର୍କରେ କ'ଣ କହିବେ?**
ସେଲସ, ସର୍ଭିସ, ସ୍ପେୟାର ଭଳି ପ୍ରସଙ୍ଗଗୁଡିକୁ ବିଚାର କରି '୩ ଏସ୍ ଟିଭିଏସ୍' ନାମ ଚୟନ କରିଛୁ। ପଟିଆରେ ୨,୨୦୦ ବର୍ଗଫୁଟ ପରିମିତ ସ୍ଥାନରେ ଶୋ'ରୁମ, ୪ ହଜାର ବର୍ଗଫୁଟ ସ୍ଥାନରେ ଷ୍ଟେଟ୍ ଅପ୍ ଦି ଆର୍ଟ ୱାର୍କଶପ୍ ରହିଛି। ଏହା ସମ୍ପୂର୍ଣ୍ଣ ଅଟୋମେଟେଡ ହୋଇଥିବା ବେଳେ ଅଭିଜ୍ଞ ଟିମ୍ ଏଠାରେ କାର୍ଯ୍ୟ କରୁଛନ୍ତି। ଗ୍ରାହକଙ୍କୁ ଆମେ ସର୍ବଦା ପ୍ରାଥମିକତା ଦେଇଥାଉ। ଗ୍ରାହକଙ୍କ ବହୁବିଧ ଆବଶ୍ୟକତାକୁ ବୁଝି ସେମାନଙ୍କୁ ଉନ୍ନତ କ୍ରୟ ତଥା ସର୍ଭିସ ଅଭିଜ୍ଞତା, ଫାଇନାନ୍ସ ସୁବିଧା, ଟେଷ୍ଟ ଡ୍ରାଇଭ ଭଳି ବିଭିନ୍ନ ସେବା ପ୍ରଦାନ ଦିଗରେ କାର୍ଯ୍ୟ କରୁଛୁ। ସେହିଭଳି ଶୋ'ରୁମରେ ସ୍ୱତନ୍ତ୍ର ଏକ୍ସପ୍ରେସ ବେ ସର୍ଭିସ, ପିକ୍‌ଅପ୍ ଡ୍ରପ, ୯ରୁ୯ ରୋଡ୍ ସାଇଡ ଆସିଷ୍ଟାନ୍ସ ସେବା ଉପଲବ୍ଧ ରହିଛି।

**■ ଟୁ ହ୍ୱିଲର୍ସ ଡିଲରଶିପ ବ୍ୟବସାୟକୁ ନ ଆସିଥିଲେ କ'ଣ ହୋଇଥାନ୍ତେ?**
ପରିବାରରେ ପୂର୍ବପିଢି ବ୍ୟବସାୟରେ ସହ ସମ୍ପୃକ୍ତ ଥିଲେ। ବାପା ସରକାରୀ ଚାକିରି କରିଥିଲେ। ଟୁ ହ୍ୱିଲର୍ସ ବ୍ୟବସାୟ କ୍ଷେତ୍ରକୁ ନ ଆସିଥିଲେ, କେମିକାଲ୍ ଇଞ୍ଜିନିୟରିଂରେ କ୍ୟାରିୟର ଚୟନ କରିଥାନ୍ତି।

**■ ଅନ୍ୟ କେଉଁ ସବୁ କ୍ଷେତ୍ରରେ ରୁଚି ରହିଛି?**
ଫ୍ୟାଶନ, ବାଇକିଂ, ଏରୋବିକ୍ସ, ସାଇକ୍ଲିଂ ଭଳି କ୍ଷେତ୍ରରେ ରୁଚି ରହିଛି।

**■ ଓଡିଶା ଟୁହ୍ୱିଲର୍ସ ବଜାରକୁ ନେଇ କ'ଣ କହିବେ?**
ଓଡିଶା ଏକ ଅଭିବୃଦ୍ଧିଶୀଳ ବଜାର। ଏଠାରେ ଦୁଇ ଚକିଆ ଯାନ ବିକ୍ରି ଅଭିବୃଦ୍ଧି ଉନ୍ନତ ରହିଛି। ମାତ୍ର ଦେଶର ଅନ୍ୟ ରାଜ୍ୟଗୁଡିକର ଅଭିବୃଦ୍ଧି ହାର ତୁଳନାରେ ଏହା ଆଖି ଦୃଶିଆ ନୁହେଁ। ଏଣୁ ଉକ୍ତ କ୍ଷେତ୍ରରେ ରାଜ୍ୟରେ ଆଗାମୀ ଦିନରେ ଭଲ ସୁଯୋଗ ରହିଛି। ଟିଭିଏସ୍ ବ୍ରାଣ୍ଡ ଓଡିଶାରେ ଭଲ ବ୍ୟବସାୟ ଅଭିବୃଦ୍ଧି ହାସଲ କରୁଛି। ଏଠାରେ କମ୍ପାନୀ ଲୋ ସେଗ୍‌ମେଣ୍ଟ ଟିଭିଏସ୍ ଏକ୍ସେଲଠାରୁ ଆରମ୍ଭ କରି ହାଇସେଗ୍‌ମେଣ୍ଟ ଯାନ ଆପାଚି ସିରିଜ୍ ଗ୍ରାହକଙ୍କୁ ଉପଲବ୍ଧ କରାଉଛି। ଏଠାରେ କମ୍ପାନୀ ସ୍କୁଟର ବର୍ଗରେ ମଧ ଭଲ ବ୍ୟବସାୟ ଅଭିବୃଦ୍ଧି ହାସଲ କରିଛି। ଯୁବପିଢିଙ୍କୁ ଧ୍ୟାନରେ ରଖି କମ୍ପାନୀ ଉତ୍ପାଦ ଯୋଗାଣକୁ ପ୍ରାଥମିକତା ଦେଉଛି। ଆମ ଶୋ'ରୁମରେ ମୋଟ ବିକ୍ରିର ୩୦-୪୦% ଆପାଚି ଓ ୪୦-୪୫% ସ୍କୁଟର ରହିଛି।

**■ ହାଇଏଣ୍ଡ୍ ତଥା ପ୍ରିମିୟମ ସେଗ୍‌ମେଣ୍ଟ ବାଇକ୍ ପ୍ରତି ଗ୍ରାହକଙ୍କ ରେସ୍‌ପନ୍ସ କିଭଳି ରହିଛି?**
ଓଡିଶାରେ ଟିଭିଏସ୍‌ର ହାଇଏଣ୍ଡ ବାଇକ ପ୍ରତି ଗ୍ରାହକଙ୍କର ଭଲ ରେସପନ୍ସ ରହିଛି। ପ୍ରିମିୟମ ବାଇକ ପ୍ରତି ଗ୍ରାହକଙ୍କ ଚାହିଦା ରହିଛି। ଏହାକୁ ନଜରରେ ରଖି ଟିଭିଏସ୍ ଉନ୍ନତ ଟେକ୍ନୋଲୋଜିର ପ୍ରଡକ୍ଟ ଯୋଗାଣକୁ ପ୍ରାଥମିକତା ଦେଉଛି। ଚାହିଦାକୁ ନଜରରେ ରଖି କମ୍ପାନୀ ବିଏମ୍‌ଡବ୍ଲ୍ୟୁ ସହ ଚୁକ୍ତିରେ ସାମିଲ ହୋଇଛି। ହାଇଏଣ୍ଡ ସେଗ୍‌ମେଣ୍ଟରେ ଆପାଚି ୧୬୦-୪ବଲ୍‌ବ, ଆପାଚି ୧୮୦ ସିସି ଏବଂ ୨୦୦ ବଲ୍‌ବ ମଡେଲ ବଜାରକୁ ଆଣିଛି। ଏଗୁଡିକ ଗ୍ରାହକଙ୍କ ଦ୍ୱାରା ବିଶେଷ ଭାବେ ଆଦୃତ ହେଉଛି। ପରିବର୍ତ୍ତିତ ସମୟକୁ ଦୃଷ୍ଟିରେ ରଖି କମ୍ପାନୀ ନିଜର କୌଶଳ ପ୍ରସ୍ତୁତ କରୁଛି। ଜେନେରେଶନ ଭିତ୍ତିକ ଉତ୍ପାଦ, ସ୍ମାର୍ଟ ତଥା ଷ୍ଟାଇଲିସ ପ୍ରଡକ୍ଟ, ସୁରକ୍ଷାକୁ କମ୍ପାନୀ ବର୍ତ୍ତମାନ ଧ୍ୟାନରେ ରଖିଛି। ସେହିଭଳି ପରଫରମାନ୍ସ ଅପଗ୍ରେଡେଶନ, ଗ୍ରାହକଙ୍କର ଅଭିଜ୍ଞତା ତଥା ଚାହିଦା ବୃଦ୍ଧି ଯୋଗୁ ପ୍ରିମିୟମ ସେଗ୍‌ମେଣ୍ଟର ବିକ୍ରି ବୃଦ୍ଧି ଘଟୁଛି।

**■ ଗ୍ରାହକଙ୍କ ସହ ଯୋଡ଼ି ହେବା ଲାଗି କିଛି ପଦକ୍ଷେପ ଗ୍ରହଣ କରୁଛନ୍ତି କି?**
ଗ୍ରାହକଙ୍କ ସହ ଯୋଡି ହେବା ଲାଗି କମ୍ପାନୀ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଆମେ କମ୍ପାନୀର ଆପାଚି ଅଟୋ ରାଇଡର୍ସ ଗ୍ରୁପ(ଏଓଜି), ୩ ଏସ୍ ରାଇଡର୍ସ ଭଳି ଅନ୍ୟାନ୍ୟ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରୁଛୁ। ଗ୍ରାହକଙ୍କୁ ସୁରକ୍ଷିତ ଗାଡି ଚାଳନା ନେଇ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି।

**■ ଦକ୍ଷ ମାନବ ସମ୍ବଳକୁ ନେଇ କ'ଣ ମତ ଦେବେ?**
ଗୋଟିଏ ସଂସ୍ଥା ଲାଗି ଦକ୍ଷ ମାନବ ସମ୍ବଳର ବିଶେଷ ଆବଶ୍ୟକତା ରହିଛି। ଏହାକୁ ଆମେ ଉପଲବ୍ଧି କରିଛୁ। କର୍ମଚାରୀମାନେ ସଂସ୍ଥା ସହ କିଭଳି ଭାବେ ଜଡିତ ରହିବେ ଏବଂ କାର୍ଯ୍ୟକ୍ଷେତ୍ରରେ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ସୃଷ୍ଟି ନେଇ ବିଭିନ୍ନ ପଦକ୍ଷେପ ନେଉଛୁ।

# ଓଏଏସ୍ ପ୍ରିଲିମିନାରୀ ଲାଗି ବଣିକର ସ୍ୱତନ୍ତ୍ର କୋଚିଂ

ଭୁବନେଶ୍ୱର,୯-୯

VANIK-IAS Exclusive Coaching for UPSC/OPSC/PSC

ପ୍ରମୁଖ କୋଚିଂ ପ୍ରତିଷ୍ଠାନ ବଣିକ୍ ଆଇଏଏସ୍ ପକ୍ଷରୁ ୨୦୧୮ ଓଡିଶା ପ୍ରଶାସନିକ ସେବା (ଓଏଏସ୍) ପ୍ରିଲିମିନାରୀ ପରୀକ୍ଷା ପାଇଁ ପ୍ରାକ୍ ପ୍ରସ୍ତୁତି ତାଲିମ୍ କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମରେ ୨୦୦ ଘଣ୍ଟାର ଶିକ୍ଷାଦାନ ସହ ଷ୍ଟଡି ମଟେରିଆଲ୍, ଟେଷ୍ଟ, ଭିଏସ୍‌ଟି ଓ ପ୍ରଶ୍ନୋତ୍ତର ଆଲୋଚନାର ବ୍ୟବସ୍ଥା କରାଯାଇଛି। ଛାତ୍ରୀଛାତ୍ରଙ୍କୁ ଉନ୍ନତ ଭିତ୍ତିଭୂମି, ଉତ୍କୃଷ୍ଟ ଶିକ୍ଷାଦାନ ପ୍ରଣାଳୀ, ଷ୍ଟଡି ମଟେରିଆଲ, ପରୀକ୍ଷା, ୨୪ ଘଣ୍ଟିଆ ପାଠାଗାର ସୁବିଧା ପ୍ରଦାନ କରାଯାଉଛି। ବଣିକ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଶନର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସୁବ୍ରତ କୁମାର ଛାଟୋଇ ଏହା କହିଛନ୍ତି।

୧୦୦ ଛାତ୍ରୀଛାତ୍ରଙ୍କୁ ନେଇ ଆରମ୍ଭ ହୋଇଥିବା କୋଚିଂ ଟ୍ୱିନ ସିଟିର ୫ଟି ସେଣ୍ଟରରେ ଚାଲୁଛି। ଏଠାରେ ବର୍ତ୍ତମାନ ୧୫ ହଜାର ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରୁଛନ୍ତି। ଆଇଏଏସ୍, ଓଏଏସ୍, ବ୍ୟାଙ୍କିଙ୍ଗ୍, ଷ୍ଟାଫ୍ ସିଲେକ୍ସନ, ରେଲୱେ ଆଦି କୋଚିଂ କ୍ଷେତ୍ରରେ ଏହା ନୂତନ ଅଧ୍ୟାୟ ସୃଷ୍ଟି କରିଛି। ବଣିକ ଆଇଏଏସ୍ ବିଭାଗୀୟ ମୁଖ୍ୟ ଭାବେ ପ୍ରମୋଦ ପାଢୀ କାର୍ଯ୍ୟ କରୁଛନ୍ତି। ଏଠାରେ ୫୦ରୁ ଅଧିକ ପ୍ରଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଆଗାମୀ ଦିନରେ ହେବାକୁ ଥିବା ଓସିଏସ୍ ପ୍ରବେଶିକା ପାଇଁ ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତ କରାଯାଉଛି। ୨୦୧୫ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ପ୍ରତିଷ୍ଠାନର ୩୨ ଜଣ, ୨୦୧୬ ପରୀକ୍ଷାରେ ୧୬ ଛାତ୍ରୀଛାତ୍ର ସଫଳ ହୋଇଥିବା ପ୍ରତିଷ୍ଠାନ ପକ୍ଷରୁ ସୂଚନା ରହିଛି।

**GRIDCO LIMITED**
(A Govt. of Odisha Undertaking)
(Formerly Grid Corporation of Odisha Limited)
Regd. Office : Janpath, Bhoinagar, Bhubaneswar - 751022
Phone : 0674-2541168/2543677, Fax : 0674-2543677
Website : www.gridco.co.in, Email : dmu_gridco@optcl.co.in, CIN : L40109OR1995SGC003960
GRIDCO Empowering Odisha

**NOTICE INVITING TENDER**
**(DISCOM MONITORING UNIT)**

DISCOM MONITORING UNIT, GRIDCO invites Sealed Tenders in duplicate on two part bidding system from eligible Advt. Agency, who comply to the terms and conditions laid in the tender document for carrying out 'Media Campaign' for Electricity Consumers to create awareness about consumers rights & duties as per followings schedule :

| Tender S.L No. | Activities | Last date of Submission of Bids | Opening of Technical Bid |
|---|---|---|---|
| T/S No-DMU / 18-19/04/MC | Stalls in the Major Fairs and festivals in Odisha | 25.09.2018 at 15.00 Hrs | 25.09.2018 at 16.00 Hrs |
| T/S No-DMU / 18-19/05/MC | Printing of 10,000 Nos FAQs in form of Brochures of A4 size | 25.09.2018 at 15.00 Hrs | 26.09.2018 at 16.00 Hrs |
| T/S No-DMU / 18-19/06/MC | Development of Six Audio Visual Spots of One Minute each | 25.09.2018 at 15.00 Hrs | 27.09.2018 at 16.00 Hrs |
| T/S No-DMU / 18-19/07/MC | Social Media Campaign | 25.09.2018 at 15.00 Hrs | 28.09.2018 at 16.00 Hrs |

For details (Specification & Term Conditions, Eligibility Criteria, Cost of Tender Document, EMD etc for above tender) prospective bidders may please visit our website : www.cescoorissa.com, www.nescodisha.com, www.southcoodisha.com & www.wescoodisha.com. Prospective bidders may also visit our website regularly for any addendum/ corrigendum.

Sd/-
HEAD, DMU

**National Dairy Development Board**
PB No. 40, Anand - 388001, Gujarat
Tel: 02692-260148/260149/260160 Fax: 02692-260159,
Website: www.nddb.coop | E-mail: purchase@nddb.coop

**INVITATION FOR BIDS (IFB)/ LOCAL COMPETITIVE ON-LINE BIDDING (LCB)**

Online Bids are invited from eligible bidders for the works listed below:

| Sr. No. | Description of works/ Bid Reference | Estimated cost(Rs.)/ Completion Period | Sale of bid Start/ Close | Bid submission date & time Bid opening date & time |
|---|---|---|---|---|
| I) | Design, Supply, Installation, Testing & Commissioning of the following: | | | |
| A | Refrigeration Plant at Palamu, Jharkhand NDDB:HO:PUR:LCB:39/2018 (ET/39) | 278 Lakh/ 10 Months | 10.09.18/ 01.10.18 | 03.10.18 11:00 hrs 03.10.18 11:30 hrs |
| B | Civil, Structural, Piping, Mechanical & Electrical for Effluent Treatment Plant works for 50 KLPD at Palamu, Jharkhand NDDB:HO:PUR:LCB:41/2018 (ET/41) | 123 Lakh/ 10 Months | 11.09.18/ 03.10.18 | 04.10.18 11:00 hrs 04.10.18 11:30 hrs |
| C | 50 TLPD Liquid Milk Plant at Palamu, Jharkhand NDDB:HO:PUR:LCB:38/2018 (ET/38) | 703 Lakh/ 10 Months | 12.09.18/ 03.10.18 | 04.10.18 12:00 hrs 04.10.18 12:30 hrs |
| D | 5 LLPD Liquid Milk Plant at Arilo-Govindpur, Odisha. NDDB:HO:PUR:LCB:36/2018 (ET/36) | 5800 Lakh/ 15 Months | 13.09.18/ 04.10.18 | 05.10.18 11:00 hrs 05.10.18 11:30 hrs |
| E | 2 X 2 TPH Manual coal fired Boiler Plant at Palamu, Jharkhand NDDB:HO:PUR:LCB:40/2018 (ET/40) | 195 Lakh/ 10 Months | 14.09.18/ 05.10.18 | 08.10.18 11:00 hrs 08.10.18 11:30 hrs |
| F | 1 X 10 TPH Furnace oil fired Boiler, Channarayapatna, Karnataka. NDDB:HO:PUR:LCB:34/2018 (ET/34) | 303 Lakh/ 10 Months | 19.09.18/ 10.10.18 | 11.10.18 11:00 hrs 11.10.18 11:30 hrs |
| G | 33 kV/433 V New Substation at Ajmer Dairy, Rajasthan NDDB:HO:PUR:LCB:37/2018 (ET/37) | 354 Lakh/ 08 Months | 19.09.18/ 10.10.18 | 11.10.18 12:00 hrs 11.10.18 12:30 hrs |
| H | HVAC & allied MEP works for Anthrax Vaccine Facility, QA-QC Lab & Small animal testing facility at IVPM, Ranipet, Tamil Nadu NDDB:HO:PUR:LCB:35/2018 (ET/35) | 1800 Lakh/ 15 Months | 14.09.18/ 05.10.18 | 08.10.18 12:00 hrs 08.10.18 12:30 hrs |
| II) | Civil, Structural, Water Supply, Sanitary & Other Misc. works Including Internal Electrification works for: | | | |
| A | 50 TLPD Dairy Plant at Palamu, Jharkhand NDDB:HO:PUR:LCB:45/2018 (ET/45) | 1200 Lakh/ 14 Months | 10.09.18/ 01.10.18 | 03.10.18 12:00 hrs 03.10.18 12:30 hrs |
| B | Establishment of New Frozen Semen Station at Purnea, Bihar NDDB:HO:PUR:LCB:43/2018 (ET/43) | 3664 Lakh/ 14 Months | 13.09.18/ 04.10.18 | 05.10.18 12:00 hrs 05.10.18 12:30 hrs |
| C | UHT Plant, Bassi Pathana, Punjab. NDDB:HO:PUR:LCB:44/2018 (ET/44) | 3000 Lakh/ 15 Months | 17.09.18/ 08.10.18 | 09.10.18 11:00 hrs 09.10.18 11:30 hrs |
| D | Milk Powder plant, UHT, Administration & workers amenities including Roads and Hard park at Arilo-Govindpur, Odisha NDDB:HO:PUR:LCB:42/2018 (ET/42) | 2750 Lakh/ 18 Months | 18.09.18/ 07.10.18 | 08.10.18 11:00 hrs 08.10.18 11:30 hrs |

For further details pertaining to IFB and for downloading the bid document, please visit: www.nddb.coop, www.mstcecommerce.com/eprochome/nddb. For any clarification please contact General Manager (Purchase), NDDB, Anand-388001 (Gujarat). NB: Any corrigendum/modification etc. will be posted only on these websites.

## ସଂକ୍ଷେପରେ

### ଭାରତ-ହଂକଂ ମ୍ୟାଚ୍ ଦିନିକିଆ ମାନ୍ୟତା ପାଇବ

**ନୂଆଦିଲ୍ଲୀ, ୯।୯(ପି.ଟି.):** ଏସିଆ କପ୍ କ୍ରିକେଟ ପ୍ରତିଯୋଗିତା ଚଳିତ ମାସ ୧୫ରୁ ଆରମ୍ଭ ହେବାକୁ ଥିବାବେଳେ ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ଗ୍ରୁପ୍-ଏ'ରେ ସ୍ଥାନ ପାଇଛନ୍ତି। ନିକଟରେ ଏସିଆ କପ୍ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟର ଫାଇନାଲରେ ୟୁଏଇକୁ ପରାସ୍ତ କରି ହଂକଂ ୩ୟ ଦଳ ଭାବେ ଏହି ଗ୍ରୁପ୍‌ରେ ସ୍ଥାନ ହାସଲ କରିଛି। ହଂକଂ ଲିଗ୍ ପର୍ଯ୍ୟାୟରେ ଉଭୟ ପାକିସ୍ତାନ ଓ ଭାରତ ବିପକ୍ଷରେ ଗୋଟିଏ ଲେଖାଏ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏହି ମ୍ୟାଚ୍‌କୁ ଏକଦିବସୀୟ କ୍ରିକେଟ ମାନ୍ୟତା ମିଳିବ ବୋଲି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ନିଷ୍ପତ୍ତି ନେଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ (ବିସିସିଆଇ) ବୋର୍ଡ ପକ୍ଷରୁ ରବିବାର ଏନେଇ ଘୋଷଣା କରାଯାଇଛି। ଏସିଆ କପ୍ ମୁଖ୍ୟ ପର୍ଯ୍ୟାୟକୁ ହଂକଂ ଯୋଗ୍ୟତା ହାସଲ କରିଥିଲେ ମଧ ଏହି ଦେଶ ଏବେ ଆଇସିସିର ସହଯୋଗୀ ସଦସ୍ୟଭାବେ ରହିଛି। ହଂକଂ ଏବେ ବି ଦିନିକିଆ ମାନ୍ୟତା ଅପେକ୍ଷାରେ ରହିଛି। ଯେତେବେଳେ କୌଣସି ଦେଶକୁ ଦିନିକିଆ ମାନ୍ୟତା ମିଳି ନ ଥାଏ ସେତେବେଳେ ସେହି ଦେଶ ଯେଉଁ ମ୍ୟାଚ୍ ଖେଳିଥାଏ ସେଗୁଡ଼ିକୁ ଅଫିସିଆଲ ମ୍ୟାଚ୍ ଭାବେ ବିବେଚନା କରାଯାଇ ନ ଥାଏ। 'ଏସିଆ କପ୍‌ରେ ହଂକଂ-ପାକିସ୍ତାନ ଓ ହଂକଂ-ଭାରତ ମୁକାବିଲାକୁ ଆଇସିସି ବୋର୍ଡ ଦିନିକିଆ ମାନ୍ୟତା ପ୍ରଦାନ କରିବ ବୋଲି ନିଷ୍ପତ୍ତି ନେଇଛି। ଏଥିପୂର୍ବରୁ ମହିଳା ଏସିଆ କପ୍ ଟି୨୦ ସମୟରେ ଭାରତ ଓ ଥାଇଲାଣ୍ଡ ମଧରେ ଅନୁଷ୍ଠିତ ମ୍ୟାଚ୍ ଅଫିସିଆଲ ଟି୨୦ ମ୍ୟାଚ୍‌ଭାବେ ଗଣାଯାଇ ନ ଥିଲା' ବୋଲି ବିସିସିଆଇର ଜୈନିକ ଅଧିକାରୀ କହିଛନ୍ତି। ବିସିସିଆଇ ସମେତ ଏସିଆନ କ୍ରିକେଟ କାଉନସିଲ (ଏସିସି) ଆଗାମୀ ଏସିଆ କପ୍‌ରେ ଖେଳାଯିବାକୁ ଥିବା ଏହି ଦୁଇ ମ୍ୟାଚ୍‌କୁ ଅଫିସିଆଲି ଦିନିକିଆ ମ୍ୟାଚ୍‌ର ମାନ୍ୟତା ଦେବାକୁ ଅନୁରୋଧ କରିଥିଲା। ହଂକଂ ସେପ୍ଟେମ୍ବର ୧୬ରେ ପାକିସ୍ତାନକୁ ଓ ୧୮ରେ ଭାରତକୁ ଭେଟିବ।

### ସମର୍ଥ-ଈଶ୍ୱରନ ଶତକୀୟ ଭାଗୀଦାରି

ବେଙ୍ଗାଲୁରୁ, ୯।୯ (ପି.ଟି.): ଓପନର ରବି କୁମାର ସମର୍ଥ ଏବଂ ଅଭିମନ୍ୟୁ ଈଶ୍ୱରନଙ୍କ ଶତକୀୟ ଭାଗୀଦାରି ଯୋଗୁ ଅଷ୍ଟ୍ରେଲିଆ ଏ' ବିପକ୍ଷ ଦ୍ୱିତୀୟ ଅନ୍ ଅଫିସିଆଲ ଟେଷ୍ଟ ମ୍ୟାଚରେ ଭାରତ ଏ' ଏକ ଭଲ ସ୍କୋର ଆଡକୁ ଅଗ୍ରସର ହେଉଛି। ସ୍ଥାନୀୟ କେଏସସିଏ ଷ୍ଟାଡିୟମଠାରେ ଚାଲିଥିବା ଏହି ମ୍ୟାଚରେ ସମର୍ଥ (୮୩) ଓ ଈଶ୍ୱରନ (୮୬) ପ୍ରଥମ ଉଇକେଟରେ ୧୭୪ ରନ ଯୋଗ କରିଥିଲେ। ଭ୍ରମଣକାରୀ ଦଳର ପ୍ରଥମ ଇନିଂସ ସ୍କୋର ୩୪୬ ଜବାବରେ ରବିବାର ଖେଳ ଶେଷ ସୁଦ୍ଧା ଘରୋଇ ଦଳ ୩ ଉଇକେଟରେ ୨୨୩ ରନ କରିଛି। ଭାରତ ଏ' ତଥାପି ଅଷ୍ଟ୍ରେଲିଆ ଏ'ଠାରୁ ଆହୁରି ୧୨୩ ରନ ପଛୁଆ ରହିଛି। ସକାଳେ ଅଷ୍ଟ୍ରେଲିଆ ଏ' ପୂର୍ବଦିନର ଅସାମାପ୍ତ ସ୍କୋର ୨୯୦/୬ରୁ ଖେଳ ଆରମ୍ଭ କରିଥିଲା। ସ୍ପିନର କୁଲ୍‌ଦୀପ ଯାଦବ (୫/୯୧) ଚମତ୍କାର ବୋଲିଂ କରି ଅଷ୍ଟ୍ରେଲିଆ ଏ'ର ୩ଜଣ ବ୍ୟାଟ୍ସମ୍ୟାନ କ୍ରିସ୍ ଟ୍ରେମ୍‌ଲିନ (୧୬), ମିଚେଲ ସ୍ୱେପସନ(୪) ଓ ବ୍ରେଣ୍ଡନ ଡଗେଟ୍ (୮)ଙ୍କୁ ଶୀଘ୍ର ପ୍ୟାଭିଲିୟନ ପଠାଇ ଦେଇଥିଲେ। ଯାହା ଫଳରେ ଭ୍ରମଣକାରୀ ଦଳର ପ୍ରଥମ ଇନିଂସ ସ୍କୋର ୩୪୬ରେ ସୀମିତ ହୋଇଯାଇଥିଲା। କୁଲ୍‌ଦୀପଙ୍କ ବ୍ୟତୀତ ଭାରତର ଅନ୍ୟତମ ସଫଳ ବୋଲର ଭାବେ ବାମହାତୀ ସ୍ପିନର ଶାହବାଜ ନଦିମ (୩/୯୦) ତିନୋଟି ଉଇକେଟ ଅକ୍ତିଆର କରିଥିଲେ। ଅଷ୍ଟ୍ରେଲିଆ ଏ' ଅଧିନାୟକ ମିଚେଲ ମାର୍ଶ ୨୦୪ ବଲ୍‌ରୁ ୧୧୩ ରନ କରି ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**-ଅଷ୍ଟ୍ରେଲିଆ ଏ: ୩୪୬ ( ମିଚେଲ ମାର୍ଶ-୧୧୩*, ଟ୍ରାଭିସ୍ ହେଡ୍-୬୮, କର୍ଟିସ ପ୍ୟାଟରସନ-୪୮, ମାଇକେଲ ନେସର-୪୪, କୁଲ୍‌ଦୀପ ଯାଦବ-୫/୯୧, ଶାହବାଜ ନଦିମ-୩/୯୦)।

ଭାରତ ଏ': ୨୨୩/୩ (ଅଭିମନ୍ୟୁ ଈଶ୍ୱରନ-୮୬, ରବିକୁମାର ସମର୍ଥ-୮୩)।

### 'ଭାରତ-ପାକିସ୍ତାନ ସାଧାରଣ ମ୍ୟାଚ୍'

**ଦୁବାଇ,୯।୯:** ଆଗାମୀ ଏସିଆ କପ୍‌ରେ ହେବାକୁ ଯାଉଥିବା ଭାରତ ଓ ପାକିସ୍ତାନ ମ୍ୟାଚ୍‌କୁ ନେଇ ଚାଲିଥିବା ତର୍କରେ ସାମିଲ ହୋଇଛନ୍ତି ଆଉ ଜଣେ ପାକିସ୍ତାନ କ୍ରିକେଟର ସୋଏବ ମଲିକ। କିନ୍ତୁ ସେ ଚାପ ସୃଷ୍ଟି କରିବାକୁ ଚାହାଁନ୍ତି ନାହିଁ। ''ମୋ ମତରେ ଭାରତ ବିପକ୍ଷ ମୁକାବିଲା ଯେକୌଣସି ସାଧାରଣ ମ୍ୟାଚ୍ ଭଳି। ଅଯଥାରେ ଚାପ ସୃଷ୍ଟି କରିବାଠାରୁ ଆମକୁ ଦୂରେଇ ରହିବାକୁ ହେବ। ଭାରତ ଓ ପାକିସ୍ତାନ ଏକମାତ୍ର ମ୍ୟାଚ୍, ଯାହାକୁ କେବଳ ଭାରତ କିମ୍ବା ପାକିସ୍ତାନର ପ୍ରଶଂସକମାନେ ନୁହେଁ ବରଂ ପୂରା କ୍ରିକେଟ ଜଗତ ଦେଖେ। ଏଣୁ ଯୁବ ଖେଳାଳିଙ୍କ ଲାଗି ଷ୍ଟାର ହେବା ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ'' ବୋଲି ମଲିକ କହିଛନ୍ତି।

> ମୋ ବିଚାରରେ ଇଂଲଣ୍ଡ ବିପକ୍ଷ ୫ମ ଟେଷ୍ଟରେ ଆମ ଦଳରେ ଆଉ ଜଣେ ଅତିରିକ୍ତ ବୋଲରର ଆବଶ୍ୟକତା ଥିଲା।
> **-ଯଶପ୍ରୀତ ବୁମ୍‌ରା, ଭାରତୀୟ ବୋଲର**



> ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କୁ ଆଉଟ କରିବା ପରେ ମ୍ୟାଚ ବର୍ତ୍ତମାନ ଆମ ନିୟନ୍ତ୍ରଣକୁ ଚାଲି ଆସିଛି।
> **-ଜୋସ୍ ବଟଲର, ଇଂଲଣ୍ଡ ବ୍ୟାଟ୍ସମ୍ୟାନ**



# ଓସାକାଙ୍କୁ ଐତିହାସିକ ଟାଇଟଲ

**ୟୁଏସ୍ ଓପନ**

ନ୍ୟୁୟର୍କ, ୯।୯ (ଏ.ଏଫ.ପି)

ନାଓମି ଓସାକା ପ୍ରଥମ ଜାପାନ ଟେନିସ୍ ଖେଳାଳିଭାବେ ୟୁଏସ୍ ଓପନ୍ ଟାଇଟଲ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ବର୍ଷର ଏହି ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍‌ରେ ୨୦ତମ ସିଡ ମାନ୍ୟତା ପାଇଥିବା ଓସାକା ଶନିବାର ଅଭିଜ୍ଞ ଆମେରିକୀୟ ମହିଳା ଟେନିସ୍ ସୁପରଷ୍ଟାର ସେରେନା ୱିଲିୟମ୍ସଙ୍କୁ ୬-୨,୬-୪ ସେଟରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ବିଜୟୀ ହେବା ପାଇଁ ଓସାକାଙ୍କୁ ସେତେଟା କଷ୍ଟ କରିବାକୁ ପଡିନ ଥିଲା। ଜାପାନରେ ଜନ୍ମ ହୋଇଥିଲେ ମଧ ଓସାକା ଆମେରିକାରେ ବଡ଼ ହୋଇଛନ୍ତି। ଟାଇଟଲ ମୁକାବିଲାରେ ନିଜ ପିଲାବେଳର ଆଦର୍ଶ ଖେଳାଳିଙ୍କୁ ହରାଇବା ପରେ ଓସାକାଙ୍କ ପାଇଁ ସ୍ୱପ୍ନ ସଦୃଶ ଥିଲା। ପଦାର୍ପଣରେ ୟୁଏସ୍ ଓପନ ଟାଇଟଲ ହାସଲ କରିବା ମୋ ପାଇଁ ଏକ ଐତିହାସିକ ସଫଳତା ଥିଲା। ଏହ ମୋ ପାଇଁ ଏକ ବିଶେଷ ତଥା ସ୍ୱତନ୍ତ୍ର ମୁହୂର୍ତ୍ତ ବୋଲି ଓସାକା କହିଛନ୍ତି। ଜଣେ ହାଇତି ପିତା ଓ ଜାପନୀ ମା'ଙ୍କଠାରୁ ଜନ୍ମ ନେଇଥିବା ଓସାକାଙ୍କ ନିକଟକୁ ଏବେ ବିଶ୍ୱ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି। ଓସାକାଙ୍କୁ ୩ ବର୍ଷ ହୋଇଥିବା ବେଳେ ସେ ଜାପାନ ମାତାପିତାଙ୍କ ସହ ଜାପାନ ଛାଡିଥିଲେ ଓ ସେ ନ୍ୟୁୟର୍କ ଓ ଫ୍ଲୋରିଡାରେ ବଡ଼ ହୋଇଥିଲେ। ସେ ଉଭୟ ଜାପାନ ଓ ଆମେରିକାର ନାକରିକତ୍ୱ ହାସଲ କରିଛନ୍ତି। ଟାଇଟଲ ଜିତିବା ପରେ ସେ ଖରବଦାତା ସମ୍ମଳନୀରେ ଖଣ୍ଡି ଜାପାନ ଭାଷରେ ସମ୍ବୋଧିତ କରି ବେଶ୍ ପ୍ରଶଂସକଙ୍କ ପ୍ରୀୟପାତ୍ର ହୋଇଥିଲେ।



ଚାମ୍ପିୟନ ଟ୍ରଫି ସହ ନାଓମି ଓସାକା।

ତେବେ ଫାଇନାଲ ମ୍ୟାଚରେ ହାରିବା ୩୬ ବର୍ଷୀୟା ସେରେନାଙ୍କ ବେଶ୍ ନିରାଶ କରିଛି। ଗତ ବର୍ଷ ମା' ହେବା ପରେ ସେରେନା ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲର ସୁଯୋଗ ପାଇଥିଲେ। ତେବେ ଫାଇନାଲରେ ହାରିବା ଫଳରେ ସେରେନା ୨୪ତମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲରୁ ବଞ୍ଚିତ ହୋଇଛନ୍ତି। ବିଜୟୀ ହୋଇଥିଲେ ସେରେନା ଅଷ୍ଟ୍ରେଲୀୟ କିମ୍ବଦନ୍ତୀ ମାର୍ଗରେଟ କୋର୍ଟଙ୍କ ସର୍ବାଧିକ ଗ୍ରାଣ୍ଡସ୍ଲାମ ଟାଇଟଲର ସମକକ୍ଷ ହୋଇଥାନ୍ତେ। ମ୍ୟାଚ ବିଜୟୀ ପ୍ରଦର୍ଶନ ପାଇଁ ଓସାକାଙ୍କୁ ସେରେନା ପ୍ରଶଂସା କରିଛନ୍ତି। ତେବେ ଫାଇନାଲ ମ୍ୟାଚରେ ସେରେନା ବେଶ ବିବାଦରେ ଛନ୍ଦି ହୋଇପଡିଛନ୍ତି।

ଏହା ପୂର୍ବରୁ ଓସାକ ସେମିଫାଇନାଲ ମ୍ୟାଚରେ ୧୪ତମ ସିଡ ଆମେରିକାର ମାଡିନସକ କିଜଙ୍କୁ ୬-୨,୬-୪ ସେଟରେ ପରାସ୍ତ କରିଥିଲେ। ସେହିପରି ସେ କ୍ୱାର୍ଟରରେ ୟୁକ୍ରେନର ଲେସିଆ ସୁରେଙ୍କୋଙ୍କୁ ୬-୧,୬-୧ ସେଟ୍‌ରେ, ପ୍ରି କ୍ୱାର୍ଟରରେ ୨୬ତମ ସିଡ୍ ବେଲାରୁଷର ଅରିନା ସାବାଲେଙ୍କାଙ୍କୁ ୬-୩,୨-୬,୬-୪ ସେଟରେ ହରାଇ ଅଗ୍ରଗତି କରିଥିଲେ। ଅନ୍ୟପଟେ ସେରେନା ସେମିଫାଇନାଲରେ ୧୯ତମ ସିଡ ଅନାଷ୍ଟାସିଜା ସେବାସୋଭାଙ୍କୁ ୬-୩,୬-୦ ସେଟ ହରାଇ ଫାଇନାଲକୁ ଉଠିଥିଲେ। ତେବେ ଏହାପୂର୍ବରୁ କ୍ୱାର୍ଟରରେ ଚେକ ଗଣରାଜ୍ୟର କାରୋଲିନା ପ୍ଲିସକୋଭାଙ୍କୁ ୬-୪,୬-୩, ପ୍ରି କ୍ୱାର୍ଟରରେ ଇସ୍ତୋନିଆର କାଇଆ କାନେପିଙ୍କୁ ୬-୦,୪-୬,୬-୩ ସେଟରେ ହରାଇ ଅଗ୍ରଗତି କରିଥିଲେ।

ଟାଇଟଲ ଜିତିବା ପରେ ଓସାକାଙ୍କୁ ଟେନିସ ଖେଳାଳି କେଭିନ ଆଣ୍ଡରସନ, କେଇ ନିଶିକୋରି, ତିମିଆ ବାସ୍କିନସ୍କି, ଡେନିସ ସାପୋଭାଲୋଭ, ଭିକ୍ଟୋରିଆ ଆଜାରେଙ୍କା, ଫ୍ଲାଭିଆ ପେନେଟ୍ଟା, ଗାବ୍ରିଏଲା ସାବାତିନି, ଆନା ଇଭାନୋଭିକ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

ଓସାକାଙ୍କ ଏହି ସଫଳତା ପ୍ରାକୃତିକ ବିପଦ ଜର୍ଜରିତ ଜାପାନ ପାଇଁ ବିଶେଷ ମହତ୍ତ୍ୱ ରଖୁଛି। ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ ଟୁଇଟ୍ କରି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରଥମ ଜାପାନ ଖେଳାଳିଭାବେ ଓସାକା ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିବାରୁ ଆମେ ଗର୍ବିତ ଓ ଏହା ପୂରା ଦେଶ ପାଇଁ ପ୍ରେରଣା ଉତ୍ସ ହୋଇ ରହିବ ବୋଲି ଆମେ କହିଛନ୍ତି। ଟାଇଟଲ ଜିତିବା ସହ ଓସାକା ୩.୮ ମିଲିୟନ ଆମେରିକୀୟ ଡଲାର ପୁରସ୍କାର ହାସଲ କରିଛନ୍ତି। ଏବେ ଟୋକିଓ ଖେଳାଯିବାକୁ ଥିବା ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିବା ମୋର ପରବର୍ତ୍ତୀ ଲକ୍ଷ୍ୟ ବୋଲି ଓସାକା କହିଛନ୍ତି। ଓସାକାଙ୍କ ଏହି ଐତିହାସିକ ସଫଳତା ସାରା ଜାପାନରେ ଖୁସିର ଲହରୀ ଖେଳାଇ ଦେଇଛି।

# ଠକିବାକୁ ଚେଷ୍ଟା କରିନି: ସେରେନା

ନ୍ୟୁୟର୍କ, ୯।୯ (ଏଏଫପି)

ନାଓମି ଓସାକା ଅଭିଜ୍ଞ ସେରେନା ୱିଲିୟମ୍ସଙ୍କୁ ହରାଇ ଚାମ୍ପିୟନ ହେବା ସହ ଇତିହାସ ସୃଷ୍ଟି କରିଥିଲେ ମଧ ମହିଳା ସିଙ୍ଗଲ୍ସ ଫାଇନାଲ ମ୍ୟାଚରେ ସୃଷ୍ଟି ହୋଇଥିବା ବିବାଦ ଏହି ଐତିହାସିକ ବିଜୟକୁ ଫିକା କରିଦେଇଛି। ବିଶେଷ କରି ସେରେନାଙ୍କୁ ନେଇ ଏହି ବବାଦ ସୃଷ୍ଟି ହୋଇଛି। ଫାଇନାଲ ମ୍ୟାଚରେ ମୁଁ ଠକିବାକୁ ଚେଷ୍ଟା କରିନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଟେନିସ୍‌ରେ ଏବେ ଲିଙ୍ଗଗତ ଭେଦଭାବ ଦେଖିବାକୁ ମିଳିଛି ବୋଲି ସେ ପାଲଟ ଅଭିଯୋଗ ଆଣିଛନ୍ତି।

ଫାଇନାଲ ମ୍ୟାଚର ଦ୍ୱିତୀୟ ସେଟରେ ଏହି ବିବାଦ ସୃଷ୍ଟି ହୋଇଥିଲା। କୋର୍ଟରେ ସେରେନାଙ୍କୁ କୋଚିଂ ନ ନେବାକୁ ଅମ୍ପାୟର କାର୍ଲୋସ ରାମୋସ ତାଗିଦ କରିଥିଲେ। ର୍ୟାକେଟକୁ ନେଇ ଫାଉଲ କରିବା ପରେ ସେରେନା ଦ୍ୱିତୀୟଥର ଆଚରଣବିଧୀର ଉଲ୍ଲଂଘନ କରିଥିଲେ। ଫଳରେ ତାଙ୍କୁ ଆଉଥରେ ଚେତାବନୀ ଦେବା ସହ ଏକ ପେନାଲ୍ଟି ପଏଣ୍ଟ ଦିଆଯାଇଥିଲା। ଫଳରେ ସେରେନା ରାଗ ଯାଇଥିଲେ। ବେଶ ଭାବପ୍ରବଣ ହୋଇ କାନ୍ଦିବା ସହ ନିନ୍ଦା କରିଥିଲେ। ଉତ୍କ୍ଷିପ୍ତ ହୋଇ ସେରେନା ଚେୟାର ଅମ୍ପାୟର ରାମୋସଙ୍କୁ ମିଛୁଆ ଓ ଚୋର ବୋଲି ଆକ୍ଷେପ କରିଥିଲେ। ପୁଣି ଏଥିପାଇଁ ଅମ୍ପାୟର ମୋତେ କ୍ଷମା ମାଗନ୍ତୁ ବୋଲି ସେ ଅଡି ବସିଥିଲେ। ମୁଁ ଠକିଛି ବୋଲି ରାମୋସ ଅଭିଯୋଗ ଆଣିଥିଲେ। କିନ୍ତୁ ମୁଁ ବାସ୍ତବରେ ଠକିବାକୁ ଚେଷ୍ଟା କରିନାହିଁ ବୋଲି ସେରେନା ସଫେଇ ଦେଇଛନ୍ତି। ମ୍ୟାଚ ଅବସରରେ କୋର୍ଟ ଉପରେ କୋଚ୍‌ଙ୍କ ସହାୟତା ନେଇ ନେଇ ନ ଥିଲି। ଯଦିଓ ଡବ୍ଲ୍ୟୁଟିଏ ଟୁର ଇଭେଣ୍ଟରେ ଅନ କୋର୍ଟ କୋଚିଂଙ୍କୁ ଅନୁମତି ମିଳିଛି। ମୋ କୋଚ୍ ପାଟ୍ରିକ ମୌରାଟୋଗ୍ଲୁଙ୍କଠାରୁ ମୁଁ ଟିପ୍ସ ବା ପ୍ରଶିକ୍ଷଣ ନେଇ ନାହିଁ ବୋଲି ସେରେନା ସ୍ପଷ୍ଟ କରିଛନ୍ତି। ତେବେ ପାଟ୍ରିକ କ'ଣ କହିବାକୁ ଚାହୁଁଥିଲେ ତାହା ମୁଁ ଜାଣିବାକୁ ମାତ୍ର ଚେଷ୍ଟା କରିଥିଲି। ପୁରୁଷଙ୍କ ଅପେକ୍ଷ ମହିଳା ଖେଳାଳିଙ୍କୁ ଭିନ୍ନ ନଜରହରେ ଦେଖାଯାଉଛି ଓ ମହିଳା ଖେଳାଳିଙ୍କ ପ୍ରତି ଅବିଚାର କରାଯାଉଛି ବୋଲି ସେରେନା ଅଭିଯୋଗ ଆଣିଛନ୍ତି। ଗତ ସପ୍ତାହରେ ଘଟିଥିବା ଏକ ଘଟଣା ଉପରେ ସେରେନା ଆଲୋକପାତ କରିଥିଲେ। ଗ୍ରୀଷ୍ମ ପ୍ରବାହ



ସେରେନା ୱିଲିୟମ୍ସ

କାରଣରୁ ଫ୍ରେଞ୍ଚ୍ ଖେଳାଳି ଅଲିଜ କର୍ନେଟ ନିଜ ସାର୍ଟ ଓହ୍ଲାଇଥିଲେ। ଫଳରେ ସେ ଅଣଖେଳୱାଡ଼ ମନୋବୃତ୍ତି ତଥା ଆଚରଣ ପ୍ରଦର୍ଶନ କରିଥିଲେ ବୋଲି ଅଭିଯୋଗ ହୋଇଥିଲା ଓ ତାଙ୍କୁ ସତର୍କ କରାଇଦିଆଯାଇଥିଲା। ଶେଷରେ ଟୁର୍ନାମେଣ୍ଟ ମୁଖ୍ୟ କର୍ନେଟଙ୍କୁ କ୍ଷମା ମାଗିଥିଲେ ଓ ଅମ୍ପାୟରଙ୍କ ନିଷ୍ପତ୍ତି ଭୁଲ ଥିଲା ବୋଲି କୁହାଯାଇଥିଲା।

# ରାଜ୍ୟ ଟେନିକଏଟ୍ ଉଦ୍‌ଘାଟିତ

କଟକ ଅଫିସ,୯।୯

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୩୧ତମ ରାଜ୍ୟ ସବ୍‌ଜୁନିୟର, ଜୁନିୟର, ସିନିୟର ଟେନିକଏଟ୍ ଚାମ୍ପିୟନଶିପ୍ ରବିବାର ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଦିବସରେ ସବ୍‌ଜୁନିୟର ବର୍ଗର ସମସ୍ତ ମୁକାବିଲା ଶେଷ ହୋଇଛି। ବାଳକ ସିଙ୍ଗଲ୍ସରେ କଟକର ଅଭିଶେକ ବିଶୋୟୀ ଚାମ୍ପିୟନ ହୋଇଥିବା ବେଳେ ରାଜ ସ୍ୱାଇଁ ରନର୍ସ ଅପ, ରାଜକିଶନ ଦାସ ୩ୟ ଓ ମହମ୍ମଦ ସଫିର ୪ର୍ଥ ହୋଇଛନ୍ତି। ବାଳକ ଡବଲ୍ସରେ ଝାରସୁଗୁଡ଼ାର ସ୍ୱରାଜ ସିଂ ଓ ପିୟୂଷ ପଣ୍ଡାଙ୍କ ଯୋଡ଼ି ଫାଇନାଲରେ କେନ୍ଦୁଝରର ସୁବ୍ରତ ସାହୁ ଓ ତାନିସ୍କ ରାଜ ଗରାଇଙ୍କୁ ହରାଇ ଚାମ୍ପିୟନ ହୋଇଛି। ସବ୍‌ଜୁନିୟର ବାଳିକା ସିଙ୍ଗଲ୍ସରେ ଚାମ୍ପିୟନ ହୋଇଛନ୍ତି କଟକର ଦୀପଶୀଖା ପାଲ। ଏହି ବିଭାଗରେ ଲିଜା ରାଉତ ୨ୟ, ସୌମ୍ୟାଶ୍ରୀ ପଣ୍ଡା ୩ୟ ଓ ଇଶା ଯାଦବ ୪ର୍ଥ ହୋଇଛନ୍ତି। ସବ୍‌ଜୁନିୟର ବାଳିକା ଡବଲ୍ସ ଫାଇନାଲରେ ଝାରସୁଗୁଡ଼ାର ସିମରନ ସିଂ ଓ ପାୟଲ ଚୌଧୁରୀଙ୍କ ଯୋଡ଼ି ଜଗତ୍‌ସିଂହପୁରର ମୋନାଲିସା ମହାନ୍ତି ଓ ବିଶ୍ୱରୂପା ଦାସଙ୍କ ଯୋଡ଼ିକୁ ହରାଇ ଚାମ୍ପିୟନ ହୋଇଛି। ମିକ୍ସଡ ଡବଲ୍ସ ଫାଇନାଲରେ ଝାରସୁଗୁଡ଼ାର ମହମ୍ମଦ ଉମର ଅବଦୁଲା ଓ ମୁସ୍କାନ ମହାକୁଡ଼ଙ୍କ ଯୋଡ଼ି ଚାମ୍ପିୟନ ହୋଇଛି। ଯାଜପୁରର ଇପସିତା ସାହୁ ଓ ଅନିକେତ ସିଂଙ୍କ ଯୋଡ଼ି ରନର୍ସଅପ ହୋଇଥିଲା। ପ୍ରତିଯୋଗିତାରେ ୧୭ଟି ଜିଲାର ୩୦୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ଆମେଚର ଟେନିକଏଟ୍ ଆସୋସିଏଶନ ସଭାପତି ଅମର ପ୍ରସାଦ ଶତପଥୀ ସଭାପତିତ୍ୱ କରିଥିଲେ। ବିଧାୟକ ଦେବାଶିଷ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ପ୍ରକାଶ ଶର୍ମା ସମ୍ମାନିତ ଅତିଥି, ଆସୋସିଏଶନର ସାଧାରଣ ସମ୍ପାଦକ ଏସ୍.କେ ସିହ୍ନା, ସାଙ୍ଗଠନିକ ସମ୍ପାଦକ ଗୋଲକ ନାୟକ, କୋଷାଧ୍ୟକ୍ଷ ପ୍ରତାପ କୁମାର ଆଚାର୍ଯ୍ୟ, ଉପସଭାପତି ମିହିର ପ୍ରତାପ ଦାସ, ରମେଶ ଚନ୍ଦ୍ର ବିଶ୍ୱାଳ, ତପନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ହମିଦ କୁମାର ମହାପାତ୍ର, ଜ୍ଞାନରଞ୍ଜନ ସାହୁ, ଦେବାନନ୍ଦ ଝା, ମନୋଜ ମହାରଣା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହେବ ।



ଭୁବନେଶ୍ୱର ଟେଷ୍ଟ ହାଉସ ମାଲିକ ସଂଘର ୧୦ମ ବାର୍ଷିକ ଉତ୍ସବ ଅବସରରେ ରବିବାର ମହିଳା ଫୁଟବଲର ସୁଭଦ୍ରା ପ୍ରଧାନ(ବାମ), ଅନ୍ତର୍ଜାତୀୟ ଫୁଟବଲ ଖେଳାଳି ଅମନ ଖାଲ୍‌କୋ(ଡାହାଣରୁ ଦ୍ୱିତୀୟ), ପୁରୁଷୋତ୍ତମ କେର୍କେଟାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# 'ପୁରସ୍କାର ଉତ୍ସାହର ମାଧ୍ୟମ'



ସରୋଜ ମହାସୁଆର ସ୍ମୃତି ସମ୍ମାନ ସହ ଅତିଥିଙ୍କ ଗହଣରେ ବ୍ୟାଟ୍ସମ୍ୟାନ ରଘୁନାଥ ମଲ୍ଲ ଓ ଅଭିଜ୍ଞ ଅମ୍ପାୟର ନିର୍ମଳ କୁମାର ମିଶ୍ର।

ଭୁବନେଶ୍ୱର, ୯।୯(କ୍ରୀଡ଼ା ପ୍ରତିନିଧି)

ପ୍ରତିଭା ସମ୍ପନ୍ନ ବ୍ୟାଟ୍ସମ୍ୟାନ ରଘୁନାଥ ମଲ୍ଲ ଓ ଅଭିଜ୍ଞ ଅମ୍ପାୟର ନିର୍ମଳ କୁମାର ମିଶ୍ରଙ୍କୁ ୨୦୧୮ ବର୍ଷ ପାଇଁ ସରୋଜ ମହାସୁଆର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି। ସରୋଜ ମହାସୁଆର ସ୍ମୃତି କମିଟି ପକ୍ଷରୁ ରବିବାର ପୁରୁଣା ଭୁବନେଶ୍ୱରସ୍ଥିତ ଟାଉନ୍ କ୍ଲବ ପଡ଼ିଆରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରଘୁନାଥଙ୍କୁ ଯୁବ କ୍ରିକେଟର ଅଫ ଦି ଇୟର ଓ ନିର୍ମଳଙ୍କୁ ଶ୍ରେଷ୍ଠ ଅମ୍ପାୟର ଭାବେ ପୁରସ୍କୃତ କରାଯାଇଛି। ପୁରସ୍କାର ଉତ୍ସାହର ମାଧ୍ୟମ ଓ ଆଗକୁ ଆହୁରି ଦାୟିତ୍ୱର ସହ କାର୍ଯ୍ୟ କରିବା ସମ୍ପର୍କରେ ସଚେତନ କରାଇ ଦେଇଛି ବୋଲି ଉଭୟ ରଘୁନାଥ ଓ ନିର୍ମଳ ପ୍ରକାଶ କରିଛନ୍ତି।

''ଏହା ଜୀବନର ଦ୍ୱିତୀୟ ପୁରସ୍କାର। ତେବେ ଏହି ପୁରସ୍କାର ମୋ ପାଇଁ ସ୍ୱତନ୍ତ୍ର। କାରଣ ଏହା ଜଣେ ଅମ୍ପାୟରଙ୍କ ସ୍ମୃତିରେ ପ୍ରଦାନ କରାଯାଉଛି। ଏହା ମୋତେ ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରିବ। ଜଣେ ଖେଳାଳି ପାଇଁ ପୁରସ୍କାରର ନିହାତି ଆବଶ୍ୟକ ଅଛି। ଏହା ଅଧିକ ଭଲ ପ୍ରଦର୍ଶନ ପାଇଁ ଉତ୍ସାହିତ କରିଥାଏ। ମୁଁ ନିଜ ଖେଳ ଉପରେ ଧ୍ୟାନ ଦେଇ ବିଭିନ୍ନ ସ୍ତରରେ ଭଲ ପ୍ରଦର୍ଶନ କରିବା ମୋର ମୁଖ୍ୟ ଲକ୍ଷ୍ୟ। ନିଜ ଖେଳ ଭଲ ହେଲେ ନିଶ୍ଚିତ ଆପେ ଆପେ ଲକ୍ଷ୍ୟପଥରେ ପହଞ୍ଚି ହେବ। ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଂ ମୋର ଆଦର୍ଶ ଖେଳାଳି'' ବୋଲି ପୁରସ୍କାର ଗ୍ରହଣ ପରେ ନିଜ ପ୍ରତିକ୍ରିୟାରେ କହିଛନ୍ତି ରଘୁନାଥ। ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂରେ ପ୍ରତିଷ୍ଠିତ କୋଚ୍ କିଶୋର ମାଣିଆ ଓ ଟୁନା ସାହୁଙ୍କଠାରୁ ପ୍ରଶିକ୍ଷଣ ନେଇ ଆଗକୁ ବଢ଼ିଥିବା ରଘୁନାଥ ୨୦୧୩-୧୪ ସିଜନରୁ ଓଡ଼ିଶା ପାଇଁ ଘରୋଇ କ୍ରିକେଟ ଖେଳି ଆସୁଛନ୍ତି। ରାଜ୍ୟର ଏକମାତ୍ର ଖେଳାଳି ଭାବେ ସେ କ୍ରମାଗତ ୪ ବର୍ଷ ଧରି ପୂର୍ବାଞ୍ଚଳ ଜୋନାଲ କ୍ରିକେଟ ଏକାଡେମୀ(ଜେଡ୍‌ସିଏ) ଲାଗି ମନୋନୀତ ହୋଇଛନ୍ତି। କ୍ରମାଗତ ଭଲ ପ୍ରଦର୍ଶନ ଯୋଗୁ ସେ ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀରୁଡାକରା ପାଇଥିଲେ। ୨୦୧୬-୧୭ ସିଜନରେ ଓଡ଼ିଶାର ଉପଅଧିନାୟକଭାବେ ଧ୍ରୁବ ପାଣ୍ଡବ ଟ୍ରଫିରେ ପ୍ରତିନିଧିତ୍ୱ କରିଥିଲେ।

### ଭିନ୍ନ ଚିନ୍ତାଧାରା

''ସଂଘର୍ଷମୟ ଅମ୍ପାୟର ଜୀବନ ମଧରେ ଏ ପ୍ରକାର ପୁରସ୍କାର ମୋତେ ଆହୁରି ଅଧିକ ଆଗକୁ ଯିବାକୁ ପ୍ରେରଣା ଯୋଗାଇଛି। ଜଣେ ଅମ୍ପାୟରଙ୍କ ସ୍ମୃତିରେ ପୁରସ୍କାର ଏକ ଭିନ୍ନ ଚିନ୍ତାଧାରା। ପୂର୍ବରୁ ଏପରି କେବେ ନ ଥିଲା। ଏଥିପାଇଁ ଟାଉନ୍ କ୍ଲବର ପ୍ରୟାସକୁ ଯେତେ ପ୍ରଶଂସା କଲେ କମ୍ ହେବ। ତେଣୁ ମୁଁ ପୂର୍ବରୁ ଯେତେ ପୁରସ୍କାର ପାଇଥିଲେ ହେଁ ଏହା ମୋ ପାଇଁ ସ୍ମରଣୀୟ। ଆମେ ଟେକ୍ନୋଲୋଜି ବିନା ପଡ଼ିଆରେ ଅମ୍ପାୟରିଂ କରିଆସୁଛୁ। ସମସ୍ତଙ୍କ ସ୍ନେହ ଶ୍ରଦ୍ଧା ଯୋଗୁ ଏହା ସମ୍ଭବ ହୋଇ ପାରିଛି। ଯେତେଦିନ ସମ୍ଭବ ମୁଁ ଅମ୍ପାୟରିଂ ଜାରି ରଖିବାକୁ ଆଶା ରଖିଛି'' ବୋଲି କହିଛନ୍ତି ନିର୍ମଳ। ଦୀର୍ଘ ୨୫ ବର୍ଷ ଧରି ରାଜ୍ୟ କ୍ରିକେଟରେ ଅମ୍ପାୟରିଂ କରି ନିର୍ମଳ ନିଜର ସ୍ୱତନ୍ତ୍ର ଉପସ୍ଥିତି ଜାହିର କରିପାରିଛନ୍ତି। ୨୦୦୬ରେ ଓସିଏ(ଓଡ଼ିଶା କ୍ରିକେଟ ଆସୋସିଏଶନ) ପ୍ୟାନେଲ ଅମ୍ପାୟର ହୋଇଥିବା ନିର୍ମଳ ନିୟମିତ ଭାବେ ଭୁବନେଶ୍ୱର, କଟକ ଓ ଅନ୍ୟ ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ଗୁଡ଼ିକରେ ମ୍ୟାଚ ପରିଚାଳନା କରି ଆସୁଛନ୍ତି। ପଡ଼ିଆରେ ଅମ୍ପାୟରିଂ ଏବଂ ବୃତ୍ତିରେ ଶିକ୍ଷକତା ବ୍ୟତୀତ କ୍ରିକେଟର ନିୟମ ସମ୍ପର୍କରେ ତାଙ୍କର ଅଗାଧ ଜ୍ଞାନ ରହିଛି। ଜଣେ ନିର୍ବିବାଦୀୟ, ସ୍ପଷ୍ଟବାଦୀ ଅମ୍ପାୟର ଭାବେ ସେ ପରିଚିତ।

ସରୋଜ ମହାସୁଆର ସ୍ମୃତି କମିଟି ଆବାହକ ମନୋଜ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ଅନନ୍ତ ନାରାୟଣ ଜେନା, ରାଜ୍ୟ ଭାଜପା ଉପସଭାପତି ସମୀର ମହାନ୍ତି, ବିଶିଷ୍ଟ କ୍ରିକେଟ କୋଚ୍ କିଶୋର ମାଣିଆ, ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥା, କ୍ରୀଡ଼ା ସଂଗଠକ ନବରଞ୍ଜନ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଉତ୍ସବରେ ପୂର୍ବତନ କ୍ରିକେଟର, କ୍ରୀଡ଼ାପ୍ରେମୀ ଓ ଟାଉନ୍ କ୍ଲବର ଖେଳାଳିମାନେ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ସୋମବାର, ୧୦ ସେପ୍ଟେମ୍ବର, ୨୦୧୮





“ଜୋସ୍ ମୋରିନୋଙ୍କ ସ୍ଥାନରେ ଯଦି ମୋତେ ମାଞ୍ଚେଷ୍ଟର ୟୁନାଇଟେଡ ଦଳର ମ୍ୟାନେଜର କରାଯାଏ ତେବେ ଦଳର ଆଟାକିଂ ଷ୍ଟାଇଲକୁ ମୁଁ ବଜାୟ ରଖିବି ।

–ଏରିକ୍ କାଣ୍ଟୋନା, ଫ୍ରାନ୍ସର ପୂର୍ବତନ ଫୁଟ୍‌ବଲ ଖେଳାଳି

“ଭାରତୀୟ କ୍ରିକେଟ ଦଳରେ କ୍ୱାଲିଟି ବ୍ୟାଟ୍ସମ୍ୟାନ ଓ ବୋଲର ରହିଛନ୍ତି। ବିଦେଶରେ ସିରିଜ ଜିତିବାକୁ ହେଲେ ମାନସିକ ଦୃଢତାର ଆବଶ୍ୟକତା ରହିଛି ।

–ଆଡାମ ଗିଲକ୍ରିଷ୍ଟ, ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର



## ସଂକ୍ଷେପରେ

### ୭ ପଏଣ୍ଟ ସହ ସାର୍ଥକ ଅଗ୍ରଣୀ

କଟକ ଅଫିସ,୯।୯: ଇଷ୍ଟକୋଷ୍ଟ ରେଲୱେ ଇନ୍‌ଷ୍ଟିଚ୍ୟୁଟଠାରେ ଏସ୍.ଆର. ଚେସ ସେଣ୍ଟର ଆନୁକୂଲ୍ୟରେ ଚାଲିଥିବା ପ୍ରଥମ କୁଳମଣି ତ୍ରିପାଠୀ ସ୍ମାରକୀ ରାଜ୍ୟ ସ୍ତରୀୟ ଚେସ୍ ପ୍ରତିଯୋଗିତାର ଦ୍ୱିତୀୟ ଦିନର ଖେଳ ଶେଷ ହୋଇଛି । ୮ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ରବିବାର ସନ୍ଧ୍ୟା ସୁଦ୍ଧା ୭ ରାଉଣ୍ଡ ସମ୍ପନ୍ନ ହୋଇଥିବା ବେଳେ ରାଉରକେଲା ଡିପିଏସ୍ କଳିଙ୍ଗର ସାର୍ଥକ ଦେବତା ସମସ୍ତ ରାଉଣ୍ଡରେ ବିଜୟୀ ହୋଇ ଅଗ୍ରଣୀ ରହିଛନ୍ତି । ସାର୍ଥକ ୭ମ ରାଉଣ୍ଡରେ ପୁରୀର ଜଗଦୀଶ ଘଡାଇଙ୍କୁ ପରାସ୍ତ କରି ୭ ପଏଣ୍ଟ ପାଇବା ସହ ଚାମ୍ପିୟନ ହେବାର ଆଶା ଉଜ୍ଜ୍ୱଳ କରିଛନ୍ତି । କଟକର ହର୍ଷିତ ରଞ୍ଜନ ସାହୁ ୬.୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ରୁଦ୍ର ନାରାୟଣ, ପ୍ରତ୍ୟୁଷ ମହାପାତ୍ର, କୌସ୍ତୁଭ ଦାସ, ଶାଶ୍ୱତ ମଲ୍ଲିକ, ଆର୍ଯ୍ୟ ଅର୍ନଭ ସାମନ୍ତରାୟ, ପି ସାଇରୂପା ପ୍ରମୁଖ ୬ ପଏଣ୍ଟ ସହ ୩ୟ ସ୍ଥାନରେ ରହିଛନ୍ତି । ୭ଜଣ ଖେଳାଳି ୫ ପଏଣ୍ଟ ହାସଲ କରିଛନ୍ତି । ସୋମବାର ଅପରାହ୍ନରେ ୮ମ ରାଉଣ୍ଡ ଖେଳ ଅନୁଷ୍ଠିତ ହୋଇ ସନ୍ଧ୍ୟାରେ ପୁରସ୍କାର ବିତରଣ ଉତ୍ସବ ହେବ ବୋଲି ଆୟୋଜକ କମିଟି ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି । ରବିବାର ପ୍ରତିଯୋଗିତାକୁ ସୂର୍ଯ୍ୟ ନାରାୟଣ ତ୍ରିପାଠୀ, ରଶ୍ମିତା ମିଶ୍ର, କଟକ ଜିଲା ଚେସ୍ ସଂଘର ଉପସଭାପତି ରାଜେନ୍ଦ୍ର ସେଠୀ, ଫନୀନ୍ଦ୍ର ମହାନ୍ତି ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ଅନ୍ତର୍ଜାତୀୟ ଆର୍ବିଟର ନିହାର ରଞ୍ଜନ ସାସମଲ, ତାପସ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଚୈତନ୍ୟ ରାଉତ, ସୂର୍ଯ୍ୟକାନ୍ତ ବିଶୋୟୀ, ଅବିନାଶ ଦାସ, ସତ୍ୟଜିତ ପଟ୍ଟନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ ।

### ଅଷ୍ଟ୍ରେଲିଆ ଫୁଟ୍‌ବଲ ଟ୍ରେନିଂରୁ ବୋଲ୍ଟଙ୍କୁ ବିରତି

ସିଡ୍‌ନୀ,୯।୯(ଏଏଫ୍‌ପି): ଚାମ୍ପିୟନ ସ୍ପ୍ରିଣ୍ଟର ଉସେନ ବୋଲ୍ଟ ଫୁଟ୍‌ବଲ ପ୍ରଶିକ୍ଷଣରୁ ବିରତି ନେଇଛନ୍ତି। ପୂର୍ବ ଚୁକ୍ତି ଅନୁଯାୟୀ ସେ ଅଷ୍ଟ୍ରେଲିଆ ଛାଡ଼ିଥିବା ଏ' ଲିଗ୍ କ୍ଲବ ପକ୍ଷରୁ କୁହାଯାଇଛି। ଜାମାଇକାନ ସୁପରଷ୍ଟାର ପେସାଦାର ଫୁଟ୍‌ବଲ ଖେଳିବା ସ୍ୱପ୍ନକୁ ପୂରା କରିବା ଲାଗି ସିଡ୍‌ନୀଠାରୁ ୭୫ କିମି ଦୂରରେ ଗୋସ୍‌ଫୋର୍ଡଠାରେ ପ୍ରଶିକ୍ଷଣ ନେଉଛନ୍ତି। ୩୨ ବର୍ଷୀୟ ଧାବକ ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ କ୍ଲବ ସହ ୩ ସପ୍ତାହ ହେଲା ଅଭ୍ୟାସ କରୁଛନ୍ତି। ସେ କ୍ଲବର ଏକ ପ୍ରି-ସେସନ ମ୍ୟାଚ୍‌ରେ ତାଙ୍କୁ ଖେଳିବାର ସୁଯୋଗ ମିଳିଥିଲା। ବୋଲ୍ଟ ୯ରୁ ୧୬ ତାରିଖ ପର୍ଯ୍ୟନ୍ତ ବିଦେଶରେ ରହିବେ। କିନ୍ତୁ ସେ କେଉଁଆଡ଼େ ଗସ୍ତ କରିଛନ୍ତି ସେ ସମ୍ପର୍କରେ କ୍ଲବ ପକ୍ଷରୁ ସୂଚନା ଦିଆଯାଇନାହିଁ।

# ଅନ୍ତିମ ଟେଷ୍ଟ: ଇଂଲଣ୍ଡ ଅଗ୍ରଣୀ

ଲଣ୍ଡନ, ୯।୯ (ପି.ଟି.)

ସ୍ଥାନୀୟ ଓଭାଲ ଗ୍ରାଉଣ୍ଡରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚରେ ଭ୍ରମଣକାରୀ ଭାରତର ବ୍ୟାଟିଂ ଦୁର୍ବଳତା ପୁଣି ଥରେ ପଦାରେ ପଡିଛି। ଦମ୍‌ଦାର ବୋଲିଂ କରି ଇଂଲଣ୍ଡ ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିଛି। କ୍ରମାଗତ ପଞ୍ଚମଥର ପାଇଁ ଟସ୍ ଜିତି ଇଂଲଣ୍ଡ ପ୍ରଥମ ବ୍ୟାଟିଂ କରି ପ୍ରଥମ ଇନିଂସରେ ୧୨୨ ଓଭରରେ ୩୩୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଭାରତ ତୃତୀୟ ଦିନରେ ୯୫ ଓଭରରେ ୨୯୨ ରନ କରି ଅଲଆଉଟ ହୋଇଛି। ଫଳରେ ଇଂଲଣ୍ଡ ୪୦ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରି ସ୍ଥିତି ଦୃଢ କରିଛି।

ଦ୍ୱିତୀୟ ଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୭୪/୬ ରୁ ଭାରତ ରବିବାର ଖେଳ ଆରମ୍ଭ କରିଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ହନୁମା ବିହାରୀ ୨୫ ରନରୁ ଖେଳ ଆରମ୍ଭ କରି ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳି ସ୍ପିନର ମୋଇନ ଅଲୀଙ୍କ ବଲରେ ଉଇକେଟ କିପର ବ୍ୟାଟ୍ସମ୍ୟାନ ଜନି ବେୟାରଷ୍ଟୋଙ୍କୁ କ୍ୟାଚ ଦେଇ ଆଉଟ ହୋଇଥିଲେ। ଟେଷ୍ଟ ପଦାର୍ପଣରେ ୨୪ ବର୍ଷୀୟ ହନୁମା ୨୬ତମ ଭାରତୀୟ ବ୍ୟାଟ୍ସମ୍ୟାନ ଭାବେ ଅର୍ଦ୍ଧଶତକ ହାସଲ କରି ନିଜ ଚୟନର ଯଥାର୍ଥତା ପ୍ରତିପାଦନ କରିଛନ୍ତି। ତେବେ ସେ ବଡ଼ ସ୍କୋର ହାସଲ କରିବାରେ ସଫଳ ହୋଇପାରି ନାହାନ୍ତି। ସେହିପରି ଜାଡେଜା ୮ ରନରୁ ଖେଳ ଆରମ୍ଭ କରି ୮୬ ରନର ଲଢୁଆ ପାଳି ଖେଳି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଉଭୟ ଲଢୁଆ ବ୍ୟାଟିଂ କରି ସପ୍ତମ ଉଇକେଟ ଯୋଡିରେ ୭୭ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଶାନ୍ତ ଶର୍ମା ୪ ଓ ମହମ୍ମଦ ସାମି ୧ ରନ କରି ଯଥାକ୍ରମେ ଦୁଇ ସ୍ପିନର ମୋଇନ ଓ ଆଡିଲ ରସିଦଙ୍କ ଦ୍ୱାର ଆଉଟ ହୋଇଥିଲେ। ଯଶପ୍ରୀତ ବୁମରା ଶେଷ ଉଇକେଟ ଭାବେ କୌଣସି ରନ ନ କରି ଦୁର୍ଭାଗ୍ୟଜନକ ଭାବେ ରନ ଆଉଟ ହୋଇଥିଲେ। ବୁମରା ୧୪ଟି ବଲ୍‌ର ସମ୍ମୁଖୀନ ହୋଇ ଜାଡେଜାଙ୍କୁ ସହାୟତା ପ୍ରଦାନ କରିବାକୁ ଚେଷ୍ଟା କରିଥିଲେ। ଯାହାଫଳରେ ଅନ୍ତିମ ଉଇକେଟରେ ଜାଡେଜା ଓ ବୁମରା ୩୨ ରନ ସଂଗ୍ରହ କରିଥିଲେ।

ଦ୍ୱିତୀୟ ଦିବସରେ ପ୍ରଥମ ଇନିଂସ ଆରମ୍ଭ କରିଥିବା ଭାରତ ଆଶାନୁରୂପ ପ୍ରଦର୍ଶନ କରି ନ ଥିଲା। ଓପନର ଲୋକେଶ ରାହୁଲ ୩୭, ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ୩୭, ଅଧିନାୟକ ବିରାଟ କୋହଲି ୪୯ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ଅଭିଜ୍ଞ ଓପନର ଶିଖର ଧାୱନ ୩, ଯୁବ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୫ ରନ କରି ଆଉଟ ହୋଇଥିବା ବେଳେ ଅଜିଙ୍କ୍ୟ ରାହାନେ ଖାତା ଖୋଲି ପାରି ନ ଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ଜେମ୍ସ ଆଣ୍ଡରସନ, ବେନ ଷ୍ଟୋକ୍ସ ଓ ମୋଇନ ଅଲୀ ଦୁଇଟି ଲେଖାଏ ଉଇକେଟ ହାସଲ କରିଥିଲେ। ସେହିପରି ଷ୍ଟୁଆର୍ଟ ବ୍ରଡ, ସାମ କୁରାନ ଓ ଆଡିଲ ରସିଦ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ।



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଭାରତର ହନୁମା ବିହାରୀ ।

### ସଂକ୍ଷିପ୍ତ ସ୍କୋର

- ଇଂଲଣ୍ଡ ପ୍ରଥମ ଇନିଂସ- ୧୨୨ ଓଭରରେ ୩୩୨ ଅଲଆଉଟ୍।
- ଭାରତ ପ୍ରଥମ ଇନିଂସ- ୯୫ ଓଭରରେ ୨୯୨ ଆଲଆଉଟ (ଜାଡେଜା- ୮୬*, ହନୁମା- ୫୬, କୋହଲି- ୪୯, ପୂଜାରା- ୩୭, ରାହୁଲ- ୩୭, ଆଣ୍ଡରସନ- ୨/୫୪, ଷ୍ଟୋକ୍ସ- ୨/୫୬, ମୋଇନ- ୨/୫୦)।

### ଆଣ୍ଡରସନ ଦଣ୍ଡିତ

ଇଂଲଣ୍ଡ ପେସର ଜେମ୍ସ ଆଣ୍ଡରସନଙ୍କୁ ଖରାପ ଆଚରଣ ଲାଗି ଦଣ୍ଡିତ କରାଯାଇଛି। ଏଠାରେ ଚାଲିଥିବା ଭାରତ ବିପକ୍ଷ ୫ମ ଟେଷ୍ଟ ମ୍ୟାଚ୍‌ର ୨ୟ ଦିବସରେ ସେ ଫିଲ୍ଡ ଅମ୍ପାୟର କୁମାର ଧର୍ମସେନାଙ୍କ ପ୍ରତି ଅତ୍ୟନ୍ତ ଖରାପ ବ୍ୟବହାର ପ୍ରଦର୍ଶନ କରିଥିଲେ। ଏଥିଯୋଗୁ ତାଙ୍କ ମ୍ୟାଚ୍ ଫି'ର ୧୫ ପ୍ରତିଶତ କାଟ କରି ଦିଆଯାଇଛି। ଏଥିସହ ତାଙ୍କୁ ଏକ ଡିମେରିଟ୍ ପଏଣ୍ଟ ମଧ୍ୟ ଦିଆଯାଇଛି। ଘଟଣାଟି ଭାରତୀୟ ଇନିଂସ୍‌ର ୨୯ତମ ଓଭର୍‌ରେ ଘଟିଥିଲା। ଆଣ୍ଡରସନ ଭ୍ରମଣକାରୀ ଦଳର ଅଧିନାୟକ ବିରାଟ କୋହଲିଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ୍ କରିବା ପାଇଁ ଅପିଲ କରିଥିଲେ ମଧ୍ୟ ଅମ୍ପାୟର ଧର୍ମସେନା ପ୍ରତ୍ୟାଖ୍ୟାନ କରିଥିଲେ। ଏହାପରେ ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ରିଭ୍ୟୁ ନେଇଥିଲେ ମଧ୍ୟ କୋହଲି ବର୍ତ୍ତିଯାଇଥିଲେ। ବୋଲିଂ କରି ସାରିବା ପରେ ଆଣ୍ଡରସନ ଅମ୍ପାୟରଙ୍କଠାରୁ ଟୋପି ଛଡ଼ାଇ ଆଣିବା ସହ ଖରାପ ଆଚରଣ ପ୍ରଦର୍ଶନ କରିଥିଲେ।

# ଶାସ୍ତ୍ରୀଙ୍କ ସହ ଆଲୋଚନା କରିପାରେ ପ୍ରଶାସକ କମିଟି

ନୂଆଦିଲ୍ଲୀ, ୯।୯ (ପି.ଟି.)

ଇଂଲଣ୍ଡରେ ଭାରତୀୟ କ୍ରିକେଟ ଦଳର ନିକୃଷ୍ଟ ପ୍ରଦର୍ଶନ ପ୍ରଶାସକ କମିଟି (ସିଏଓ) ଚିନ୍ତା ପ୍ରକଟ କରିଛି। ପଞ୍ଚମ ଟେଷ୍ଟ ମ୍ୟାଚ ସରିଲେ ଇଂଲଣ୍ଡ ଟୁର୍‌ରେ ଭାରତୀୟ ଦଳର ପ୍ରଦର୍ଶନ ନେଇ ବିଶ୍ଳେଷଣ କରାଯିବ। ସେପ୍ଟେମ୍ବର ୧୧ରେ ମୁମ୍ବାଇରେ ପ୍ରଶାସକ କମିଟି ବୈଠକ ବସିବ। ଏଥିରେ ନୂଆ ସମ୍ବିଧାନ ପ୍ରଚଳନ ସଂକ୍ରାନ୍ତରେ ଆଲୋଚନା ହେବ। ଏହାଛଡ଼ା ଇଂଲଣ୍ଡରେ ଭାରତୀୟ ଦଳର ପ୍ରଦର୍ଶନ ନେଇ ମଧ୍ୟ ଆଲୋଚନା ହେବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ବରିଷ୍ଠ କର୍ମକର୍ତ୍ତା ସୂଚନା ଦେଇଛନ୍ତି। ତେବେ ରବି ଶାସ୍ତ୍ରୀଙ୍କ ସହିତ ବ୍ୟକ୍ତିଗତ ଆଲୋଚନା କରିବ କିମ୍ବା ତାଙ୍କଠାରୁ ଲିଖିତ ଭାବେ ଫିଡ୍‌ବ୍ୟାକ୍ ନେବାକୁ ଚାହିଁବ ଏହା ସିଓଏର ମର୍ଜି ଉପରେ ନିର୍ଭର କରେ। ବର୍ତ୍ତମାନ କ୍ରିକେଟ ଉପଦେଷ୍ଟା କମିଟି (ସିଏସି) ଅଚଳ ହୋଇପଡ଼ିଛି। ନୂଆ କର୍ମକର୍ତ୍ତା ନିର୍ବାଚିତ ନ ହେବା ପର୍ଯ୍ୟନ୍ତ ସିଏସି ଅକାମି ହୋଇ ରହିବ। ତେଣୁ ଏହି ପରିସ୍ଥିତିରେ ସିଓଏ ଦାୟିତ୍ୱ ନିର୍ବାହ କରିବ। ଯଦି ଏକ ବୈଠକ ହୁଏ ତେବେ ଚୟନ କମିଟି ମୁଖ୍ୟ ଏମ୍‌ଏସ୍‌କେ ପ୍ରସାଦଙ୍କ ମତାମତ ମଧ୍ୟ ନିଆଯିବ। ଦେଶ ହେଉ ଅବା ବିଦେଶରେ କୌଣସି ସିରିଜ ଶେଷରେ ଦଳର ମ୍ୟାନେଜରକୁ ରିପୋର୍ଟ ଉପସ୍ଥାପନ କରିବାକୁ ହୋଇଥାଏ। ଏହି ପରମ୍ପରା ୩ ଦଶନ୍ଧିର ଅଧିକ ସମୟ ଧରି ପ୍ରଚଳିତ ହୋଇ ଆସୁଛି। କିନ୍ତୁ କୋଚ୍‌ଙ୍କୁ କେବେ ରିପୋର୍ଟ ଦେବାକୁ ପଡ଼ି ନ ଥାଏ। ସୁନିଲ ସୁବ୍ରମଣ୍ୟମ ବର୍ତ୍ତମାନ ଭାରତୀୟ କ୍ରିକେଟ ଦଳର ମ୍ୟାନେଜର ଅଛନ୍ତି। ପ୍ରଶାସନିକ କାର୍ଯ୍ୟ ବ୍ୟତୀତ ସେ ଖେଳାଳିଙ୍କ ପ୍ରଦର୍ଶନ ଉପରେ କିଛି କହିପାରିବେ ନାହିଁ। ଖାଦ୍ୟପେୟ, ଗମନାଗମନ ସୁବିଧା ଓ ପ୍ରାକ୍ଟିସ କଣ୍ଡିଶନ ଆଦି ପ୍ରସଙ୍ଗ ମଧ୍ୟ ତାଙ୍କ କାର୍ଯ୍ୟର ପରିସରଭୁକ୍ତ। ଏହା ବ୍ୟତୀତ ସୁନୀଲଙ୍କୁ ଅନ୍ୟ କୌଣସି ବିଷୟରେ ରିପୋର୍ଟ ଦେବାକୁ ବାଧ୍ୟ କରାଯାଇ ପାରିବ ନାହିଁ। କ୍ରିକେଟିଂ ଫିଡ୍‌ବ୍ୟାକ୍ ଶାସ୍ତ୍ରୀ, କୋହଲି କିମ୍ବା ଏମଏସ୍‌କେ ପ୍ରସାଦ ଦେଇ ପାରିବେ। ଗ୍ରେଗ୍ ଚାପେଲଙ୍କ ପରେ ଭାରତୀୟ ଦଳର କୌଣସି କୋଚ୍ ବିଦେଶ ସିରିଜ ପରେ ଲିଖିତ ଭାବେ ବିସିସିଆଇକୁ ପ୍ରଦର୍ଶନ ସମୀକ୍ଷା ରିପୋର୍ଟ ଦେଇ ନାହାନ୍ତି। ବୋର୍ଡର ସମ୍ପାଦକ ଅବା ସଭାପତିଙ୍କ ସହିତ କୋଚ୍ ଅବା ଅଧିନାୟକଙ୍କ ମଧ୍ୟରେ ସିରିଜରେ ପ୍ରଦର୍ଶନ ସମ୍ପର୍କରେ ଆଲୋଚନା ହୋଇଥାଏ। ବର୍ତ୍ତମାନ ପରିସ୍ଥିତିରେ କାର୍ଯ୍ୟକାରୀ ସଭାପତି ସିକେ ଖାନ୍ନାଙ୍କୁ ଏଭଳି କୌଣସି ଦାୟିତ୍ୱ ଦିଆଯାଇ ନାହିଁ। ପ୍ରଶାସକ କମିଟି କାର୍ଯ୍ୟକାରୀ ସମ୍ପାଦକ ଅମିତାଭ ଚୌଧାରୀଙ୍କ କ୍ଷମତାକୁ ସଙ୍କୁଚିତ କରିଦେଇଛି।

# ସନ୍‌ସାଇନ୍, ୟଙ୍ଗ ଉତ୍କଳ ବିଜୟୀ

କଟକ ଅଫିସ,୯।୯

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ରବିବାର ୨ଟି ମ୍ୟାଚ୍ ଖେଳାଯାଇଛି। ଏଥିରେ ସନ୍‌ସାଇନ୍ କ୍ଲବ ଓ ୟଙ୍ଗ ଉତ୍କଳ କ୍ଲବ ବିଜୟୀ ହୋଇଛନ୍ତି। ସନ୍‌ସାଇନ୍ କ୍ଲବ ୨-୦ ଗୋଲରେ ଲାଲବାଗ କ୍ଲବକୁ ପରାସ୍ତ କରିଥିଲା । ଦଳ ପକ୍ଷରୁ ଅନିଲ ସାମଲ ୩୩ତମ ମିନିଟରେ ଓ ପିଣ୍ଟୁ ସାମଲ ୫୨ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ରାଇଜିଂ ଷ୍ଟାର କ୍ଲବକୁ ୩-୧ ଗୋଲରେ ହରାଇଥିଲା ୟଙ୍ଗ ଉତ୍କଳ କ୍ଲବ । ମ୍ୟାଚ୍‌ର ୨ୟ ମିନିଟରେ ରାଇଜିଂ ଷ୍ଟାର ପକ୍ଷରୁ ରଜକ ନାଗ ପ୍ରଥମ ଗୋଲ ଦେଇଥିଲେ। ପରେ ୟଙ୍ଗ ଉତ୍କଳ କ୍ଲବ ପକ୍ଷରୁ ୧୦ମ ମିନିଟରେ କୃଷ୍ଣ ଦାସ, ୩୫ତମ ମିନିଟରେ ତପନ ସିଂ ଓ ୩୭ତମ ମିନିଟରେ ଦୀନବନ୍ଧୁ ଦାସ ଗୋଲ ଦେଇ ପ୍ରଥମାର୍ଦ୍ଧର ସ୍କୋରକୁ ୩-୧ରେ ପହଞ୍ଚାଇଥିଲେ। ଦ୍ୱିତୀୟାର୍ଦ୍ଧରେ କୌଣସି ଗୋଲ ନ ହେବା ଯୋଗୁ ୟଙ୍ଗ ଉତ୍କଳ କ୍ଲବ ବିଜୟୀ ହୋଇଥିଲା ।

# କଲେଜ ସାଥୀ ଚାରୁଙ୍କ ହାତ ଧରିବେ ସାମସନ

ନୂଆଦିଲ୍ଲୀ, ୯।୯

ଭାରତୀୟ ଦଳର ଯୁବ ଉଇକେଟ୍‌କିପର ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ କଲେଜ ସମୟର ବାନ୍ଧବୀ ଚାରୁଙ୍କ ସହ ଥିବା ପ୍ରେମ ସମ୍ପର୍କକୁ ନେଇ ରବିବାର ସର୍ବସାଧାରଣରେ ପ୍ରକାଶ କରିଛନ୍ତି। ଏପରିକି ଆସନ୍ତା ଡିସେମ୍ବର ୨୨ରେ ଉଭୟ ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି ବୋଲି ୨୩ ବର୍ଷୀୟ କେରଳ କ୍ରିକେଟର ସାମସନ ସୋସିଆଲ ମିଡିଆ ଫେସବୁକ୍‌ରେ ପ୍ରକାଶ କରିଛନ୍ତି। ଚାରୁଙ୍କ ସହ ଏକାଠି ବସିଥିବାର ଏକ ଫଟୋକୁ ସାମସନ ନିଜ ଫେସବୁକ୍ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ଯେଉଁଥିରେ ସେ ୨୨ ଅଗଷ୍ଟ ୨୦୧୩ରୁ ଚାରୁଙ୍କ ସହ ତାଙ୍କର ସମ୍ପର୍କ ସ୍ଥାପନ ହୋଇଥିବା ଉଲ୍ଲେଖ କରିଛନ୍ତି। 'ଦୀର୍ଘ ୫ବର୍ଷ ହେଲା ମୁଁ ଏହି ସମୟକୁ ଅପେକ୍ଷା କରିଥିଲି। ଚାରୁଙ୍କ ସହ ଏକ ଫଟୋ ଛାଡ଼ି ପୁରା ବିଶ୍ୱକୁ ଜଣାଇ ଦେବାକୁ ଚାହୁଁଥିଲି କି ଏହି ସ୍ୱତନ୍ତ୍ର ଝିଅ ସହ ମୋ ପ୍ରେମ ସମ୍ପର୍କ ରହିଛି' ବୋଲି ସାମସନ ଏହି ଫଟୋ ତଳେ କ୍ୟାପସନରେ ଲେଖିଛନ୍ତି। 'ଆମେ ଉଭୟ ସମୟ ଅତିବାହିତ କରିଥିଲେ ମଧ୍ୟ କେବେ ଏକାଠି ସର୍ବସାଧାରଣରେ କୁଆଡ଼େ ଯାଇ ନ ଥିଲୁ। କିନ୍ତୁ ଉଭୟ ପରିବାର ବିବାହ ନେଇ ସହମତି ପ୍ରକାଶ କରିସାରିଥିବାରୁ ଖୁସି ଅନୁଭବ କରୁଛୁ' ବୋଲି ଏହି ଡାହାଣହାତୀ ବ୍ୟାଟ୍ସମ୍ୟାନ କହିଛନ୍ତି।





ୟୁନିଲାଇଟ୍ କପ୍ ଆନ୍ତଃ ସ୍କୁଲ ଫୁଟବଲ ଚାମ୍ପିୟନ କିସ୍ ଦଳ ।

# କିସ୍ ଚାମ୍ପିୟନ

ଭୁବନେଶ୍ୱର, ୯।୯(କ୍ରୀଡ଼ା ପ୍ରତିନିଧି)

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ କିସ୍ ସ୍କୁଲ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ କିସ୍ ୧-୦ ଗୋଲରେ ସୈନିକ ସ୍କୁଲକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଯଦୁନାଥ ହାଁସଦା ମ୍ୟାଚର ୧୫ତମ ମିନିଟରେ ଏକମାତ୍ର ଗୋଲଟି ଦେଇଥିଲେ। ବିଧାୟକ ବିଜୟ ମହାନ୍ତି, ଅନୁଗୋଳ-ସୁକିନ୍ଦା ରେଲୱେର ବରିଷ୍ଠ ଅଧିକାରୀ ଦିଲୀପ କୁମାର ସାମନ୍ତରାୟ, ପ୍ରାୟୋଜକ ୟୁନିଲାଇଟ୍‌ର ବରିଷ୍ଠ ଅଧିକାରୀ ସତ୍ୟଜିତ ମହାନ୍ତି, ନବରଞ୍ଜନ ପଟ୍ଟନାୟକ, ପ୍ରିୟନାଥ ମିଶ୍ର, ପ୍ରଣବ କିଶୋର ସ୍ୱାଇଁ, ଅମିୟକାନ୍ତ ମିଶ୍ର, ନରେନ୍ଦ୍ର ସେଠୀ, କ୍ଲବର ସଭାପତି ତପନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଜଗନ୍ନାଥ ସୋରେନ ମ୍ୟାନ ଅଫ ଦି ଫାଇନାଲ ବିବେଚିତ ହୋଇଥିଲେ। ଦେବା ବେଶରା ଶ୍ରେଷ୍ଠ ଗୋଲକିପର, ରବି କୁମାର ଶ୍ରେଷ୍ଠ ଡିଫେଣ୍ଡ, ଶ୍ରେଷ୍ଠ ହାଫ୍ ଶିଭମ୍ ରାଜ, ଶ୍ରେଷ୍ଠ ଫରୱାର୍ଡ କୁନାରାମ ସୋରେନ ଏବଂ ଯଦୁନାଥ ସୋରେନ ପ୍ଲେୟର ଅଫ ଦି ଟୁର୍ନାମେଣ୍ଟ ପୁରସ୍କାର ପାଇଥିଲେ।

ଉପ–ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡ଼

SHORT QUOTATION CALL NOTICE

No. 4968 / No. 4972 / No. 4976 of Dtd.31.08.2018

୧୪୦–ରାୟଗଡ଼ା (ସଂ) ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ, ୨୦୧୯ ଲୋକସଭା ଓ ବିଧାନସଭା ସାଧାରଣ ନିର୍ବାଚନରେ ପୋଲିଂ ବୁଥମାନଙ୍କରେ ଏବଂ ଉପ–ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବ୍ୟବହୃତ ହେବାକୁ ଥିବା ଜିନିଷଗୁଡ଼ିକ କ୍ରୟ ନିମନ୍ତେ ଇଚ୍ଛୁକ ସଂସ୍ଥାମାନଙ୍କଠାରୁ ସିଲ୍ କୋଟେସନ୍ ଆହ୍ୱାନ କରାଯାଉଅଛି। ଏ ସମ୍ବନ୍ଧରେ ସବିଶେଷ ବିବରଣୀ ଓ ଆବେଦନ ଫର୍ମ ଜିଲ୍ଲା ୱେବ୍‌ସାଇଟ (www.rayagada.nic.in) ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ଏବଂ ଉପ–ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଅଦ୍ୟ ଦିବସଠାରୁ ଉପଲବ୍ଧ ଅଟେ। ଇଚ୍ଛୁକ ସଂସ୍ଥା ଏହି ବିବରଣୀ ପ୍ରାପ୍ତକରି ତା୩୧।୦୮।୨୦୧୮ଠାରୁ ତା୧୭।୦୯।୨୦୧୮ରିଖ ଅପରାହ୍ନ ଦିବା ୪ଘଟିକା ପୂର୍ବରୁ କେବଳ ରେଜିଷ୍ଟର୍ଡ ପୋଷ୍ଟ (Registered Post) / ସ୍ପିଡ୍ ପୋଷ୍ଟ (Speed Post) ମାଧ୍ୟମରେ ଆବେଦନ କରିପାରିବେ। ଆବେଦନ ଗ୍ରହଣର ଶେଷ ତାରିଖ ୧୭।୦୯।୨୦୧୮ ଅପରାହ୍ନ ୪ ଘଟିକା।

ସ୍ୱା./– ଉପ–ଜିଲ୍ଲାପାଳ, ରାୟଗଡ଼

OFFICE OF THE EXECUTIVE ENGINEER
RWS & S DIVISION, BARGARH
Email :- eerwss_bgh@.nic.in, Ph (O):-06646 233220, FAX :- 06646 234626
No. 2568 Dt.1.9.2018

GOVERNMENT OF ODISHA “e” PROCUREMENT NOTICE

Bid Identification No 05 Dt 01.09.2018 of 2018-19

No.728-O: The Executive Engineer, RWS&S Division, Bargarh on behalf of the Governor of Odisha invites tenders from the valid licensed holder contractors of class C or B & 'B 'or 'A' registered with any department of State Government or equivalent class of Central Govt.etc. to be eventually drawn up in G2 Contract form as per terms and condition noted below.

1. Name of the work :- Execution of different RPW/S schemes under Bargarh District – 06 Nos.
2. Approx. Estimated cost :- Varies from Rs 30.71 lakh to 88.28 lakh
3. Date and time of availability of document in the portal :- Dt 12.9.18 to Dt 28.09.2018 upto 5.00 P.M
4. Last date/ time for receipt of bids in the portal :- Dt 28.09.2018 up to 5.00 P.M
5. Date & time of Opening of Tender :- Dt 29.09.2018 at 11.00 A.M.
6. Name and address of the Officer Inviting Bid :- Executive Engineer, RWS&S Division, Bargarh, District :- Bargarh

Further details can be seen from the e-procurement portal **“http//tendersorissa.gov.in”**.

The authority reserves the right to reject any or all the tenders without assigning any reason thereof.

**Executive Engineer,**
**RWS&S Division, Bargarh**

25157/11/0016/1819

DSPL-151

NATIONAL HEALTH MISSION

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ
ଭାରତ ସରକାର

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର

ମିଶନ୍ ଇନ୍ଦ୍ରଧନୁଷ୍ କାର୍ଯ୍ୟକ୍ରମ



ସମ୍ପୂର୍ଣ୍ଣ ଟୀକାକରଣ

ପ୍ରତ୍ୟେକ ଶିଶୁର ଅଧିକାର, ସୁସ୍ଥ ଜୀବନର ଆଧାର

- କୌଣସି କାରଣରୁ ଆଦୌ ଟୀକା ନେଇନଥିବା କିମ୍ବା ସମ୍ପୂର୍ଣ୍ଣ ଟୀକାକରଣ ନହୋଇ ଅଧାରୁ ଟୀକାନେବା ବନ୍ଦ କରିଥିବା ଶିଶୁମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ ।
- ଆମ ରାଜ୍ୟରେ ଏହି କାର୍ଯ୍ୟକ୍ରମ ବଲାଙ୍ଗୀର,ଢେଙ୍କାନାଳ,ଗଜପତି,କଳାହାଣ୍ଡି,କନ୍ଧମାଳ, କୋରାପୁଟ,ମାଲକାନାଗିରି,ନୂଆପଡା,ନବରଙ୍ଗପୁର ଓ ରାୟଗଡା ଜିଲ୍ଲାରେ ଚଳିତ ବର୍ଷ ଜୁଲାଇ ଠାରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ୩ଟି ପର୍ଯ୍ୟାୟରେ ଚାଲୁ ରହିଛି ।

୩ୟ ପର୍ଯ୍ୟାୟ ମିଶନ୍ ଇନ୍ଦ୍ରଧନୁଷ୍ କାର୍ଯ୍ୟକ୍ରମ:
ଚଳିତ ସେପ୍ଟେମ୍ବର ମାସ ୧୦ ତାରିଖରୁ
୨୨ ତାରିଖ ପର୍ଯ୍ୟନ୍ତ ।

10003/13/0076/1819

ଅଧିକ ସୂଚନା ପାଇଁ ଆଶା, ଅଙ୍ଗନୱାଡିକର୍ମୀ କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ଯୋଗାଯୋଗ କରନ୍ତୁ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

Facebook.com http://www.health.odisha.gov.in HFWOdisha

ଧରିତ୍ରୀ
DHARITRI



**ସଂକ୍ଷେପରେ**

## ଓଡ଼ିଶା ଅମଲା ସଂଘର ଜିଲା ସମ୍ମିଳନୀ



**କେନ୍ଦ୍ରାପଡା ଅଫିସ, ୯।୯:**

ଓଡ଼ିଶା ଅମଲା ସଂଘର କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ସହର ନିକଟ ଗରାପୁରସ୍ଥିତ ଏକ କଲ୍ୟାଣ ମଣ୍ଡପରେ ବାର୍ଷିକ ଜିଲା ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ଅମଲା ସଂଘ ସଭାପତି ଶତ୍ରୁଘ୍ନ ପାଣିଗ୍ରାହୀ ଅଧକ୍ଷତା କରିଥିଲେ। ସମ୍ମିଳନୀରେ ଜିଲାସ୍ତରୀୟ ୩୨ଟି ବିଭାଗର ପରିବର୍ତ୍ତନ ଓ ପୁନର୍ଗଠନ ପାଇଁ ସଂଘ ପକ୍ଷରୁ କରାଯାଇଥିବା ଦାବିକୁ ରାଜ୍ୟ ସରକାର ଗ୍ରହଣ କରି ନେଇଥିବାରୁ ଖୁସି ପ୍ରକଟ କରାଯାଇଥିଲା। ଏଥିସହିତ ଠିକାନିଯୁକ୍ତି ଉଚ୍ଛେଦ, ନୂତନ ପଦବୀ ସୃଷ୍ଟି, ଆର୍ଥିକ ସହଯୋଗ, ଆରଏସିପି ଓ ଏମଏସିପି ମଧ୍ୟରେ ଥିବା ବୈଷମ୍ୟ ଦୂରୀକରଣ, ଘରଭଡ଼ା ଦେୟକୁ ସପ୍ତମ ବେତନ କମିଶନ ଅନୁଯାୟୀ ଲାଗୁ କରିବା ଦାବିଗୁଡିକ ଉତ୍‌ଥାପନ କରା ଯାଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ଏମ୍‌ପି ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡ଼ା ବିଧାୟକ କିଶୋର ଚନ୍ଦ୍ର ତରାଇ, ଜିଲା ପରିଷଦ ଅଧକ୍ଷ ମାନସରଞ୍ଜନ ପରିଡ଼ା ଯୋଗ ଦେଇ ଦାବିଗୁଡ଼ିକ ସମ୍ପର୍କରେ ଆଗାମୀ ଦାବିର ସମୀକ୍ଷା କାରାଯିବ ବୋଲି ପ୍ରକାଶ କରିଥିଲେ। ସମ୍ମିଳନୀରେ ସଂଘ କାର୍ଯ୍ୟକର୍ତ୍ତା ବ୍ରଜକିଶୋର ନନ୍ଦ, ଜ୍ୟୋତିରଞ୍ଜନ ପଟ୍ଟନାୟକ, ପ୍ରସନ୍ନ କୁମାର ତ୍ରିପାଠୀ, ଜ୍ଞାନରଞ୍ଜନ ଦାସ, ଚିତ୍ତରଞ୍ଜନ ତରାସିଆ, ବୀରେନ କୁମାର ପାତ୍ର, ଫଣିଭୂଷଣ ବୈଦ୍ୟ ଓ ରାଜ୍ୟର ସମସ୍ତ ଜିଲା ସଭାପତି ବକ୍ତବ୍ୟ ରଖିଥିଲେ।

# ପାଣି ଛାଡ଼ିବା ପରେ ବ୍ୟାପୁଛି ଝାଡ଼ାବାନ୍ତି



ଚାଷଜମିରୁ ଜଳନିଷ୍କାସନ ପାଇଁ କେନ୍ଦ୍ରାପଡା ବ୍ଲକ ଓସ୍ତପୁରଠାରେ ଗ୍ରାମବାସୀଙ୍କ ରାସ୍ତାରୋକୋ।

**ଲଘୁଚାପ ବର୍ଷାଜନିତ କ୍ଷତି**

- ୭ଟି ବ୍ଲକର ୧୧, ୭୪୨ ହେକ୍ଟର ଜମିରେ ପାଣି
- ଏବେ ବି ୨୦୨ ପଞ୍ଚାୟତବାସୀ ଜଳବନ୍ଦୀ
- ପାନୀୟ ଜଳ, ଗମନାଗମନ ଓ ବିଦ୍ୟୁତ୍ ସେବା ଅଚଳ

**କେନ୍ଦ୍ରାପଡ଼ା ଅଫିସ, ୯।୯**

ଗତ ଲଘୁଚାପ ଜନିତ ବର୍ଷା କେନ୍ଦ୍ରାପଡା ଜିଲାରେ ବ୍ୟାପକ କ୍ଷତି ଘଟାଇଛି। ଏବେ ବି ୨୦୨ ପଞ୍ଚାୟତ ୭୧୦ ଗ୍ରାମରେ ୪ଲକ୍ଷ ୨୦ ହଜାର ଲୋକ ଜଳବନ୍ଦୀ ରହିଛନ୍ତି। ଏହି ବିପ୍ଳାତ ଯୋଗୁ ଜିଲାର ୩୭୭ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ୩୪୭୯ ଘର ଆଂଶିକ ଭାଙ୍ଗିଛି। ବର୍ଷା ଜଳ ଚାଷ ଜମିରୁ ନିଷ୍କାସନ ହୋଇପାରୁ ନଥିବା ଦର୍ଶାଇ କେନ୍ଦ୍ରାପଡା ବ୍ଲକର ଓସ୍ତପୁର, ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ସ୍ଥାନରେ ରାସ୍ତାରୋକୋ ହୋଇଛି। ଅଦ୍ୟାବଧି ଗରଦପୁର ଓ ଡେରାବିଶ ବ୍ଲକ ପ୍ରଶାସନ ନିକଟରୁ ଖରିଫ ଚାଷ କ୍ଷତି ଆକଳନ ହୋଇ ପାରି ନଥିବା ବେଳେ ଅନ୍ୟ ୭ଟି ବ୍ଲକ ଅଞ୍ଚଳରେ ଶନିବାର ସନ୍ଧ୍ୟା ସୁଦ୍ଧା ମୋଟ ୧୧, ୭୪୨ ହେକ୍ଟର ଜମି ଜଳବନ୍ଦୀ ଥିବା ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ ପ୍ରସ୍ତୁତ ରିପୋର୍ଟରୁ ଜଣାପଡ଼ିଛି। ଅପରପକ୍ଷରେ ବର୍ଷା ଓ ବନ୍ୟା ଜଳ ବନ୍ଦୀରେ ଥିବା ଗ୍ରାମଗୁଡିକରେ ପରିମଳ ବ୍ୟବସ୍ଥା ବିଗିଡିବାରେ ଲାଗିଛି। ବନ୍ୟା ଜଳ ଭର୍ତ୍ତି ହୋଇ ରହିଥିବାରୁ ପଟ୍ଟାମୁଣ୍ଡାଇ ବ୍ଲକର ସିଂହଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଥିବା ବେଳେ ଏଠାରେ ଝାଡ଼ାବାନ୍ତି ଆରମ୍ଭ ହୋଇଥିବା ପୂର୍ବତନ ସରପଞ୍ଚ ନିର୍ମଳ ଯେନା ଜିଲା ସ୍ୱାସ୍ଥ୍ୟ ବିଭାଗକୁ ସୂଚନା ଦେଇଛନ୍ତି।

ସେହିପରି ମହାକାଳପଡ଼ା, ଆଳି, ରାଜନଗର, ରାଜକନିକା ବ୍ଲକ ଅଞ୍ଚଳରେ ପାନୀୟ ଜଳ, ଗମନାଗମନ ଓ ବିଦ୍ୟୁତ୍ ବ୍ୟବସ୍ଥା ବିଭିନ୍ନ ସ୍ଥାନରେ ଅଚଳ ହୋଇଛି। ଅପରପକ୍ଷରେ ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରବୋଧ କୁମାର ରାଉତ ସୂଚନା ଦେଇଛନ୍ତି ଯେ, ବଡ ଧରଣର ବନ୍ୟା ଆଶଙ୍କା ନାହିଁ। ତେବେ ଅମାବାସ୍ୟା ତିଥି ପାଇଁ ଜୁଆର ଥିବାରୁ ସମୁଦ୍ର ଗର୍ଭକୁ ଏବେ ନଦୀ ପାଣି ଯାଇ ପାରୁନାହିଁ। ଆଗାମୀ ଦିନେ କିମ୍ବା ୨ ଦିନ ମଧ୍ୟରେ ନଦୀ ପାଣି ସମୁଦ୍ରକୁ ନିଷ୍କାସିତ ହୋଇଯିବ। ମହାକାଳପଡ଼ା, ରାଜନଗର, ଗରଦପୁର ବ୍ଲକ ଅଞ୍ଚଳରେ ଗମନାଗମନ ପଥରେ ବର୍ଷାଜଳ ଥିବାରୁ ସ୍ଥାନୀୟ ଅଧିବାସୀଙ୍କ ଯାତାୟତ ଅସୁବିଧା ଥିବା ଉପ ଜିଲାପାଳ ସଞ୍ଜୟ କୁମାର ମିଶ୍ର ସୂଚନା ଦେଇଛନ୍ତି।

## ଜିଲା ଜିଓଟ୍ୟାଗିଂ କର୍ମଚାରୀ ସଂଘର ବୈଠକ

**କେନ୍ଦ୍ରାପଡ଼ା ଅଫିସ, ୯।୯**

ସହରର ଗରାପୁରସ୍ଥିତ ଶ୍ରୀ ଗୋପାଳଜୀଉ ମନ୍ଦିର ପରିସରରେ କେନ୍ଦ୍ରାପଡା ଜିଲା ଜିଓଟ୍ୟାଗିଂ ସଂଘର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଗଣେଶ୍ୱର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଦସ୍ୟଙ୍କ ବିଭିନ୍ନ ସମସ୍ୟା, ୬ଟି ଦାବି ଓ ଆସନ୍ତା ୧୧ ତାରିଖ ଆନ୍ଦୋଳନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ସଂଘ କାର୍ଯ୍ୟକର୍ତ୍ତା ହେମନ୍ତ କୁମାର ମହାପାତ୍ର, ବିଶ୍ୱପ୍ରତାପ ମହାରଣା, ପ୍ରମିଳା ବାରିକ, ପର୍ଶୁରାମ ମଲ୍ଲିକ, ଓମ୍‌ପ୍ରକାଶ ପାତ୍ର, ଦେବେନ୍ଦ୍ର କୁମାର ସାହୁ ଯୋଗ ଦେଇଥିଲେ। ସେମାନେ କର୍ମଚାରୀଙ୍କ ମାସିକ ବେତନପ୍ରଦାନ, ନିଯୁକ୍ତିପତ୍ର ପାଇବା, ପଞ୍ଚାୟତସ୍ତରୀୟ ପଦବୀରେ ନିଯୁକ୍ତି, ଟ୍ୟାଗିଂ ଅଫିସର ମାନ୍ୟତା, ବକେୟା ରାଶି ପ୍ରଦାନ ଭଳି ଦାବିକୁ ଅଗ୍ରାଧିକାର ଦେଇଥିଲେ। ଏଥିସହ ଆସନ୍ତା ୧୧ତାରିଖରେ ବିଧାନସଭା ସମ୍ମୁଖରେ ଆନ୍ଦୋଳନ ସମ୍ପର୍କରେ ଯୋଜନା ପ୍ରସ୍ତୁତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋପୀନାଥ ରାଉତ, ଶଶାଙ୍କ ଶେଖର ପରିଡ଼ା, ସତ୍ୟରଞ୍ଜନ ସାହୁ, ଚନ୍ଦ୍ର ଶେଖର ସାହୁ, ଦେବାଶିଷ ବାରିକ, ଦିଲ୍ଲୀପ କୁମାର ବେହେରା, ଗଣପତି ମଣ୍ଡଳ, ପ୍ରଦୀପ କୁମାର ପ୍ରଧାନ, ଅଶୋକ ମଣ୍ଡଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଡେଙ୍ଗୁରେ ଦୁଇ ଆକ୍ରାନ୍ତ

**ମାର୍ଶାଘାଇ,୯।୯(ଡିଏନଏ)**

ମାର୍ଶାଘାଇ ଥାନା ତଥା ମହାକାଳପଡା ବ୍ଲକ ଅନ୍ତର୍ଗତ ତେରଗାଁ ପଞ୍ଚାୟତର ଗୋପୀନାଥପୁର ଏବଂ ଜୟଚନ୍ଦ୍ରପୁର ପଞ୍ଚାୟତର ସାନଗାଁ ଗ୍ରାମରେ ୨ ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ପୂର୍ବରୁ ଗୋପୀନାଥପୁର ଗ୍ରାମରେ ୬ ଜଣ ଏବଂ ପରବର୍ତ୍ତୀ ସମୟରେ ଆଉ ଦୁଇଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇ ପାରାଦୀପ ଏବଂ କଟକରେ ଚିକିତ୍ସିତ ହୋଇଥିଲେ। ପୁଣି ଡେଙ୍ଗୁରେ ଆକ୍ରାନ୍ତ ଦୁଇ ଜଣ ହେଲେ ଗୋପୀନାଥପୁର ଗ୍ରାମର ସବିତା ପଣ୍ଡା(୫୬) ଏବଂ ସାନଗାଁ ଗ୍ରାମର ନିରଞ୍ଜନ ନାୟକ(୫୨)। ଉଭୟଙ୍କୁ ରବିବାର କଟକ ବଡ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

## ସଂକ୍ଷେପରେ

### ୨୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ମାଗଣା ଚିକିତ୍ସା

**ଯାଜପୁରରୋଡ,୯।୯(ନି.ପ୍ର.):** ବ୍ୟାସନଗର ପୌର ପରିଷଦର ୧୨ନଂ. ୱାର୍ଡ ଭଟିଆ ଗୋଷ୍ଠୀ ଉନ୍ନୟନ କେନ୍ଦ୍ରଠାରେ ରବିବାର ବିପ୍ଳବି ଯୁବ ପରିଷଦ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। କାଉନସିଲର ଉଷାରାଣି ସାମଲ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ମାଗଣା ଚିକିତ୍ସା କରାଯାଇଥିଲା। କଟକ ବଡ଼ ମେଡିକାଲର ଅର୍ଥୋପେଡିକ୍ ବିଶେଷଜ୍ଞ ଅଜିତ କୁମାର କର ଓ ମେଡିସିନ୍ ବିଶେଷଜ୍ଞ ବିଶ୍ୱଜିତ୍ କର ରୋଗୀଙ୍କୁ ପରୀକ୍ଷା କରିଥିଲେ। ପରେ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ବିପ୍ଳବି ଯୁବ ପରିଷଦ ସଦସ୍ୟ ତ୍ରିଲୋଚନ ଉପାଧ୍ୟାୟ, ହରିହର ଜେନା, ଦେବେନ୍ଦ୍ର ସାମଲ, ଚକ୍ରଧର ସାହୁ, ସୁଜିତ୍ କୁମାର ସାମଲ, ସରୋଜ ମହାନ୍ତି, ଆଦିତ୍ୟ ମାଝି, ସନାତନ ମାଝି, ପ୍ରମୋଦ ଜେନା, ପ୍ରତାପ ନାୟକ, ସୁଧାଂଶୁ ମହାପାତ୍ର ପ୍ରମୁଖ ଯୋଗଦେଇ ଶିବିର ପରିଚାଳନା କରିଥିଲେ।

### ସ୍ୱଚ୍ଛ ଭାରତ ଯୋଜନା ଦିଗହରା

**ଛତିଆ,୯।୯(ଡି.ଏନ୍.ଏ):** ସରକାର ସ୍ୱଚ୍ଛ ଭାରତ ଯୋଜନାରେ ବହୁ ଅର୍ଥ ବ୍ୟୟ କରୁଛନ୍ତି। ରାଜନୈତିକ ହସ୍ତକ୍ଷେପ ଯୋଗୁ ଜନସାଧାରଣ ପାଇଖାନା କାର୍ଯ୍ୟାଦେଶ ପାଇବାରୁ ବଞ୍ଚିତ ହେଉଛନ୍ତି। ଫଳରେ ଖୋଲାରେ ଶୌଚ ହେବା ଦ୍ୱାରା ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହା ଦେଖିବାକୁ ମିଳିଛି ବଡଚଣା ବ୍ଲକ ଛତିଆ ପଞ୍ଚାୟତରେ। ବଡଚଣା ବ୍ଲକ ଅଧୀନ ଇଚ୍ଛାନଗର ପାଟଣା, ନୟାପାଟଣା, ଅମରାବତୀ ପାଟଣା, କମ୍ପାନୀ ବଜାର, ଏକଡାଲିଆ, ଛତିଆ ଆଦି ଗ୍ରାମର ଅଧିକାଂଶ ପରିବାରରେ ପାଇଖାନା ନାହିଁ । ଏ ନେଇ ଲୋକେ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ବିଭାଗୀୟ ଅଧିକାରୀ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ଦାବି କରିଛନ୍ତି।

■ ଖଣି ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

# ଟ୍ରକ୍ ଯୋଗେ କଲେଜ ଯାଉଛନ୍ତି ଛାତ୍ରୀଛାତ୍ର

■ ୮୦ କିମି ଦୂର କଲେଜ ଉପରେ ନିର୍ଭରଶୀଳ ଛାତ୍ରୀଛାତ୍ର

■ କଲେଜ ଯିବାକୁ ନାହିଁ ବସ୍ ସୁବିଧା



କଲେଜ ଯିବାପଇଁ ବସ୍‌କୁ ଅପେକ୍ଷା କରିଥିବା ଛାତ୍ରୀମାନେ।

**କାଳିଆପାଣି, ୯।୯(ଡି.ଏନ୍.ଏ)**

ସ୍ୱାଧୀନତାର ବହୁ ବର୍ଷ ପରେ ମଧ୍ୟ ସୁକିନ୍ଦାର ରତ୍ନଗର୍ଭା ସୌରିକ ଅଞ୍ଚଳ ଶିକ୍ଷାକ୍ଷେତ୍ରରେ ଅବହେଳିତ ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅଞ୍ଚଳର ବିକାଶ ନିମନ୍ତେ କେନ୍ଦ୍ର ସରକାରଙ୍କ ପରାମର୍ଶକ୍ରମେ ଜିଲା ଖଣିଜ ପାଣ୍ଠି ଗଠନ କରାଯାଇଛି। ଖଣି ମାଲିକଙ୍କ ଲାଭାଂଶରୁ ୫ ପ୍ରତିଶତ ଜିଲା ଖଣିଜ ପାଣ୍ଠିରେ ଦାଖଲ କରିବାକୁ ନିୟମ ରହିଛି। ବର୍ତ୍ତମାନ ସୁଦ୍ଧା ଖଣିଜ ପାଣ୍ଠିରେ ୮୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ଜିଲା ତହବିଲରେ ପଡ଼ିରହିଛି। ଏହି ଅର୍ଥ ଖଣି ଅଞ୍ଚଳର ୧୦ କିମି ବ୍ୟାସାର୍ଦ୍ଧରେ ପ୍ରଭାବିତ ଗ୍ରାମଗୁଡ଼ିକର ବିକାଶ ଓ ଉନ୍ନୟନମୂଳକ କାର୍ଯ୍ୟ କରିବାକୁ ଉଦ୍ଦିଷ୍ଟ ରହିଥିବାବେଳେ ଆଦିବାସୀ ଅନୁନ୍ନତ ସୌରିକ ଅଞ୍ଚଳରେ ତାହା ପରିଲିକ୍ଷିତ ହୋଇ ପାରୁ ନାହିଁ। ଫଳରେ ଶିକ୍ଷା ବ୍ୟବସ୍ଥାକୁ ନେଇ ଖଣି ଅଞ୍ଚଳର ଛାତ୍ରୀଛାତ୍ରମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି।

ଖଣି ଅଞ୍ଚଳରେ କାର୍ଯ୍ୟ କରୁଥିବା କମ୍ପାନୀ ଟାଟା ଅଞ୍ଚଳର ଜନସାଧାରଣଙ୍କ ଶିକ୍ଷାର ଆବଶ୍ୟତାକୁ ଅନୁଭବ କରି ନିଜ କଲୋନୀ ପରିସରରେ ୧୯୯୮ ମସିହାରେ ଏକ ଯୁକ୍ତ ଦୁଇ କଲେଜ ପ୍ରତିଷ୍ଠା କରିଛି। ଦୁଇ ବର୍ଷ ହେବ କଲେଜରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବଢ଼ିବାରୁ ରାଜନୈତିକ ଛକାପଞ୍ଝା କାରଣରୁ କଲେଜଟିକୁ ବନ୍ଦ କରିଦିଆଯାଇଛି। ଫଳରେ ଅଞ୍ଚଳରେ ପାଠପଢୁଥିବା ପିଲାମାନେ ୭୦ରୁ ୮୦ କିମି ଦୂରରେ ଥିବା କଲେଜକୁ ଯାଉଛନ୍ତି, ଯାହା ସମସ୍ତଙ୍କ ପକ୍ଷରେ ସମ୍ଭବ ନୁହେଁ। ଅପରପଟେ ଖଣି ଅଞ୍ଚଳରେ ବସ୍ ସେବାର ସୁବିଧା ନ ଥିବାରୁ ବେଳେବେଳେ ଛାତ୍ରୀଛାତ୍ର ବାଧ୍ୟ ହୋଇ ଖଣି ଅଞ୍ଚଳରେ ଯାତାୟତ କରୁଥିବା ଟ୍ରକ୍‌ରେ ମଧ୍ୟ ଯିବାକୁ ପଡୁଥିବା କହିଛନ୍ତି। ବନ୍ଦ ରହିଥିବା କଲେଜର ପଚନର୍ବାର ପ୍ରତିଷ୍ଠା ପାଇଁ ଖଣି ଅଞ୍ଚଳର କେତେକ ବୁଦ୍ଧଜୀବୀ ଚେଷ୍ଟା କରିଥିଲେ। ସେତେବେଳେ ଖଣି ଅଞ୍ଚଳରେ କାର୍ଯ୍ୟ କରୁଥିବା କମ୍ପାନୀ ପ୍ରତିନିଧି, ଖଣି ଅଞ୍ଚଳର ବୁଦ୍ଧିଜୀବୀମାନେ ବାରମ୍ବାର ବୈଠକ ପରେ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ ପ୍ରତିଷ୍ଠା କରିବାକୁ କମ୍ପାନୀମାନେ ପ୍ରତିଶ୍ରୁତି ଦେଇଥିଲେ। ରାଜନୈତିକ ଓ ପ୍ରଶାସନର ଇଚ୍ଛା ଶକ୍ତି ଅଭାବରୁ ଏ ପର୍ଯ୍ୟନ୍ତ କଲେଜ ପ୍ରତିଷ୍ଠା ହୋଇ ପାରି ନ ଥିବା ବୁଦ୍ଧିଜୀବୀ ମତ ଦେଇଛନ୍ତି। ଖଣିଜପାଣ୍ଠିରେ ଗଚ୍ଛିତ ଅର୍ଥ ଖଣି ଅଞ୍ଚଳରେ ଶିକ୍ଷାକ୍ଷେତ୍ରରେ ବିନିଯୋଗ ହୋଇ ନ ପାରିବାରୁ ଶିକ୍ଷାଗ୍ରହଣ କରିବାକୁ କଲେଜ ଛାତ୍ରୀଛାତ୍ର ଦୂର ଦୂରାନ୍ତକୁ ଯାଉଥିବାରୁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଚିଙ୍ଗୁଡ଼ିପାଳ, କଂସ, କାଳିଆପାଣି, ରାସୋଳ ପଞ୍ଚାୟତରୁ ସୁକିନ୍ଦା, ହରିପୁର, ଚିତିରୀ କଲେଜ ୮୦ କିମି ଦୂର ହୋଇଥିବା ବେଳେ ଛାତ୍ରୀଛାତ୍ରମାନେ କଲେଜ ଓ ବେସରକାରୀ ବସ୍‌କୁ ଘଣ୍ଟାଘଣ୍ଟା ଅପେକ୍ଷା କରି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖଣି ଅଞ୍ଚଳରେ କଲେଜ ପ୍ରତିଷ୍ଠା ପାଇଁ ୨୦୧୬ରେ ଜିଲା ଖଣିଜ ପାଣ୍ଠି ପ୍ରଥମ ବୈଠକରେ ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ ଖଣି ଅଞ୍ଚଳରେ ଶିକ୍ଷାକୁ ପ୍ରାଥମିକତା ଦେଇ ତୁରନ୍ତ କଲେଜ ପ୍ରତିଷ୍ଠା କରିବା ସହ ୨୦୧୭ରୁ ଛାତ୍ରୀଛାତ୍ରଙ୍କୁ ଆଡ଼ମିଶନ କରିବାକୁ ଜିଲାପାଳଙ୍କ ଉପସ୍ଥିତରେ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ପ୍ରତିଶ୍ରୁତିକୁ ଦୁଇ ବର୍ଷ ବିତିଯାଇଛି। କଲେଜ ପ୍ରତିଷ୍ଠା କରାନଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଭାଜପା ବ୍ଲକ ମିଡ଼ିଆ ସେଲ ସଭାପତି ଲମ୍ବୋଦର ମହାନ୍ତ ପ୍ରକାଶ କରିଛନ୍ତି। ଏନେଇ ଯୁବନେତା ତଥା କଲେଜ ପ୍ରତିଷ୍ଠା କମିଟି ସମ୍ପାଦକ ପ୍ରଭାତ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ସେ କଲେଜ ସମ୍ବନ୍ଧରେ କିଛି କହିବାକୁ ମନା କରିଥିଲେ।

## ବରୀରେ ବନ୍ୟା ଆଶଙ୍କା ଟଳିଲା

**ବରୀ,୯।୯(ସ୍ୱ.ପ୍ର.)**

ଯାଜପୁର ଜିଲା ଦେଇ ଖରସ୍ରୋତାର ଶାଖା ତନ୍ତିଘାଇ, ଦୁଧେଇ, କାଣି ନଦୀ ଓ ବ୍ରାହ୍ମଣୀ ନଦୀ ପ୍ରବାହିତ ହୋଇଛି। ଲଗାଣ ବର୍ଷା ଯୋଗୁ ୪ ଦିନ ହେବ ନଦୀଗୁଡ଼ିକରେ ଜଳପତ୍ତନ ବୃଦ୍ଧି ପାଇ ଚାଷଜମି ଜଳମଗ୍ନ ରହିଥିଲା। ଏଥିସହ ବରୀର କେତେକ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିଥିଲା। ହେଲେ ଶନିବାରଠାରୁ ଖରସ୍ରୋତାରୁ ଜଳସ୍ତର ହ୍ରାସ ପାଇବା ଦ୍ୱାରା ଶାଖା ନଦୀଗୁଡ଼ିକରୁ ପାଣି କମୁଛି। ଫଳରେ ବରୀରେ ବନ୍ୟା ଆଶଙ୍କା ନାହିଁ। ତେଣୁ ଲୋକେ ଆତଙ୍କିତ ନ ହେବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ୩ ଦିନ ହେବ ଯୋଗଦେଇଥିବା ବରୀ ବ୍ଲକର ଭାରପ୍ରାପ୍ତ ବିଡିଓ ଅଶ୍ୱିନୀ କୁମାର ପାତ୍ର ଶନିବାର ବରୀର କଳାମଟିଆ, ବାଲିବିଲ, ଅନ୍ୟାସପୁର ପଞ୍ଚାୟତର ବନ୍ୟାଞ୍ଚଳ ପରିଦର୍ଶନ କରି ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ଏଥିସହ ବନ୍ୟାଜଳ ପ୍ରବେଶ ଦ୍ୱାରା ନଷ୍ଟ ହୋଇଥିବା ଫସଲ ବିଷୟରେ କୃଷି ବିଭାଗକୁ ଚିଠି ଲେଖି କ୍ଷୟକ୍ଷତି ଆକଳନ କରିବାକୁ କହିବେ ବୋଲି କହିଛନ୍ତି। ପ୍ରତ୍ୟେକ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସଜାଗ ରହି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବ୍ରାହ୍ମଣୀ ନଦୀରେ ବନ୍ୟା ଜଳ ଆସିଲେ ବରୀ ଅଞ୍ଚଳର ୨୯ ପଞ୍ଚାୟତ ପ୍ରଭାବିତ ହେବା ସହ ଉପର ମୁଣ୍ଡରେ ରେଙ୍ଗାଲିର ୨ଟି ଗେଟ୍ ଖୋଲିବ ବୋଲି ଜଳସେଚନ ବିଭାଗ ପକ୍ଷରୁ ସୂଚନା ମିଳିଛି। ହେଲେ ଗେଟ୍ ଖୋଲିରେ ବନ୍ୟାଜଳ ନଦୀରେ ରହିବ ବୋଲି କୁହାଯାଇଛି। ବନ୍ୟା ମୁକାବିଲା କରିବା ପାଇଁ ବ୍ଲକ ପ୍ରଶାସନ ଓ ଜିଲା ପ୍ରଶାସନ ସଜାଗ ରହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁ ଯେତେ ମାଠିବୁ ମାଠ**
**ମୁଁ ସେଇ ଦରପୋଡ଼ା କାଠ ।**

ଅଯୋଗ୍ୟ ଓ ଅପଦାର୍ଥ ବ୍ୟକ୍ତିଙ୍କୁ ବାଟକୁ ଆଣିବା କାଠିକର ପାଠ ହୋଇଥାଏ। କାହାରି କଥା ବା ବୋଲକୁ ସେମାନଙ୍କର ଡର କି ଭୟ ରହୁ ନ ଥିବା ବେଳେ କୌଣସି ଆକଟ ଅଥବା ଶାସ୍ତି କାଟୁ କରି ନ ଥାଏ। ଯିଏ ବଦଳିବାର ନ ଥାଏ ତାକୁ ଯେତେ ଚେଷ୍ଟା କଲେ ମଧ୍ୟ ବଦଳାଇବା ସମ୍ଭବପର ହେଉ ନ ଥିବା ବେଳେ ଯେତେ ବୁଝାଇଲେ ମଧ୍ୟ ସ୍ୱଭାବ ନ ବଦଳିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୁ ବଡ଼କୁ ମାଇଲୁ ଗୋଇଠା**
**ଏବେ ଗୋଡ଼ ଟେକି କରି ବଇଥା ।**

ବୟସ୍କ ବ୍ୟକ୍ତି ଚିର ନମସ୍ୟ। ତାଙ୍କ ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନ କରାଯିବା ଉଚିତ। ଏପରି ବୟସ୍କ ବ୍ୟକ୍ତିଙ୍କୁ ଅବମାନନା କଲେ ପରିଣାମ ଅତ୍ୟନ୍ତ ବିଷମ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

## ଆବାସ ଗୃହ ଅର୍ଥ ମିଳିବାରେ ବିଳମ୍ବ



ଆବାସ ଯୋଜନାରେ ଅର୍ଥ ପାଇ ନ ଥିବା ହିତାଧିକାରୀ।

**ସିଂହପୁର,୯।୯(ଡି.ଏନ୍.ଏ)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କରୁଥିଲେ ମଧ୍ୟ ଅର୍ଥ ମିଳିବାରେ ବିଳମ୍ବ ହେଉଥିବା ହିତାଧିକାରୀ ଅଭିଯୋଗ କରିଛନ୍ତି। ଏହା ଦେଖାଯାଇଛି ସିଂହପୁର ନିକଟବର୍ତ୍ତୀ ବରୀ ବ୍ଲକ ଅଧୀନ ମଧୁସୂଦନପୁର ପଞ୍ଚାୟତର ମଧୁସୂଦନପୁର ଗ୍ରାମରେ। ଗ୍ରାମର ପ୍ରଫୁଲ୍ଲ ନାୟକ ଆବାସ ଯୋଜନାରେ ଗୃହ ନିର୍ମାଣ କରୁଛନ୍ତି। ସେ ପିଲାର ଉଠାଇ ସାରିଥିବାବେଳେ ତାଙ୍କୁ ଅର୍ଥ ମିଳିନାହିଁ। ଗତ ଫେବୃୟାରୀରେ ପ୍ରଥମ କିସ୍ତି ୨୦ ହଜାର ଟଙ୍କା ମିଳିଥିଲା। ଅବଶିଷ୍ଟ ଅର୍ଥ ମିଳିବାରେ ବିଳମ୍ବ ହେଉଥିବାରୁ ଘର କାର୍ଯ୍ୟ ଆଗେଇ ପାରୁନାହାନ୍ତି। ବିଡିଓ ଏଥିପ୍ରତି ଦୃଷ୍ଟିଦେବାକୁ ହିତାଧିକାରୀ ଦାବି କରିଛନ୍ତି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT 7749095348, 8249919890

ଭାରତର ନଂ.1 କମ୍ପାନୀ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
ଘରେ ବସି ସମସ୍ତ ଋଣ ମାତ୍ର 3 ଘଣ୍ଟାରେ ପ୍ରାପ୍ତ କରନ୍ତୁ
ମାର୍କଶିଟ୍, ପର୍ସନାଲ, ଗୃହ ଋଣ
1% ସୁଧ 50% ରିହାତି
HELPLINE 6388753739 6399376206
Add:- 41/14, Sec-1 Pushp Vihar, Delhi

Aital Companyରେ ଘରେ ବସି ପୁଅ-ଝିଅମାନେ Part Time SMS Job କରି ରୋଜଗାର କରନ୍ତୁ। ମାସିକ 18,600-45,000। Company ତରଫରୁ Laptop + Printer + Mobile + Sim Card ଫ୍ରିରେ।
Contact No. 70332-02011 70332-00821

B.Ed @ Rs 65,000/- Only
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR 7682826300 7682826301
BRAHAMPUR 7682826307 7377730723

SPOT ADMISSION
B.Ed CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

ଧନଲକ୍ଷ୍ମୀ ଫାଇନାନ୍ସ
(Govt. Regd.)
Vill: Asthawan, Dist.- Nalanda, Bihar-803107
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଆଧାରକାର୍ଡ, ରାଶନ କାର୍ଡ, ଗ୍ରୁପ୍ ଋଣ ଏବଂ ସବୁ ପ୍ରକାର ଋଣ ପାଆନ୍ତୁ ୨୪ ଘଣ୍ଟାରେ । ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ ୧ ଲକ୍ଷରୁ ୫ କୋଟି ପର୍ଯ୍ୟନ୍ତ ଋଣ ସରକାରୀ ବ୍ୟାଙ୍କଗୁଡ଼ିକ ଦ୍ୱାରା।
Call Now: 07078315986

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527 +91 8126673652
ଠକମାନଙ୍କ ପ୍ରତି ସାବଧାନ

SMS JOB
ବେଟିବଚାଓ ବେଟିପଢାଓ ଯୋଜନାରେ ପୁଅଝିଅ, ଗୃହିଣୀ, ଘରେବସି Part time, full time SMS କାମ କରି ମାସକୁ ଟଙ୍କା 15,000/- ରୁ 30,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ । ନାମ ଓ ଠିକଣା SMS କରନ୍ତୁ।
Laptop, Mobile FREE
09135937168 07258995324

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ । (ଏଜେଣ୍ଟ ଆମନ୍ତ୍ରିତ)
7455967551 9068296909

SHARMA FINANCE
25 ଲକ୍ଷ୍ୟରୁ ଅଧିକ ସନ୍ତୁଷ୍ଟ ଗ୍ରାହକ
Sharma Finance Company
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 2% ବାର୍ଷିକ ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No.-704/2019, Sector-5, Mysore, Bangalore
9674690190 7895084744

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603 7064382081

SMS Marketing
ବେକାର ଯୁବକ, ଯୁବତୀ, ଗୃହିଣୀ ଏବଂ ବିଦ୍ୟାର୍ଥୀ ମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ Part time, full time SMS Work କରି ମାସକୁ 30,000/- ରୁ 50,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ । ବିଦ୍ୟାର୍ଥୀ ମାନଙ୍କୁ ସର୍ବାଧିକାର ଦିଆଯିବ ।
Laptop, Mobile FREE
7682981750

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

GRAMIN FINANCE
1962 ଠାରୁ ଆପଣଙ୍କ ସେବାରେ
ସରକାରୀ ଯୋଜନା ଦ୍ୱାରା ପର୍ସନାଲ, ଏଜୁକେଶନ, ପ୍ରପର୍ଟି ଋଣ ନିଅନ୍ତୁ 48 ଘଣ୍ଟାରେ।
( ନୋ ଫାଇଲ୍ ଚାର୍ଜ ନୋ ଗ୍ୟାରେଣ୍ଟର Only Bank Fees ଋଣ ପାସ୍ ହେଲା ପରେ )
ମହିଳା ଓ Govt. Jobଧାରୀଙ୍କ ପାଇଁ ବିଶେଷ ସବ୍‌ସିଡି
AT: TARAN, PO: TAARAN, PUNJAB - 143401
Website: www.graminfinance.com
Miss Call Alerts: 18001007280

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ ଦେଇ ମାତ୍ର ତିନ ଦିନରେ ଶିକ୍ଷା ଋଣ, ବ୍ୟବସାୟ ଋଣ ଏବଂ ସୁନା ଋଣ ନେବାର ସୁଯୋଗ ଲାଭ କରନ୍ତୁ । ଆକର୍ଷଣୀୟ ସୁଧ ।
ଯୋଗାଯୋଗ 9874247647
Plot No: 86, Sarkar Street, Kolkata

Shree Ganesh Finance Ltd.
ଋଣ ଧମାକା
ବେରୋଜଗାରଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସବୁ ପ୍ରକାର ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। ମହିଳାଙ୍କ ପାଇଁ ବିଶେଷ ରିହାତି। ସବୁ ଋଣ (100000-9500000) ପର୍ଯ୍ୟନ୍ତ ପାଆନ୍ତୁ ଘରେ ବସି।
Durga Nagar, Ward 36, Ferozpur
09085463427

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501 7787907927
pmjansamridhi@gmail.com

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free 18001214188 8556894339

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ : Bhubaneswar - 7978065794 Dhenkanal - 8895446310 Angul - 9437901750

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର। ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580 95578-79781

9911436726, 9540938429

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra



ଅନ୍ୟକୁ କଠୋର କଥା କହି କଟେ ଯେବେ ଅଧର୍ମ, ମାତ୍ର କଠୋର କଥା କହିଲେ ଅନ୍ୟର ମଙ୍ଗଳ ହେବ ବୋଲି ଜାଣି ଯଦି ତାହା କରାଯାଏ ତେବେ ସେଇଟି ଅଧର୍ମ ନୁହେଁ।

- ସେନେକା



## ସଂକ୍ଷେପରେ

### ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା

**ବିରଜାକ୍ଷେତ୍ର/ରତ୍ନଗିରି,୯।୯(ଡି.ଏନ୍.ଏ):** ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୪ ଜିଲାର ଜିଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେବା ସହ ଶନିବାର ଓ ରବିବାର ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ୍ କରିଥିଲେ। ହେଲେ ସରକାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଜିଲାପାଳଙ୍କ କାର୍ଯ୍ୟାଳୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ହାତଗଣତି ଅଫିସର ଓ କର୍ମଚାରୀଙ୍କ ଉପସ୍ଥାନ ଦେଖିବାକୁ ମିଳିଥିଲା। ଯାଜପୁର ସହରର ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ତାଲା ପଡ଼ିଥିଲା। ଜିଲାପାଳ ଓ ଉପଜିଲାପାଳ ବନ୍ୟାଞ୍ଚଳ ଗସ୍ତ କରିଥିବାବେଳେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ। ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟରେ ତାଲା ପଡ଼ିଥିବା ଦେଖିବାକୁ ମିଳିଥିଲା। ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ବରିଷ୍ଠ ଅଧିକାରୀମାନେ ଅନୁପସ୍ଥିତ ଥିଲେ। ସେହିପରି ବରୀ ବ୍ଲକରେ ସରକାରୀ ନିୟମ ଉଲ୍ଲଂଘନ କରାଯାଇଥିବା ଦେଖିବାକୁ ମିଳିଛି। ବରୀରେ ଅତିରିକ୍ତ ବିଡିଓ ଦାୟିତ୍ୱରେ ଅଛନ୍ତି। ଛୁଟି ବାତିଲ୍ କରାଯାଇଥିବା ସତ୍ତ୍ୱେ ବ୍ଲକ ଯୋଗାଣ ବିଭାଗ, ମହିଳା ଶିଶୁ ବିକାଶ ବିଭାଗ, କୃଷି ବିଭାଗ ସମେତ ଅନ୍ୟ ବିଭାଗୀୟ କର୍ମଚାରୀ ଶନିବାର ଓ ରବିବାର କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବା ଜଣାପଡିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ବରୀ ବ୍ଲକର ଅଙ୍ଗାଲୋ, କଳାମାଟିଆ, ଅନ୍ୟାସପୁର, ବାଲିବିଲ, ଉଦୟନାଥପୁର, ରତଲାଙ୍ଗ, ଅଲିପୁର ଆଦି ପଞ୍ଚାୟତବାସୀ ବନ୍ୟାଜଳ ଦ୍ୱାରା ପ୍ରଭାବିତ ହୋଇଥିବାବେଳେ ଅଦ୍ୟାବଧି କୌଣସି ପ୍ରଶାସନିକ ଅଧିକାରୀ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ନ ଥିବା ଜଣାପଡିଛି। ଏ ସମ୍ପର୍କରେ ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ ପଚାରିବାରେ, ତଦନ୍ତ କରାଯାଇ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

### ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସଫେଇ କାର୍ଯ୍ୟକ୍ରମ

**ଧର୍ମଶାଳା, ୯।୯(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଗଙ୍ଗାଧରପୁରସ୍ଥିତ ପତିତପାବନ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ପକ୍ଷରୁ ରବିବାର ଗଙ୍ଗାଧରପୁର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ସଫେଇ କାର୍ଯ୍ୟକ୍ରମ କରାଯାଇଛି। କାର୍ଯ୍ୟକ୍ରମରେ ଛାତ୍ର ସଂସଦ ଉପଦେଷ୍ଟା ଯୁଧିଷ୍ଠିର ସ୍ୱାଇଁ, ସଭାପତି ନିରଞ୍ଜନ ମିଶ୍ର, ଯୁଗଳ କିଶୋର ଦାସ, ପ୍ରଶନ୍ନ ରାୟ, ଦେବବ୍ରତ ରାଉତ, ସଦାଶିବ ଦାସ, ଜଟାଧାରୀ ପତି, ବଳି ରାଉତ, ଗୁରୁଚରଣ ରାଉତ, ପ୍ରଫୁଲ୍ଲ ରାୟ, ପ୍ରମୁଖ ଉପସ୍ଥିତ ଥିଲେ।

### ଡିସେମ୍ବର ୧ରୁ ପୁସ୍ତକ ମେଳା

**ଧର୍ମଶାଳା, ୯।୯ (ଡି.ଏନ୍.ଏ.):** ସାଧାରଣତନ୍ତ୍ର ଦିବସ ପାଳନ କମିଟି, ଧର୍ମଶାଳାର ଏକ ପ୍ରସ୍ତୁତି ବୈଠକ କାର୍ଯ୍ୟକାରୀ ସଭାପତି ଜଳଧର ମହାନ୍ତିଙ୍କ ଅଧକ୍ଷତାରେ ଶନିବାର ଧର୍ମଶାଳା ଥାନା ପରିସର ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଧର୍ମଶାଳା ପୁସ୍ତକ ମେଳା ପୂର୍ବବର୍ଷ ପରି ଏବର୍ଷ ମଧ ଧର୍ମଶାଳା ବାଣିପୀଠ ପଡିଆରେ ପାଳନ କରାଯିବା ନେଇ କମିଟି ପକ୍ଷରୁ ମତ ପ୍ରକାଶ ପାଇଛି। ରାଜ୍ୟର ଅନେକ ପୁସ୍ତକ ପ୍ରକାଶକ ଓ ବିକ୍ରେତାଙ୍କ ମତାମତ ପରେ ମେଳାର ଆୟୋଜନ ଆସନ୍ତା ଡିସେମ୍ବର ୧ରୁ ସାତଦିନ ଧରି କରାଯିବ। ପୁସ୍ତକମେଳା ପରିଚାଳନାରେ ସଦସ୍ୟଙ୍କୁ ଚାନ୍ଦା ଓ ବିଜ୍ଞାପନ, ରସିଦ୍ ଦ୍ୱାରା ଅର୍ଥ ସଂଗ୍ରହ ପାଇଁ ଦାୟିତ୍ୱ ଦିଆଯାଇଛି। ମେଳାର ଏହି ସାତଦିନ ମଧରେ ପେସାଦାର ଓ ପ୍ରତିଷ୍ଠିତ କଳାକାରଙ୍କ ସମେତ ଆଞ୍ଚଳିକ ସ୍ତରର ଅନୁଷ୍ଠାନ ଓ ସ୍କୁଲ ଜଲେକ କଳାକାରମାନେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିବେ। ବୈଠକରେ ନିମନ୍ତ୍ରିତ ଅତିଥିଭାବେ ଯୋଗଦେଇ ପୂର୍ବତନ ସମ୍ପାଦକ ଅଭିତାଭ ମହାପାତ୍ର ଯୋଗ ଦେଇ ଆୟୋଜନ ସମ୍ପର୍କରେ ଅନେକ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ ବୋଲି କମିଟିର କାର୍ଯ୍ୟକାରୀ ସମ୍ପାଦକ ନିଗମାନନ୍ଦ ବିଶ୍ୱାଳ ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

■ ବିନା ଜନଶୁଣାଣିରେ ରାମ୍କୋ ପ୍ରତିଷ୍ଠା ପ୍ରସଙ୍ଗ

# ଦାମଙ୍କୁ ଭେଟିଲେ ପ୍ରଭାବିତ ଲୋକେ

**ଯାଜପୁର ଅଫିସ,୯।୯**

ପରିବେଶଗତ ଅନୁମତି (ଏନଭିରୋନମେଣ୍ଟ କ୍ଲିୟରାନ୍ସ) ନାହିଁ କିମ୍ବା ଜନଶୁଣାଣିର ଆୟୋଜନ କରି ନ ଥିବା ରାମ୍କୋ ସିମେଣ୍ଟ କମ୍ପାନୀକୁ ରାଜ୍ୟ ସରକାର ସବୁପ୍ରକାର କ୍ଷମତାର ଅଧିଶ୍ୱର କରାଇଛନ୍ତି। ଏନେଇ ଧରିତ୍ରୀରେ ନିୟମିତ ଭାବେ ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ଅଞ୍ଚଳର ପ୍ରଭାବିତ ଲୋକେ ରବିବାର ପୂର୍ବତନ ମନ୍ତ୍ରୀ ତଥା ପାରାଦୀପ ବିଧାୟକ ଦାମୋଦର ରାଉତଙ୍କ ଉପରେ ଭରସା କରିଛନ୍ତି। କୃଷି, ସମବାୟ ଆଦି ଦୁର୍ନୀତିର ମୁଖା ଖୋଲିବାକୁ ଉଦ୍ୟମ ଜାରି ରଖିଥିବା ବିଧାୟକ ରାଉତଙ୍କୁ ରବିବାର ତାଙ୍କ ସରକାରୀ ବାସଭବନରେ ରାମ୍କୋ ବିରୋଧି ଜନମଞ୍ଚ ପକ୍ଷରୁ ୧୦୦ରୁ ଉର୍ଦ୍ଧ୍ୱ ପ୍ରଭାବିତ ଅଞ୍ଚଳବାସୀ ଭେଟି ନିଜର ଦୁଃଖ ଜଣାଇଛନ୍ତି। ଏତଦ୍‌ବ୍ୟତୀତ ଧରିତ୍ରୀରେ ରାମ୍କୋ ସମ୍ବନ୍ଧୀୟ ପ୍ରକାଶିତ ଖବରର ନକଲ ପତ୍ର ତାଙ୍କୁ ପ୍ରଦାନ କରିଛନ୍ତି। ଏହାସହ ଡଙ୍କାରୀ ପାଦଦେଶରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରସ୍ତାବିତ ତୈଳ ଭଣ୍ଡାର ପ୍ରକଳ୍ପ ସମ୍ପର୍କରେ ଅବଗତ କରାଇଛନ୍ତି।

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାଶପୁରଠାରେ ଜଣେ ପ୍ରଭାବଶାଳୀ ପ୍ରଶାସନିକ ଅଧିକାରୀଙ୍କ ସହଯୋଗରେ ରାମ୍କୋ ସିମେଣ୍ଟ କାରଖାନା ନିର୍ମାଣାଧିନ ଅବସ୍ଥାରେ ରହିଛି। ଏଠାରେ ଶିଳ୍ପ କମ୍ପାନୀ ପ୍ରତିଷ୍ଠା ଉପରେ ସରକାରଙ୍କ ସବୁ ଆଇନକାନୁନକୁ ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳିଛି। ତାମିଲନାଡୁ ରାଜ୍ୟର ବିରୁଧୁନଗର ରାଜାପଲୟମ ତହସିଲ ଅଧିନସ୍ଥ ଏହି କମ୍ପାନୀ ୪୪୦ କୋଟି ଟଙ୍କା ବ୍ୟୟରେ ୧୦୦ ଏକର ଜମିରେ ଏହି ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ ନିର୍ମାଣାଧିନ ଅବସ୍ଥାରେ ରହିଛି। ଏଥିପାଇଁ ପୂର୍ବରୁ ସରକାରୀଙ୍କ ତରଫରୁ ଜମି ଅଧିଗ୍ରହଣ ହୋଇନାହିଁ। କ୍ଷତିଗ୍ରସ୍ତ ପ୍ରଜା ଉପଯୁକ୍ତ କ୍ଷତିପୂରଣ ପାଇନାହାନ୍ତି। ଶାଗମାଛ ଦରରେ ସେତେବେଳେ ପ୍ରଜାଙ୍କ ଜମିକୁ ସିଧାସଳଖ ଭାବେ କିଣିଥିବା ଫାକର କମ୍ପାନୀଠାରୁ ଏହି ଜମି ରାମ୍କୋ କିଣି ସେଠାରେ ଅତି ପ୍ରଦୂଷିତ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ ପ୍ରତିଷ୍ଠା କରିବାକୁ ଯାଉଛି। ଆଇନ ଅନୁସାରେ ପରିବେଶଗତ ଅନୁମତି ନାହିଁ କିମ୍ବା

**ବିଧାନସଭାରେ ଉତ୍‌ଥାପନ ପାଇଁ ମିଳିଲା ପ୍ରତିଶ୍ରୁତି**



ପ୍ରଭାବିତ ଲୋକଙ୍କ ସହିତ କୌଣସି ଆଲୋଚନା କିମ୍ବା ସରକାରୀ ଭାବେ ଜନଶୁଣାଣି କରିନାହିଁ। ଏଥିପାଇଁ ବାଟିଜଙ୍ଗା, ଟେଲର, ଥାନୁଆଳ, ଜୋଗଡା, ମୁରାରୀପୁର, ନାନପୁର, ହରିଦାସପୁର, ଉଡଙ୍ଗା, ବାଜବାଟି, ଭାତୁରୁପୋଷି ଓ ରଥିଆ ଗ୍ରାମ ସମ୍ପୂର୍ଣ୍ଣ ପ୍ରଭାବିତ ହେବେ। କାରଖାନା ଉତ୍ପାଦନ ଆରମ୍ଭ ହେଲେ ନିଶ୍ଚିତ ଭାବରେ ଲୋକେ ପ୍ରଦୂଷଣ ଯାତନା ସହିବେ। ତଥାପି ଜନଶୁଣାଣି ନ ହେବା ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଜନଶୁଣାଣି ନ କରି ନିର୍ମାଣରେ ଲାଗିଥିବା ଏହି ରାମ୍କୋ କମ୍ପାନୀକୁ ଏବେ ଜଳସମ୍ପଦ ବିଭାଗ ଭୂତଳ ଜଳ ବ୍ୟବହାର କରିବାକୁ ଅନୁମତି ଦେଇଛି। ଏଥିପାଇଁ ଗତ ୨୩।୬।୨୦୧୮ରେ ଡିଏଲଇସି ବୈଠକରେ ମଞ୍ଜୁର ହେବା ପରେ ଜାରକା ଜଳସେଚନ ଡିଭିଜନର ନିର୍ବାହୀ ଯନ୍ତ୍ରୀ ତାଙ୍କ ପତ୍ରସଂଖ୍ୟା ୨୭୬୬/ଡବ୍ଲୁଇ/୨୧।୭।୨୦୧୮ରେ ଅନୁପାଳନ ରିପୋର୍ଟ ଦାଖଲ କରିଥିଲେ। ଏହାପରେ ଜଳସମ୍ପଦ ବିଭାଗର ଚିଫ ଇଞ୍ଜିନିୟର ବିଭୂତିଭୂଷଣ ଧଳ ତାଙ୍କ ପତ୍ରସଂଖ୍ୟା ୨୩୬୫୭/୧।୮।୨୦୧୮ରେ ୧୭ ଦଫା ବିଭିନ୍ନ ସର୍ତ୍ତ ରଖି ଦୈନିକ ୧୦୦ କିଲୋଲିଟର ଭୂତଳ ଜଳ ବ୍ୟବହାର କରିବାକୁ ଅନୁମତି ପ୍ରଦାନ କରିଛନ୍ତି। ପ୍ରଥମେ ଜନଶୁଣାଣି ଓ ପରେ ପରିବେଶଗତ ଅନୁମତି ନ ମିଳିବା ପର୍ଯ୍ୟନ୍ତ କୌଣସି ପ୍ରଦୂଷଣକାରୀ କାରଖାନା ପ୍ରତିଷ୍ଠା କରିପାରିବ ନାହିଁ ବୋଲି ଆଇନ ରହିଛି। କିନ୍ତୁ ସେହି ପ୍ରଭାବଶାଳୀ ପ୍ରଶାସନିକ ଅଧିକାରୀଙ୍କ ଛତ୍ରଛାୟା ତଳେ ରହି ରାମ୍କୋ ସବୁ ଆଇନ ଉଲ୍ଲଂଘନ କରି ଚାଲିଛି ବୋଲି ଅଞ୍ଚଳବାସୀ ବିଧାୟକ ରାଉତଙ୍କ ପାଖରେ ଅଭିଯୋଗ କରିଛନ୍ତି। ଏହି ବିଷୟକୁ ଗୁରୁତର ଭାବେ ଗ୍ରହଣ କରି ବିଧାୟକ ରାଉତ ଚଳିତ ବିଧାନସଭାରେ ପ୍ରଶ୍ନ ଉଠାଇବେ ବୋଲି ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ରାମ୍କୋ ବିରୋଧୀ ଜନମଞ୍ଚର ଆବାହକ ସର୍ବେଶ୍ୱର ବେହୁରାଙ୍କ ନେତୃତ୍ୱରେ ଶତାଧିକ ମହିଳାପୁରୁଷ ଏଥିରେ ସାମିଲ ହୋଇଥିଲେ।

### ଭାରତ ବନ୍ଦ ସଫଳ ପାଇଁ ପ୍ରସ୍ତୁତି

**ଯାଜପୁରରୋଡ,୯।୯(ନି.ପ୍ର.)**

ଭାରତ ବନ୍ଦକୁ ସଫଳ କରିବା ପାଇଁ ବ୍ୟାସନଗର କଂଗ୍ରେସ କମିଟି ପକ୍ଷରୁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ୟାସନଗର କଂଗ୍ରେସ କମିଟି ସଭାପତି ହୃଦାନନ୍ଦ ସାମଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ତୈଳଦର ବୃଦ୍ଧି ତଥା ରାଜ୍ୟ ସରକାରଙ୍କ ଟିକସ ବୃଦ୍ଧି ପ୍ରତିବାଦରେ ଯାଜପୁରରୋଡ ସହରର ସମସ୍ତ ସରକାରୀ କାର୍ଯ୍ୟାଳୟ, ପରିବହନ ବ୍ୟବସ୍ଥା ତଥା ବ୍ୟବସାୟ ପ୍ରତିଷ୍ଠାନ, କଳକାରଖାନା ବନ୍ଦ କରାଯିବ। ସହରର ମୁଖ୍ୟ ସ୍ଥଳୀ ଦଳା ଛକ, ଚୋରଦା ଛକ, ଚୋରଦା ବାଇପାସ୍ ଛକ, ଗୋପବନ୍ଧୁ ଛକ, ଧବଳଗିରି ଛକଗୁଡ଼ିକରେ କଂଗ୍ରେସ କର୍ମୀ ପିକେଟିଂ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ଆଇଏନଟିୟୁସିର ଜିଲା ସଭାପତି ବିଦ୍ୟାଧର ମହାନ୍ତି, ପୂର୍ବତନ ନଗରପାଳ ରସାନନ୍ଦ ମହାନ୍ତି, ପିସିସି ସମ୍ପାଦକ ସୁଧାନିଧି ମହାପାତ୍ର, ପଦ୍ମନାଭ ସ୍ୱାଇଁ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଆରତି ସ୍ୱାଇଁ, ଅଜୟ ସାହୁ, ରାଜକିଶୋର ପ୍ରଧାନ, ପ୍ରମୋଦ କୁମାର ରାଉତ ପ୍ରମୁଖ ବହୁ କଂଗ୍ରେସ କର୍ମୀ ବୈଠକରେ ଯୋଗଦେଇ ଆଲୋଚନା କରିଥିଲେ। ଜରୁରୀ ସେବାଗୁଡିକୁ ବନ୍ଦ କରାଯିବନାହିଁ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ସେହିପରି କୋରେଇ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବନ୍ଦ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଛି।

### ଗ୍ରାନାଇଟ ଜବତ, ୨ ଗିରଫ

**ଡୁବୁରୀ, ୯।୯(ଡି.ଏନ୍.ଏ.)**

ଟମକା ବନ ବିଭାଗ ଏକ ଚୋରା ଗ୍ରୀନ ରକ୍ ପଥର( ଗ୍ରାନାଇଟ) ବୋଝେଇ ଟ୍ରକ୍‌କୁ ଶନିବାର ବିଳମ୍ବିତ ରାତିରେ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଟମକା ଥାନା ଅନ୍ତର୍ଗତ ପାଟବାଲି ଗ୍ରାମର ଖଗେଶ୍ୱର ମହାନ୍ତ ଓ ଗୋବର୍ଦ୍ଧନ ପୁର ଗ୍ରାମର ସୁରେଶ ବଳ। ଏ ନେଇ ବନ ବିଭାଗ ଏକ ମାମଲା (ଓଆର ୬୨/୨୦୧୮)ରୁଜୁ କରି ରବିବାର ଉଭୟଙ୍କୁ କୋର୍ଟ ଚାଲାଣ କରିଛି। ଜବତ ପଥରର ଆନୁମାନିକ ମୂଲ୍ୟ ପ୍ରାୟ ୧୫ ଲକ୍ଷ ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଦୈତାରୀ ସଂରକ୍ଷିତ ଜଙ୍ଗଲରୁ ବେଆଇନଭାବେ ଗ୍ରିନରକ୍ ପଥର କାଳିଆପାଣି ନିକଟ ଟିକରପଡା ଦେଇ ବାହରକୁ ଚାଲାଣ ହେଉଥିବା ବନବିଭାଗକୁ ଖବର ମିଳିଥିଲା। ଏହି ଆଧାରରେ ବନ ବିଭାଗ କର୍ମଚାରୀ ପକ୍ଷରୁ ଟିକରପଡା ଛକ ନିକଟରୁ ଉକ୍ତ ଟ୍ରକ୍‌କୁ ବନ ବିଭାଗ ଜବତ କରି ଡୁବୁରୀସ୍ଥିତ ଟମକା ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟକୁ ପଠାଇଛି। କଳା ଗ୍ରାନାଇଟ ପଥର ଚୋରାଚାଲାଣ ନେଇ ବନବିଭଗେ ପାଖରେ ଅଭିଯୋଗ ହୋଇଥିଲା।

### ଇଡ଼କଲ ଖଣିରେ କାର୍ଯ୍ୟରତ ଶ୍ରମିକ, କର୍ମଚାରୀଙ୍କ ଆନ୍ଦୋଳନ

**କାଳିଆପାଣି ,୯।୯(ଡି.ଏନ୍.ଏ)**

ଇଡ଼କଲ୍ ଖଣିରେ ଶ୍ରମିକ ଛଟେଇ ପ୍ରତିବାଦରେ ଶନିବାର ଶ୍ରମିକ, କର୍ମଚାରୀ ଓ ଖଣିଦ୍ୱାରା ପ୍ରଭାବିତ ଗ୍ରାମବାସୀଙ୍କ ପକ୍ଷରୁ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ସମୟଧରି ଆନ୍ଦୋଳନ କରିଥିଲେ। ଖଣି ପ୍ରତିକ୍ଷାଳୟଠାରେ ନିଗମର ଏପରି ଏକପାଖିଆ ନିଷ୍ପତ୍ତିକୁ ବିରୋଧ କରି ଶ୍ରମିକ, କର୍ମଚାରୀମାନେ ଏକ ରାଲି ସହ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଶ୍ରମିକ ସଂଘ ସଭାପତି ଗଙ୍ଗାଧର ଆଲଦାଙ୍କ ଅଧକ୍ଷତାରେ ପ୍ରତିବାଦ ସଭାରେ ସମ୍ପାଦକ ବଳରାମ ଦେହୁରୀ, ମହେଶ୍ୱର ପ୍ରଧାନ ଓ ପିଏସ୍‌ପି ଶ୍ରମିକ ସଂଘ ପକ୍ଷରୁ ଧିରେନ୍ଦ୍ର ଦେହୁରୀ ,ଘନଶ୍ୟାମ ଦେହୁରୀ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ବିନୋଦ ବେହେରା ପ୍ରଭୃତି ତୁରନ୍ତ ଛଟେଇ ନୋଟିସ ପ୍ରତ୍ୟାହାର କରିବା ସହ ଖଣି କାର୍ଯ୍ୟ ସଚଳ ରଖିବାକୁ ଦାବି କରିଛନ୍ତି। ୧୯୯୩ ମସିହାରେ ରାଜ୍ୟ ସରକାର ଇଡ଼କଲ ନାମରେ ଏକ ନିଗମ କରି କଂସ ପଞ୍ଚାୟତର ତଳଙ୍ଗୀ ଖଣି କାର୍ଯ୍ୟ କରି ଆସୁଥିଲା। ଖଣି ନିକଟବର୍ତ୍ତୀ ତଳଙ୍ଗୀ, ଓସ୍ତପାଳ, ପେଣ୍ଡସାହିର ଅନ୍ୟୁନ ୬୦ରୁ ଉର୍ଦ୍ଧ୍ୱ ପରିବାରଠାରୁ ଜମିପଟ୍ଟା ଅଧିଗ୍ରହଣ କରାଯାଇଥିଲା। ସମ୍ପୃକ୍ତ ସଂସ୍ଥା ପକ୍ଷରୁ ସମସ୍ତ ପରିବାର ଜଣଙ୍କୁ କମ୍ପାନୀ ଓ ଠିକାଦାର ନିକଟରେ ନିଯୁକ୍ତି ଦିଆଯାଇଥିଲା। ସମ୍ପୃକ୍ତ ଖଣିରେ ଉତ୍ତୋଳନ କାର୍ଯ୍ୟରେ ନିୟୋଜିତ ପ୍ରଦୀପ ମାଇନିଙ୍ଗ କମ୍ପାନୀର କାର୍ଯ୍ୟାଦେଶ ଚୁକ୍ତି ଅଗଷ୍ଟ ୧୦ରେ ସରିଯାଇଛି। ଇଡ଼କଲ ଖଣିରୁ ଉତ୍ତୋଳନ କାର୍ଯ୍ୟନେଇ କୌଣସି ଟେଣ୍ଡର ପ୍ରକ୍ରିୟା କରାଯାଇ ନ ଥିବା ବେଳେ ସମ୍ପୃକ୍ତ ଠିକାଦାରକୁ ଅଧିକ ୩ ମାସ କାର୍ଯ୍ୟାଦେଶ ମଳିଛି। ହେଲେ ଖଣି କର୍ତ୍ତୃପକ୍ଷ ଖଣିରେ କ୍ଷତି ଦର୍ଶାଇ ୨୭ ଜଣ ଶ୍ରମିକଙ୍କୁ ଛଟେଇ ନୋଟିସ ଦେଇଥିଲେ। ଏନେଇ ଖଣି ପରିଚାଳକ ଜ୍ୟୋତି ପ୍ରକାଶ ମିଶ୍ରଙ୍କୁ ପଚାରିବାରୁ ଉପରସ୍ଥ ଅଧିକାରୀଙ୍କ ନିଷ୍ପତ୍ତି ଉପରେ ସେ କିଛି ଉତ୍ତର ଦେଇ ପାରିବେ ନାହିଁ ବୋଲି କହିଥିଲେ। ଗତ ୨୫ରେ ଶ୍ରମିକଙ୍କ ଛଟେଇ ନେଇ ନୋଟିସ ହୋଇଥିଲା। ସେହିଦିନଠାରୁ ଖଣି ଶ୍ରମିକ ଓ କର୍ମଚାରୀଙ୍କ ପକ୍ଷରୁ ପ୍ରତିଦିନ ରାଲି ସହ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

■ ମାଟି ମେଟାଲରେ ଚାଲିଛି କଂକ୍ରିଟ ୱାଲ କାମ

# ନିମ୍ନମାନର କାମ ବନ୍ଦ କଲେ ସରପଞ୍ଚ

**କାଳିଆପାଣି, ୯।୯(ଡି.ଏନ୍.ଏ.)**



ସୁକିନ୍ଦା ଖଣି ଅଞ୍ଚଳରେ ପିନ୍ଧୁଡି ରାସ୍ତାଠାରୁ ଭାଲୁକିପାଉଳା ଗ୍ରାମକୁ ନିର୍ମାଣାଧୀନ ରାସ୍ତା କାମରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ରବିବାର ଠିକାଦାର ମାଟିରେ ମେଟାଲ ମିଶାଇ କାମ କରୁଥିବା ନେଇ ଗ୍ରାମବାସୀ କାମକୁ ବିରୋଧ କରିଥିଲେ। ଖବର ପାଇ ଘଟଣା ସ୍ଥଳରେ ସ୍ଥାନୀୟ ଅଞ୍ଚଳର ଖବରଦାତା ଓ ସରପଞ୍ଚ ପହଞ୍ଚିଥିଲେ। ତେବେ ଠିକାଦାରଙ୍କ ଏଭଳି ନିମ୍ନମାନର କାମକୁ ନେଇ ସରପଞ୍ଚ କାମ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଯାଜପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସମ୍ପୃକ୍ତ ରାସ୍ତାର ଟେଣ୍ଡର କରାଯାଇ ୧୨ ଅଗଷ୍ଟରେ ସ୍ଥାନୀୟ ବିଧାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଏହାର କାର୍ଯ୍ୟାଦେଶ ଢେଙ୍କାନାଳ ଭୁବନ ଅଞ୍ଚଳର ଅନନ୍ତ ପାତ୍ର ନାମକ ଠିକାଦାରଙ୍କୁ ମିଳିଛି। ହେଲେ କାମ ଆରମ୍ଭରୁ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ପୂର୍ବରୁ ଏହି ରାସ୍ତାଟି ରେଙ୍ଗାଳି କେନାଲ ନିକଟରେ ହୋଇଥିବାରୁ ରେଙ୍ଗାଳୀ ବିଭାଗ ପକ୍ଷରୁ ରାସ୍ତାଟିକୁ ନିଜବ୍ୟବହାର ନିମନ୍ତେ ମାଟି ମୋରମ୍‌ର ରୁଲିଙ୍ଗ କରି ସମତୁଲ କରାଯାଇଛି। ଯାହାର ସୁଯୋଗ ନେଇ ଠିକାଦାର ଆରଡ଼ି ବିଭାଗର ଅଧିକାରୀଙ୍କ ସଲାସୁତରାରେ କାମର ବିଲ୍ କରିନେବା ପାଇଁ ଚକ୍ରାନ୍ତ କରୁଥିବା ଜଣାପଡିଛି। ରାସ୍ତାଟିର ଉଭୟ ପାର୍ଶ୍ୱ ପାଇଁ ପ୍ରୋଟେକସନ ୱାଲର କୌଣସି ଆବଶ୍ୟକ ନ ଥିବା ବେଳେ ଠକିଦାର ପ୍ରୋଟେକସନ ୱାଲ କାମ କରୁଛନ୍ତି। ଅପରପଟେ ବିଭାଗୀୟ ଅଧିକାରୀ କାର୍ଯ୍ୟ ସ୍ଥଳକୁ ଆସୁ ନ ଥିବାରୁ ଠିକାଦାର ଯେନେତେନ ପ୍ରକାର ନିମ୍ନମାନର କାମ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରବିବାର ଛୁଟିଦିନ ଥିଲେ ମଧ ଠିକାଦାରଙ୍କ ପକ୍ଷରୁ କାର୍ଯ୍ୟ କରାଯାଉଥିବା ଦେଖି ଗ୍ରାମର କେତେକ ଲୋକ ନିମ୍ନମାନର କାମକୁ ବିରୋଧ କରିବା ସହ ଖବରଦାତା ପ୍ରତିନିଧିଙ୍କୁ ଜଣାଇଥିଲେ। କାଙ୍କଡ଼ପାଳ ସରପଞ୍ଚ କଂକ୍ରୀଟ କାର୍ଯ୍ୟକୁ ସିମେଣ୍ଟ ବଦଳରେ ମାଟି ଓ ମେଟାଲ ଗୋଳାଇ କରୁଥିବା ଦେଖି କାମ ବନ୍ଦ କରିଦେଇଥିଲେ। ଏନେଇ କନିଷ୍ଠ ଯନ୍ତ୍ରୀ ରସାନନ୍ଦ ବାରିକଙ୍କୁ ଯାଗାଯୋଗ କରିବାରୁ ସୋମବାର ଘଟଣାସ୍ଥଳକୁ ଯାଇ ତଦନ୍ତ ପରେ କାର୍ଯ୍ୟାଦେଶ ଦିଆଯିବ ବୋଲି କହିଛନ୍ତି। ଏଭଳି ନିମ୍ନମାନର କାମକୁ ନେଇ ଠିକାଦାର ପୂର୍ବରୁ ବିଭିନ୍ନସ୍ଥାନରେ ନିନ୍ଦିତ ହେବା ସହ କଳାତାଲିକାଭୁକ୍ତ ମଧ ହୋଇଛନ୍ତି। ଅପରପଟେ ବର୍ତ୍ତମାନର ଯାଜପୁର ଆରଡ଼ି ବିଭାଗରେ ଥିବା ନିର୍ବାହୀ ଯନ୍ତ୍ରୀ ସୁକିନ୍ଦା ଅଞ୍ଚଳରେ ଆଜି ପାର୍ଯ୍ୟନ୍ତ ଯେତେଗୁଡ଼ିଏ କାର୍ଯ୍ୟ କରିଛନ୍ତି ସମସ୍ତ କାର୍ଯ୍ୟ ନିମ୍ନମାନର ହୋଇଥିବା ଗ୍ରାମବାସୀ କହିଛନ୍ତି। ଏ ଦିଗରେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି।


## ମହତ୍ତ୍ୱପୂର୍ଣ୍ଣ ସୂଚନା

**ପୁରୀ ରେଳ ଷ୍ଟେସନ ଠାରେ ନିରାପତ୍ତା ସଂପର୍କିତ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ଅସ୍ଥାୟୀ ଭାବେ ଟ୍ରେନ୍ ସେବା ବାତିଲ୍ ଏବଂ ଗନ୍ତବ୍ୟ ଷ୍ଟେସନ ପୂର୍ବରୁ ବାତିଲ**

**ବାତିଲ୍ ହେଉଥିବା ଟ୍ରେନ୍ ସମୂହ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ବାତିଲ ହେବା ତାରିଖ |
|---|---|---|
| 12882 | ପୁରୀ-ହାଓଡ଼ା ଦ୍ୱି-ସାପ୍ତାହିକ ଏକ୍ସପ୍ରେସ୍ | 17.09.2018, 19.09.2018 ଏବଂ 24.09.2018 |
| 12881 | ହାଓଡ଼ା-ପୁରୀ ଦ୍ୱି-ସାପ୍ତାହିକ ଏକ୍ସପ୍ରେସ୍ | 18.09.2018, 20.09.2018 ଏବଂ 25.09.2018 |
| 22883 | ପୁରୀ-ଯଶବନ୍ତପୁର ଗରିବ ରଥ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 22884 | ଯଶବନ୍ତପୁର-ପୁରୀ ଗରିବ ରଥ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 22859 | ପୁରୀ-ଚେନ୍ନାଇ ସେଣ୍ଟ୍ରାଲ୍ ଏକ୍ସପ୍ରେସ୍ | 16.09.2018 ଏବଂ 23.09.2018 |
| 22860 | ଚେନ୍ନାଇ ସେଣ୍ଟ୍ରାଲ୍-ପୁରୀ ଏକ୍ସପ୍ରେସ୍ | 17.09.2018 ଏବଂ 24.09.2018 |
| 18405 | ପୁରୀ-ଅହମଦାବାଦ ଏକ୍ସପ୍ରେସ୍ | 12.09.2018 ଏବଂ 19.09.2018 |
| 18406 | ଅହମଦାବାଦ -ପୁରୀ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 12888 | ପୁରୀ-ହାଓଡ଼ା ଏକ୍ସପ୍ରେସ୍ | 16.09.2018 ଏବଂ 23.09.2018 |
| 12887 | ହାଓଡ଼ା -ପୁରୀ ଏକ୍ସପ୍ରେସ୍ | 17.09.2018 ଏବଂ 24.09.2018 |
| 12993 | ଗାନ୍ଧୀଧାମ-ପୁରୀ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 12994 | ପୁରୀ -ଗାନ୍ଧୀଧାମ ଏକ୍ସପ୍ରେସ୍ | 17.09.2018 ଏବଂ 24.09.2018 |
| 22973 | ଗାନ୍ଧିଧାମ-ପୁରୀ ଏକ୍ସପ୍ରେସ୍ ଭାୟା ବିଜୟନଗରମ୍ | 12.09.2018 ଏବଂ 19.09.2018 |
| 22974 | ପୁରୀ -ଗାନ୍ଧିଧାମ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 12145 | ଲୋକମାନ୍ୟ ତିଲକ୍ ଟର୍ମିନସ୍-ପୁରୀ ଏକ୍ସପ୍ରେସ୍ | 16.09.2018 |
| 12146 | ପୁରୀ -ଲୋକମାନ୍ୟ ତିଲକ୍ ଟର୍ମିନସ୍ ଏକ୍ସପ୍ରେସ୍ | 18.09.2018 |
| 22201 | ସିଆଲ୍‌ଦା-ପୁରୀ ଏକ୍ସପ୍ରେସ୍ | 14.09.2018, 17.09.2018, 19.09.2018 ଏବଂ 21.09.2018 |
| 22202 | ପୁରୀ -ସିଆଲ୍‌ଦା ଏକ୍ସପ୍ରେସ୍ | 15.09.2018, 18.09.2018, 20.09.2018 ଏବଂ 22.09.2018 |
| 12278 | ପୁରୀ-ହାଓଡ଼ା ଶତାବ୍ଦୀ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 12277 | ହାଓଡ଼ା -ପୁରୀ ଶତାବ୍ଦୀ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 08091 | ଭଞ୍ଜପୁର-ପୁରୀ ସ୍ପେଶାଲ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 08092 | ପୁରୀ -ଭଞ୍ଜପୁର ସ୍ପେଶାଲ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 58131 | ରାଉରକେଲା-ପୁରୀ ପାସେଞ୍ଜର | 14.09.2018 ଠାରୁ 24.09.2018 |
| 58132 | ପୁରୀ-ରାଉରକେଲା ପାସେଞ୍ଜର | 15.09.2018 ଠାରୁ 25.09.2018 |
| 58403/ 58404 | ଖୋର୍ଦ୍ଧା ରୋଡ଼-ପୁରୀ-ଖୋର୍ଦ୍ଧା ରୋଡ଼ ପାସେଞ୍ଜର | 14.09.2018 ଠାରୁ 24.09.2018 |
| 58409/58410 | ଖୋର୍ଦ୍ଧା ରୋଡ଼-ପୁରୀ-ଖୋର୍ଦ୍ଧା ରୋଡ଼ ପାସେଞ୍ଜର | 14.09.2018 ଠାରୁ 24.09.2018 |
| 58431/58432 | ଖୋର୍ଦ୍ଧା ରୋଡ଼-ନୟାଗଡ଼ ଟାଉନ୍-ଖୋର୍ଦ୍ଧା ରୋଡ଼ ପାସେଞ୍ଜର | 14.09.2018 ଠାରୁ 24.09.2018 |

**ଗନ୍ତବ୍ୟ ଷ୍ଟେସନ ପୂର୍ବରୁ ବାତିଲ୍ ହେଉଥିବା ଟ୍ରେନ୍ ସମୂହ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ମଧରେ ବାତିଲ୍ | ଗନ୍ତବ୍ୟ ଷ୍ଟେସନ ପୂର୍ବରୁ ବାତିଲ୍ ହେବା ତାରିଖ |
|---|---|---|---|
| 12277 | ହାଓଡ଼ା-ପୁରୀ ଶତାବ୍ଦୀ ଏକ୍ସପ୍ରେସ୍ | ଭୁବନେଶ୍ୱର-ପୁରୀ | 14.09.2018 ଠାରୁ 24.09.2018. 15.09.2018 ଓ 22.09.2018 ବ୍ୟତୀତ |
| 12278 | ପୁରୀ -ହାଓଡ଼ା ଶତାବ୍ଦୀ ଏକ୍ସପ୍ରେସ୍ | ପୁରୀ-ଭୁବନେଶ୍ୱର | 16.09.2018 ଠାରୁ 25.09.2018. 15.09.2018 ଓ 22.09.2018 ବ୍ୟତୀତ |
| 12821/12822 | ହାଓଡ଼ା-ପୁରୀ-ହାଓଡ଼ା ଦୁରନ୍ତୋ ଏକ୍ସପ୍ରେସ୍ | ପୁରୀ-ଭୁବନେଶ୍ୱର-ପୁରୀ | 13.09.2018 ଠାରୁ 24.09.2018 |
| 18303/18304 | ସମ୍ବଲପୁର-ପୁରୀ-ସମ୍ବଲପୁର ଏକ୍ସପ୍ରେସ୍ | ଖୋର୍ଦ୍ଧା ରୋଡ଼-ପୁରୀ-ଖୋର୍ଦ୍ଧା ରୋଡ଼ | 14.09.2018 ଠାରୁ 24.09.2018 |
| 17480 | ତିରୁପତି-ପୁରୀ ଏକ୍ସପ୍ରେସ୍ | ଖୋର୍ଦ୍ଧା ରୋଡ଼-ପୁରୀ | 14.09.2018, 15.09.2018, 17.09.2018, 18.09.2018, 19.09.2018, 21.09.2018 ଏବଂ 22.09.2018 |
| 17479 | ପୁରୀ -ତିରୁପତି ଏକ୍ସପ୍ରେସ୍ | ଖୋର୍ଦ୍ଧା ରୋଡ଼-ପୁରୀ | 15.09.2018, 16.09.2018, 18.09.2018, 19.09.2018, 20.09.2018, 22.09.2018 ଏବଂ 23.09.2018 |
| 58001/58002 | ହାଓଡ଼ା-ପୁରୀ-ହାଓଡ଼ା ପାସେଞ୍ଜର | ଖୋର୍ଦ୍ଧା ରୋଡ଼-ପୁରୀ-ଖୋର୍ଦ୍ଧା ରୋଡ଼ | 14.09.2018 ଠାରୁ 24.09.2018 |
| 58413/58414 | ତାଳଚେର-ପୁରୀ-ତାଳଚେର ପାସେଞ୍ଜର | ଭୁବନେଶ୍ୱର-ପୁରୀ-ଭୁବନେଶ୍ୱର | 14.09.2018 ଠାରୁ 24.09.2018 |
| 58418 | ଗୁଣୁପୁର-ପୁରୀ ପାସେଞ୍ଜର | ପଲାସା ଠାରୁ ଗୁଣୁପୁର | 19.09.2018 ଠାରୁ 24.09.2018 |
| 58417 | ପୁରୀ -ଗୁଣୁପୁର ପାସେଞ୍ଜର | ଗୁଣୁପୁର ଠାରୁ ପଲାସା | 20.09.2018 ଠାରୁ 25.09.2018 |



ପୂର୍ବ ତଟ ରେଳପଥ

PR-344/J/18-19


# ୫ ବର୍ଷ ହେଲା ୟୁଜିସି ଅନୁଦାନରୁ ବଞ୍ଚିତ

**ଯାଜପୁରରୋଡ,୯।୯(ନି.ପ୍ର.)**

ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ୫ ବର୍ଷ ହେବ ୟୁଜିସି ଅନୁଦାନ ମିଳୁନାହିଁ। ଅଧ୍ୟକ୍ଷଙ୍କ ପରିଚାଳନାଗତ ତ୍ରୁଟି ଯୋଗୁ ୫ ବର୍ଷ ହେବ ୟୁଜିସି ଅନୁଦାନ ପାଣ୍ଠିର ସଦୁଯୋଗ କରାଯାଇନାହିଁ। ଫଳରେ ଏପରି ସମସ୍ୟା ସୃଷ୍ଟି ହୋଇଥିବା କୁହାଯାଉଛି। ଅନୁଦାନ ଅର୍ଥ ନ ମିଳିବାରୁ କଲେଜର ବିକାଶରେ ବାଧା ଦେଖାଦେଇଛି। ମୋଟ୍ ୩୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ଶ୍ରେଣୀଗୃହର ଅଭାବ ଥିବାରୁ ପିଲାମାନେ ସକାଳ ୮ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ରହୁଛନ୍ତି। ବିଭିନ୍ନ ନେତାଙ୍କ ମାଧ୍ୟମରେ କଲେଜରେ ୩ ଅଧ୍ୟାପିକା ଅଧ୍ୟାପକଙ୍କୁ ବେଆଇନଭାବେ ନିଯୁକ୍ତି ମିଳିଛି। ଏ ନେଇ ୨୦୧୫ରେ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା। ଏ ନେଇ ଭିଜିଲାନ୍ସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଗତ ୪ ତାରିଖରେ ଭିଜିଲାନ୍ସ ବିଭାଗ ୩ ଅଧ୍ୟାପିକା ଅଧ୍ୟାପକଙ୍କ ନିଯୁକ୍ତି କାଗଜପତ୍ର ଓ ଅନ୍ୟାନ୍ୟ କାଗଜପତ୍ର ସିଜ୍ କରିନେଇଛି। ମହାବିଦ୍ୟାଳୟର ଇଣ୍ଡୋର ଷ୍ଟାଡିୟମ୍ ୮ ମାସ ହେବ ଉଦ୍‌ଘାଟନ ହୋଇଥିଲେ ମଧ୍ୟ କାର୍ଯ୍ୟକାରୀ ନ ହୋଇ ପରିତ୍ୟକ୍ତ ଅବସ୍ଥାରେ ରହିଛି। କଲେଜର ଦୁର୍ନୀତି ସମ୍ପର୍କରେ ଅଧ୍ୟକ୍ଷ ଶନିବାର ଯାଜପୁରରୋଡ ଥାନାରେ ଅଭିଯୋଗ କରିଛନ୍ତି। ବରିଷ୍ଠ ଅଧ୍ୟାପିକା, ଅଧ୍ୟାପକ କ୍ଲାସ୍‌କୁ ନ ଯାଇ କନିଷ୍ଠ ଓ କଣ୍ଟ୍ରାକ୍ଟୁଆଲ ଭାବେ ନିଯୁକ୍ତି ପାଇଥିବା ଅଧିାପକ କ୍ଲାସ୍ କରୁଛନ୍ତି। ସେହିପରି ଅଡିଟ୍‌ରେ ଦୁର୍ନୀତି ହୋଇଥିଲେ ମଧ୍ୟ ଲୋକଲୋଚନକୁ ଦୁର୍ନୀତି ରିପୋର୍ଟ ଆସିପାରୁନାହିଁ। ଏହି ଦୁର୍ନୀତି ସମ୍ପର୍କରେ ଅଧ୍ୟକ୍ଷ ହେମନ୍ତ କୁମାର ରାଉତ ଶନିବାର ଯାଜପୁରରୋଡ ଥାନାରେ ଅଭିଯୋଗ କରିଥିଲେ। ଥାନାଧିକାରୀ ଅମିତାଭ ମହାପାତ୍ର ଅଭିଯୋଗ ସମ୍ପର୍କରେ କୁହନ୍ତି, ଅଭିଯୋଗ ପାଇଛୁ। ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବୁ। କଲେଜ ଅଧ୍ୟକ୍ଷ ରାଉତଙ୍କୁ ପଚାରିବାରେ, ପୂର୍ବତନ ଅଧ୍ୟକ୍ଷମାନେ ୟୁଜିସି ପାଣ୍ଠିର ସୁବିନିଯୋଗ ରିପୋର୍ଟ ଦେଇ ନ ଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଥିବା କହିଥିଲେ। ମହାବିଦ୍ୟାଳୟ ଛାତ୍ର ସଂସଦ ପୂର୍ବତନ ସଭାପତି ବିଦ୍ୟାଧର ମହାନ୍ତି କୁହନ୍ତି, ବ୍ୟାସନଗର ମହାବିଦ୍ୟାଳୟର ଗୁଣାତ୍ମକ ଶିକ୍ଷା ଓ କଲେଜ ପରିଚାଳନା ତ୍ରୁଟି ଦିନକୁ ଦିନ ବଢିବାରେ ଲାଗିଛି। କଲେଜର ସୁରକ୍ଷା ପାଇଁ ପୁରାତନ ଛାତ୍ରସଂଘ ପକ୍ଷରୁ କଲେଜ ପରିସରରେ ପୁନର୍ବାର ଆନ୍ଦୋଳନ କରାଯିବ ବୋଲି କହିଥିଲେ।

**ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ**

- ୩ ଅଧ୍ୟାପକଙ୍କ ବେଆଇନ ନିଯୁକ୍ତି
- ଭିଜିଲାନ୍ସ ପକ୍ଷରୁ ତଦନ୍ତ ଆରମ୍ଭ
- ନିଯୁକ୍ତି ପତ୍ର ଓ ଅନ୍ୟାନ୍ୟ କାଗଜାଦି ଜବତ



ଅନ୍ୟର ନିନ୍ଦା କରିବାରେ ପଟୁତା, ନିଜ କାର୍ଯ୍ୟ ପ୍ରତି ଅବହେଳା ଓ ଭଲ ଲୋକଙ୍କ ସହିତ ଶତ୍ରୁତା-ଏ ତିନୋଟି ଅବସ୍ଥା ମଣିଷର ପତନର କାରଣ।

- ଚାଣକ୍ୟ



## ସଂକ୍ଷେପରେ

### ଦୁର୍ଘଟଣାରେ ୩ ମୃତ

**କଳିଙ୍ଗନଗର,୯।୯(ଡ଼ି.ଏନ.ଏ):** କଳିଙ୍ଗନଗର ଅଞ୍ଚଳର ବିଆରପିଲ ଛକଠାରେ ଏକ ଦୁର୍ଘଟଣା ଘଟି ୩ଜଣଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ଜଣକ ଚଣ୍ଡିଖୋଲ ଅଞ୍ଚଳର ଚନ୍ଦନ ନାୟକ ବୋଲି ଜଣାପଡ଼ିଛି। ସୂଚନା ଥାଉକି, ଉକ୍ତ ୪ଜଣ ବିଆରପିଲ ଛକ ଦେଇ ଚାଲିଚାଲି ଯାଉଥିବା ବେଳେ ଏକ ଅଜଣା ଗାଡ଼ି ସେମାନଙ୍କୁ ପଛପଟୁ ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ଘଟଣାସ୍ଥଳରେ ୩ଜଣଙ୍କର ମୃତ୍ୟୁ ଘଟିଥିଲା। ଆହତ ବ୍ୟକ୍ତିଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳିପାରି ନାହିଁ।

### ଦିନକର ଶିଶୁପୁତ୍ର ରାସ୍ତା କଡ଼ରୁ ଉଦ୍ଧାର

**ଚଣ୍ଡିଖୋଲ,୯।୯(ଡ଼ି.ଏନ.ଏ):** ୧୬ନଂ ଜାତୀୟ ରାଜପଥର ଚଣ୍ଡିଖୋଲ ହୋଟେଲ ରାଜପଥ ସମ୍ମୁଖରେ ରବିବାର ଏକ ଶିଶୁପୁତ୍ର ରାସ୍ତା କଡ଼ରେ ପଡ଼ିଥିବା ଖବର ପାଇ ପୋଲିସ ଶିଶୁକୁ ଉଦ୍ଧାର କରିଥିଲା। ଜନ୍ମ ହେବାର ଦିନକ ପରେ ଶିଶୁ ପୁତ୍ରଟିକୁ କେହି ଛାଡ଼ି ଦେଇ ଯାଇଥିବା ଅନୁମାନ କରାଯାଉଛି। ବଡ଼ଚଣା ପୋଲିସ ଓ ଶିଶୁ ମଙ୍ଗଳ ବିଭାଗ ଶିଶୁପୁତ୍ରକୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

### ୧୦ ଶିଶୁ ଶ୍ରମିକ ଜିଲା ଶିଶୁ ସୁରକ୍ଷା ୟୁନିଟକୁ ହସ୍ତାନ୍ତର

**ଯାଜପୁର ରୋଡ/ କଳିଙ୍ଗନଗର,୯।୯(ନି.ପ୍ର/ଡିଏନଏ):** କୋରେଇ ପୋଲିସ ମୁସ୍କାନ ଅଭିଯାନରେ ରବିବାର ରଗଡି ଅଞ୍ଚଳରୁ ୬ଜଣ ୬ରୁ ୧୮ବର୍ଷ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରି ଶିଶୁ ସୁରକ୍ଷା ୟୁନିଟକୁ ହସ୍ତାନ୍ତର କରିଛି। ଏହି ଶିଶୁ ଶ୍ରମିକମାନେ ଏକ ଟାଇଲ କାରଖାନାରେ କାର୍ଯ୍ୟ କରୁଥିଲେ। ଶିଶୁ ଶ୍ରମିକଙ୍କ ଘର ମୟୁରଭଞ୍ଜ ଜିଲାରେ ବୋଲି ପୋଲିସ କହିଛି । ସେହିପରି ଜଖପୁରା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୪ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ୩ଟି ହୋଟେଲ ଓ ଗୋଟିଏ ଇଟା କାରଖାନା ଚଢାଉ କରାଯାଇ ଉଦ୍ଧାର କରାଯାଇଥିଲା।

### ଜିଇଓ ଟ୍ୟାଗିଂ କମିଟି ଗଠିତ

**ବିଞ୍ଝାରପୁର,୯।୯(ଡି.ଏନ.ଏ):** ବିଞ୍ଝାରପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ଜିଇଓ ଟ୍ୟାଗିଂ କରୁଥିବା ଯୁବତୀଯୁବକଙ୍କୁ ନେଇ ଶନିବାର ଅହରାହ୍ନରେ ବିଞ୍ଝାରପୁରଠାରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ବ୍ଲକସ୍ତରୀୟ କମିଟି ଗଠନ କରାଯାଇଥିଲା। ଏହି କମିଟିରେ ସଭାପତି ରୂପେ ଶାନ୍ତନୁ କୁମାର ପଣ୍ଡା, ସମ୍ପାଦକ ନିରଞ୍ଜନ ନାୟକ, ସହସମ୍ପାଦକ ଦର୍ଶନୀ ମଲ୍ଲିକ, କୋଷାଧ୍ୟକ୍ଷ ସତ୍ୟରଞ୍ଜନ ସାମଲ ଓ ମହିଳା ମୁଖ୍ୟଭାବେ ପ୍ରିୟଦର୍ଶନୀ ଭଞ୍ଜଙ୍କୁ ସର୍ବସମ୍ମତ କ୍ରମେ ମନୋନୟନ କରାଯାଇଥିଲା ବେଳେ ସମ୍ମିଳନୀରେ କମିଟି ସମ୍ପର୍କରେ ଆଲୋଚନା କରାଯାଇଥିଲା।

### ୪ ଶିଶୁ ଶ୍ରମିକ ଉଦ୍ଧାର

**ଚଣ୍ଡିଖୋଲ,୯।୯(ଡ଼ି.ଏନ.ଏ):** ବଡ଼ଚଣା ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ପୋଲିସ ୪ଜଣ ଶିଶୁ ଶ୍ରମିକଙ୍କୁ ରବିବାର ଉଦ୍ଧାର କରିଛି। ଅପରେସନ ପରୀ-୨ ଜରିଆରେ ବଡ଼ଚଣା ପୋଲିସ ଚଣ୍ଡିଖୋଲ ଛକ, ସୁଙ୍ଗୁଡ଼ା , ନୂଆସୁଙ୍ଗୁଡ଼ା ଏବଂ ଉତ୍ତମରାଠାରେ ଚଢାଉ କରି ୪ଜଣ ଶିଶୁଙ୍କୁ ରବିବାର ଉଦ୍ଧାର କରିଛି। ଚଣ୍ଡିଖୋଲ ଛକରେ ଥିବା ହୋଟେଲ ବ୍ୟଞ୍ଜନ, ବାବୁଲି ପୂଜା ସାମଗ୍ରୀ ଭଣ୍ଡାର, ଆରଟିଓ ଅଫିସ ନିକଟ ବିଚିତ୍ରା ନନ୍ଦ ଜୟସିଂଙ୍କ ହୋଟେଲ ଏବଂ ଆରଟିଓ ଅଫିସ ନିକଟ ଏକ ଗ୍ୟାରେଜ୍‌ରୁ ଏହି ୪ଜଣ ଶିଶୁଙ୍କୁ ଉଦ୍ଧାର କରିଥିଲେ। ସମସ୍ତ ଶିଶୁଙ୍କର ବୟସ ୧୩ରୁ ୧୪ ମଧ୍ୟରେ ହେବ ବୋଲି ବଡ଼ଚଣା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ଏହି ଶିଶୁଙ୍କୁ ଉଦ୍ଧାର କରି ଯାଜପୁର ଶିଶୁ ମଙ୍ଗଳ ବିଭାଗକୁ ହସ୍ତାନ୍ତର କରାଯାଇଛି।

■ ଫେରୋକ୍ରୋମ କଲୋନୀରେ ବେଆଇନ ଘରଭଡା

# ଘର ଖାଲି ନ କରିବାକୁ ରାଜନୈତିକ ଚାପ

**ଯାଜପୁର ଅଫିସ,୯।୯**

ରାଜ୍ୟ ଶିଳ୍ପ ଉନ୍ନୟନ ନିଗମ (ଆଇଡିସି) ଅଧୀନସ୍ଥ ଯାଜପୁରରୋଡର ଫେରୋକ୍ରୋମ କାରଖାନା ଓ କାଳିଆପାଣିସ୍ଥିତ ତଳଙ୍ଗୀ ଖଣିରେ କାର୍ଯ୍ୟରତ ଅଧିକାରୀ, କର୍ମଚାରୀଙ୍କ ରହିବା ପାଇଁ ଫେରୋକ୍ରୋମ କଲୋନୀ ନିର୍ମାଣ ହୋଇଛି। କଲୋନୀରେ ଥିବା ୩୬୫ଟି କ୍ୱାର୍ଟର ମଧ୍ୟରୁ ଏବେ ଅଧିକାଂଶ ବାହାର ଲୋକଙ୍କ କବଜାରେ। ଏନେଇ ଧରିତ୍ରୀରେ ଗତ ଅଗଷ୍ଟ ୧୫ରେ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇଥିଲା। ଏହାପରେ କମ୍ପାନୀ ସିଏମ୍‌ଡି ତଥା ଅତିରିକ୍ତ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ତତ୍ପରତା ପ୍ରକାଶ କରି ବେଆଇନ ଭାବେ ରହୁଥିବା ବ୍ୟକ୍ତିଙ୍କୁ ସେପ୍ଟେମ୍ବର ୧୫ ସୁଦ୍ଧା ଘର ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ କାରଖାନା ୟୁନିୟନର କର୍ମକର୍ତ୍ତା ତଥା ଶାସକ ଦଳର ଜଣେ ନେତାଙ୍କ ଇଶାରାରେ ସିଏମ୍‌ଡିଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହେବା ନେଇ ସନ୍ଦେହ ଦେଖାଦେଇଛି।

କାରଖାନାର ବହୁ କର୍ମଚାରୀ ଓ ଅଧିକାରୀ ଆବଣ୍ଟିତ ବାସଗୃହରେ ନ ରହି ଏହାକୁ ବ୍ୟବସାୟ ଉଦ୍ଦେଶ୍ୟରେ ଅନ୍ୟ ଲୋକଙ୍କୁ ଭଡ଼ା ଦିଆଯାଉଛି। ଏହି ବାବଦକୁ ଅଗ୍ରୀମ ଆକାରରେ ୨୦ରୁ ୫୦ହଜାର ଟଙ୍କା ନେବା ସହ ମାସିକ ୩ହଜାରରୁ ୧୦ହଜାର ପର୍ଯ୍ୟନ୍ତ ଭଡ଼ା ମଧ୍ୟ ଆଦାୟ ହେଉଛି। ଏହାବାଦ ମନୋମୁଖୀ ଭାବେ ବିଦ୍ୟୁତ ବ୍ୟବହାର ଯୋଗୁ କାରଖାନାର ବିଦ୍ୟୁତ ଦେୟ ବଢ଼ିବାରେ ଲାଗିଛି। ଅଧିକାଂଶ କ୍ୱାର୍ଟରରେ ହିଟର, ୧ରୁ ଅଧିକ ଶୀତତାପ ନିୟନ୍ତ୍ରକ ଯନ୍ତ୍ର(ଏସି) ଆଦି ଲଗାଯାଇଛି। ଏଥିଯୋଗୁ ମଧ୍ୟ କମ୍ପାନୀ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛି। ବିଶେଷ କରି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନୀଳାଚଳ ଇସ୍ପାତ ନିଗମର ଅଧିକାଂଶ କର୍ମଚାରୀ ବେଆଇନ ଭାବେ ହାତେଇଥିବା କ୍ୱାର୍ଟରଗୁଡ଼ିକୁ ପୁଣି ନିଜ ଅକ୍ତିଆରରେ ରଖିବାକୁ ଉଦ୍ୟମ କରୁଛନ୍ତି। କ୍ୱାର୍ଟର ଖାଲି କରିବାକୁ ସିଏମ୍‌ଡିଙ୍କ ନିର୍ଦ୍ଦେଶ ପରେ ବି ସେମାନେ ଶାସକ ଦଳ ନେତୃବର୍ଗଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରବିବାର ସକାଳେ ନୀଳାଚଳ ଇସ୍ପାତ ନିଗମର କେତେଜଣ କର୍ମଚାରୀ ସେହି ନେତାଙ୍କ ଦ୍ୱାରସ୍ଥ ହୋଇ ଏ ସଂକ୍ରାନ୍ତରେ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡିଛି। ଏହାପରେ ନେତା ଜଣକ ଫେରୋକ୍ରୋମ ଏମ୍‌ଡିଙ୍କୁ ଫୋନ ଯୋଗେ ଯୋଗାଯୋଗ କରି ଘର ନ ପାଇବା ପର୍ଯ୍ୟନ୍ତ କଲୋନୀରେ ରହିବାକୁ ଅନୁମତି ଦିଆଯାଉ ବୋଲି ଚାପ ପ୍ରୟୋଗ କରିଛନ୍ତି । ଏପରିକି ନୀଳାଚଳ ଇସ୍ପାତ ନିଗମର କାର୍ମିକ ବିଭାଗର ଜଣେ ଅଧିକାରୀଙ୍କୁ ଫୋନ କରି ଫେରୋକ୍ରୋମର ବକେୟା ଘରଭଡା ବାବଦକୁ ପ୍ରାୟ ୧୦ଲକ୍ଷ ଟଙ୍କା ପୈଠ କରିବାକୁ କୁହାଯାଇଛି। ଏହାପରେ ନୀଳାଚଳ କାରଖାନାରେ କାର୍ଯ୍ୟରତ ଅନ୍ୟ କର୍ମଚାରୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ କରିଛନ୍ତି। କୌଣସି ରାଜନୈତିକ ଚାପରେ ନୁହେଁ ନୀଳାଚଳ ଇସ୍ପାତ ନିଗମର ଘର ଆବଣ୍ଟନ ନୀତି ଅନୁସାରେ ଉପଯୁକ୍ତ କର୍ମଚାରୀଙ୍କୁ ଫେରୋକ୍ରୋମ କଲୋନୀରେ ଘର ଯୋଗାଇ ଦେବାକୁ ଦାବି ହୋଇଛି। ଏ ସଂକ୍ରାନ୍ତରେ ଫେରୋକ୍ରୋମ ଏମ୍‌ଡି ବୀରକିଶୋର ସାହୁଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ ନ ଉଠାଇବାରୁ ତାଙ୍କ ମତାମତ ମିଳିପାରି ନାହିଁ।



■ବାହାର ଲୋକଙ୍କ କବ୍‌ଜାରେ ଅଧିକାଂଶ କ୍ୱାର୍ଟର
■୧୫ ତାରିଖ ସୁଦ୍ଧା ଘର ଖାଲି କରିବାକୁ ସିଏମ୍‌ଡିଙ୍କ ନିର୍ଦ୍ଦେଶ
■ନିର୍ଦ୍ଦେଶ କାର୍ଯ୍ୟକାରୀ ହେବା ନେଇ ସନ୍ଦେହ

## ଫସଲବୀମା ପାଇବାକୁ ଦାବି କଲେ ଚାଷୀ

**ବିରଜାକ୍ଷେତ୍ର,୯।୯(ଡି.ଏନ୍.ଏ.)**

ଲଗାଣ ବର୍ଷା ଯୋଗୁ ବୁଢ଼ା ନଦୀରେ ବନ୍ୟାଜଳ ପ୍ରବେଶ କରିବା ଫଳରେ ଅବଦଲପୁର ଗ୍ରାମର ଧାନ ଓ ପନିପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। କ୍ଷତିଗ୍ରସ୍ତ ଚାଷୀ ମାଧବାନନ୍ଦ ନାୟକ, ଗୋପାଳ ନାୟକ, ଚନ୍ଦ୍ରମଣି ନାୟକ, ରମାକାନ୍ତ ନାୟକ, ନୃସିଂହ ନାୟକ, ଗୋବିନ୍ଦ ନାୟକ, ଚିତ୍ତରଞ୍ଜନ ନାୟକ, ଘନଶ୍ୟାମ ନାୟକ, କୃଷ୍ଣଚନ୍ଦ୍ର ପରିଡ଼ା, ଅନନ୍ତ ପରିଡ଼ା, ଲକ୍ଷ୍ମୀଧର ପରିଡ଼ା, ଅକ୍ଷୟ କୁମାର ବାରିକ, ଅଜୟ ବାରିକ, ଅନନ୍ତ ବାରିକ, ଅଶୋକ ବାରିକ ପ୍ରମୁଖ ଫସଲ ବୀମା ଯୋଗାଇ ଦେବାକୁ ଶନିବାର ବିଭିନ୍ନ ଗଣମାଧ୍ୟମରେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଯାଜପୁର ବ୍ଲକ ବିଚିତ୍ରପୁର ପଞ୍ଚାୟତର ୧୪, ୧୫ ନଂ. ୱାର୍ଡ ଅବଦଲପୁର ଗ୍ରାମ ବନ୍ୟା ପ୍ଲାବିତ ଅଞ୍ଚଳ । ପ୍ରତିବର୍ଷ ବୁଢ଼ା ନଦୀରେ ବନ୍ୟା ଆସିଲେ ଚାଷଜମିରେ ପାଣି ଜମିରହି ପ୍ରାୟ ୪୦୦ ଏକରରୁ ଊର୍ଦ୍ଧ୍ୱ ଧାନ ଓ ୫୦ ଏକରରୁ ଊର୍ଦ୍ଧ୍ୱ ପନିପରିବା ନଷ୍ଟ ହୋଇଥାଏ । ହେଲେ କ୍ଷତିଗ୍ରସ୍ତ ଚାଷୀ ଫସଲ ବୀମା ପାଇବାରୁ ବଞ୍ଚିତ ହେଉଥିବା କହିଥିଲେ।

# ଅଳକା ସୁନ୍ଦରୀ ମେମୋରିଆଲ ଟ୍ରଷ୍ଟର ବାର୍ଷିକ ଉତ୍ସବ

**ରସୁଲପୁର,୯।୯(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ଖଣ୍ଡିତର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ପୂର୍ବାହ୍ନରେ ଅଳକା ସୁନ୍ଦରୀ ମେମୋରିଆଲ ଟ୍ରଷ୍ଟର ୬ଷ୍ଠ ବାର୍ଷିକୀ ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ କମଳ କୁମାରୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ପୂଜାପୂଜାଙ୍କୁ ସମ୍ମାନ, ପ୍ରତିଭାଙ୍କୁ ସମ୍ବର୍ଦ୍ଧନା, କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ଟ୍ରଷ୍ଟର ପ୍ରତିଷ୍ଠାତା ଫାଲଗୁନି ବିଭୁକଲ୍ୟାଣ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଟ୍ରଷ୍ଟର ଉଦ୍ଦେଶ୍ୟ ଓ ଆଗାମୀ ବର୍ଷର କାର୍ଯ୍ୟ ପନ୍ଥା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାଏ, ମୁଖ୍ୟବକ୍ତା ବାବା ଭୈରବାନନ୍ଦ ମହାବିଦ୍ୟାଳୟର ଉପାଧ୍ୟକ୍ଷା ଇନ୍ଦୁମତୀ ଦାସ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୁରାତନ ଶିକ୍ଷୟିତ୍ରୀ ନିବେଦିତା ଦାସ, ମା' ତାରିଣୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସମରେନ୍ଦ୍ର ଦାଶ, ଯାଜପୁର କବାଡି ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର କୁମାର ପୃଷ୍ଟି, ରସୁଲପୁର ସରପଞ୍ଚ ଗୋଲଖ ବିହାରୀ ପଣ୍ଡା, ଯୁବନେତା ପ୍ରକାଶ ସାମଲ ପ୍ରମୁଖ ଯୋଗଦେଇ ଦିବଙ୍ଗତ ଅଳକା ଦିଦିଙ୍କ ନୀତି ଆଦର୍ଶ ଓ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଦିଦିଙ୍କ ମହନତା ଚିରକାଳ ପାଇଁ ସମସ୍ତଙ୍କ ଆଦର୍ଶ ହୋଇରହିବ ବୋଲି ବକ୍ତାମାନେ ମତ ଦେଇଥିଲେ। ଶିକ୍ଷକ ସୁନନ୍ଦ କୁମାର ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଚଳିତବର୍ଷ ନୋଡାଲ ଉଚ୍ଚ ବିଦ୍ୟାଳୟର ବୋର୍ଡ ପରୀକ୍ଷାରେ ବିଦ୍ୟାଳୟ ପକ୍ଷରୁ ସବୁଠାରୁ ୪୯୩ ନମ୍ବର ରଖିଥିବା ମେଧାବୀ ଛାତ୍ରୀ ସୁଚିସ୍ମିତା ପଣ୍ଡାଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିସହ ଟ୍ରଷ୍ଟ ପକ୍ଷରୁ ପୁରାତନ ଶିକ୍ଷିକାଶିକ୍ଷକଙ୍କୁ ସମ୍ମାନ ଜଣାଯିବା ସହ ପ୍ରତିଭା ସମ୍ପନ୍ନ ଅତିଥିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଦ୍ୟାଳୟର କ୍ରୀଡା ଶିକ୍ଷକ ଅନାଦି ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଟ୍ରଷ୍ଟର ସଦସ୍ୟମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ ।



ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ୧୨ଘଣ୍ଟିଆ ଭାରତ ବନ୍ଦ କରିବାକୁ ବିଞ୍ଝାରପୁର କଂଗ୍ରେସର ଆହ୍ୱାନ

**ବିଞ୍ଝାରପୁର,୯।୯(ଡି.ଏନ.ଏ)**

ପେଟ୍ରୋଲ, ଡିଜେଲ, ଗ୍ୟାସ ସାମଗ୍ରୀ ଉପରେ ବାରମ୍ବାର ମୂଲ୍ୟ ବୃଦ୍ଧି ଓ ରାଫେଲ ଯୁଦ୍ଧ ବିମାନ କିଣାରେ ଦୁର୍ନୀତି ଘଟଣା ପ୍ରତିବାଦରେ କଂଗ୍ରେସ ପକ୍ଷରୁ ସୋମବାର ୧୨ଘଣ୍ଟିଆ ଭାରତ ବନ୍ଦ ଡାକରା ଦିଆଯାଇଛି। ଏହି ଡାକରାକୁ ସଫଳ କରିବା ପାଇଁ ବିଞ୍ଝାରପୁର ବ୍ଲକ କଂଗ୍ରେସ ପକ୍ଷରୁ ଜନସାଧାରଣଙ୍କୁ ବିଞ୍ଝାରପୁର ବ୍ଲକରେ ଶାନ୍ତିପର୍ଣ୍ଣ ଭାବେ ସଫଳ କରିବାକୁ ସଭାପତି ନିରଞ୍ଜନ ବେଉରିଆ ନିବେଦନ କରିଛନ୍ତି। ଏହି ବନ୍ଦ ସକାଳ ୬ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ମିଳିଛଇ। ଏହାକୁ ସଫଳ କରିବା ପାଇଁ ବିଞ୍ଝାରପୁର କଂଗ୍ରେସର ବରିଷ୍ଠ ନେତା ଶିଶିର ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ରାଜ୍ୟ ମହିଳା କଂଗ୍ରେସର ସମ୍ପାଦିକା କନକଲତା ମଲ୍ଲିକ, ଗୋବିନ୍ଦ ଚନ୍ଦ୍ର ପରିଡା, କିଶୋର ଦାସ, ମହେନ୍ଦ୍ର ମଲ୍ଲିକ, ଭୁବନାନନ୍ଦ ସାମଲ ପ୍ରମୁଖ ଜନସାଧାରଣଙ୍କୁ ଆହ୍ୱାନ ଜଣାଇଛନ୍ତି।

ଗୋଷ୍ଠୀ ସଂଘର୍ଷରୁ ମରଣାନ୍ତକ ଆକ୍ରମଣ ଘଟଣା

## ଜଣେ ଅଟକ, ଏସପିଙ୍କୁ ଭେଟିଲେ ଗୋଟିଏ ଗୋଷ୍ଠୀ

**ଯାଜପୁର ରୋଡ,୯।୯(ନି.ପ୍ର)**

କୋରେଇ ଥାନା ଅନ୍ତର୍ଗତ ଖାରଜବଟି ସଫିଆନସାହିରେ ଶନିବାର ରାତିରେ ସାମାନ୍ୟ ଘଟଣାକୁ ନେଇ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଏଥିରେ ଗୋଟିଏ ପରିବାରର ୫ଜଣ ଆହତ ହୋଇଥିଲେ। ଏହି ଘଟଣାରେ ପୋଲିସ ଉଭୟ ପକ୍ଷଙ୍କ ନାମରେ ୨ଟି ମାମଲା ରୁଜୁ କରି ଇସମାଇଲ ନାମକ ବ୍ୟକ୍ତିଙ୍କୁ ଗିରଫ କରି ତଦନ୍ତ କରୁଛି। ମିରିୟମ ବିବି ପୋଲିସ କାର୍ଯ୍ୟରେ ଅସନ୍ତୋଷ ହୋଇ ରବିବାର ଯାଜପୁର ଏସ୍‌ପିଙ୍କୁ ଭେଟିଛନ୍ତି। ପୋଲିସ୍ ତଦନ୍ତ ଜାରି ରଖିଛି। ପୋଲିସ ଉଭୟଙ୍କ ନାମରେ ୨ଟି ମାମଲା (୧୮୩/୧୮, ୧୮୪/୧୮) ରୁଜୁ କରିଛି ।

## ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ

**ବିଞ୍ଝାରପୁର,(ଡି.ଏନ,ଏ)୯।୯**

ଯାଜପୁର ଜିଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବରୁଣେଶ୍ୱର ମହାବିଦ୍ୟାଳୟସ୍ଥିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଶାଖାର ନୂତନ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ରବିବାର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟଳୟ ଅଧ୍ୟକ୍ଷ ପ୍ରଫେସର କୀର୍ତ୍ତନ ବିହାରି ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ଅନ୍ୟତମ ଅତିଥି ଭାବେ ଶ୍ରୀହରି ଧଳ ଯୋଗଦେଇଥିଲେ। ମୁକ୍ତ ବିଶ୍ୱବିଦ୍ୟାଳୟର ସଂଯୋଜକ ପ୍ରାଧ୍ୟାପକ ବଟକୃଷ୍ଣ ମହାପାତ୍ର ଅତିଥି ପରିଚୟ ଦେବା ସହିତ ଏହି ପାଠ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଚଳିତ ବର୍ଷଠାରୁ ଏହି ଶିକ୍ଷାନୁଷ୍ଠାନରେ ଓଡ଼ିଆ, ରାଜନୀତି ବିଜ୍ଞାନ ଓ ଇତିହାସ ପାଠ୍ୟକ୍ରମ ଖୋଲାଯାଇଥିବାରୁ ମହାବିଦ୍ୟାଳୟ ତଥା ବିଞ୍ଝାରପୁରବାସୀଙ୍କ ତରଫରୁ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ଓ ସମସ୍ତ ସହଯୋଗୀଙ୍କୁ ସାଧୁବାଦ ଜ୍ଞାପନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ବିଦ୍ୟୁରେଖା ମହାପାତ୍ର, ଅଶୋକ କୁମାର ସାହୁ, ଜାହାଙ୍ଗୀର ଖାନ, ଗୁରୁପ୍ରସାଦ ମିଶ୍ର, ରବୀନ୍ଦ୍ର କୁମାର ପରିଡା, ଚିନ୍ମୟ ବେହେରା, ଅଶୋକ କୁମାର ନାୟକ ଓ ପାଠ୍ୟକ୍ରମର କାଉସିଲରବୃନ୍ଦ ଉପସ୍ଥିତ ଥିଲେ। ଶେଷରେ ମୁକ୍ତ ବିଶ୍ୱବିଦ୍ୟାଳୟର ସହସଂଯୋଜକ ଅଧ୍ୟାପକ କୃଷ୍ଣଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।




ପ୍ରବେଶ ଉତ୍ସବରେ ମଞ୍ଚାସୀନ ଅତିଥି।

# ଫ୍ଲାଏଓଭର, ଟ୍ରାଫିକ ନିୟନ୍ତ୍ରଣ ପାଇଁ ବିକ୍ଷୋଭ

**ଚଣ୍ଡିଖୋଲ,୯।୯(ଡ଼ି.ଏନ.ଏ)**

ଚଣ୍ଡିଖୋଲ ଛକରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ନେଇ ଯାଜପୁର ସଚେତନ ନାଗରିକ ମଞ୍ଚ ପକ୍ଷରୁ ରବିବାର ବିକ୍ଷୋଭ ଓ ରାଲି ଚଣ୍ଡିଖୋଲଠାରେ ଅନୁଷ୍ଠିତ ହୋଇଯାଇଛି। ଚଣ୍ଡିଖୋଲ ଛକରେ ଟ୍ରାଫିକ୍ ନିୟନ୍ତ୍ରଣରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। ମାସକ ମଧ୍ୟରେ ଏହି ଛକରେ ଦୁର୍ଘଟଣା ଘଟି ୨ଟି ଜୀବନ ଯିବାସହ ଅନେକ ଦୁର୍ଘଟଣା ଘଟିଚାଲିଛି। ୪ଦିନ ପୂର୍ବରୁ ଟ୍ରାଫିକ ପୋଷ୍ଟ ଉପରେ ଟ୍ରକ ଚାପାରେ ଜଣେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ ହେବାପରେ ସ୍ଥାନୀୟ ଲୋକେ ଉତ୍ତେଜିତ ହୋଇ ଦୀର୍ଘ ଦୁଇଘଣ୍ଟା ଧରି ରାସ୍ତା ଉପରେ ବସି ରହିଥିଲେ। ପରଦିନ ସକାଳୁ ତରବରିଆ ଭାବେ ଚଣ୍ଡିଖୋଲ ଟ୍ରାଫିକ୍ ଥାନା ଓ ବଡଚଣା ପୋଲିସ ପକ୍ଷରୁ ଟ୍ରାଫିକ କ୍ରସିଂକୁ କଂକ୍ରିଟ ପିଲାର ଯୋଗେ ବନ୍ଦ କରିଦିଆଯାଇଛି। ଫଳରେ ରାସ୍ତାର ଉଭୟ ପଟକୁ ଯାତାୟତ ପାଇଁ ସାଧାରଣ ଲୋକେ ଘୋର ଅସୁବିଧାର ସମ୍ମୁଖିନ ହେଉଛନ୍ତି। ୨୦୧୨ରୁ ଏଠାରେ ଟ୍ରାଫିକ୍ କଣ୍ଟ୍ରୋଲ କରିବା ପାଇଁ ଏକ ଟ୍ରାଫିକ୍ ଥାନା ନିର୍ମାଣ କରାଯାଇଛି। ଜଣେ ଆରକ୍ଷୀ ନୀରିକ୍ଷକଙ୍କ ତତ୍ତ୍ୱାବଧାନରେ ୩୫ରୁ ଊର୍ଦ୍ଧ୍ୱ କର୍ମଚାରୀ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ରହିଛନ୍ତି। ଦୁଃଖର କଥା ଯେ ଏକ ମାତ୍ର ଟ୍ରାଫିକ ଛକ ଚଣ୍ଡିଖୋଲକୁ ନିୟନ୍ତ୍ରଣ କରିବାରେ ଦକ୍ଷତା ହରାଇଥିବା ଏହି ଟ୍ରାଫିକ୍ ଥାନା ନିଜ ଦୋଷ ଲୁଚାଇବାକୁ ଟ୍ରାଫିକ୍ ପୋଷ୍ଟକୁ ବନ୍ଦ କରିଦେଇଛନ୍ତି। ଯଦି ଗୋଟିଏ ଛକ ନିୟନ୍ତ୍ରଣ କରିବାରେ ଥାନା କର୍ତ୍ତୃପକ୍ଷ ସକ୍ଷମ ନ ହୋଇପାରିବେ ତେବେ କିପରି ସାରା ଜିଲାର ଟ୍ରାଫିକ୍ ସମସ୍ୟା ସମାଧାନ କରିବାରେ ସଫଳ ହେବେ ତାହାକୁ ନେଇ ନାଗରିକ ମଞ୍ଚ ପ୍ରଶ୍ନ ଉଠାଇଛି। ଏହାର ସ୍ଥାୟୀ ସମାଧାନ କରିବା ପାଇଁ ଉନ୍ନତ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ସହ ଫ୍ଲାଇଓଭର ନିର୍ମାଣ କରିବା ଦାବିରେ ସଚେତନ ନାଗରିକ ମଞ୍ଚ ତରଫରୁ ରବିବାର ଶରତ କୁମାର ବେହେରା, ସମର ପଣ୍ଡା, ସୋମ୍ୟରଞ୍ଜନ ସାହୁ, ମିହିର କୁମାର ବେହେରା, କ୍ଷୀରୋଦ ବେହେରା, ବାବୁନ ସାହୁ, ସନ୍ତୋଷ ମହାନ୍ତି, ଯଶୋବନ୍ତ ସାହୁ, ସତ୍ୟବ୍ରତ ରାୟ ପ୍ରମୁଖ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ବିକ୍ଷୋଭ କରିଥିଲେ।

## ମାଛ ଯାଆଁଳ ପ୍ରଦାନରେ ଦୁର୍ନୀତି ଅଭିଯୋଗ

**କାଳିଆପାଣି, ୯।୯(ଡି.ଏନ୍.ଏ.)**

ଚାଷୀଙ୍କ ଉନ୍ନତି ନିମନ୍ତେ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ପ୍ରଦାନ କରାଯାଉଥିବାବେଳେ ଟିଏସ୍ଆରଡ଼ିଏସ୍ (ଟାଟାଷ୍ଟିଲ ରୁରାଲ ଡେଭଲପମେଣ୍ଟ ସୋସାଇଟି) ମାଛ ଯାଆଁଳ ଯୋଗାଣରେ ଚାଷୀଙ୍କୁ ଲୁଟୁଥିବା ଅଭିଯୋଗ ହୋଇଛି । ଖଣି ପ୍ରଭାବିତ ଗ୍ରାମଗୁଡ଼ିକର ଉନ୍ନୟନମୂଳକ କାର୍ଯ୍ୟ କରିବାକୁ ଟାଟା କମ୍ପାନୀ ଦ୍ୱାରା ଟିଏସ୍ଆର୍‌ଡ଼ିଏସ୍ ଏନ୍‌ଜିଓ ସଂସ୍ଥାକୁ ନିଯୁକ୍ତି ମିଳିଛି। ଖଣି ଅଞ୍ଚଳରେ ନିଜସ୍ୱ ପୋଖରିରେ ମାଛଚାଷ କରି ଲାଭବାନ ଆଶାରଖିଥିବା ଚାଷୀମାନେ ବର୍ଷାଋତୁ ଆରମ୍ଭ ପରେ ପୋଖରିରେ ଯାଆଁଳ ଛାଡ଼ିବାକୁ ଆଗ୍ରହ କରିଥିଲେ। ଏ ନେଇ ଖଣି ଅଞ୍ଚଳର ମାଛ ଚାଷୀମାନେ ଉକ୍ତ ଏନ୍‌ଜିଓ ପକ୍ଷରୁ ଯୋଗାଇ ଦିଆଯାଇଥିବା ଯାଆଁଳକୁ କେଜିପ୍ରତି ୨୫୦ ଟଙ୍କାରେ କିଣି ଚାଷ କରିଥିଲେ। ହେଲେ ସଂସ୍ଥା ପକ୍ଷରୁ ନିମ୍ନ ଧରଣର ଯାଆଁଳ ପ୍ରଦାନ କରାଯାଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଖଣି ନିକଟବର୍ତ୍ତୀ କଲରଙ୍ଗୀ ପୁରୁଆଝର ଗ୍ରାମର ମନୋଜ ମହାନ୍ତ ୧ କ୍ୱିଣ୍ଟାଲ ୧୨୦ କେଜି ଯାଆଁଳ ଚାଷ କରିଥିଲେ ହେଲେ ସେଥିରୁ ୬୦ କେଜିରୁ ଊର୍ଦ୍ଧ୍ୱ ମାଛ ମରିଯାଇଥିଲେ । ସେହିପରି ଗ୍ରାମର ରାମ ମାଝି ସଂସ୍ଥା ପକ୍ଷରୁ ୩୩ କିଗ୍ରାରୁ ୧୦ କିଗ୍ରା, ସୁବାସ ମହାନ୍ତ ୩୩ କିଗ୍ରାରୁ ୧୫ କିଗ୍ରା, ଅରବିନ୍ଦ ମହାନ୍ତଙ୍କ ୩୩ କିଗ୍ରାରୁ ୬ କିଗ୍ରା, ଗୋଡ଼ିସାହୀ କେସବ ମହାନ୍ତଙ୍କ ୬୦ କିଗ୍ରାରୁ୧୦ କିଗ୍ରା, ରଙ୍ଗମାଟିଆ ଗ୍ରାମର କମଳଲୋଚନ ମହାନ୍ତଙ୍କ ୧୦ କିଗ୍ରାରୁ ୫ କିଗ୍ରା ଯାଆଁଳ ମରିଯାଇଥିଲେ। ସାପୁଆ, ଅନଳ, ଚିଙ୍ଗୁଡ଼ିପାଳର ମାଛ ଚାଷୀ ମଧ୍ୟ ମାଛ ଯାଆଁଳ କିଣିବାରେ ଠକାମିର ଶିକାର ହୋଇଥିବା ନେଇ ମନୋଜ ମହାନ୍ତ, କେଶବ ମହାନ୍ତ ସମେତ ଗ୍ରାମର ସମସ୍ତ ଚାଷୀ ଅଭିଯୋଗ କରିଛନ୍ତି । ଏନେଇ ଟିଏସଆରଡ଼ିଏସ ୟୁନିଟ ମୁଖ୍ୟ ରବୀନ କୁମାର ସିଂଙ୍କୁ ପଚାରିବାରୁ ଏ ବାବଦରେ କିଛି କହିବାକୁ ମନା କରିଥିଲେ । ତୁରନ୍ତ ଟାଟା ପକ୍ଷରୁ ଏ ଦିଗରେ ହସ୍ତକ୍ଷେପ ପାଇଁ ଅଞ୍ଚଳର ବହୁ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି ।

# ବର୍ଷା ଦିନେ ବି ପାନୀୟଜଳ ସଙ୍କଟ

**ଯାଜପୁରରୋଡ,୯।୯(ନି.ପ୍ର.)**

ଦୀର୍ଘ ଚାରି ମାସ ହେବ ବ୍ୟାସନଗର ପୌର ପରିଷଦ ୧୭ ନଂ. ୱାର୍ଡର ଗାୟତ୍ରୀ ବିହାର ଅଞ୍ଚଳରେ ପାନୀୟଜଳ ସଙ୍କଟ ଦେଖାଦେଇଛି । ଏହି ୱାର୍ଡବାସୀଙ୍କ ପାଇଁ ବସାଯାଇଥିବା ବୋରିଂ ଅଚଳ ହୋଇପଡ଼ିଥିବାରୁ ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ସମଗ୍ର ସହର ବର୍ଷା ଜଳରେ ଉବୁଟୁବୁ ହେଉଥିବାବେଳେ ଉକ୍ତ ଅଞ୍ଚଳବାସୀ ପାନୀୟଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ବାରମ୍ବାର ଗୁହାରି କରିବା ପରେ ମଧ୍ୟ ପୌର ପରିଷଦର ନିଦ ଭାଙ୍ଗୁନାହିଁ। କେତେକ ସ୍ଥାନରେ ପାଇପ୍ ଫାଟିଯାଇଥିବାରୁ ଦୂଷିତ ପାଣି ବାହାରୁଛି। ସେହିପରି ସାତକଣିଆ, ପଦ୍ମପୁର ବ୍ୟାଙ୍କ କଲୋନୀ ସାପଗଡ଼ିଆ ଆଦି ଅଞ୍ଚଳର ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ପାନୀୟଜଳ ପାଇଁ ଡହଳବିକଳ ହେଉଛନ୍ତି। ପୌର ପରିଷଦ ତରଫରୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯାଉଥିଲେ ମଧ୍ୟ ତାହା ସମୁଦ୍ରକୁ ଶଙ୍ଖେ ଭଳି। ପାନୀୟ ଜଳ, ରାସ୍ତା ଘାଟ, ଡ୍ରେନ, ବିଦ୍ୟୁତ ଆଦି ମୌଳିକ ସମସ୍ୟା ଦୂର କରିବା ପାଇଁ ପଦ୍ମପୁର, ସାପଗଡ଼ିଆର ଅନେକ ବୁଦ୍ଧିଜୀବୀ ଗଣମାଧ୍ୟମ ଦ୍ୱାରା କହିଛନ୍ତି। ବୋରିଂ ମରାମତି ଅବସ୍ଥାରେ ନ ଥିବାରୁ ଆଉ ଏକ ନୂଆ ବୋରିଂ ବସିବ ବୋଲି ଜନସ୍ୱାର୍ଥ ବିଭାଗ ପକ୍ଷରୁ କୁହାଯାଉଥିଲେ ମଧ୍ୟ ତାହା କେବେ ବସିବ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏତଦ୍‌ବ୍ୟତୀତ ବ୍ୟାସନଗର ପୌର ପରିଷଦର ବହୁ ୱାର୍ଡରେ ପାଇପ ଫାଟି ନର୍ଦ୍ଦମା ପାଣି ପଶୁଥିବାରୁ ଦୈନିକ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଉଛନ୍ତି। ପାଇପ୍ ମରାମତି ନାମରେ ଅର୍ଥ ବ୍ୟୟ କରାଯାଉଥିଲେ ମଧ୍ୟ ତାହା କାର୍ଯ୍ୟରେ ଲାଗୁନାହିଁ।

■ବର୍ଷା ଜଳରେ ଉବୁଟୁବୁ ସହରବାସୀ
■ପାଣି ପାଇଁ ଡହଳବିକଳ ହେଉଛନ୍ତି ବ୍ୟାସନଗରର ୧୭ ନଂ. ୱାର୍ଡବାସୀ
■ନୂତନ ବୋରିଂ ବସାଇବା ପାଇଁ ଦାବି

"ଗାୟତ୍ରୀ ବିହାର ପଦ୍ମପୁର ଅଞ୍ଚଳର ବୋରିଂ ପଏଣ୍ଟ ଅଚଳ ହୋଇଯାଇଛି। ଆଉ ଏକ ନୂତନ ବୋରିଂ ବସାଯିବ। ଉକ୍ତ ଅଞ୍ଚଳକୁ ପାନୀୟଜଳ ଯୋଗାଇ ଦିଆଯାଉଥିଲେ ମଧ୍ୟ ଅଭାବ ମେଣ୍ଟି ପାରୁନାହିଁ ବୋଲି କହିଥିଲେ।

**-ଅରୁଣ କୁମାର ସାହୁ, ଜନସ୍ୱାର୍ଥ ବିଭାଗ ସହକାରୀ ଯନ୍ତ୍ରୀ**

"ପୌର ପରିଷଦ ପକ୍ଷରୁ ଗାୟତ୍ରୀ ବିହାର ଅଞ୍ଚଳକୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇ ଦିଆଯାଉଛି। ଖୁବ୍‌ଶୀଘ୍ର ପାନୀୟଜଳ ସମସ୍ୟା ଦୂର କରିବା ପାଇଁ ଜନସ୍ୱାର୍ଥ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ବୋଲି କହିଥିଲେ।

**-ପୌରାଧ୍ୟକ୍ଷା, ସବିତା ରାଉତ**

"ଚାରି ମାସ ହେବ ପାଇପରୁ ପାଣି ଆସୁନାହିଁ। ପିଇବା ପାଣି କିଣିବାକୁ ପଡ଼ୁଛି। ପୌର କର୍ତ୍ତୃପକ୍ଷ ଓ ଜନସ୍ୱାର୍ଥ ବିଭାଗ ସମସ୍ୟା ପ୍ରତି ଦୃଷ୍ଟି ଦେଉନାହାନ୍ତି। ସମାଧାନ ନ ହେଲେ ପୌର ପରିଷଦ କାର୍ଯ୍ୟାଳୟରେ ଧାରଣା ଦେବାକୁ ବାଧ ହେବେ ବୋଲି କହିଥିଲେ।

**-ପଦ୍ମପୁର ଅଞ୍ଚଳବାସୀ, କୁମୁଦିନୀ ପଣ୍ଡା**

"ପାନୀୟଜଳ ଯୋଗାଇଦେବା ପୌର ପରିଷଦର ଦାୟିତ୍ୱ। ତେଣୁ ଜନସ୍ୱାର୍ଥବିଭାଗ ନାଁରେ ଖସିଯିବା ଦୁର୍ଭାଗ୍ୟଜନକ। ପୌରାଧ୍ୟକ୍ଷା ଓ କାଉନସିଲର ଏଥିପ୍ରତି ଦୃଷ୍ଟି ଦେବା ଉଚିତ।

**-ଅବସରପ୍ରାପ୍ତ ଶିକ୍ଷକ, ଶ୍ୟାମସୁନ୍ଦର ପଣ୍ଡା**

"ସାପଗଡ଼ିଆ ଅଞ୍ଚଳରେ ପାନୀୟଜଳ ମୁଖ୍ୟ ସମସ୍ୟା ପାଲଟିଛି। ନିର୍ବାଚିତ କାଉନସିଲର ୱାର୍ଡ ସମସ୍ୟା ଭୁଲି ପୌରାଧ୍ୟକ୍ଷାଙ୍କୁ ଗାଦିଚ୍ୟୁତ କରିବା ପାଇଁ ଲାଗି ପଡ଼ିଛନ୍ତି। ୧୫ ଦିନ ମଧ୍ୟରେ ପାଣି ସମସ୍ୟା ଦୂର ନ ହେଲେ ପୌର କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି କହିଥିଲେ।

**-ସାମାଜିକ କର୍ମୀ, ଉପେନ୍ଦ୍ର କୁମାର ମହାନ୍ତି**

## ସଂକ୍ଷେପରେ

### ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ଧରାକୋଟ,୯।୯(ଡି.ଏନ୍.ଏ.)- ସାନଖେମୁଣ୍ଡି ବିଧାୟକ ନନ୍ଦିନୀ ଦେବୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ ହୋଇଯାଇଛି। ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଅନୁମୋଦିତ ହନୁମାନଦ୍ୱାର ଗ୍ରାମର କୋଠଘର, ଗଡ଼ଦାମୋଦରପଲ୍ଲୀରେ କୋଠଘର, ଖାରିଗୁମା ଓ ନାରାୟଣପୁରରେ କୋଠଘର, ଭରତପଲ୍ଲୀରେ ଭାଗବତ ଟୁଙ୍ଗୀ, ସହ ଯାତ୍ରୀ ବିଶ୍ରାମାଗାର ଆଦି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏଥିରେ ବ୍ଲକ ଅଧକ୍ଷା ରୀନା ଗୌଡ଼, ସରପଞ୍ଚ ଅଞ୍ଜଳି ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଏମ୍. ରାମ ମୂର୍ତ୍ତି ରେଡ୍ଡୀ ଓ ଅତିରିକ୍ତି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ପ୍ରମୁଖ ଉପସ୍ଥିତ ରହିଥିଲେ। ପୂର୍ବତନ ସରପଞ୍ଚ ଦିଲୀପ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଜେଡି ଜିଲା ସମ୍ପାଦକ ରବୀନ୍ଦ୍ର ଘୋଷ, ଛାତ୍ର ବିଜେଡି ସଭାପତି ମାନସ ରଞ୍ଜନ ଜେନା, ସଙ୍ଗଠକ ସୁନୀଲ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

### ୨ୟ ସଂଭାଗ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ

ଚିକିଟି,୯।୯(ଡି.ଏନ.ଏ.): ଗଞ୍ଜାମ ଜିଲା ଚିକିଟିପେଣ୍ଠ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆନୁକୁଲ୍ୟରେ ମିନିଷ୍ଟାଡିୟମରେ ଚାଲିଥିବା ସଂଭାଗ କ୍ରୀଡା ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅନୁଷ୍ଠାନର ସଭାପତି ବୃନ୍ଦାବନ ଚନ୍ଦ୍ର ପାଢୀ ଯୋଗ ଦେଇଥିବା ବେଳେ ଉଦଯାପନି ଉତ୍ସବରେ ତହସିଲ୍‌ଦାର ହରପ୍ରସାଦ ଭୋଇ ଯୋଗଦେଇ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ। ଏହି କ୍ରୀଡ଼ା ଉତ୍ସବରେ ଦକ୍ଷିଣପୂର୍ବ ସଂଭାଗ ଫୁଲବାଣୀ, ଗଜପତି ଓ ଗଞ୍ଜାମର ୨୩ଟି ଶିଶୁ ବିଦ୍ୟାମନ୍ଦିରର ୨୧୪ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ପ୍ରଧାନାଚାର୍ଯ୍ୟ ଗିରିଜା ପ୍ରସାଦ ରଥ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂଭାଗ ଖେଳକୁଦ ପ୍ରମୁଖ ବ୍ରଜବନ୍ଧୁ ମଣ୍ଡଳ ବିବରଣୀ ପାଠ କରିଥିଲେ।

# ଦୁର୍ନୀତି, ଭ୍ରଷ୍ଟାଚାର ହଟାଅ ସମାବେଶ

ଚିକିଟି,୯।୯(ଡି.ଏନ.ଏ.)


ଭାଜପା ନେତା ମନୋରଞ୍ଜନ ଦ୍ୟାନସାମନ୍ତରା ଉଦ୍‌ବୋଧନ ଦେଉଛନ୍ତି।

ଚିକିଟି ବ୍ଲକ୍ ବାରାହୀ ପୀଠରେ ରବିବାର ମଧ୍ୟାହ୍ନରେ ଭାଜପା ସମର୍ଥିତ ମନୁସେନା ପକ୍ଷରୁ ଦୁର୍ନୀତି ଓ ଭ୍ରଷ୍ଟାଚାର ହଟାଅ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଚିକିଟି ଓ ପାତ୍ରପୁର ବ୍ଲକ୍‌ର ଯୁବକମାନଙ୍କୁ ନେଇ ଗଠିତ ହୋଇଥିବା ମନୁସେନାର ସଂଯୋଜକ ସରୋଜ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜନସମାବେଶରେ ମୁଖ୍ୟ ଅତିଥି ଭାବେ ମନୁସେନାର ଉଦ୍ୟୋକ୍ତା ତଥା ଭାଜପା ବରିଷ୍ଠ ନେତା ମନୋରଞ୍ଜନ ଦ୍ୟାନସାମନ୍ତରା ଯୋଗଦେଇ ତାଙ୍କ ବକ୍ତବ୍ୟରେ ଚିକିଟି ବ୍ଲକ୍‌ରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇଥିବା ବେଳେ ପାନୀୟ ଜଳ ସଂକଟର ସମାଧାନ ହୋଇପାରୁ ନ ଥିବା ଏବଂ ରାସ୍ତାଘାଟ ଅବସ୍ଥା ଶୋଚନୀୟ ହୋଇଥିବା, ବିଭିନ୍ନ କାମରେ ବ୍ୟାପକ ଦୁର୍ନୀତି ହେଉଥିବା ନେଇ ଶାସକ ଦଳ ଉପରେ ବର୍ଷିଥିଲେ। ଏଣୁ ଆଗାମୀ ସାଧାରଣ ନିର୍ବାଚନ ପାଇଁ ଏବେଠାରୁ ସଜାଗ ହେବା ପାଇଁ ଆହ୍ୱାନ ଦେଇଥିଲେ। ଚିକିଟି ଓ ପାତ୍ରପୁର ବ୍ଲକ୍‌ର ପ୍ରତ୍ୟକ ପଞ୍ଚାୟତରେ ବୁଥ୍ କମିଟି ଗଠନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ୨୩ ତାରିଖରେ ନୂଆପଡାରେ ଏକ ମହାସମାବେଶ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ପାତ୍ରପୁର ମଣ୍ଡଳ ସଭାପତି ତ୍ରିନାଥ ମିଶ୍ର, ମନୁସେନା ସଙ୍ଗଠନର କାର୍ଯ୍ୟକାରିଣୀ ସଦସ୍ୟ ଦେବବ୍ରତ ପଣ୍ଡା, ରଞ୍ଜନ ପ୍ରଧାନ, ଭାଜପାର ବରିଷ୍ଠନେତା ପ୍ରଶାନ୍ତ ଜାହ୍ନି, ଏସ୍ ନାଗଭୂଷଣ, ଦଣ୍ଡାଶି ବେହେରାଙ୍କ ସମେତ ବହୁ ଭାଜପା କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

# ବିଜେଡି ୨ ଗୋଷ୍ଠୀ ମଧ୍ୟରେ ଶକ୍ତି ପ୍ରଦର୍ଶନ

ପୁରୁଷୋତ୍ତମପୁର, ୯।୯(ଡି.ଏନ୍.ଏ.)

ପୁରୁଷୋତ୍ତମପୁର ବ୍ଲକରେ ବିଜେଡିର ୨ ଗୋଷ୍ଠୀ ରବିବାର ଶକ୍ତି ପ୍ରଦର୍ଶନ କରିଛନ୍ତି। ଗୋଟିଏ ଦଳର ନେତୃତ୍ୱ ଜିଲା ବିଜେଡି ଉପସଭାପତି ଅରୁଣ କୁମାର ପଣ୍ଡା ନେଇଥିବା ବେଳେ ଅନ୍ୟ ଗୋଷ୍ଠୀର ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାଉରୀ ପଣ୍ଡା ନେତୃତ୍ୱ ନେଇଥିଲେ।

ଅରୁଣ କବସୂର୍ଯ୍ୟନଗର ବିଧାୟିକା ଭି.ସୁଙ୍ଗାନ କୁମାରୀ ଦେଓଙ୍କ ଅନୁଗାମୀ ହୋଇଥିବା ବେଳେ ବାଉରୀ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଅନୁଗତ ଅଟନ୍ତି। ବାଉରୀଙ୍କ ଗୋଷ୍ଠୀ ପକ୍ଷରୁ ସମର୍ଥକଙ୍କୁ ନେଇ ତୈଳଦର ବୃଦ୍ଧ ପ୍ରତିବାଦରେ ପୁରୁଷୋତ୍ତମପୁରରେ ପେଟ୍ରୋଲ ପମ୍ପ ନିକଟରେ ପ୍ରତିବାଦ କରାଯାଇଥିଲା। ସେହିପରି ଅରୁଣଙ୍କ ଗୋଷ୍ଠୀ ପକ୍ଷରୁ ପ୍ରତାପୁର ଗ୍ରାମରେ କର୍ମୀ ସମ୍ମିଳନୀ କରି ଶକ୍ତି ପ୍ରଦର୍ଶନ କରାଯାଇଥିଲା।



ତୈଳଦର ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ କରାଯାଉଛି।



ଜିଲା ପରିଷଦସ୍ତରୀୟ କର୍ମୀ ସମ୍ମିଳନୀ।

## ଯୁବତୀଙ୍କୁ ଅପହରଣ ଅଭିଯୋଗ

ଦିଗପହଣ୍ଡି,୯।୯(ଡି.ଏନ.ଏ.)

ଦିଗପହଣ୍ଡି ଥାନା ଇଲାକାର ଜଣେ ଯୁବତୀଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଯୁବତୀଙ୍କ ମା' ଏନେଇ ଥାନାରେ ଏତଲା ଦେଇଛନ୍ତି। ନଂ. ୧୫୪/୧୮ରେ ମାମଲା ରୁଜୁ କରି ଆଇଆଇସି ଦେବାଶିଷ ମହାନ୍ତି ତଦନ୍ତ ଚଳାଇଛନ୍ତି। ବହୁ ସ୍ଥାନରେ ଚଢାଉ କରାଯାଇଥିଲେ ମଧ୍ୟ ଅପହୃତା ଯୁବତୀଙ୍କ ସନ୍ଧାନ ମିଳିପାରିନାହିଁ। ଅଭିଯୁକ୍ତଙ୍କ ମୋବାଇଲ କଲ ଡିଟେଲ ରିପୋର୍ଟ ସିଡିଆର ଯାଞ୍ଚ କରିବା ପରେ ପୋଲିସକୁ ବହୁ ତଥ୍ୟ ମିଳିଛି। ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ ସୀମାଞ୍ଚଳ ମିଶ୍ର ଜଣାଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁ ଯେତେ ମାଠିବୁ ମାଠ**
**ମୁଁ ସେଇ ଦରପୋଡ଼ା କାଠ।**

ଅଯୋଗ୍ୟ ଓ ଅପଦାର୍ଥ ବ୍ୟକ୍ତିଙ୍କୁ ବାଟକୁ ଆଣିବା କାଠିକର ପାଠ ହୋଇଥାଏ। କାହାରି କଥା ବା ବୋଲକୁ ସେମାନଙ୍କର ଡର କି ଭୟ ରହୁ ନ ଥିବା ବେଳେ କୌଣସି ଆକଟ ଅଥବା ଶାସ୍ତି କାଟୁ କରି ନ ଥାଏ। ଯିଏ ବଦଳିବାର ନ ଥାଏ ତାକୁ ଯେତେ ଚେଷ୍ଟା କଲେ ମଧ୍ୟ ବଦଳାଇବା ସମ୍ଭବପର ହେଉ ନ ଥିବା ବେଳେ ଯେତେ ବୁଝାଇଲେ ମଧ୍ୟ ସ୍ୱଭାବ ନ ବଦଳିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୁ ବଡ଼କୁ ମାଇଲୁ ଗୋଇଠା**
**ଏବେ ଗୋଡ଼ ଟେକି କରି ବଇଥା।**

ବୟସ୍କ ବ୍ୟକ୍ତି ଚିର ନମସ୍ୟ। ତାଙ୍କ ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନ କରାଯିବା ଉଚିତ। ଏପରି ବୟସ୍କ ବ୍ୟକ୍ତିଙ୍କୁ ଅବମାନନା କଲେ ପରିଣାମ ଅତ୍ୟନ୍ତ ବିଷମ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ପୋଲସରା ପଞ୍ଚାୟତ ସମିତି ବୈଠକ

ପୋଲସରା,୯।୯(ଡି.ଏନ.ଏ.)

ପୋଲସରା ପଞ୍ଚାୟତ ସମିତି ବୈଠକ ଶୁକ୍ରବାର କାର୍ଯ୍ୟାଳୟ ବୈଠକ ଗୃହରେ ଅନୁଷ୍ଠିତ ହୋଇଯାଇଛି। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗେଦେଇ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ସାଙ୍ଗକୁ ପାନୀୟ ଜଳ, ସଡ଼କ, ବିଜୁଳି ଓ ଖାଦ୍ୟ ସୁରକ୍ଷା ଯୋଜନା ଉପରେ ଆଲୋକପାତ କରିଥିଲେ। ସହରର ସୁବିଧାକୁ ଦେଖି ଗ୍ରାମାଞ୍ଚଳର ଲୋକେ ସହରରେ ବାସ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ତେଣୁ ସହରର ସୁବିଧା ଗ୍ରାମାଞ୍ଚଳର ଲୋକମାନଙ୍କୁ ଯୋଗାଇ ଦେବାର ବ୍ୟବସ୍ଥା କରିବା ଜରୁରୀ ଏବଂ ସରକାର ସେଥିଲାଗି ବହୁ ଉନ୍ନୟନ ଯୋଜନାରେ ଅର୍ଥ ପ୍ରଦାନ କରୁଛନ୍ତି। ସେଥିପ୍ରତି ଦୃଷ୍ଟି ଦେବାକୁ ଜନପ୍ରତିନିଧିମାନଙ୍କୁ ବିଡିଓ ଶମ୍ଭୁନାଥ ନନ୍ଦି କହିଥିଲେ। ପୋଲସରା ବ୍ଲକରେ ୭୫୧ଜଣଙ୍କୁ ବିଭିନ୍ନ ଭତ୍ତା ଯୋଗାଇ ଦେବାର ଟାର୍ଗେଟ ରହିଛି। ପ୍ରକୃତ ହିତାଧିକାରୀ ଚୟନ ପ୍ରତି ଦୃଷ୍ଟି ଦେବାକୁ ବିଡିଓ କହିଥିଲେ। ରୁମାଗଡ଼, ଢେ଼ଙ୍ଗାପଦର, ମାଳତେନ୍ତୁଳିଆ, କଣଛାଇ, ସୋଢ଼କ ଆଦି ପଞ୍ଚାୟତମାନଙ୍କରେ ପାନୀୟ ଜଳ ପ୍ରକଳ୍ପ ଥିଲେ ମଧ୍ୟ ବିଭିନ୍ନ କାରଣରୁ ପାନୀୟ ଜଳ ପାଇପାରୁନଥିବା ସେହି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟମାନେ ଅଭିଯୋଗ ଆଣିଥିଲେ। ଯୁଦ୍ଧକାଳିନ ଭିତ୍ତିରେ ଏହାର ସମାଧାନ କରାଯିବ ବୋଲି ବିଧାୟକ ସାହୁଙ୍କ ନିର୍ଦ୍ଦେଶ ପରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ଯନ୍ତ୍ରୀ ପ୍ରଭାକର ମୁନି ପ୍ରକାଶ କରିଥିଲେ। ଉକ୍ତ ବୈଠକରେ ବ୍ଲକ ଅଧ୍ୟକ୍ଷ ବଳରାମ ସେଠୀ, ଉପାଧ୍ୟକ୍ଷ ସଂଯୁକ୍ତା ବାଡ଼ତ୍ୟା, ବିଡିଓ ଶମ୍ଭୁନାଥ ନନ୍ଦି, ସହକାରୀ ଯନ୍ତ୍ରୀ ଜୟକୃଷ୍ଣ ଗୌଡ଼, ସିଡିପିଓ କୁନ୍ତଳା ନାୟକ, ଜିପିଓ ଗୋପବନ୍ଧୁ ବେହେରାଙ୍କ ସମେତ ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT 7749095348, 8249919890

ଭାରତର ନଂ.1 କମ୍ପାନୀ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
ଘରେ ବସି ସମସ୍ତ ଋଣ ମାତ୍ର 3 ଘଣ୍ଟାରେ ପ୍ରାପ୍ତ କରନ୍ତୁ
ମାର୍କଶିଟ୍, ପର୍ସନାଲ, ଗୃହ ଋଣ
1% ସୁଧ 50% ରିହାତି
HELPLINE 6388753739 6399376206
Add:- 41/14, Sec-1 Pushp Vihar, Delhi

Aital Companyରେ ଘରେ ବସି ପୁଅ-ଝିଅମାନେ Part Time SMS Job କରି ରୋଜଗାର କରନ୍ତୁ। ମାସିକ 18,600-45,000। Company ତରଫରୁ Laptop + Printer + Mobile + Sim Card ଫ୍ରିରେ।
Contact No. 70332-02011 70332-00821

B.Ed @ Rs 65,000/- Only
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR 7682826300 7682826301
BRAHAMPUR 7682826307 7377730723

SPOT ADMISSION
B.Ed CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

ଧନଲକ୍ଷ୍ମୀ ଫାଇନାନ୍ସ
(Govt. Regd.)
Vill: Asthawan, Dist.- Nalanda, Bihar-803107
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଆଧାରକାର୍ଡ, ରାଶନ କାର୍ଡ, ଗ୍ରୁପ୍ ଋଣ ଏବଂ ସବୁ ପ୍ରକାର ଋଣ ପାଆନ୍ତୁ ୨୪ ଘଣ୍ଟାରେ।
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ
୧ ଲକ୍ଷରୁ ୫ କୋଟି ପର୍ଯ୍ୟନ୍ତ ଋଣ ସରକାରୀ ବ୍ୟାଙ୍କଗୁଡ଼ିକ ଦ୍ୱାରା।
Call Now: 07078315986

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527 +91 8126673652
ଠକମାନଙ୍କ ପ୍ରତି ସାବଧାନ

SMS JOB
ବେଟିବଚାଓ ବେଟିପଢାଓ ଯୋଜନାରେ ପୁଅଝିଅ, ଗୃହିଣୀ, ଘରେବସି Part time, full time SMS କାମ କରି ମାସକୁ ଟଙ୍କା 15,000/- ରୁ 30,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ। ନାମ ଓ ଠିକଣା SMS କରନ୍ତୁ।
Laptop, Mobile FREE
09135937168 07258995324

Shree Ganesh Finance Ltd.
ଋଣ ଧମାକା
ବେରୋଜଗାରଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସବୁ ପ୍ରକାର ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। ମହିଳାଙ୍କ ପାଇଁ ବିଶେଷ ରିହାତି। ସବୁ ଋଣ (100000-9500000) ପର୍ଯ୍ୟନ୍ତ ପାଆନ୍ତୁ ଘରେ ବସି।
Durga Nagar, Ward 36, Ferozpur
09085463427

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ।
(ଏଜେଣ୍ଟ ଆମନ୍ତ୍ରିତ)
7455967551 9068296909

SHARMA FINANCE
25 ଲକ୍ଷ୍ୟରୁ ଅଧିକ ସନ୍ତୁଷ୍ଟ ଗ୍ରାହକ
Sharma Finance Company
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ। 2% ବାର୍ଷିକ ସୁଧ 50% ଛାଡ। ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No.-704/2019, Sector-5, Mysore, Bangalore
9674690190 7895084744

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603 7064382081

SMS Marketing
ବେକାର ଯୁବକ, ଯୁବତୀ, ଗୃହିଣୀ ଏବଂ ବିଦ୍ୟାର୍ଥୀ ମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ Part time, full time SMS Work କରି ମାସକୁ 30,000/- ରୁ 50,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ। ବିଦ୍ୟାର୍ଥୀ ମାନଙ୍କୁ ସର୍ବାଧିକାର ଦିଆଯିବ।
Laptop, Mobile FREE
7682981750

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

GRAMIN FINANCE
1962 ଠାରୁ ଆପଣଙ୍କ ସେବାରେ
ସରକାରୀ ଯୋଜନା ଦ୍ୱାରା ପର୍ସନାଲ, ଏଜୁକେଶନ, ପ୍ରପର୍ଟି ଋଣ ନିଅନ୍ତୁ 48 ଘଣ୍ଟାରେ।
(ନୋ ଫାଇଲ୍ ଚାର୍ଜ ନୋ ଗ୍ୟାରେଣ୍ଟର Only Bank Fees ଋଣ ପାସ୍ ହେଲା ପରେ)
ମହିଳା ଓ Govt. Jobଧାରୀଙ୍କ ପାଇଁ ବିଶେଷ ସବ୍‌ସିଡି
AT: TARAN, PO: TAARAN, PUNJAB - 143401
Website: www.graminfinance.com
Miss Call Alerts: 18001007280

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ ଦେଇ ମାତ୍ର ତିନ ଦିନରେ ଶିକ୍ଷା ଋଣ, ବ୍ୟବସାୟ ଋଣ ଏବଂ ସୁନା ଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ 9874247647
Plot No: 86, Sarkar Street, Kolkata

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି। ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ। ୩୦% ସବସିଡି ସହିତ।
7787922501 7787907927
pmjansamridhi@gmail.com

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧00000-୯000000 ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free 18001214188 8556894339

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ: Bhubaneswar - 7978065794, Dhenkanal - 8895446310, Angul - 9437901750

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580 95578-79781

9911436726, 9540938429

## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## ସଂକ୍ଷେପରେ

### ପୁରୀ-ଭୁବନେଶ୍ୱର ବସ ଚଳାଚଳ ବନ୍ଦ ପ୍ରସଙ୍ଗ ୩ଦିନ ବିତିଲା, ଦୁଇ ସଂଘ ମଧ୍ୟରେ ତୁଟୁନି ବିବାଦ

**ପୁରୀ ଅଫିସ,୯।୯:** ବସରେ ଯାତ୍ରୀ ଲୋଡିଙ୍ଗ ସମୟକୁ ନେଇ ପୁରୀ ଏବଂ ଭୁବନେଶ୍ୱର ବସ ମାଲିକଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ତୁଟିବାର ନା ନେଉନାହିଁ। ଉଭୟ ମାଲିକମାନେ ନିଜ ଜିଦ୍‌ରେ ଅଟଳ ରହିବା ଯୋଗୁ ତିନି ଦିନ ହେଲା ପୁରୀ-ଭୁବନେଶ୍ୱର ମଧ୍ୟରେ ଘରୋଇ ବସ ଚଳାଚଳ ବନ୍ଦ ରହିଛି । ଫଳରେ ଯାତ୍ରୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବସ ଚଳାଚଳ ଭଳି ଅତ୍ୟନ୍ତ ଆବଶ୍ୟକୀୟ ସେବାକୁ ବସ ମାଲିକମାନେ ମନମୁଖୀ ଭାବେ ନିଜ ସ୍ୱାର୍ଥ ପାଇଁ ଠପ୍ କରି ଦେଇଥିବା ବେଳେ ଜିଲା ପ୍ରଶାସନ ଚୁପ୍ ହୋଇ ବସି ରହିଛି । ଅନ୍ୟପକ୍ଷରେ ଆଞ୍ଚଳିକ ପରିବହନ ଅଧିକାରୀ ବସ ଚଳାଚଳ ବନ୍ଦ ରହିବା ବିଷୟରେ ନ ଜାଣିବା ପ୍ରଶାସନିକ ଅପାରଗତାକୁ ପଦାରେ ପକାଇଛି। ଭୁବନେଶ୍ୱର ବସ ମାଲିକ ସଂଘ ଏବଂ ପୁରୀ ଘରୋଇ ବସ ମାଲିକ ସଂଘ ମଧ୍ୟରେ ରବିବାର ଆପୋଷ ଆଲୋଚନା ହେବାର ଥିଲା। କିନ୍ତୁ କୌଣସି କାରଣରୁ ଆଲୋଚନା ହୋଇପାରି ନ ଥିବା ବେଳେ ପୁରୀ-ଭୁବେନଶ୍ୱର ମଧ୍ୟରେ ଘରୋଇ ବସ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଏହା ଯୋଗୁ ପୁରୀ-ଭୁବନେଶ୍ୱର ମଧ୍ୟରେ ଚଳାଚଳ କରୁଥିବା ୭୦ଟି ବସ ଅଟକି ରହିଛି।

### ପୁରାତନ ଛାତ୍ର ସଂସଦ ବୈଠକ

**ପୁରୀ ଅଫିସ, ୯।୯:** ବୀରଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ଏକ ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ 'ମୋ ସ୍କୁଲ' ଅଭିଯାନ କାର୍ଯ୍ୟକ୍ରମ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା। ସରକାରୀ ବିଦ୍ୟାଳୟ ପ୍ରତି ଛାତ୍ରୀଛାତ୍ରମାନେ ଆଗ୍ରହ ପ୍ରକାଶ କରୁ ନ ଥିବା ବେଳେ କ'ଣ ପଦକ୍ଷେପ ନିଆଗଲେ ଉପସ୍ଥାନ ବୃଦ୍ଧି ପାଇବ ସେ ନେଇ ଆଲୋଚନା ହୋଇଥିଲା। ବୈଠକରେ ବିଦ୍ୟାଳୟର ପୁରାତନ ଛାତ୍ର ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଆସୋସିଏଟ ପ୍ରଫେସର ଲକ୍ଷ୍ମୀଧର ବେହେରା, ଓଡିଆ ସିନେମା ନିର୍ଦ୍ଦେଶକ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ଶିକ୍ଷାବିତ ପ୍ରଦୀପ୍ତ ନନ୍ଦ, ପୋଲିସ ଅଧିକାରୀ ରାଜେଶ କୁମାର ମିଶ୍ର, ରେଳ ବିଭାଗ ଅଧିକାରୀ କାହ୍ନୁଚରଣ ଜେନା, ଗୌରଶଙ୍କର ମହାପାତ୍ର, ବିରଞ୍ଚି ନାରାୟଣ ଆଚାର୍ଯ୍ୟ ପ୍ରମୁଖ ଆଲୁମିନି ଆସୋସିଏଶନର ଆଜୀବନ ସଦସ୍ୟ ଭାବେ କାର୍ଯ୍ୟ କରିବା ଲାଗି ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ମୋ ସ୍କୁଲ ଅଭିଯାନର ସଫଳ ରୂପାୟନ ଲାଗି ବୈଠକରେ ସଙ୍କଳ୍ପ ପାରିତ ହୋଇଥିବା ଛାତ୍ର ସସଂଦ ପକ୍ଷରୁ କୁହାଯାଇଛି।

### ସ୍ୱଚ୍ଛ ଭାରତ ଅଭିଯାନ



**ନୂଆଗାଁ ୯।୯(ଡି.ଏନ.ଏ.):** ନୂଆଗାଁ ବ୍ଲକ ବେରୁହାଁବାରି ପଞ୍ଚାୟତ ବନ୍ଧାମୁହଁ ଗ୍ରାମର ଗ୍ରାମବାସୀଙ୍କ ଦ୍ୱାରା ରବିବାର ସ୍ୱଚ୍ଛଭାରତ ଅଭିଯାନ ମାଧ୍ୟମରେ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ନିଜ ଗାଁକୁ ସ୍ୱଚ୍ଛ କରି ଗ୍ରାମବାସୀ ସ୍ୱଚ୍ଛ ଭାରତ ଗଠନ ଆଭିମୁଖ୍ୟକୁ ସଫଳ କରାଇବେ ବୋଲି ସଂକଳ୍ପ କରିଛନ୍ତି। ଗାଁ ' ରେ ୨୦୦ ଲୋକ ବସବାସ କରନ୍ତି। ପ୍ରତି ମାସର ଗୋଟିଏ ଦିନ ପ୍ରତି ପରିବାରରୁ ଜଣେ ଲେଖାଁଏ ସଦସ୍ୟ ଏହି ସେବା କାର୍ଯ୍ୟରେ ଯୋଗଦେବା ବାଧ୍ୟତାମୂଳକ କରାଯାଇଛି । ଗ୍ରାମବାସୀ ଏହି କାର୍ଯ୍ୟ ପାଇଁ ଏକ କମିଟି ଗଠନ କରିଛନ୍ତି। ବନ୍ଧାମୁହଁ ଗ୍ରାମର ପୋଖରୀ ରାସ୍ତା ସଫା କରାଯାଇଥିଲା। କମିଟିର ସଭାପତି ସଞ୍ଜୀବ କୁମାର ବେହେରା ଓ କମିଟିର ସଦସ୍ୟ ନୂଆଗାଁ ବ୍ଲକର ଉପାଧ୍ୟକ୍ଷା ତଥା ସଦସ୍ୟା ପୁଷ୍ପାଞ୍ଜଳି ସାହୁଙ୍କ ନେତୃତ୍ୱରେ ଏହି ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ।

### ପାନୀୟଜଳ ଯୋଗାଣ ପ୍ରକଳ୍ପର ଶିଳାନ୍ୟାସ

**ଟାଙ୍ଗୀ(ଖୋର୍ଦ୍ଧା),୯।୯(ଡି.ଏନ.ଏ.):** ଟାଙ୍ଗୀ ପଞ୍ଚାୟତସ୍ଥ ସାନକୁସୁମୀ ଗ୍ରାମରେ ରବିବାର ଏକ ପାନୀୟଜଳ ଯୋଗାଣ ପ୍ରକଳ୍ପର ଶିଳାନ୍ୟାସ ହୋଇଯାଇଛି । ଖୋର୍ଦ୍ଧା ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ବିଧାୟକ ରାଜେନ୍ଦ୍ର କୁମାର ସାହୁ ଆନୁଷ୍ଠାନିକ ଭାବେ ଏହାର ଶିଳାନ୍ୟାସ କରିଥିଲେ।

# କୋଣାର୍କ ମନ୍ଦିର ଜଳ ନିଷ୍କାସନ ଲାଗି ହେବ ମାଷ୍ଟର ପ୍ଲାନ

**ପୁରୀ ଅଫିସ,୯।୯**



ସୂର୍ଯ୍ୟମନ୍ଦିର ପରିସରରେ ଜମି ରହିଥିବା ବର୍ଷା ଜଳ।

କୋଣାର୍କ ସୂର୍ଯ୍ୟମନ୍ଦିରରୁ ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରସ୍ତୁତ ହେବ ମାଷ୍ଟର ପ୍ଲାନ। ଭୁବନେଶ୍ୱରର ଏକ ଘରୋଇ ସଂସ୍ଥା ଦ୍ୱାରା ଏଥିଲାଗି ସର୍ଭେ ଆରମ୍ଭ କରିଛି। ସୂର୍ଯ୍ୟ ମନ୍ଦିର ପାଚେରି କଡ଼େ କଡେ ଖୋଲା ନଳା (ଓପନ ଡ୍ରେନ) ନିର୍ମାଣ କରାଯିବ। ଏହାସହିତ ମାଟିତଳେ ୩ଟି ଟାଙ୍କି (ଅଣ୍ଡର ଗ୍ରାଉଣ୍ଡ ଷ୍ଟୋରେଜ ୟୁନିଟ୍) ନିର୍ମାଣ ହେବ। ମୁଖ୍ୟ ନଳାରୁ ପାଣି ଯାଇ ଟାଙ୍କିରେ ଜମା ହେବ ଓ ପରେ ଉଚ୍ଚକ୍ଷମତା ସମ୍ପନ୍ନ ମୋଟର ସାହାଯ୍ୟରେ ଉକ୍ତ ପାଣିକୁ ବାହାରକୁ ନିଷ୍କାସନ କରାଯିବା ଲାଗି ଯୋଜନା ପ୍ରସ୍ତୁତ ହୋଇଛି। ତେବେ ଖୁବଶୀଘ୍ର ଏହି ମାଷ୍ଟର ପ୍ଲାନ ଏଏଏସ୍‌ଆଇ ଡିଜିକୁ ଦିଆଯିବ। ଅନୁମୋଦନ ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂର୍ଯ୍ୟମନ୍ଦିରର ଅତିରିକ୍ତ ଦାୟିତ୍ୱରେ ଥିବା ବରିଷ୍ଠ ସଂରକ୍ଷଣ ସହାୟକ ଚିତ୍ତରଞ୍ଜନ ଦାସ ସୂଚନା ଦେଇଛନ୍ତି।

ଅସରାଏ ବର୍ଷା ହେଲେ ସୂର୍ଯ୍ୟମନ୍ଦିର ପରିସରରେ ପାଣି ଜମୁଛି। ଏହି ସମସ୍ୟା ଦୀର୍ଘ ବର୍ଷ ହେଲା ଲାଗି ରହିଛି। ଏପରି କି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ଏହି ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ତେବେ ଏଏସ୍‌ଆଇ ନୂଆଦିଲ୍ଲୀସ୍ଥିତ ମୁଖ୍ୟ କାର୍ଯ୍ୟାଳୟର ମୁଖ୍ୟ ଉଦ୍ୟାନବିତ୍ କାଞ୍ଚନ ସିଂ ଶନିବାର କୋଣାର୍କ ଆସି ସୂର୍ଯ୍ୟମନ୍ଦିରର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଏସ୍‌ଆଇ ଭୁବନେଶ୍ୱର ସୁପରିଣ୍ଟେଣ୍ଡିଂ ଆର୍କିଓଲୋଜିଷ୍ଟ ଅରୁଣ ମଲ୍ଲିକ୍, ଏଏସ୍‌ଆଇର ଡେପୁଟି ଇଞ୍ଜିନିୟର ତପନ ଭଟ୍ଟାଚାର୍ଯ୍ୟ ଏବଂ ଏଏସ୍‌ଆଇର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ମନ୍ଦିର ଚତୁଃପାର୍ଶ୍ୱ ପ୍ରଦକ୍ଷିଣ ପଥର ଚଟାଣର ଉଚ୍ଚତାଠାରୁ ମନ୍ଦିର ପରିସର ଉଦ୍ୟାନ ଉଚ୍ଚତା ଅଧିକ ରହିଛି। ଅନ୍ୟପକ୍ଷରେ ଛାୟାଦେବୀ, ମାୟା ଦେବୀ ଆଦି ବିଭିନ୍ନ ପାର୍ଶ୍ୱ ଦେବଦେବୀଙ୍କ ମନ୍ଦିର ଓ ପୁରୁଣ ରୋଷଘରକୁ ଲାଗି ରହିଥିବା ପାଦଚଲା ରାସ୍ତା ମଧ୍ୟ ଉଚ୍ଚରେ ରହିଛି। ତେଣୁ ଜଳ ନିଷ୍କାସନ ହୋଇପାରୁନାହିଁ। ମନ୍ଦିର ପଛ ପାର୍ଶ୍ୱରେ ଦୁଇଟି ଡ୍ରେନ ରହିଛି। ସେଠାରେ ୫ ଏଚ୍‌ପି କ୍ଷମତା ସମ୍ପନ୍ନ ଦୁଇଟି ପମ୍ପ ଜରିଆରେ ଜଳ ନିଷ୍କାସନ ହେଉଛି। କିନ୍ତୁ ଉଚ୍ଚାନୀଚା ସମସ୍ୟା ଯୋଗୁ ସମୁଦାୟ ଜଳ ନିଷ୍କାସନ ହୋଇପାରୁନାହିଁ। ତତ୍କାଳ ପଦକ୍ଷେପ ସ୍ୱରୂପ ଜଳ ନିଷ୍କାସନ ପାଇଁ ଉଦ୍ୟାନର ଆବଶ୍ୟକ ସ୍ଥାନକୁ ଗଡ଼ାଣିଆ କରାଯିବାକୁ ସ୍ଥିର ହୋଇଛି।

**ବାଲି ଦବିବା ପ୍ରସଙ୍ଗ: କମିଟି ଡାକିଲା ବୈଠକ**

ସୂର୍ଯ୍ୟମନ୍ଦିରର ମୁଖ୍ୟ ସମସ୍ୟା ପ୍ରତି କାହାର ନଜର ନାହିଁ। ୧୯୦୩ରୁ ସୂର୍ଯ୍ୟମନ୍ଦିରରେ ଭର୍ତ୍ତି କରାଯାଇଥିବା ବାଲି ଦବିବାରେ ଲାଗିଛି। ତ୍ରୟୋଦଶ ଶତାବ୍ଦୀର ଏହି କୀର୍ତ୍ତିରାଜିର ସ୍ଥିତି ସଙ୍ଗିନ ହେବାକୁ ଲାଗିଥିବାବେଳେ ଏଏସ୍‌ଆଇ ଚୁପ ବସିଛି। ବାଲି ବାହାର କରାଯାଇ ବିକଳ୍ପ ବ୍ୟବସ୍ଥା କରାଯିବ ନା ପୁନଃ ଭର୍ତ୍ତି କରାଯିବ ସେଦିଗରେ କୌଣସି ନିଷ୍ପତ୍ତି ହେଉନାହିଁ। ୨୦୧୬ ଡିସେମ୍ବର ୧୬ରେ ଅନୁଷ୍ଠିତ କୋଣାର୍କ ୱାର୍କିଙ୍ଗ ଗ୍ରୁପ କମିଟି ଏଦିଗରେ ପଦକ୍ଷେପ ନେବାକୁ କହିଥିଲା। କିନ୍ତୁ ଏହାପର ଏହି ବୈଠକ ଆଉ ଡକାଯାଇନାହିଁ। ଅନ୍ୟପକ୍ଷରେ କୋଣାର୍କ ମନ୍ଦିର ଲାଗି ରହିଥିବା ଉଚ୍ଚକ୍ଷମତା ସମ୍ପନ୍ନ ଷ୍ଟିଅରିଂ କମିଟି ଗତ ୧୦ବର୍ଷ ହେଲା ବସିନାହିଁ। ସୂର୍ଯ୍ୟମନ୍ଦିରର ଏଭଳି ସ୍ଥିତିକୁ ନେଇ ଅସନ୍ତୋଷ ଲାଗି ରହିଥିବାବେଳେ ଏହି ଦୁଇ କମିଟି ବୈଠକ ଡାକିବା ଲାଗି କୋଣାର୍କ ମନ୍ଦିର ୱାର୍କିଙ୍ଗ ଗ୍ରୁପ୍ କମିଟି ଅଧ୍ୟକ୍ଷ ପଦ୍ମଶ୍ରୀ ଡ.ଗୋପାଳ ଚନ୍ଦ୍ର ମିତ୍ର ଗତ କିଛିଦିନ ତଳେ ଚିଠି ଲେଖିଥିବା ଜଣାପଡିଛି।

- ମୁଖ୍ୟ ପାଚେରି ପାର୍ଶ୍ୱ ଦେଇ ଯିବ ଖୋଲା ଡ୍ରେନ୍
- ତିଆରି ହେବ ୩ଟି ଭୂତଳ ଷ୍ଟୋରେଜ୍ ଟାଙ୍କି
- ଅନୁଧ୍ୟାନ କଲେ ଏଏସ୍‌ଆଇ ମୁଖ୍ୟ ଉଦ୍ୟାନବିତ୍



ମଙ୍ଗଳାହାଟରେ ହେବ ଅଟୋନଗର

# ସରିଛି ଟେଣ୍ଡର, ଆରମ୍ଭ ହେଉନି କାମ

**ପୁରୀ ଅଫିସ, ୯।୯**

ପୁରୀ ସହର ମଙ୍ଗଳାଘାଟ ନିକଟରେ ଅଟୋନଗର ସ୍ଥାପନ ଲାଗି ପୌରସଂସ୍ଥା ନିଷ୍ପତି ନେଇଛି। ଏଥି ଲାଗି ଜମି ଚିହ୍ନଟ ସରିଛି । ଜମି ଚତୁଃପାର୍ଶ୍ୱରେ ପାଚେରୀ ନିର୍ମାଣ ସହ ଚଟାଣ(ବେସ୍‌ମେଣ୍ଟ) ନିର୍ମାଣ ଲାଗି ପ୍ରାୟ ୨୮ଲକ୍ଷ ଟଙ୍କାର ଅଟକଳ ହୋଇ ଟେଣ୍ଡର ସରିଛି । କିନ୍ତୁ ଜମିକୁ ନେଇ ବିବାଦ ମୁଣ୍ଡ ଟେକିବାରୁ ନିର୍ମାଣ ଆରମ୍ଭ ହୋଇପାରୁନାହିଁ । ତେଣୁ ଏହି ପ୍ରକଳ୍ପଟି ଅଟକି ରହିଛି।

ପୁରୀ ବଡଦାଣ୍ଡର ବଡଶଙ୍ଖଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ମଧ୍ୟରେ ଏକାଧିକ ଗ୍ୟାରେଜ ରହିଥିବାବେଳେ ଦୁଇ ପାର୍ଶ୍ୱରେ ଅଧିକାଂଶ ବସ୍ ପାର୍କିଂ ହେଉଛି। ଗ୍ୟାରେଜ ଗୁଡିକରେ ଗାଡି ମରାମତି ବେଳେ ପୋଡା ମୋବିଲ ଜାତୀୟ ରାଜପଥ ଉପରେ ପଡୁଛି। ଏହାଦ୍ୱାରା ଜାତୀୟ ରାଜପଥ ନଷ୍ଟ ହେଉଛି। ସେଇଭଳି ବସ୍ ପାର୍କିଂ ଯୋଗୁ ଜାତୀୟ ରାଜପଥ ସଙ୍କୁଚିତ ହେଉଛି। ବଡଶଙ୍ଖଠାରୁ ଶ୍ରୀଗୁଣ୍ଡିଚାମନ୍ଦିର ମଧ୍ୟରେ ରହିଥିବା ସମସ୍ତ ଗ୍ୟାରେଜ ଏବଂ ସହର ସମସ୍ତ ଗ୍ୟାରେଜକୁ ଗୋଟିଏ ସ୍ଥାନ ରଖି ଅଟୋନଗର ସ୍ଥାପନ ପାଇଁ ନବକଳେବର ସମୟରେ ଚିନ୍ତା କରାଯାଇଥିଲା । ମାତ୍ର ଜମି ମିଳିବାରେ ସମସ୍ୟା ହେବାରୁ ଏହି ପ୍ରକଳ୍ପ ଅଟକି ରହିଲା । ଶେଷରେ ମଙ୍ଗଳାଘାଟ ଛକ ନିକଟସ୍ଥ ବାସେଳିସାହି ଥାନା ପଛ ପାର୍ଶ୍ୱରେ ୧୦ଏକର ଜମି ଚିହ୍ନଟ କରାଯାଇଛି। ଉକ୍ତ ଜମିଟି ଖାଲୁଆ ସ୍ଥାନରେ ରହିଥିବାରୁ ଏହାକୁ ପୋତିବା ସହିତ ଚତୁଃପାର୍ଶ୍ୱରେ ପାଚେରୀ ନିର୍ମାଣ ଲାଗି ୨୮ଲକ୍ଷ ଟଙ୍କାର ଟେଣ୍ଡର ଗତ ୬ମାସ ତଳେ ହୋଇଛି। ଲୋକନାଥ ପଣ୍ଡା ନାମକ ଜଣେ ବ୍ୟକ୍ତି ଏହି କାର୍ଯ୍ୟ ନେଇଛନ୍ତି। ସେ କାର୍ଯ୍ୟାଦେଶ ପାଇବାପରେ ମାଟିପୋତିବା ପ୍ରକ୍ରିୟା ଆରମ୍ଭ କରିଥିଲେ। କିନ୍ତୁ ଉକ୍ତ ସ୍ଥାନରେ ମାଟିପୋତିବା ଲାଗି ବାସେଳୀସାହି ଥାନା ପୋଲିସ ସମେତ କେତେକ ବ୍ୟକ୍ତି ବିରୋଧ କରିଥିଲେ। ଫଳରେ ଆଉ କାମ ଆଗକୁ ନ ବଢ଼ି ବନ୍ଦ ହୋଇଯାଇଛି। ଏନେଇ ସଂପୃକ୍ତ ଠିକାଦାର ପୌରସଂସ୍ଥାକୁ ଲିଖିତ ଭାବେ ଜଣାଇଛନ୍ତି। ତେବେ ପୌରସଂସ୍ଥା କୌଣସି ପଦକ୍ଷେପ ନେଉ ନ ଥିବାରୁ କାମ ଆରମ୍ଭ ହୋଇପାରୁ ନାହିଁ। ଏ ସମ୍ପର୍କରେ ନଗରପାଳ ଜୟନ୍ତ କୁମାର ଷଡଙ୍ଗୀଙ୍କୁ ପଚାରିବାରେ ପୌରସଂସ୍ଥା ପ୍ରଥମ ୪ବର୍ଷ ଠିକ୍ ଚାଲିଲା। ଗତ ୧ବର୍ଷ ହେଲା ସମ୍ପୂର୍ଣ୍ଣ ସ୍ଥାଣୁ ହୋଇଯାଇଛି। ରାଜନୈତିକ ଚାପରେ ପୌର ନିର୍ବାହୀ ଅଧିକାରୀ ଏବଂ ଏନ୍‌ଫୋର୍ସମେଣ୍ଟ ଅଫିସରଙ୍କୁ ବଦଳି କରାଗଲା। ସବୁ କାଉନ୍‌ସିଲର ବଦଳି ନ କରିବାକୁ କହିଲେ କିନ୍ତୁ ନେତା ଶୁଣିଲେ ନାହିଁ । ତା ପରଠାରୁ ପୌରସଂସ୍ଥାରେ କିଛି କାମ ହେଉନାହିଁ । ଟାଉନ ହଲ ଶୀତତାପ ନିୟନ୍ତ୍ରିତ କରିବାକୁ ଆମ ପାଖରେ ଅର୍ଥ ଅଛି କରିପାରୁନାହୁଁ। ସବୁ ଚେୟାରମ୍ୟାନ କରିବା ସମ୍ଭବ ନୁହେଁ ବୋଲି କ୍ଷୋଭର ସହ କହିଥିଲେ।

# ବିଜେଡିର କର୍ମୀ ସମ୍ମିଳନୀ

**ବାଲୁଗାଁ,୯।୯ (ଡ଼ି.ଏନ୍.ଏ.):** ଚିଲିକା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଣପୁର ବ୍ଲକ୍‌ର ନୀଳାଦ୍ରିପ୍ରସାଦ ଓ ଦାମିଆବରବରା ପଞ୍ଚାୟତରେ ବିଜେଡ଼ି କର୍ମୀ ସମ୍ମିଳନୀ ରବିବାର ପୂର୍ବାହ୍ନ ୧୦ଟା ସମୟରେ ମା' ବିରଜାଈଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ରଘୁନାଥ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ । ବାଣପୁର ବ୍ଲକ୍ ଅଧ୍ୟକ୍ଷା ରଞ୍ଜିତା ସେଠୀ, ବ୍ଲକ୍ ପର୍ଯ୍ୟବେକ୍ଷକ ଭରତ ଚନ୍ଦ୍ର ସାହୁ, ଏମ୍‌ପିଙ୍କ ପ୍ରତିନିଧି ସତ୍ୟନାରାୟଣ ପ୍ରଧାନ, ବ୍ଲକ୍ ବିଜେଡ଼ି ସଭାପତି ଭବାନୀ ଶଙ୍କର ବଳିଆରସିଂହ, ଉପସଭାପତି ସୁକାନ୍ତ ଭୋଳ ପ୍ରମୁଖ ଯୋଗଦେଇଥିଲେ।

# ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ସ୍ୱାଗତ ଉତ୍ସବ

**ନୟାଗଡ଼ ଅଫିସ,୯।୯**




ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ସ୍ୱାଗତ ଉତ୍ସବ ରବିବାର କଲେଜର ପୁରାତନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପ୍ରାଧ୍ୟାପକ ସୁରେଶ କୁମାର ପ୍ରଧାନ, ପ୍ରାଧ୍ୟାପକ ଡ. ଗୋବିନ୍ଦ ଚନ୍ଦ୍ର ଦାଶ, ଅଧ୍ୟାପକ ମହମ୍ମଦ ଓମାର ମଲିକ୍, କେଶବ ଚନ୍ଦ୍ର ରାଉତରାୟ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ବିବିଧ ପାଠ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ସରୋଜ ରଞ୍ଜନ ଦାସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ସେକ୍ ଇଶାକ୍ ଧନ୍ୟବାଦ ଦେଇଥିଲେ। ମୁକ୍ତ ବିଶ୍ୱ ବିଦ୍ୟାଳୟରେ ନାମ ଲେଖାଇଥିବା ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଝରଦେଇ ପୀଠରେ ଚାରାରୋପଣ

**ନୟାଗଡ଼ ଅଫିସ,୯।୯**

ନୟାଗଡ଼ ବ୍ଲକ ଇକିରି ପଞ୍ଚାୟତ ନଛିପୁର ଗ୍ରାମରେ ଥିବା ଆଲୋକ ଜ୍ୟୋତି ୟୁଥ୍ ପାୱାର କ୍ଲବ ପକ୍ଷରୁ ରବିବାର ନିକଟସ୍ଥ ମା' ଝରଦେଇ ପୀଠଠାରେ ଚାରା ରୋପଣ ସହ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲବର ସମସ୍ତ ସଦସ୍ୟ ଅଂଶଗ୍ରହଣ କରିଥିଲେ। ପରେ କ୍ଲବ ସଭାପତି ସନ୍ତୋଷ କୁମାର ବେହେରାଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଇକିରି ସରପଞ୍ଚ ପ୍ରଫୁଲ୍ଲ କୁମାର ପାଳ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଯୁବଗୋଷ୍ଠୀଙ୍କ ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହା ସହ ଆଗାମୀ ଦିନରେ ଏହାକୁ ବଜାୟ ରଖିବା ପାଇଁ ସଦସ୍ୟମାନଙ୍କୁ ଉତ୍ସାହିତ କରିଥିଲେ। କ୍ଲବ ସଦସ୍ୟମାନେ ମା'ଙ୍କ ପୀଠ ସଫେଇ କରି ଏହାକୁ ଆବର୍ଜନାମୁକ୍ତ କରିବା ପାଇଁ ଆଲୋଚନା କରାଯାଇଥିଲା। ସେହିଭଳି କ୍ଲବ ପକ୍ଷରୁ ସେଠାରେ ଏକ ମିନି ପାର୍କ କିପରି ହେବ ସେ ନେଇ ଆଲାଚନା ହୋଇଥିଲା।



କ୍ଲବ ସଦସ୍ୟମାନେ ଚାରା ରୋପଣ କରୁଛନ୍ତି।

ଛାତ୍ର ସଂସଦ ନିର୍ବାଚନ

# ସଭାପତି ପ୍ରାର୍ଥୀ ଘୋଷଣା କଲା ଏବିଭିପି

**ପୁରୀ ଅଫିସ, ୯।୯**

ଛାତ୍ର ସଂସଦ ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇ ନ ଥିଲେ ମଧ୍ୟ କଲେଜ କ୍ୟାମ୍ପସ୍‌ରେ ନିର୍ବାଚନ ମାହୋଲ ଦେଖିବାକୁ ମିଳିଛି। ଆଶାୟୀ ପ୍ରାର୍ଥୀମାନେ କ୍ୟାମ୍ପସରେ ନିଜର ପ୍ରଚାର ଆରମ୍ଭ କରିଲେଣି। ଏହି କ୍ରମରେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଓ ସରକାରୀ ମହିଳା ମହାବିଦ୍ୟାଳୟରେ ଆଶାୟୀମାନେ ଜୋର ସୋରରେ ପ୍ରଚାର ଚଳାଇଛନ୍ତି। ଚଳିତ ବର୍ଷ ତିନି ପ୍ରମୁଖ ଦଳର ସମର୍ଥିତ ପ୍ରାର୍ଥୀଙ୍କ ମଧ୍ୟରେ କଡା ଟକ୍କର ହେବା ସମ୍ଭାବନା ରହିଛି। ବିଜେଡି ଓ କଂଗ୍ରେସ ସମର୍ଥିତଦଳ ସେମାନଙ୍କର ପ୍ରାର୍ଥୀ ତାଲିକା ଘୋଷଣା କରିନାହାନ୍ତି। ଅନ୍ୟପଟେ ଦୁଇ ଦଳ ଆଗରେ ରହିଛି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)। ରବିବାର ଏବିଭିପି ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନର ସଭାପତି ପ୍ରାର୍ଥୀ ଭାବେ ଶ୍ରଦ୍ଧାଞ୍ଜଳୀ ସେନାପତିଙ୍କ ନାମ ଘୋଷଣା କରିଛି। ପର୍ଯ୍ୟାୟ କ୍ରମରେ ସମସ୍ତ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ ବୋଲି ଏବିଭିପିର ପୁରୀ ଜିଲା ସଂଯୋଜକ ପାର୍ଥଜିତ ପୃଷ୍ଟି କହିଛନ୍ତି। ଚଳିତବର୍ଷ ଜିଲାର ସମସ୍ତ କଲେଜରେ ଏବିଭିପି ତାର ପ୍ରାର୍ଥୀ ଦେବ ବୋଲି ସେ କହିଛନ୍ତି। ଏହି ନାମ ଘୋଷଣା ବେଳେ ଏବିଭିପିର ପୁରୀ ବିଭାଗ ସଂଯୋଜକ ରାଜେଶ କୁମାର ଦେବତା, ପ୍ରାନ୍ତ ସେବା ପ୍ରମୁଖ ଦୀପକ କୁମାର ସୁବୁଦ୍ଧି, ଯୁବ ନେତା ଜୟନ୍ତ ଦାସ, ଛାତ୍ର ନେତା ସଂଗ୍ରାମ ପରିଡାଙ୍କ ସମେତ ସରକାରୀ ମହିଳା ମହାବିଦ୍ୟାଳୟର ଶତାଧିକ ଛାତ୍ରୀ ଉପସ୍ଥିତ ଥିଲେ। ଦୁଇ କଲେଜରେ ଛାତ୍ର ସଂସଦ ନିର୍ବାଚନ ଲାଗି ଶନିବାର ଶ୍ରୀରାମ ମନ୍ଦିରରେ ଏବିଭିପି ପକ୍ଷରୁ ଏକ ବୈଠକ ଆୟୋଜିତ ହୋଇଥିଲା।


## ମହତ୍ତ୍ୱପୂର୍ଣ୍ଣ ସୂଚନା

INDIAN RAILWAYS

**ପୁରୀ ରେଳ ଷ୍ଟେସନ ଠାରେ ନିରାପତ୍ତା ସଂପର୍କିତ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ଅସ୍ଥାୟୀ ଭାବେ ଟ୍ରେନ୍ ସେବା ବାତିଲ୍ ଏବଂ ଗନ୍ତବ୍ୟ ଷ୍ଟେସନ ପୂର୍ବରୁ ବାତିଲ**

**ବାତିଲ୍ ହେଉଥିବା ଟ୍ରେନ୍ ସମୂହ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ବାତିଲ ହେବା ତାରିଖ |
|---|---|---|
| 12882 | ପୁରୀ-ହାଓଡ଼ା ଦ୍ୱି-ସାପ୍ତାହିକ ଏକ୍ସପ୍ରେସ୍ | 17.09.2018, 19.09.2018 ଏବଂ 24.09.2018 |
| 12881 | ହାଓଡ଼ା-ପୁରୀ ଦ୍ୱି-ସାପ୍ତାହିକ ଏକ୍ସପ୍ରେସ୍ | 18.09.2018, 20.09.2018 ଏବଂ 25.09.2018 |
| 22883 | ପୁରୀ-ଯଶବନ୍ତପୁର ଗରିବ ରଥ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 22884 | ଯଶବନ୍ତପୁର-ପୁରୀ ଗରିବ ରଥ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 22859 | ପୁରୀ-ଚେନ୍ନାଇ ସେଣ୍ଟ୍ରାଲ୍ ଏକ୍ସପ୍ରେସ୍ | 16.09.2018 ଏବଂ 23.09.2018 |
| 22860 | ଚେନ୍ନାଇ ସେଣ୍ଟ୍ରାଲ୍-ପୁରୀ ଏକ୍ସପ୍ରେସ୍ | 17.09.2018 ଏବଂ 24.09.2018 |
| 18405 | ପୁରୀ-ଅହମଦାବାଦ ଏକ୍ସପ୍ରେସ୍ | 12.09.2018 ଏବଂ 19.09.2018 |
| 18406 | ଅହମଦାବାଦ -ପୁରୀ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 12888 | ପୁରୀ-ହାଓଡ଼ା ଏକ୍ସପ୍ରେସ୍ | 16.09.2018 ଏବଂ 23.09.2018 |
| 12887 | ହାଓଡ଼ା -ପୁରୀ ଏକ୍ସପ୍ରେସ୍ | 17.09.2018 ଏବଂ 24.09.2018 |
| 12993 | ଗାନ୍ଧୀଧାମ-ପୁରୀ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 12994 | ପୁରୀ -ଗାନ୍ଧୀଧାମ ଏକ୍ସପ୍ରେସ୍ | 17.09.2018 ଏବଂ 24.09.2018 |
| 22973 | ଗାନ୍ଧିଧାମ-ପୁରୀ ଏକ୍ସପ୍ରେସ୍ ଭାୟା ବିଜୟନଗରମ୍ | 12.09.2018 ଏବଂ 19.09.2018 |
| 22974 | ପୁରୀ -ଗାନ୍ଧିଧାମ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 12145 | ଲୋକମାନ୍ୟ ତିଲକ୍ ଟର୍ମିନସ୍-ପୁରୀ ଏକ୍ସପ୍ରେସ୍ | 16.09.2018 |
| 12146 | ପୁରୀ -ଲୋକମାନ୍ୟ ତିଲକ୍ ଟର୍ମିନସ୍ ଏକ୍ସପ୍ରେସ୍ | 18.09.2018 |
| 22201 | ସିଆଲ୍‌ଦା-ପୁରୀ ଏକ୍ସପ୍ରେସ୍ | 14.09.2018, 17.09.2018, 19.09.2018 ଏବଂ 21.09.2018 |
| 22202 | ପୁରୀ -ସିଆଲ୍‌ଦା ଏକ୍ସପ୍ରେସ୍ | 15.09.2018, 18.09.2018, 20.09.2018 ଏବଂ 22.09.2018 |
| 12278 | ପୁରୀ-ହାଓଡ଼ା ଶତାବ୍ଦୀ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 12277 | ହାଓଡ଼ା -ପୁରୀ ଶତାବ୍ଦୀ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 08091 | ଭଞ୍ଜପୁର-ପୁରୀ ସ୍ପେଶାଲ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 08092 | ପୁରୀ -ଭଞ୍ଜପୁର ସ୍ପେଶାଲ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 58131 | ରାଉରକେଲା-ପୁରୀ ପାସେଞ୍ଜର | 14.09.2018 ଠାରୁ 24.09.2018 |
| 58132 | ପୁରୀ-ରାଉରକେଲା ପାସେଞ୍ଜର | 15.09.2018 ଠାରୁ 25.09.2018 |
| 58403/ 58404 | ଖୋର୍ଦ୍ଧା ରୋଡ଼-ପୁରୀ-ଖୋର୍ଦ୍ଧା ରୋଡ଼ ପାସେଞ୍ଜର | 14.09.2018 ଠାରୁ 24.09.2018 |
| 58409/58410 | ଖୋର୍ଦ୍ଧା ରୋଡ଼-ପୁରୀ-ଖୋର୍ଦ୍ଧା ରୋଡ଼ ପାସେଞ୍ଜର | 14.09.2018 ଠାରୁ 24.09.2018 |
| 58431/58432 | ଖୋର୍ଦ୍ଧା ରୋଡ଼-ନୟାଗଡ଼ ଟାଉନ୍-ଖୋର୍ଦ୍ଧା ରୋଡ଼ ପାସେଞ୍ଜର | 14.09.2018 ଠାରୁ 24.09.2018 |

**ଗନ୍ତବ୍ୟ ଷ୍ଟେସନ ପୂର୍ବରୁ ବାତିଲ୍ ହେଉଥିବା ଟ୍ରେନ୍ ସମୂହ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ମଧ୍ୟରେ ବାତିଲ୍ | ଗନ୍ତବ୍ୟ ଷ୍ଟେସନ ପୂର୍ବରୁ ବାତିଲ୍ ହେବା ତାରିଖ |
|---|---|---|---|
| 12277 | ହାଓଡ଼ା-ପୁରୀ ଶତାବ୍ଦୀ ଏକ୍ସପ୍ରେସ୍ | ଭୁବନେଶ୍ୱର-ପୁରୀ | 14.09.2018 ଠାରୁ 24.09.2018. 15.09.2018 ଓ 22.09.2018 ବ୍ୟତୀତ |
| 12278 | ପୁରୀ -ହାଓଡ଼ା ଶତାବ୍ଦୀ ଏକ୍ସପ୍ରେସ୍ | ପୁରୀ-ଭୁବନେଶ୍ୱର | 16.09.2018 ଠାରୁ 25.09.2018. 15.09.2018 ଓ 22.09.2018 ବ୍ୟତୀତ |
| 12821/12822 | ହାଓଡ଼ା-ପୁରୀ-ହାଓଡ଼ା ଦୁରନ୍ତୋ ଏକ୍ସପ୍ରେସ୍ | ପୁରୀ-ଭୁବନେଶ୍ୱର-ପୁରୀ | 13.09.2018 ଠାରୁ 24.09.2018 |
| 18303/18304 | ସମ୍ବଲପୁର-ପୁରୀ-ସମ୍ବଲପୁର ଏକ୍ସପ୍ରେସ୍ | ଖୋର୍ଦ୍ଧା ରୋଡ଼-ପୁରୀ-ଖୋର୍ଦ୍ଧା ରୋଡ଼ | 14.09.2018 ଠାରୁ 24.09.2018 |
| 17480 | ତିରୁପତି-ପୁରୀ ଏକ୍ସପ୍ରେସ୍ | ଖୋର୍ଦ୍ଧା ରୋଡ଼-ପୁରୀ | 14.09.2018,15.09.2018, 17.09.2018, 18.09.2018, 19.09.2018, 21.09.2018 ଏବଂ 22.09.2018 |
| 17479 | ପୁରୀ -ତିରୁପତି ଏକ୍ସପ୍ରେସ୍ | ଖୋର୍ଦ୍ଧା ରୋଡ଼-ପୁରୀ | 15.09.2018, 16.09.2018, 18.09.2018, 19.09.2018, 20.09.2018, 22.09.2018 ଏବଂ 23.09.2018 |
| 58001/58002 | ହାଓଡ଼ା-ପୁରୀ-ହାଓଡ଼ା ପାସେଞ୍ଜର | ଖୋର୍ଦ୍ଧା ରୋଡ଼-ପୁରୀ-ଖୋର୍ଦ୍ଧା ରୋଡ଼ | 14.09.2018 ଠାରୁ 24.09.2018 |
| 58413/58414 | ତାଳଚେର-ପୁରୀ-ତାଳଚେର ପାସେଞ୍ଜର | ଭୁବନେଶ୍ୱର-ପୁରୀ-ଭୁବନେଶ୍ୱର | 14.09.2018 ଠାରୁ 24.09.2018 |
| 58418 | ଗୁଣୁପୁର-ପୁରୀ ପାସେଞ୍ଜର | ପଳାସା ଠାରୁ ଗୁଣୁପୁର | 19.09.2018 ଠାରୁ 24.09.2018 |
| 58417 | ପୁରୀ -ଗୁଣୁପୁର ପାସେଞ୍ଜର | ଗୁଣୁପୁର ଠାରୁ ପଳାସା | 20.09.2018 ଠାରୁ 25.09.2018 |



**ପୂର୍ବ ତଟ ରେଳପଥ**

PR-344/J/18-19



ଯାହାର ହୃଦୟଟି ଭଲ, ସେ ଅଗାଧ ସମ୍ପତ୍ତିର ଅଧିକାରୀ।
- ସେକ୍ସପିୟର

## ସଂକ୍ଷେପରେ

### ଜଳଖିଆ ଦୋକାନରୁ ନାଗସାପ ଉଦ୍ଧାର



**ଖଣ୍ଡପଡା,୯।୯(ସ୍ୱ.ପ୍ର.):** ମହାନଦୀ କୂଳ କଣ୍ଟିଲୋ ଯାତ୍ରାପଦା ବଜାରର ଏକ ଦୋକାନରୁ ଶନିବାର ଏକ ନାଗସାପ ଉଦ୍ଧାର କରାଯାଇଛି। ଦୋକାନୀ ଚୁଲବୁଲ ସାହୁଙ୍କ ଜଳଖିଆ ଦୋକାନରେ ଅପରାହ୍ନରେ ଏକ ନାଗସାପକୁ ଜଣେ ଗ୍ରାହକ ଦେଖିଥିଲେ। ଏହା ଜାଣିବା ପରେ ଚୁଲବୁଲ ସଙ୍ଗେ ସଙ୍ଗେ ସ୍ଥାନୀୟ ବାଉରୀ ସୁବୁଦ୍ଧି ପାଟଣା ଗ୍ରାମର ସାପ ଧରାଳି ଦାସରଥୀ ଦାସଙ୍କୁ ଖବର ଦେଇଥିଲେ । ଦାଶରଥୀ ଘଟଣାସ୍ଥଳରେ ପହଞ୍ଚି ଦୋକାନରୁ ସାଢେ ୪ ଫୁଟ ଲମ୍ବର ନାଗସାପ ଉଦ୍ଧାର କରି ନିକଟସ୍ଥ କମେଇ ନଦୀ କୂଳରେ ଛାଡି ଦେଇଥିଲେ ।

### ଦୁର୍ଘଟଣାରେ ଦମ୍ପତି ଗୁରୁତର

**ନୂଆଗାଁ,୯।୯(ଡି.ଏନ.ଏ.):** ନୂଆଗାଁ ବ୍ଲକ ନୂଆଗାଁ-ଗଦାଧରପୁର ରାସ୍ତାରେ ରବିବାର ବାଇକ୍ ଦୁର୍ଘଟଣାରେ ଦମ୍ପତି ଗୁରୁତର ହୋଇ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଦଶପଲ୍ଲା ଗ୍ରାମରୁ ଗ୍ଲାମରୁ ଓଡି ୨୫ ୨୩୫୯ ନମ୍ବର ବାଇକ୍‌ରେ ଅଜୟ ପାତ୍ର ନିଜ ସ୍ତ୍ରୀଙ୍କ ସହ ନୟାଗଡ଼ ଅଭିମୁଖେ ଯାଉଥିଲେ। ତେବେ ଏ ସମୟରେ ସେ ଭାରସାମ୍ୟ ହରାଇ ରାସ୍ତାର ଗୋଟିଏ କାଠ ଗଣ୍ଡିରେ ପିଟି ହୋଇଥିଲେ। ଗୁରୁତର ଆଘାତ ହେବା ଫଳରେ ଘଟଣା ସ୍ଥଳରେ ହିଁ ଉଭୟ ସ୍ୱାମୀ ଓ ସ୍ତ୍ରୀ ଚେତାଶୂନ୍ୟ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଦମକଳବାହିନୀ ଗାଡ଼ିରେ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

### ୫ ଜୁଆଡ଼ି ଗିରଫ

**ନୟାଗଡ଼ ଅଫିସ,୯।୯:** ନୟାଗଡ଼ ସହର ରାଜାବଗିଚା ସିଦ୍ଧେଶ୍ୱର ମନ୍ଦିର ଛାତ ଉପରେ ଜୁଆ ଖେଳୁଥିବା ବେଳେ ଟାଉନ ଥାନା ପୋଲିସ ରବିବାର ୫ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନେ ହେଲେ ଓଲଡ଼ଟାଉନର ବାଙ୍କନିଧି ମହାନ୍ତି, ତ୍ରିନାଥଛକର ବୁଲା ଦାସ, କଇଥଗାଡ଼ିଆ ଗ୍ରାମର କାଳିଚରଣ ଦାସ, ଜଗନ୍ନାଥ ମହାନ୍ତି ଓ ରବୀନ୍ଦ୍ର ମଲ୍ଲିକ। ଏମାନେ ସକାଳେ ଛାତ ଉପରେ ଜୁଆ ଖେଳୁଥିବା ଖବର ପାଇ ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏମାନଙ୍କୁ ଗିରଫ କରିଥିଲା। ଏମାନଙ୍କଠାରୁ ୬୨୭୦ ଟଙ୍କା ଓ ୩ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଏ ନେଇ ଥାନାରେ ୧୩୧/୧୮ରେ ମାମଲା ରୁଜୁ କରାଯାଇ ୫ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି।

### ଟ୍ରେନ୍‌ରୁ ଖସି ଯୁବକଙ୍କ ମୃତ୍ୟୁ

**ନିରାକାରପୁର,୯।୯(ଡି.ଏନ.ଏ.):** ଏକ ଚଳନ୍ତା ଟ୍ରେନ୍‌ରୁ ଖସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଉଛନ୍ତି ସାଉଥ୍ ୱେଷ୍ଟ ବେଙ୍ଗଲ୍ ୨୪ ପ୍ରଗଣା ଅନ୍ତର୍ଗତ ବେଥ୍ ଫୁକୁରୁ ଗ୍ରାମର ନନ୍ ମହମ୍ମଦ ସର୍ଦ୍ଦାର(୩୪)। ହାୱଡ଼ା-କେରଳ ଅନ୍ତଃଦା ଏକ୍ସପ୍ରେସ୍ ଯୋଗେ ଯାଉଥିବା ବେଳେ ଶନିବାର ରାତି ପ୍ରାୟ ଗୋଟାଏ ବେଳେ ସେ ନିରାକାରପୁରଠାରେ ଟ୍ରେନ୍‌ରୁ ଖସିପଡ଼ି ମୃତ୍ୟୁବରଣ କରିଥିଲେ । ରେଳ ବିଭାଗକୁ ଖବର ଦେବାରୁ ମୃତଦେହ ବ୍ୟବଚ୍ଛେଦ ପରେ ମହମ୍ମଦଙ୍କ ବନ୍ଧୁ ଓ ସମ୍ପର୍କୀୟଙ୍କୁ ଶବ ହସ୍ତାନ୍ତର କରାଯାଇଛି। ଏ ନେଇ ଜିଆର୍‌ପି ଫାଣ୍ଡିରେ ୭୪।୧୮ କ୍ରମେ ଏକ ମାମଲା ରୁଜୁ ହୋଇଥିବା ଫାଣ୍ଡି ଅଧିକାରୀ ଲିଙ୍ଗରାଜ ସେଠୀ ସୂଚନା ଦେଇଛନ୍ତି।

### ପଥର ଖଣି ଉପରେ ଚଢ଼ାଉ: ୪ ପାୱାର୍ ଟିଲର୍ ଜବତ , ଜଣେ ଅଟକ

**ନିରାକାରପୁର,୯।୯(ଡି.ଏନ.ଏ.):** ନିରାକାରପୁର ଥାନା ଅନ୍ତର୍ଗତ ରାମେଶ୍ୱର ପଞ୍ଚାୟତ ଖଜୁରୀପଡ଼ାର ମାଙ୍କଡ଼ା ପଥର ଖଣିରୁ ଦୀର୍ଘ ବର୍ଷ ହେଲା ଚୋରାରେ ପଥର ଚାଲାଣ ଅଭିଯୋଗ ହେଉଥିଲା। ରବିବାର ଟାଙ୍ଗୀ ବନ ବିଭାଗ ଓ ନିରାକାରପୁର ଥାନା ମିଳିତ ଭାବେ ଚଢ଼ାଉ କରି ଏଠାରୁ ୪ ଟି ପାୱାର୍ ଟିଲର୍ ଜବତ କରିବା ସହ ଘଟଣା ସ୍ଥଳରୁ ଜଣଙ୍କୁ ଅଟକ ରଖାଯାଇଛି। ଟାଙ୍ଗୀ ବନାଞ୍ଚଳ ଅଧିକାରୀ ଅଜୟ କୁମାର ଜଗଦେବଙ୍କୁ ଏ ବିଷୟରେ ପଚାରିବାରୁ ସେ କହିଥିଲେ, ପଥରମାଫିଆମାନେ ଏହି ଅଞ୍ଚଳରୁ ଚୋରାରେ ପଥର କାଟୁଥିବା ଖବର ପାଇ ଆମେ ଚଢ଼ାଉ ଜାରି ରଖିଥିଲୁ। ସେମାନେ ଖସି ଯାଉଥିଲେ। କିନ୍ତୁ ସକାଳେ ୪ ଟି ପାୱାର୍‌ଟିଲର୍ ଜବତ କରିବା ସହ ଜଣଙ୍କୁ ଅଟକ ରଖାଯାଇଛି।

## ନୟାଗଡ଼ ଏନ୍‌ଏସିର ଅପାରଗତା
# ପିଣ୍ଡି, ଭେଣ୍ଡିଂ ଜୋନ୍ ଯୋଗାଇବାରେ ବିଫଳ

ନୟାଗଡ଼ ଅଫିସ,୯।୯

ବାରମ୍ବାର ଦାବି ଓ ଆନ୍ଦୋଳନ ପରେ ନୟାଗଡ଼ ଏନ୍‌ଏସି ତରଫରୁ ଉଠାଦୋକାନୀଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯାଇଥିଲା। ପରିବା ଦୋକାନୀଙ୍କ ପାଇଁ ଭେଣ୍ଡିଂ ଜୋନ ଓ ମାଛ, ମାଂସ ବେପାରୀଙ୍କ ଲାଗି ପିଣ୍ଡି କରାଯିବାକୁ ଯୋଜନା ହୋଇଥିଲା। କିନ୍ତୁ ଏନଏସିର ଅପାରଗତା ଯୋଗୁ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନାହିଁ। ଫଳ ସ୍ୱରୂପ ପୂର୍ବଭଳି ଉଠା ଦୋକାନୀ ଯିଏ ଯେଉଁଠି ପାରିଲେ ପସରା ମେଲାଇ ବସୁଛନ୍ତି। ଏପରିସ୍ଥଳେ ପାଖାପାଖି ଦେଢ଼ବର୍ଷ ବ୍ୟବଧାନ ପରେ ଶନିବାର ନୟାଗଡ଼ ଏନ୍‌ଏସି ପକ୍ଷରୁ ସହରର ରାସ୍ତା କଡ଼ରେ ଥିବା ଉଠା ଦୋକାନୀଙ୍କୁ ହଟାଯାଇଛି। ହେଲେ ବର୍ତ୍ତମାନ ପରିବାର କିପରି ଚଳିବ ସେହି ଚିନ୍ତାରେ ଅଛନ୍ତି ସେମାନେ। ପୁରୁଣା ବସ୍‌ଷ୍ଟାଣ୍ଡଠାରେ ବିକ୍ରି କରୁଥିବା ଜଣେ ବେପାରୀ କହିବା କଥା ଯେ, ଏନ୍‌ଏସି ତରଫରୁ ଆମକୁ ଭେଣ୍ଡିଂ ଜୋନ୍ କରି ଥଇଥାନ କରାଯାଉନାହିଁ। ଫଳରେ ପରିବାର ପ୍ରତିପୋଷଣ ପାଇଁ ରାସ୍ତା କଡ଼ରେ ବେପାର କରୁଛି।

ପ୍ରକାଶ ଯେ, ନାରାୟଣ ପାର୍କ ଆଗରେ ଥିବା ପାର୍କିଂ ଷ୍ଟାଣ୍ଡ ପାଇଁ ଜାଗା, ପୁରୁଣା ବସ୍‌ଷ୍ଟାଣ୍ଡ କଡ଼, ସହର ଦେଇ ଯାଇଥିବା ଜାତୀୟ ରାଜପଥ ପାର୍ଶ୍ୱରେ ଉଠା ଦୋକାନୀମାନେ ପ୍ରତିଦିନ



ଖଣ୍ଡପଡ଼ା ରୋଡ୍‌ଠାରେ ବେପାରୀମାନଙ୍କ ତରଫରୁ ହୋଇଥିବା ରାସ୍ତାରୋକୋ (ଫାଇଲ୍ ଫଟୋ)।



ଅସ୍ଥାୟୀ ମାଛ ପିଣ୍ଡି ପାଇଁ ଚିହ୍ନଟ ହୋଇଥିବା ସ୍ଥାନ।

**■ରାସ୍ତାପାର୍ଶ୍ୱରେ ଉଠା ଦୋକାନୀ**
**■ଉଚ୍ଛେଦ ପରେ ପୁଣି ଖୋଲାଯାଉଛି**

ସେମାନଙ୍କ ବ୍ୟବସାୟ କରନ୍ତି। ସେହିପରି ମାଛ, ମାଂସ ବେପାରୀମାନେ ମଧ୍ୟ ସେମାନଙ୍କ ପସରା ମେଲାଇଥାନ୍ତି। ଏହା ଦ୍ୱାରା ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହ ଦୁର୍ଘଟଣା ମଧ୍ୟ ଘଟିଥାଏ। ଏହି ବ୍ୟବସାୟୀଙ୍କ ପାଇଁ ଭେଣ୍ଡିଂ ଜୋନ ଓ ମାଛପିଣ୍ଡି କରାଯିବ ବୋଲି ଏନ୍‌ଏସି ତରଫରୁ ୨ବର୍ଷ ହେଲା କୁହାଯାଉଥିଲେ ମଧ୍ୟ ତାହା ଏବେ ଶୀତଳ ଭଣ୍ଡାରରେ। ଜିଲା ମୁଖ୍ୟ ଚିକିତ୍ସାଳୟ ପଛପଟେ ଥିବା ଦିଆନକ ବନ୍ଧଠାରେ ଅସ୍ଥାୟୀ ମାଛ ମାର୍କେଟ ହେବା ନେଇ ୨ବର୍ଷ ହେଲା କୁହାଯାଉଥିବା ବେଳେ ଏ ଦିଗରେ କୌଣସି ଅଗ୍ରଗତି ହୋଇପାରୁନାହିଁ। ଏପରି କି ପିଣ୍ଡିର ମୂଳଦୁଆ ପଡ଼ି ନ ଥିବା ଦେଖିବାକୁ ମିଳିଛି। ଫଳରେ ବେପାରୀମାନେ ରାସ୍ତା କଡ଼ରେ ଆମିଷ ଦ୍ରବ୍ୟ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। କହିବାକୁ ଗଲେ ଏନ୍‌ଏସି ବେପାରୀମାନଙ୍କୁ ପିଣ୍ଡି ଓ ଭେଣ୍ଡିଂ ଜୋନ୍ ଯୋଗାଇଦେବାରେ ବିଫଳ ହୋଇଛି। ସୂଚନାଯୋଗ୍ୟ ଯେ ଏନ୍‌ଏସି ତରଫରୁ ଶନିବାର ଉଠାଦୋକାନ ହଟାଯିବା କଥା ପ୍ରଥମ ନୁହେଁ, ପୂର୍ବରୁ ୯ ଡିସେମ୍ବର୨୦୧୬ରେ ଜବରଦଖଲ ଦୋକାନ ଉଚ୍ଛେଦ ହୋଇଥିଲା। ଏହା ପରଦିନ ଅର୍ଥାତ୍ ୧୦ ତାରିଖରେ କିଛି ବେପାରୀ ଖଣ୍ଡପଡ଼ା ରୋଡ଼ ହନୁମାନ ମନ୍ଦିରଠାରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। କିଛି ନ ଜଣାଇ ଏନ୍‌ଏସି କର୍ତ୍ତୃପକ୍ଷ ଦୋକାନ ଭାଙ୍ଗିଦେବା ଯୋଗୁ ଦୋକାନର ହୋଇଥିବା କ୍ଷୟକ୍ଷତି ଓ ଥଇଥାନ ପାଇଁ ଏହି ରାସ୍ତାରୋକୋ ହୋଇଥିଲା। ପରେ ଏନ୍‌ଏସି ତରଫରୁ ଭେଣ୍ଡିଂ ଜୋନ୍ କରାଯାଇ ସେମାନଙ୍କୁ ଥଇଥାନ କରାଯିବ ବୋଲି ପ୍ରସ୍ତାବ ଦିଆଯାଇଥିଲା। ହେଲେ ଏ ନେଇ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏନ୍‌ଏସି କର୍ତ୍ତୃପକ୍ଷ ଏହି ସମସ୍ୟାକୁ ଗୁରୁତର ସହ ନେଇ ଏହାର ସମାଧାନ କରିବାକୁ ସହରବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ନଗରପାଳ ଗୁରୁପ୍ରସାଦ ଜେନାଙ୍କୁ ପଚାରିବାରୁ ସେ କହିଥିଲେ, ଭେଣ୍ଡିଂ ଜୋନ୍ ପାଇଁ ଜାଗା ଦେଖାଯାଉଛି। ସହରରେ ଜାଗା ନ ଥିବାରୁ ସମସ୍ୟା ଦେଖାଦେଇଛି। ଜାଗା ଚିହ୍ନଟ ପାଇଁ ଜିଲାପାଳଙ୍କୁ ଅବଗତ କରାଯାଇଥିବା ଜେନା ସୂଚନା ଦେଇଥିଲେ।

### ଡେଙ୍ଗୁରେ ଜଣେ ମହିଳା ଆକ୍ରାନ୍ତ

ଭାପୁର,୯।୯(ଡି.ଏନ୍.ଏ.)

ଭାପୁର ବ୍ଲକ ମାଣିତିର ଗ୍ରାମରେ ୮ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଭାପୁର ପଞ୍ଚାୟତ ଖଇରଗାଡ଼ିଆ ଗ୍ରାମର ଜଣେ ମହିଳା ମଧ୍ୟ ଏହି ରୋଗରେ ଆକ୍ରାନ୍ତ ହୋଇଥିବା ଖବର ମିଳିଛି। ସେ ହେଲେ ଗୋପୀନାଥ ଆଚାର୍ଯ୍ୟଙ୍କ ସ୍ତ୍ରୀ ନିଶାମଣି (୫୫) । ସେ ଜ୍ୱରରେ ଆକ୍ରାନ୍ତ ହେବା ପରେ ପ୍ରଥମେ ଭାପୁର ଓ ପରେ ରୋଗ ଚିହ୍ନଟ ହେବା ପରେ ଭୁବନେଶ୍ୱର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଉଲ୍ଲେଖଯୋଗ୍ୟ କି, ପୂର୍ବରୁ ମାଣିତିର, ମାଧପୁର ଓ ବିଜିପୁର ଗ୍ରାମରେ ୧୦ରୁ ଊର୍ଦ୍ଧ୍ୱ ଡେଙ୍ଗୁରୋଗୀ ଚିହ୍ନଟ ହୋଇଥିଲେ। ଏବେ ଖଇରଗାଡ଼ିଆରେ ଜଣେ ମହିଳା ଚିହ୍ନଟ ହେବା ଯୋଗୁ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି।

### ବିଜୁ ଯୁବ ବାହିନୀ ସମ୍ମିଳନୀ

ଭାପୁର,୯।୯(ଡି.ଏନ୍.ଏ.)

ଭାପୁର ବ୍ଲକ ଚକ୍ରଧରପ୍ରସାଦ ପଞ୍ଚାୟତରେ ବିଜୁ ଯୁବ ବାହିନୀର ସମ୍ମିଳନୀ ଆୟୋଜିତ ହୋଇଯାଇଛି। ପଞ୍ଚାୟତ ବିଜୁ ଯୁବ ବାହିନୀ ସଭାପତି ତନ୍ମୟ ପ୍ରଧାନଙ୍କ ନେତୃତ୍ୱରେ ଚକ୍ରଧରପ୍ରସାଦ ଗ୍ରାମର ତ୍ରିନାଥ ମନ୍ଦିରରେ ଶନିବାର ଏହି ସମ୍ମିଳନୀ ଆୟୋଜିତ ହୋଇଛି। ଏଥିରେ ପ୍ରାୟ ଶହେ ଯୁବକ ଯୋଗଦେଇଥିଲେ। ନୟାଗଡ଼ କୋ ଅପରେଟିଭ ବ୍ୟାଙ୍କ ଡାଇରେକ୍ଟର ବିଜୟ କୁମାର ସାମନ୍ତରାୟ ମୁଖ୍ୟଅତିଥି, ସରପଞ୍ଚ ପ୍ରତିମା ମହାପାତ୍ର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।

## ନ୍ୟାୟ ସଂଯୋଗ ଆଇନ ସହାୟତା କେନ୍ଦ୍ର ଉଦ୍‌ଘାଟିତ

ନୟାଗଡ଼ ଅଫିସ,୯।୯

ରବିବାର ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଦୀପକ ମିଶ୍ରଙ୍କ ଦ୍ୱାରା ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ନୟାଗଡ଼ ଜିଲା ଅଦାଲତ ପରିସରରେ ନ୍ୟାୟ ସଂଯୋଗ ଆଇନ୍ ସହାୟତା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଜନସାଧାରଣଙ୍କୁ ତ୍ୱରିତ ଆଇନ ସେବା, ନିଶୁଳ୍କ ଆଇନଗତ ସେବା, ସାହାଯ୍ୟ ଓ ପରାମର୍ଶ ଯୋଗାଇ ଦେବା ପାଇଁ ଜିଲାବାସୀ ନିଜ ଦରଖାସ୍ତ ଇମେଲ୍ ମାଧ୍ୟମରେ ଦେଇପାରିବେ। ନ୍ୟାୟ ସଂଯୋଗ ନୟାଗଡ଼ ଆଟ୍ ଦି ରେଟ୍ ଜି ମେଲ ଡଟ୍‌କମ୍ ମାଧ୍ୟମରେ ସେମାନଙ୍କ ଅଭିଯୋଗ ପଠାଇପାରିବେ ବୋଲି ସୂଚନା ଦିଆଯାଇଥିଲା। ପରେ ନ୍ୟାୟ ସଂଯୋଗ କେନ୍ଦ୍ରରେ ଥିବା ଆଇନଜୀବୀ ଓ ଆଇନ ସହାୟତା କର୍ମୀ ସେମାନଙ୍କ ପ୍ରଶ୍ନର ଉତ୍ତର ଦେବା ସହିତ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଆଇନସେବା ପ୍ରାଧିକରଣ ସଚିବଙ୍କ ନିକଟକୁ ପଠାଇବେ। ସଚିବ ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଜିଲା ଜଜ୍ ଅଶନ୍ତ କୁମାର ଦାଶ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉକ୍ତ କାର୍ଯ୍ୟକ୍ରମରେ ପରିବାର ଅଦାଲତ ଜଜ୍ ରାଜେଶ ଏକ୍କା, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଲୋକନାଥ ସାହୁ, ସବ୍‌ଜଜ୍ ମୁଶାରିଡ୍ ଜାହିନ୍, ସଚିବ ସୁନୀତା ଖଣ୍ଡେଲୱାଲା ପ୍ରମୁଖ ଯୋଗ ଦେଇଥିଲେ। ଜନସାଧାରଣ ଏହି କେନ୍ଦ୍ରର ସୁବିଧା ନେବା ପାଇଁ ଜିଲା ଜଜ୍ ଦାଶ ପରାମର୍ଶ ଦେଇଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜିଲା ଜଜ୍ ଓ ଅନ୍ୟମାନେ।

### ଜଜ୍‌ଙ୍କ ବାସଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର

ଭାପୁର,୯।୯(ଡି.ଏନ୍.ଏ.)-ଭାପୁର ବ୍ଲକଠାରେ ଏକ ସିଭିଲ ଜଜ୍‌କୋର୍ଟ ନିର୍ମାଣ ହେବା ପାଇଁ ରାଜ୍ୟ ସରକାର ବିଧିବଦ୍ଧ ଭାବେ ନିଷ୍ପତ୍ତି ନେଇଛନ୍ତି। ଭାପୁର ବାଇପାସ ରାସ୍ତା କଡ଼ରେ ୩ ଏକର ଜମି ସରକାର ଯୋଗାଇ ଦେଇଛନ୍ତି। ଏହି ଜମି ଉପରେ ୨୦୧୮-୧୯ ଆର୍ଥିକ ବର୍ଷରେ ପ୍ରଥମେ ଜଜ୍‌ଙ୍କ ବାସଗୃହ ନିର୍ମାଣ ପାଇଁ ୧୦ଲକ୍ଷ ଟଙ୍କା, କର୍ମଚାରୀମାନଙ୍କ ପାଇଁ ଇ-ଟାଇପ୍ କ୍ୱାର୍ଟର ନିମନ୍ତେ ୧୦ ଲକ୍ଷ ଟଙ୍କା, କୋର୍ଟ କମ୍ପ୍ଲେକ୍ସର ପାଚେରି ନିର୍ମାଣ କରିବା ପାଇଁ ୩୦ ଲକ୍ଷ ଟଙ୍କା ଏପରି ମୋଟ ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ତୁରନ୍ତ ଏହି କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରାଯିବ। କୋର୍ଟ କମ୍ପ୍ଲେକ୍ସ ନିର୍ମାଣ ଓ କୋର୍ଟ କାର୍ଯ୍ୟ ଆରମ୍ଭ କେବେ ହେବ ଏ ନେଇ ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକଙ୍କ ବିଧାନସଭା ପ୍ରଶ୍ନ ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି, ରାଜ୍ୟ ସରକାର କୋର୍ଟ ନିର୍ମାଣ କରିବା ୧ କୋଟି ୯୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବେ। କୋର୍ଟରେ ଉପଯୁକ୍ତ ଭିତ୍ତିଭୂମି ଏବଂ ନ୍ୟାୟିକ ଅଧିକାରୀ ନିଯୁକ୍ତି ପରେ ଉକ୍ତ ନ୍ୟାୟାଳୟ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ ।

## ଅନ୍ତର୍ଜାତୀୟ ସାକ୍ଷରତା ଦିବସ




ଅତିଥିମାନଙ୍କ ଗହଣରେ ସମ୍ବର୍ଦ୍ଧିତ ଶିକ୍ଷକମାନେ।

ନୟାଗଡ଼ ଅଫିସ,୯।୯

**ଆଦର୍ଶ ଶିକ୍ଷକ ସମ୍ବର୍ଦ୍ଧିତ**

ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ ଅବସରରେ ରୋଟାରୀ ଇଣ୍ଡିଆ ସାକ୍ଷରତା ମିଶନ ନିର୍ଦ୍ଦେଶକ୍ରମେ ଶନିବାର ନୟାଗଡ଼ ରୋଟାରୀ କ୍ଲବ୍‌ଠାରେ ରାଷ୍ଟ୍ର ନିର୍ମାଣ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ ସଭାପତି ରଣଜିତ୍ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ଡ.ଅଭୟ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଦର୍ଶ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏମାନେ ଅନ୍ୟ ଶିକ୍ଷକମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବା ଦରକାର ବୋଲି ଶିକ୍ଷା ଅଧିକାରୀ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ରୋଟାରିଆନ୍ ପ୍ରମୋଦ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଦେବା ସହିତ ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ସାକ୍ଷରତା ମିଶନ ପକ୍ଷରୁ ଯୋଗାଇ ଦିଆଯାଇଥିବା ମୂଲ୍ୟାୟନ ଫର୍ମକୁ ଭିତ୍ତିକରି ଛାତ୍ରୀଛାତ୍ର ସେମାନଙ୍କ ସ୍କୁଲର ଆଦର୍ଶ ଶିକ୍ଷକଙ୍କୁ ମନୋନୀତ କରିଥିବା ସୂଚନା ଦିଆଯାଇଥିଲା। ସମ୍ବର୍ଦ୍ଧିତ ହୋଇଥିବା ଶିକ୍ଷକମାନେ ହେଲେ ଇଟାମାଟି ହାଇସ୍କୁଲର ଦିବାକର ମିଶ୍ର, ଇଟାମାଟି ନାରାୟଣ ହାଇସ୍କୁଲର ମମତାରାଣୀ ପୃଷ୍ଟି, ପ୍ରତାପପ୍ରସାଦ ପ୍ରାଥମିକ ବିଦ୍ୟାଳୟର ଶୁଭଶ୍ରୀ ଜଗଦେବ, ସରକାରୀ ନୋଡ଼ାଲ ସ୍କୁଲର ରବୀନ୍ଦ୍ର ଚନ୍ଦ୍ର ବେହେରା, ବ୍ରଜେନ୍ଦ୍ର ହାଇସ୍କୁଲର ପ୍ରତାପ କୁମାର ଶତପଥୀ ଓ ସିନ୍ଦୂରିଆ ସ୍କୁଲର ସନ୍ତୋଷ କୁମାର ସାହୁ। ପ୍ରଫେସର ଲଳିତ କୁମାର ପଟ୍ଟନାୟକ ଓ ଅଧାପିକା ସଂଯୁକ୍ତା ମିଶ୍ର ଶିକ୍ଷକମାନଙ୍କ ନାମ ଘୋଷଣା କରିଥିବା ବେଳେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବସିରନ ବିବି ଧନ୍ୟବାଦ ଦେଇଥିଲେ।

## ତ୍ରିନାଥ ଦେବଙ୍କ ବାର୍ଷିକୋତ୍ସବ

ଖଣ୍ଡପଡା,୯।୯(ସ୍ୱ.ପ୍ର.)

ରବିବାର ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠରେ ତ୍ରିନାଥ ଦେବଙ୍କ ୭ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରେ ଶ୍ରଦ୍ଧାଳୁମାନେ ପାଣି ତୋଳିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସୂର୍ଯ୍ୟପୂଜା ପରେ ଠାକୁରଙ୍କ ହୋମଯଜ୍ଞ କାର୍ଯ୍ୟ କରାଯାଇଥିଲା । ଏହି ଉପଲକ୍ଷେ ଦିବାରାତ୍ର ବାଦୀ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମଯଜ୍ଞ ଚାଲିଥିଲା। ମର୍ଦ୍ଦରାଜପୁର ତ୍ରିନାଥ ଠାକୁର ସେବା ସଂଘଙ୍କ ସହଯୋଗରେ ତଥା କାର୍ଯ୍ୟଗ୍ରାହୀ ମାୟାଧର ମହାପାତ୍ର ଓ ହରିହର ବେହେରାଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହଜାର ହଜାର ଶ୍ରଦ୍ଧାଳୁ ସମାଗମ ହୋଇ ପୂର୍ଣ୍ଣାହୁତି କାର୍ଯ୍ୟକୁ ଉପଭୋଗ କରିଥିଲେ ।



ପୀଠରେ ପୂଜାର୍ଚ୍ଚନା କରାଯାଉଛି।

## ନୀଳମାଧବ ମନ୍ଦିର ପଶ୍ଚିମଦ୍ୱାର ମାଳବନ୍ଧ ଦୁର୍ବଳ
# ଜବରଦଖଲ ଯୋଗୁ ହୋଇପାରୁନାହିଁ ମରାମତି

ଖଣ୍ଡପଡା,୯।୯(ସ୍ୱ.ପ୍ର.)

ମହାନଦୀରେ ବନ୍ୟା ଆସିଲେ ଖଣ୍ଡପଡା ବ୍ଲକର କଣ୍ଟିଲୋ ଅଞ୍ଚଳବାସୀଙ୍କ ପାଇଁ ବିପଦ ସୃଷ୍ଟି କରିଥାଏ । ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ମାଳବନ୍ଧ ନିର୍ମାଣ କରାଯାଇଛି । ଏହାର ରକ୍ଷଣାବେକ୍ଷଣ ପାଇଁ ମଧ୍ୟ କୋଟିକୋଟି ଟଙ୍କା ବ୍ୟୟ କରାଯାଉଛି। ହେଲେ କେତେକ ସ୍ଥାନରେ ଜବରଦଖଲ ଯୋଗୁ ମାଳବନ୍ଧ ମରାମତି ହୋଇପାରୁ ନାହିଁ। ସମ୍ପ୍ରତି କଣ୍ଟିଲୋ ଗାନ୍ଧୀପାର୍କଠାରୁ ବାଣପୁର (କଲେଜ) ମାଳବନ୍ଧକୁ ରାଜପଥ ଯୋଜନାରେ ରାସ୍ତା ନିର୍ମାଣ ପରେ ଅବଶିଷ୍ଟ ମାଳବନ୍ଧ ଦୁର୍ବଳ ହୋଇପଡିଛି। ମାଳବନ୍ଧ ଉପରେ ଜବରଦଖଲକାରୀଙ୍କ ଦ୍ୱାରା ନିର୍ମାଣ ହୋଇଥିବା ସ୍ଥାୟୀଗୃହ ଓ କ୍ୟାବିନ ଆବଶ୍ୟକ ମରାମତି କାର୍ଯ୍ୟରେ ବାଧକ ସାଜୁଛି । ଏହି ଜବରଦଖଲ ଗୃହ ଓ କ୍ୟାବିନ ଉଚ୍ଛେଦ ପାଇଁ ଜଳସମ୍ପଦ ବିଭାଗୀୟ କର୍ତ୍ତୃପକ୍ଷ ଖଣ୍ଡପଡା ତହସିଲଦାର, ବିଭାଗୀୟ ଉଚ୍ଚ ଅଧିକାରୀ ଓ ନୟାଗଡ଼ ଜିଲାପାଳଙ୍କୁ ଅବଗତ କରିଛନ୍ତି।

ବିଭାଗୀୟ କର୍ତ୍ତୃପକ୍ଷଙ୍କ ସୂଚନା କ୍ରମେ ୧୯୮୨ ମସିହାର ପ୍ରଳୟଙ୍କରୀ ବନ୍ୟା ପରଠାରୁ ପ୍ରତିବର୍ଷ ମହାନଦୀର ବନ୍ୟା ସମୟରେ ଦକ୍ଷିଣପାର୍ଶ୍ୱ ମାଳବନ୍ଧର କେତେକ ଦୁର୍ବଳ ସ୍ଥାନରେ ଘାଇ ହୋଇ ବିପଦ ସୃଷ୍ଟି କରିଥାଏ। ସ୍ଥାନୀୟ ଲୋକେ ସେମାନଙ୍କ ଜୀବନ ରକ୍ଷା ପାଇଁ ପାହାଡ

**ଉଚ୍ଛେଦ ପାଇଁ ଜିଲାପାଳଙ୍କୁ ଅବଗତ କରାଗଲା**



ମାଳବନ୍ଧ ପାର୍ଶ୍ୱ ଜବରଦଖଲ କରାଯାଇ ଗୃହ ନିର୍ମାଣ କରାଯାଇଛି।

ଉପରେ ଥିବା ନୀଳମାଧବ ମନ୍ଦିର ଓ ବିଭିନ୍ନ ଉଚ୍ଚ ସ୍ଥାନକୁ ଚାଲିଯାଇଥାନ୍ତି । ଏ ସମସ୍ୟାର ପ୍ରତିକାର ପାଇଁ ବିଗତ ବର୍ଷମାନଙ୍କରେ ଦୁର୍ବଳ ମାଳବନ୍ଧଗୁଡିକର ରକ୍ଷଣାବେକ୍ଷଣ, ମରାମତି ପାଇଁ ନାବାର୍ଡ ପକ୍ଷରୁ କୋଟି କୋଟି ଟଙ୍କା ମଞ୍ଜୁର ହୋଇଛି । ଏଠାରେ ସୂଚନାଯୋଗ୍ୟ ଯେ, ମହାନଦୀର ଦକ୍ଷିଣପାର୍ଶ୍ୱ ବାଣପୁରଠାରୁ ନୀଳମାଧବ ମନ୍ଦିର ପଶ୍ଚିମପାର୍ଶ୍ୱ ପାବଚ୍ଛ ପର୍ଯ୍ୟନ୍ତ ୨୫୫୦ ମିଟର ମାଳବନ୍ଧଟି ମୁଖ୍ୟତଃ କଣ୍ଟିଲୋ ଅଞ୍ଚଳକୁ ବନ୍ୟା ଦାଉରୁ ସୁରକ୍ଷା ଯୋଗାଇଥାଏ। ବିଭାଗୀୟ ଏଗ୍ରିମେଣ୍ଟ କ୍ରମେ କଣ୍ଟିଲୋ ଜଳସମ୍ପଦ ବିଭାଗ ଅଧୀନରେ ଥିବା ଗାନ୍ଧୀ ପାର୍କ ନିକଟ ମହାନଦୀ ମାଳବନ୍ଧଠାରୁ ମନ୍ଦିର ପଶ୍ଚିମ ଦ୍ୱାର ପାବଚ୍ଛ ୧୭୭୦ ଫୁଟ ପର୍ଯ୍ୟନ୍ତ ଆବଶ୍ୟକ ମରାମତି କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ମାଳବନ୍ଧର ଉପରି ଭାଗ ୧୮ଫୁଟ ଚଉଡା କରାଯିବା ସହ ପିଚୁ କରାଯାଇ ସବୁଦିନିଆ ରାସ୍ତାରେ ପରିଣତ କରିବା ପାଇଁ ବ୍ୟବସ୍ଥା ଥିଲା । ମାତ୍ର ଏହି ମାଳବନ୍ଧ ଉପରି ଭାଗରେ କେତେକ ସ୍ଥାୟୀ ଓ ଅସ୍ଥାୟୀ ବ୍ୟବସାୟ ପ୍ରତିଷ୍ଠାନ ଗଢିଉଠିଛି । ଏହାଛଡା ଏହି ମାଳବନ୍ଧ ଉପରେ ଦୁଇଟି ମନ୍ଦିର ରହିଥିବାରୁ ଆବଶ୍ୟକ କାର୍ଯ୍ୟ ସମ୍ପାଦନ କରିବାରେ ବାଧକ ସାଜିଥିଲା । ଏହି କାର୍ଯ୍ୟ ସମ୍ପାଦନ କରିବାରେ ତତ୍କାଳୀନ ବିଭାଗୀୟ ଅଧିକାରୀମାନଙ୍କ ଉଦାସୀନତା ଯୋଗୁ ଖର୍ଚ୍ଚ ହୋଇପାରି ନ ଥିବା ଅର୍ଥକୁ ଅନ୍ୟ ମାଳବନ୍ଧରେ ବିନିଯୋଗ କରାଯାଇ ବିଲ୍ ପ୍ରସ୍ତୁତ କରାଯାଇଥିଲା। ଅପରପକ୍ଷରେ ବାଘମାରୀ-ଦଶପଲ୍ଲା ରାସ୍ତାକୁ ରାଜପଥ ମାନ୍ୟତା ମିଳିବା ପରେ ଏହି ଯୋଜନାରେ ସାମିଲ ହୋଇଥିବା କଣ୍ଟିଲୋ ଗାନ୍ଧୀପାର୍କଠାରୁ ବାଣପୁର ପର୍ଯ୍ୟନ୍ତ (କଲେଜ ରାସ୍ତା) ୧୭୩୦ ମିଟର ମାଳବନ୍ଧକୁ ଅଧିକ ଚଉଡା କରାଯିବା ସହ ନଦୀ ପାର୍ଶ୍ୱକୁ ସୁରକ୍ଷା ପାଇଁ ପଥର ପ୍ୟାକିଂ କରାଯାଇଛି । ଜବରଦଖଲ ଯୋଗୁ ମାଳବନ୍ଧର ରକ୍ଷଣାବେକ୍ଷଣ ହୋଇ ପାରୁ ନ ଥିବା (ଗାନ୍ଧୀପାର୍କଠାରୁ ନୀଳମାଧବ ମନ୍ଦିର ପଶ୍ଚିମ ପାର୍ଶ୍ୱ) ଅବଶିଷ୍ଟ ୮୨୦ ମିଟର ନଦୀବନ୍ଧ ଉପରେ ନଦୀବଢି ସମୟରେ ଅଧିକ ପ୍ରଭାବ ପଡିବ ବୋଲି ବିଭାଗୀୟ ଯନ୍ତ୍ରୀଙ୍କଠାରୁ ପ୍ରକାଶ । ଏହା ଛଡା ଗାନ୍ଧୀ ପାର୍କଠାରୁ ଯାତ୍ରାପଦା ବଜାର ପର୍ଯ୍ୟନ୍ତ ଥିବା ମାଳବନ୍ଧ ପାର୍ଶ୍ୱରେ ଜବରଦଖଲକାରୀ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ କରିଥିବାରୁ ଏହାର ମରାମତି କରିବା ଅସମ୍ଭବ ହୋଇପଡୁଥିବା ଜଳସମ୍ପଦ ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ଜବରଦଖଲ ସ୍ଥିତି ସମ୍ପର୍କରେ ସମସ୍ତ ତଥ୍ୟ ବିଭାଗୀୟ ଅଧିକାରୀ ଜିଲା ପ୍ରଶାସନକୁ ପ୍ରଦାନ କରିଥିବା ସହକାରୀ ଯନ୍ତ୍ରୀ ଶଙ୍କର ଦଳାଇ ସୂଚନା ଦେଇଛନ୍ତି। ଏ ଦିଗରେ ଜିଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ ପ୍ରକାଶ କରିଛନ୍ତି ।